# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଜୁଲାଇ ୨୭ /୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Rayagada, Saturday, July 27 / 2019 (Career & Appointment) | ★

୯ମ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଜଲ୍‌ଦି ବାହାଘରକୁ ଅସ୍ୱୀକାର**

ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଅଭିନେତା ରଣବୀର କପୁର ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେଉଥିବା ବିଷୟକୁ ଆଲିଆ ଅସ୍ୱୀକାର କରିଛନ୍ତି। **୦୪**

**୧୪** **ଡ୍ରେସେଲ୍‌ଙ୍କ ବିଶ୍ୱ ରେକର୍ଡ**

କାଲେବ ଡ୍ରେସେଲ୍ ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍ ପୁରୁଷ ୧୦୦ମିଟର ବଟରଫ୍ଲାଏରେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି।



## ■ ଢାବାରେ ନାବାଳକଙ୍କ ମୃତ୍ୟୁ ନେଇ ଲଙ୍କାକାଣ୍ଡ
# ପୋଲିସକୁ ଗୋଡ଼େଇ ପିଟିଲେ ଲୋକେ

**ବାଲିଆପାଳ,୨୬।୭ (ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ଇଡକୋ ଛକସ୍ଥିତ ରାଜଧାନୀ ଢାବାରେ କାମ କରୁଥିବା ଜଣେ ୧୫ ବର୍ଷର ନାବାଳକଙ୍କୁ ହତ୍ୟା କରାଯିବା ଅଭିଯୋଗ ନେଇ ସାରା ଅଞ୍ଚଳ ଅଶାନ୍ତ ହୋଇଉଠିଛି। ଶୁକ୍ରବାର ସକାଳେ ଏହି ନାବାଳକଙ୍କ ମୃତଦେହ ଢାବାରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ବାଲିଆପାଳ ପୋଲିସ ପହଞ୍ଚି ଏହାକୁ ଏକ ଆତ୍ମହତ୍ୟା ଘଟଣା କହି ଫେରିଯାଇଥିଲା। ପରେ ପୂର୍ବାହ୍ନ ୯ଟା ବେଳକୁ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇବା ସକାଶେ ପୋଲିସ ଆସିବାରୁ ସ୍ଥାନୀୟ ଲୋକେ ଓ ନାବାଳକଙ୍କ ପରିବାର ସହ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହା ଆତ୍ମହତ୍ୟା ନୁହେଁ, ହତ୍ୟା ଘଟଣା ବୋଲି କହି ଗ୍ରାମବାସୀ ପୋଲିସ ସହ ଯୁକ୍ତିତର୍କ କରିଥିଲେ। ଉତ୍ତେଜନା ତୀବ୍ରରୂପ ନେବାରୁ ଆରମ୍ଭ ହୋଇଥିଲା ଲଙ୍କାକାଣ୍ଡ। ଲୋକେ ପୋଲିସକୁ ଗୋଡେଇ ଗୋଡେଇ ପିଟିଥିଲେ। ବାଲିଆପାଳ ଥାନାଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ଏଥିରୁ ବର୍ତ୍ତି ନ ଥିଲେ। ଇଡକୋ ଛକ ଏକପ୍ରକାର ରଣକ୍ଷେତ୍ର ପାଲଟି ଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ଲୋକେ ରାସ୍ତାକୁ ଓହ୍ଲାଇ ଆସିଥିଲେ। ସେମାନେ ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାକୁ ନିଆଁ ଲଗାଇ ପୋଡିଦେବା ସହ ଢାବା ମାଲିକଙ୍କ କରୁଆପଡାସ୍ଥିତ ଘର ଉପରେ ଆକ୍ରମଣ କରିଥିଲେ। ତାଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦିଆଯାଇଥିଲା। ଇଡକୋ ଛକରେ ଲୋକେ ରାସ୍ତା ଅବରୋଧ କରିବାରୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏହି ସମୟରେ ଏସ୍‌ପି ବି. ଯୁଗଳ କିଶୋର ପୋଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ରାସ୍ତାରୋକୋ କରିଥିବା ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ଦାବି ପୂରଣ କରାଯିବ ବୋଲି କୁହାଯିବାରୁ ୭ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ଅପରାହ୍ନରେ ନାବାଳକଙ୍କ ମୃତଦେହକୁ ବ୍ୟବଚ୍ଛେଦ ଲାଗି ବାଲେଶ୍ୱର ପଠାଯାଇଥିଲା।

ସ୍ଥାନୀୟ ଆନ୍ଦୋଳନକାରୀଙ୍କ ପକ୍ଷରୁ ଜଣାପଡିଛି ଯେ, ବାଲିଆପାଳ-ବସ୍ତା ରାସ୍ତାର ଇଡ୍‌କୋ ଛକରେ ଥିବା ରାଜଧାନୀ ଢାବା ଏବଂ ରେଷ୍ଟୁରାଣ୍ଟରେ ଭୋଗରାଇ ବ୍ଲକ ଉଲୁଡ଼ା ଗ୍ରାମର ଦେବେନ୍ଦ୍ର ଦଳେଇଙ୍କ ପୁଅ ବିଜୟ ୨ ବର୍ଷ ହେବ କାମ କରିଆସୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ଝୁଲନ୍ତା ମୃତଦେହ ମିଳିବା ଓ ପାରିପାର୍ଶ୍ୱିକ ସ୍ଥିତି ଦେଖି ସ୍ଥାନୀୟ ଲୋକେ ଏହାକୁ ହତ୍ୟା ଘଟଣା ବୋଲି ସନ୍ଦେହ ପ୍ରକାଶ କରିଥିଲେ। ୨୦ କି.ମି. ଦୂର ଉଲୁଡ଼ା ଗ୍ରାମରୁ ନାବାଳକଙ୍କ ପରିବାର ସମେତ ଶତାଧିକ ଲୋକ ଆସି ସେଠାରେ ପହଞ୍ଚିଥିଲେ। ସେତେବେଳେ ଢାବା ମଧ୍ୟରେ କାହାକୁ ଦେଖିବାକୁ ମିଳି ନ ଥିଲା। ଏହି ସମୟରେ ତଦନ୍ତ କରିବାକୁ ଥାନାଧିକାରୀ ଆସି ପହଞ୍ଚିଥିଲେ। ପୋଲିସ ତଦନ୍ତରେ ବିଳମ୍ବ କରିବା ଏବଂ ଏହାକୁ ଆତ୍ମହତ୍ୟା ଘଟଣା ଦର୍ଶାଇବାରୁ ଉତ୍ୟକ୍ତ ଲୋକେ ଏହାକୁ ବିରୋଧ କରିଥିଲେ। ସେଠାରେ ଢାବା ମାଲିକଙ୍କୁ ଗିରଫ ଦାବି କରି ଲୋକେ ରାସ୍ତାରୋକୋ କରିଥିଲେ। ଆଇଆଇସି ସେମାନଙ୍କୁ ରାସ୍ତାରୁ ଉଠିଯିବା ପାଇଁ କହିବାରୁ ଉତ୍ୟକ୍ତ ମହିଳା ଓ ପୁରୁଷ ତାଙ୍କୁ ଗୋଡ଼େଇ ମାଡ଼ ମାରିଥିଲେ । ଏହି ଘଟଣାରେ ପୋଲିସ ଛତ୍ରଭଙ୍ଗ ଦେଇଥିଲା। ଏସ୍‌ପି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସୁଧୁରିଥିଲା। ବସ୍ତା ଏସ୍‌ଡିପିଓ ରଞ୍ଜିତ ପୃଷ୍ଟି, ବସ୍ତା ଓ ସିଂଲା ଆଇଆଇସି ମଧ୍ୟ ଆସି ପହଞ୍ଚିଥିଲେ। ଅପରାହ୍ନରେ ବାଲିଆପାଳ ତହସିଲଦାରଙ୍କ ଉପସ୍ଥିତିରେ ନାବାଳକଙ୍କ ମୃତଦେହ ଢାବାରୁ ବାହାର କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଯାଇଛି। ମୃତ ନାବାଳକଙ୍କ ମା' ଶାନ୍ତିଲତା ଦଳାଇ ଢାବା ମାଲିକ ସହାବିଦ୍ଦିନ ସାହା ଓ ଅନ୍ୟ କର୍ମଚାରୀ ମିଶି ତାଙ୍କ ପୁଅକୁ ମାରିଦେଇ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୧୪୭/୧୯) ରୁଜୁ କରିଥିବା କହିଛି। ମୃତ ବିଜୟ ନାବାଳକ ହୋଇଥିବାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି, ଏ.ଏଲ.ଓ ସଞ୍ଜୟ କେଶରୀ ଜେନା ଏବଂ ବାଲିଆପାଳ ଚାଇଲ୍ଡ ଲାଇନ ଅଧିକାରୀ ପହଞ୍ଚି ତଦନ୍ତ କରୁଛନ୍ତି। ଅପରପକ୍ଷେ ପୋଲିସ ପ୍ରତିହିଂସା ପରାୟଣ ହୋଇ ଗଣ୍ଡଗୋଳରେ ସମ୍ପୃକ୍ତ ଲୋକଙ୍କ ତାଲିକା ପ୍ରସ୍ତୁତ କରୁଥିବା କୁହାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏ ସମ୍ପର୍କରେ ଏସ୍‌ପି ବି. ଯୁଗଳ କିଶୋରଙ୍କୁ ପଚାରିବାରୁ କହିଛନ୍ତି, ଢାବାରେ ନାବାଳକଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉତ୍ୟକ୍ତ ଲୋକେ ପୋଲିସ ଉପରେ ଆକ୍ରମଣ କରିବା ଘଟଣାର ମଧ୍ୟ ତଦନ୍ତ କରାଯିବ। ବାଲିଆପାଳରେ ବଢୁଥିବା ଅପରାଧ ଘଟଣା ଉପରେ ପୋଲିସ ନଜର ରଖିଛି। ବର୍ତ୍ତମାନ ଉତ୍ତେଜନାପୂର୍ଣ୍ଣ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି।



ଉତ୍ୟକ୍ତ ଲୋକଙ୍କ ଜଳାପୋଡା।

- **ଜଳାପୋଡ଼ା, ରାସ୍ତା ଅବରୋଧ**
- **୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ**

## ଚତୁର୍ଥ ଥର ମୁଖ୍ୟମନ୍ତ୍ରୀ ହେଲେ ୟେଦ୍ଦୁରପ୍ପା



କର୍ନାଟକ ରାଜ୍ୟପାଳ ଭଜୁଭାଇ ଭାଲା (ଡାହାଣ) ବି.ଏସ୍. ୟେଦ୍ଦୁରପ୍ପାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଉଛନ୍ତି।

**ବେଙ୍ଗାଲୁରୁ,୨୬।୭ (ପି.ଟି./ଆଇଏଏନ୍‌ଏସ୍)**

କର୍ନାଟକ ଭାଜପା ସଭାପତି ବି.ଏସ୍. ୟେଦ୍ଦୁରପ୍ପା ଶୁକ୍ରବାର ଚତୁର୍ଥଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବେଙ୍ଗାଲୁରୁସ୍ଥିତ ରାଜଭବନରେ ସନ୍ଧ୍ୟା ୬ଟା ୩୦ରେ ରାଜ୍ୟପାଳ ଭଜୁଭାଇ ଭାଲା ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ସୋମବାର ଆସ୍ଥାଭୋଟରେ ବିଜୟୀ ହେବା ପରେ କ୍ୟାବିନେଟର ଅନ୍ୟ ସଦସ୍ୟମାନେ ଶପଥ ନେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ କଂଗ୍ରେସ ଏବଂ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏହାକୁ ଅସାମ୍ବିଧାନିକ ଶପଥ ଗ୍ରହଣ ଉତ୍ସବ ଭାବେ ଅଭିହିତ କରି ବର୍ଜନ କରିଛନ୍ତି।

କର୍ନାଟକ ବିଧାନସଭାରେ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଆସ୍ଥାଭୋଟରେ ପରାଜିତ ହେବାର ୩ ଦିନ ପରେ ୭୬ ବର୍ଷୀୟ ଲିଙ୍ଗାୟତ ନେତା ୟେଦ୍ଦୁରପ୍ପା ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ଏହାପରେ ରାଜ୍ୟପାଳ ଭଜୁଭାଇ ତାଙ୍କୁ ସରକାର ଗଠନ ଲାଗି ଆମନ୍ତ୍ରଣ କରିଥିଲେ। ଏଥିସହ ସନ୍ଧ୍ୟାରେ ଏକ ନିରାଡ଼ମ୍ବର ଉତ୍ସବରେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥପାଠ କରାଇଥିଲେ। କ୍ୟାବିନେଟରେ କେଉଁମାନଙ୍କୁ ସାମିଲ କରାଯିବ ତାହା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ପରାମର୍ଶ ପରେ ସ୍ଥିର କରାଯିବ। ସେ ବିରୋଧୀ ଦଳ ନେତା ହୋଇଥିବାରୁ ପୁନର୍ବାର ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହେବା ଅନାବଶ୍ୟକ ବୋଲି ୟେଦ୍ଦୁରପ୍ପା କହିଛନ୍ତି। ଏହା ପୂର୍ବରୁ ୟେଦ୍ଦୁରପ୍ପା ୩ ଥର ମୁଖ୍ୟମନ୍ତ୍ରୀ ହୋଇସାରିଛନ୍ତି। ଗତ ବିଧାନସଭା ନିର୍ବାଚନରେ ଭାଜପା ୧୦୪ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହେବା ପରେ ୨୦୧୮ ମେ ୧୯ରେ ସେ ଶେଷଥର ଲାଗି ଶପଥ ନେଇଥିଲେ।

- **ଶପଥ ଗ୍ରହଣ ଉତ୍ସବକୁ କଂଗ୍ରେସ-ଜେଡିଏସ୍‌ର ବର୍ଜନ**


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


### ଆଜିର ସମ୍ପାଦକୀୟ
**କୃପା ଓ ଧୈର୍ଯ୍ୟ**

### ଆଜିର ମନ୍ତବ୍ୟ
"ଟଙ୍କା ପାଇବା ପାଇଁ କିଛି ବି କରିପାରେ ପାକିସ୍ତାନ।"
–ଜେନେରାଲ ବିପିନ୍ ରାୱତ୍ ସ୍ଥଳସେନା ମୁଖ୍ୟ

### କିଛି ତଥ୍ୟ
କମ୍ପାନୀ ଆଇନ ଅନୁପାଳନରେ ଅବହେଳା କରିଥିବା ୪ ଲକ୍ଷ ଭୂତ ସଂସ୍ଥାଙ୍କ ପଞ୍ଜୀକରଣ ରଦ୍ଦ କରାଯାଇଛି।
– ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 26.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 51 | 94 | 104 |
| BLS | 51 | 94 | 104 |
| ANG | 51 | 94 | 104 |
| BHM | 51 | 94 | 104 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


## ଅନୁଗୋଳ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା
# ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ



ଅଭିଯୁକ୍ତ ଅନାମ ଦେହୁରୀ।

- **ପୋକ୍ସୋ ଆଇନରେ ଏହା ଅନୁଗୋଳରେ ପ୍ରଥମ**
- **ମାସେ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିଥିଲା ପୋଲିସ**
- **୪ ମାସରେ ରାୟ, ହାଇକୋର୍ଟ କରିବେ ତାରିଖ ନିର୍ଦ୍ଧାରଣ**

**ଅନୁଗୋଳ ଅଫିସ, ୨୬।୭**

ଅନୁଗୋଳ ସହର ଉପକଣ୍ଠରେ ଗତ ଜାନୁୟାରୀ ୨୦ରେ ଘଟିଥିବା ନାବାଳିକା ଛାତ୍ରୀ ବଳାତ୍କାର ଓ ହତ୍ୟା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଅନୁଗୋଳର ଅତିରିକ୍ତ ଦୌରାଜଜ୍‌କମ୍‌ସ୍ପେଶାଲ ପୋକ୍ସୋ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଅଭିଯୁକ୍ତ ଅନାମ ଓରଫ ଶ୍ରୀନିବାସ ଦେହୁରୀ(୨୨)ଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ୩୬ ଜଣଙ୍କ ସାକ୍ଷ୍ୟ ଓ ୧୫ ପ୍ରମାଣକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଦେଇଥିବା ସ୍ପେଶାଲ ପି.ପି. ସରୋଜ କୁମାର ପଟ୍ଟନାୟକ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ଅନାମ ପୂର୍ବରୁ ବହୁବାର ସମ୍ପୃକ୍ତା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରେମ ନିବେଦନ କରିଥିଲେ। ଏପରି କି ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହାକୁ ଛାତ୍ରୀଜଣକ ପ୍ରତ୍ୟାଖ୍ୟାନ କରି ଆସିଥିଲେ। ଜାନୁୟାରୀ ୨୦ ଅପରାହ୍ନରେ ନାବାଳିକା ବାପାଙ୍କ ଦୋକାନକୁ ଖାଇବା ନେଇ ଯାଉଥିବା ବେଳେ ନାଳକୂଳ ପଠାରେ ଅଭିଯୁକ୍ତ ତାଙ୍କୁ ପଥରରେ ଆକ୍ରମଣ କରି ହତ୍ୟା ପରେ ବଳାତ୍କାର କରିଥିଲେ। ଏହାପରେ ଅନାମ ତାଳଚେର, ଢେଙ୍କାନାଳ ଓ ଭୁବନେଶ୍ୱର ହୋଇ ଟ୍ରକ୍‌ରେ କଲିକତା ପଳାଇ ଯାଇଥିଲେ। ନାବାଳିକାଙ୍କ ବାପାଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଅନୁଗୋଳ ପୋଲିସ ନଂ. ୫୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସେହିମାସ ୨୩ ତାରିଖରେ କଲିକତାରୁ ଗିରଫ କରିଥିଲା। ମାମଲା ଅତି ସମ୍ବେଦନଶୀଳ ହୋଇଥିବାରୁ ମାସେ ମଧ୍ୟରେ ଚାର୍ଜସିଟ୍ ଦାଖଲ ସହ ଟ୍ରାଏଲ ପାଇଁ ଅନୁରୋଧ କରାଯିବ ବୋଲି କହିଥିବା ପୋଲିସ ଫେବୃୟାରୀ ୧୯ରେ ଚାର୍ଜସିଟ୍ ଦାଖଲ କରିଥିଲା। ଘଟଣା ଏତେ ବୀଭତ୍ସ ଥିଲା ଯେ ଅନୁଗୋଳ ଓକିଲ ସଂଘ ପକ୍ଷରୁ କୌଣସି ଓକିଲ ଅଭିଯୁକ୍ତଙ୍କ ମାମଲା ପରିଚାଳନା କରି ନ ଥିଲେ। ଫଳରେ ସରକାରୀ ଓକିଲ ଭାବେ ରଜତ ରଞ୍ଜନ ଦାସ ଅନାମଙ୍କ ପାଇଁ ଲଢୁଥିଲେ। ମାର୍ଚ୍ଚ ୧୯ରେ କୋର୍ଟରେ ଟ୍ରାଏଲ ଆରମ୍ଭ ହୋଇଥିଲା ବେଳେ ୪ମାସ ପରେ ଶୁକ୍ରବାର କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ପୋକ୍ସୋ ଆଇନରେ ଏହି ଫାଶୀ ଦଣ୍ଡାଦେଶ ଅନୁଗୋଳ ଜିଲାରେ ପ୍ରଥମ ବୋଲି କୁହାଯାଉଛି। ରାୟ ପ୍ରକାଶ ପରେ ତୁରନ୍ତ ସ୍ପେଶାଲ ମେସେଞ୍ଜରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ଏହାର ନକଲ ସହ ଅନ୍ୟ ଦସ୍ତାବିଜ ପଠାଯାଇଛି। ଅନୁଗୋଳ କୋର୍ଟ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଫାଶୀ ଦଣ୍ଡାଦେଶ ଠିକ୍ ଅଛି କି ନାହିଁ ତାହା ହାଇକୋର୍ଟ ତର୍ଜମା କରିବେ। ଏହାପରେ ଅଭିଯୁକ୍ତଙ୍କୁ କେବେ ଫାଶୀ ଦିଆଯିବ ତାହାର ତାରିଖ ଉଚ୍ଚ ନ୍ୟାୟାଳୟ ଧାର୍ଯ୍ୟ କରିବେ ବୋଲି ସ୍ପେଶାଲ ପି.ପି. ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ମାମଲାର ଦ୍ରୁତ ବିଚାର ସହ ଫାଶୀ ଦଣ୍ଡାଦେଶ ପ୍ରଦାନ କରାଯାଇଥିବାରୁ ପୀଡ଼ିତାଙ୍କ ପରିବାର ଓ ଅନୁଗୋଳର ଜନସାଧାରଣ ଏହାକୁ ସ୍ୱାଗତ କରିଛନ୍ତି।

## ■ ଝିଅର ଆର୍‌ଟିଆଇ ତଥ୍ୟ ମା'ହତ୍ୟା ଘଟଣାର ଗୁମର ଖୋଲିଲା
# ୮ ବର୍ଷ ପରେ ଖପୁରି, ହାଡ଼ ଉଦ୍ଧାର

**ସମ୍ବଲପୁର, ୨୬।୭ (ବ୍ୟୁରୋ)**

ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ପିଏଚ୍‌ଡି କରୁଥିବା ଜଣେ ଛାତ୍ରୀ ସୂଚନା ଆଇନ ବଳରେ ତାଙ୍କ ମା'ଙ୍କ ନିଖୋଜ ନେଇ ଡିଜି ଅଫିସରୁ ତଥ୍ୟ ମାଗିବା ପରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ସମ୍ବଲପୁର ସହର ନନ୍ଦପଡାର ଜୟଶ୍ରୀ ମିଶ୍ର ନିଖୋଜ ନ ଥିଲେ, ତାଙ୍କୁ ହତ୍ୟାକରି ପୋତି ଦିଆଯାଇଥିବା ଜଣାପଡ଼ିଛି। ଶୁକ୍ରବାର ବୁର୍ଲା ଥାନା ବଡସିଙ୍ଘାରି ଗାଁରୁ ମୃତାଙ୍କ ଖପୁରୀ ଓ ହାଡ ଆଦି ଦେହାବଶେଷକୁ ପୋଲିସ ଜବତ କରିଛି। ଜୟଶ୍ରୀଙ୍କ ସମ୍ପର୍କୀୟ ଭିଣୋଇ ତଥା ଅଭିଯୁକ୍ତ ବଡସିଙ୍ଘାରି ଗ୍ରାମର ବସନ୍ତ ପଣ୍ଡାଙ୍କୁ ପୋଲିସ ରିମାଣ୍ଡରେ ଆଣି ଘଟଣାସ୍ଥଳକୁ ନେଇଥିଲା। ତାଙ୍କ ଉପସ୍ଥିତିରେ ଜେସିବିରେ ମାଟି ଖୋଳା ହୋଇଥିଲା। ଅନ୍ୟପକ୍ଷେ ଜୟଶ୍ରୀଙ୍କୁ ପୋତିବା ସମୟରେ ମାଟି ଖୋଳିବା ପାଇଁ ସହଯୋଗ କରିଥିବା ସେହି ଗ୍ରାମର ଚୈତନ୍ୟ କୁଅଁରଙ୍କୁ ମଧ୍ୟ ପୋଲିସ ସେଠାକୁ ନେଇଥିଲେ । ପ୍ରାୟ ୪ ଘଣ୍ଟା ପରେ ଖପୁରୀ ଓ ଅଣ୍ଟା ହାଡର କିଛି ଅଂଶକୁ ଉଦ୍ଧାର କରିଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ଫରେନସିକ୍ ଟିମ୍ ଓ ଜୟଶ୍ରୀଙ୍କ ଝିଅ ଅଭିଯୋଗକାରିଣୀ ବିଜୟିନୀ ମିଶ୍ର ଉପସ୍ଥିତ ଥିଲେ। ଫରେନସିକ ଯାଞ୍ଚ ପରେ ଡିଏନଏ ଟେଷ୍ଟ ପାଇଁ ଏସବୁ ଦେହାବଶେଷକୁ ପଠାଯିବ। ଡିଏନଏ ଟେଷ୍ଟ ପରେ ଉଦ୍ଧାର ହାଡ ଜୟଶ୍ରୀଙ୍କର କିମ୍ବା ଆଉ କାହାର ତାହାର ପ୍ରମାଣ ମିଳିବ ବୋଲି ସମ୍ବଲପୁର ସଦର ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା ସୂଚନା ଦେଇଛନ୍ତି । ତେବେ ଏହି ହତ୍ୟା ଘଟଣାରେ ଚୈତନ୍ୟଙ୍କ କୌଣସି ସମ୍ପୃକ୍ତି ନାହିଁ । ଚୈତନ୍ୟ ଅଭିଯୁକ୍ତ ବସନ୍ତଙ୍କ ଘରେ ସେ ସମୟରେ ମଜୁରିଆ ଭାବେ କାମ କରୁଥିଲେ। ତାଙ୍କୁ ମୂଲ୍ୟବାନ ପଥର ଖୋଜିବାକୁ ଅଛି କହି ଅଭିଯୁକ୍ତ ବସନ୍ତ ଗାତ ଖୋଳାଇ ଥିଲେ । ହେଲେ କୌଣସି ପଥର ନ ମିଳିବାରୁ ଚୈତନ୍ୟଙ୍କୁ ୨ଶହ ଟଙ୍କା ମଜୁରୀ ଦେଇଥିଲେ। ସେ ଗାତ ଖୋଳି ଚାଲି ଯାଇଥିଲେ। ଦୁଇ ଦିନ ପରେ ରତ୍ନପଥର ପାଇବା ଲୋଭରେ ଚୈତନ୍ୟ ସେହି ସ୍ଥାନକୁ ଆସି ଗାତ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ପରେ ସେ ମାଟି ଖୋଳିବାରୁ ଗାତରେ ଜଣେ ମହିଳାଙ୍କ ମୃତଦେହ ପୋତା ଯାଇଥିବା ଦେଖି ବସନ୍ତଙ୍କୁ ପଚାରିଥିଲେ । ହେଲେ ବସନ୍ତ ତାଙ୍କୁ ଧମକ ଦେଇ ଚୁପ୍ ରହିବାକୁ କହିଥିଲେ ବୋଲି ଏସଡିପିଓ ଉଦ୍‌ଗାତା କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୧ ନଭେମ୍ବର ୧୧ ତାରିଖରେ ବଡ଼ଝିଅ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ କରିବା ପାଇଁ ଜୟଶ୍ରୀ ବଡ଼ସିଂହାରୀ ଗ୍ରାମର ତାଙ୍କ ସମ୍ପର୍କୀୟ ଭିଣୋଇ ବସନ୍ତଙ୍କ ଘରକୁ ଯାଇଥିଲେ । ହେଲେ ସେହି ଦିନରୁ ସେ ଆଉ ଫେରି ନଥିଲେ । ଏ ନେଇ ଝିଅ ବିଜୟିନୀ ୨ ଦିନ ପରେ ସମ୍ବଲପୁର ଟାଉନ ଥାନାରେ ତାଙ୍କ ମା' ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ । ଏହାର କିଛିଦିନ ପରେ ସେ ପୁଣି ଆଉ ଥରେ ଥାନାକୁ ଯାଇ ତାଙ୍କ ମା'ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ବସନ୍ତ ୧ ଲକ୍ଷ ୬୦ ହଜାର ଟଙ୍କା ତାଙ୍କ ମା'ଙ୍କଠାରୁ ଧାର ସୂତ୍ରରେ ନେଇଥିଲେ। ହେଲେ ଫେରାଉ ନ ଥିଲେ। ଏହି ଟଙ୍କା ଫେରି ପାଇବାକୁ ମା' ବାରମ୍ବାର ତାଙ୍କୁ ମାଗୁଥିଲେ । ଏହି ଘଟଣା ହତ୍ୟାର କାରଣ ହୋଇଥାଇ ପାରେ ବୋଲି ବିଜୟିନୀ ପୋଲିସକୁ କହିଥିଲେ । ହେଲେ ସେ ସମୟରେ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ଫେରାଇ ଦେଇଥିଲା। ଘଟଣାର ୮ ବର୍ଷ ପରେ ବିଜୟିନୀ ଶେଷରେ ଗତ ଏପ୍ରିଲ ୨୨ରେ ପୋଲିସ ଡିଜିଙ୍କ କାର୍ଯ୍ୟାଳୟକୁ ସମ୍ବଲପୁର ଟାଉନ ଥାନାରେ ହୋଇଥିବା ମାମଲାର ସ୍ଥିତି ବିଷୟରେ ଆରଟିଆଇରେ ତଥ୍ୟ ମାଗିଥିଲେ । ଡିଜି ଅଫିସ ଏହାକୁ ଗୁରୁତର ସହ ନେଇ ରିପୋର୍ଟ ଦେବା ପାଇଁ ସମ୍ବଲପୁର ଏସପିଙ୍କ ପାଖକୁ ନିର୍ଦ୍ଦେଶ ଆସିଥିଲା। ଏସପି ଅଫିସ ଚିଠି ପାଇବା ପରେ ଏହି ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ଏସ୍‌ଡିପିଓ ଉଦ୍‌ଗାତାଙ୍କୁ ଦାୟିତ୍ୱ ଦିଆଯାଇଥିଲା । ପୋଲିସ ଏକ ଟିମ୍ ଗଠନ କରି ହତ୍ୟା ଅଭିଯୋଗ ଉପରେ ତଦନ୍ତ କରିଥିଲା। ଅଭିଯୁକ୍ତ ବସନ୍ତଙ୍କୁ ଯୁଯୁମୁରାରୁ ପୋଲିସ ଗତ ୨୦ ତାରିଖ ରାତିରେ ଗିରଫ କରିଥିଲା। ୨୦୧୧ରେ ହୋଇଥିବା ନିଖୋଜ ମାମଲାକୁ ଗତ ଜୁଲାଇ ୨୧ ତାରିଖରେ ପୋଲିସ ହତ୍ୟା ମାମଲା (ନଂ.୨୮୯/୧୯)କୁ ପରିବର୍ତ୍ତନ କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ବସନ୍ତ ପ୍ରଥମେ ୨ ବର୍ଷ ପାଇଁ ହରିଦ୍ୱାର ପଳାଇଥିଲେ। ସେଠାରୁ ଫେରି ନିଜ ଗାଁରେ ନ ରହି ଯୁଯୁମୁରାରେ ଏକ ଘର ଭଡା ନେଇଥିଲେ । ସେଠାକାର ଏକ ମନ୍ଦିରରେ ପୂଜାପାଠ କରିବା ସହ ଏକ ଟ୍ରାକ୍ଟର ରଖି ରୋଜଗାର କରୁଥିଲେ।

ଏ ସମ୍ପର୍କରେ ବିଜୟିନୀ କହିଛନ୍ତି, ଆଗକୁ ଏହି ମାମଲାରେ ପୋଲିସ ଲକ୍ଷ୍ୟଚ୍ୟୁତ ନ ହୋଇ ଠିକ୍ ଭାବେ କିପରି ତଦନ୍ତ କରିବ ଓ ଅଭିଯୁକ୍ତଙ୍କୁ କଠୋର ଶାସ୍ତି ମିଳିବ ସେଥିପାଇଁ ସେ ପୋଲିସ ଡିଜିଙ୍କୁ ଭେଟି ଅନୁରୋଧ କରିବେ।



ସମ୍ବଲପୁର ବଡସିଙ୍ଘାରି ଗ୍ରାମରେ ଗାତ ଖୋଳା ଯାଉଛି ।



ଉଦ୍ଧାର ହୋଇଥିବା କଙ୍କାଳ

- **ଅଭିଯୁକ୍ତଙ୍କ ଉପସ୍ଥିତିରେ ମାଟି ଖୋଳିଲା ପୋଲିସ**
- **ଏଫଏମଟି ପରେ ଡିଏନ୍‌ଏ ଟେଷ୍ଟ ପାଇଁ ପଠାଯିବ**
- **ଅଧିକ ତଦନ୍ତ ପାଇଁ ଡିଜିଙ୍କୁ ଭେଟିବେ ଅଭିଯୋଗକାରିଣୀ**
- **ସୂଚନା ଆଇନ ବଳରେ ମା'ଙ୍କ ନିଖୋଜ ମାମଲା ନେଇ ଝିଅ ତଥ୍ୟ ମାଗିଥିଲେ**



କେବଳ ପାର୍ଲାମେଣ୍ଟରେ ନୁହେଁ ଆଜମ୍ ଖାନ୍ ମହିଳା ଜାତିକୁ କ୍ଷମା ମାଗିବା ଉଚିତ।

-ମାୟାବତୀ, ବିଏସ୍‌ପି ମୁଖ୍ୟ



# ବଳ ନ ଥାଇ କ୍ଷମତା ଦଖଲ

## ୟେଦୁରପ୍ପାଙ୍କ ଚତୁର୍ଥ ପାଳି

**ବେଙ୍ଗାଲୁରୁ, ୨୬।୭**



**କର୍ଣ୍ଣାଟକ ବିଧାନସଭା**
- ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥିର ହେବ ରାଜ୍ୟର ରାଜନୈତିକ ଭବିଷ୍ୟତ
- ୧୪ ବିଦ୍ରୋହୀ ବିଧାୟକଙ୍କୁ ନେଇ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ନଜର



ହସହସ ମୁହଁ, ଦେହରେ ସଫାରି ସୁଟ୍ ଓ କାନ୍ଧରେ ସବୁଜ ଶାଲ। ରାଜଭବନରେ ଭାଜପା ନେତା ଓ ପରିବାରବର୍ଗଙ୍କ ଉପସ୍ଥିତିରେ କନ୍ନଡ଼ ଭାଷାରେ ଶପଥ ନେଇ ୨୩ତମ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି କର୍ଣ୍ଣାଟକର ବରିଷ୍ଠ ଲିଙ୍ଗାୟତ ନେତା ବି.ଏସ୍. ୟେଦୁରପ୍ପା ବା ୟେଦିୟୁରପ୍ପା। ନ୍ୟୁମେରୋଲୋଜିରେ ପ୍ରଭାବିତ ଏହି ୭୬ ବର୍ଷୀୟ ଭାଜପା ନେତା ଶପଥ ନେବା ପୂର୍ବରୁ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ସରକାର ଗଠନ ପାଇଁ ଦାବି ଜଣାଇବାବେଳେ ନିଜ ଇଂଲିଶ୍ ନାମରେ ସାମାନ୍ୟ ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଇଥିଲେ। ଶପଥଗ୍ରହଣ ବେଳେ ନିଜ ସଂଜ୍ଞା 'ୱାଇଇଡିଡିୱାଇୟୁଆର୍‌ଏପିପିଏ' ୟେଦୁରପ୍ପା ପରିବର୍ତ୍ତେ 'ୱାଇଇଡିଆଇୱାଇୟୁଆର୍‌ଏପିପିଏ' ୟେଦିୟୁରପ୍ପା ବୋଲି ସେ ଉଚ୍ଚାରଣ କରିଥିଲେ। ୧୪ ମାସ ପରେ ପୁନର୍ବାର କ୍ଷମତାକୁ ଫେରିଥିବାରୁ ମାଣ୍ଡ୍ୟ ଜିଲାସ୍ଥିତ ୟେଦୁରପ୍ପାଙ୍କ ଜନ୍ମସ୍ଥାନ ବୁକାନାକେରେ ଗ୍ରାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଭାଜପା ନେତା ଓ କର୍ମୀ ଉତ୍ସବ ମନାଇଥିଲେ। ହେଲେ ସେ ଚତୁର୍ଥ ପାଳି ଆରମ୍ଭ କରିବାବେଳେ ଅନେକ କିଛି ଫିକା ଫିକା ଲାଗୁଥିଲା। ନା ଥିଲା ପୂର୍ବର ଉତ୍ସାହ ନା ଉଦ୍ଦୀପନା। ସଂଖ୍ୟାବଳ ନ ଥାଇ କ୍ଷମତା ଦଖଲ କରିଥିବାରୁ ସୋମବାର ଆସ୍ଥାଭୋଟରେ ସମ୍ଭାବ୍ୟ ପରାଜୟକୁ ନେଇ ଚିନ୍ତିତ ୟେଦୁରପ୍ପାଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କି ଦଳ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତ ଦୂରର କଥା, ଭାଜପା ଶାସିତ ରାଜ୍ୟଗୁଡ଼ିକର ଜଣେ ହେଲେ ମୁଖ୍ୟମନ୍ତ୍ରୀ ଯୋଗଦେଇ ନ ଥିଲେ।

୧୩ କଂଗ୍ରେସ, ୨ ଜେଡିଏସ୍ ଓ ୨ ସ୍ୱାଧୀନ ବିଧାୟକଙ୍କ ଇସ୍ତଫା କର୍ଣ୍ଣାଟକ ରାଜନୀତିରେ ଭୂକମ୍ପ ସୃଷ୍ଟି କରି ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ

> ଭାରତର ଘୋଡ଼ାବେପାର ଦଳ ପାଖରେ ମ୍ୟାଜିକ୍ ନମ୍ବର ୧୧୨ ନାହିଁ ଏହାସତ୍ତ୍ୱେ ସେମାନେ ସରକାର ଗଠନ ପାଇଁ ଦାବି କରିଛନ୍ତି। କର୍ଣ୍ଣାଟକ ଇତିହାସରେ ଏହା ହେଉଛି ସବୁଠୁ ଅନ୍ଧକାର ଦିବସ। ଭାଜପାର ଅସାମ୍ବିଧାନିକ କାର୍ଯ୍ୟ ଯୋଗୁ ମୃତ୍ୟୁମୁଖକୁ ଚାଲିଯାଇଛି ଗଣତନ୍ତ୍ର।
>
> -କର୍ଣ୍ଣାଟକ କଂଗ୍ରେସ

> ଭ୍ରଷ୍ଟାଚାରର ପ୍ରତୀକ ତଥା ପୂର୍ବରୁ ଜେଲରେ ଥିବା ବିଏସ୍‌ୱାଇ ଗଣତନ୍ତ୍ରର ତଣ୍ଟିଚିପି କ୍ଷମତାସୀନ ହେବା ପାଇଁ ଘୋଡ଼ାବେପାରରେ ତାଙ୍କର ବିଚକ୍ଷଣ ଦକ୍ଷତାକୁ ବ୍ୟବହାର କରିଛନ୍ତି। ଇତିହାସର ପୁନରାବୃତ୍ତି ହେବାକୁ ଯାଉଛି।
>
> -ଧର୍ମନିରପେକ୍ଷ ଜନତା ଦଳ

ମେଣ୍ଟ ସରକାରର ପତନ ଘଟାଇଛି। ଗତ ୨୩ ତାରିଖରେ କୁମାରସ୍ୱାମୀ ଲୋଡ଼ିଥିବା ଆସ୍ଥାଭୋଟ ସପକ୍ଷରେ ୯୯ ଓ ବିପକ୍ଷରେ ୧୦୫ ବିଧାୟକ ମତଦାନ କରିଥିଲେ। ବିଦ୍ରୋହୀ ବିଧାୟକଙ୍କ ଭାଗ୍ୟ ନିର୍ଣ୍ଣୟ କରିବାକୁ ସୁପ୍ରିମକୋର୍ଟ ବାଚସ୍ପତି କେ.ଆର. ରମେଶଙ୍କୁ କ୍ଷମତା ଦେଇଥିବାରୁ ସେ ସାମ୍ବିଧାନିକ ନିୟମ ଓ ବିଧିବ୍ୟବସ୍ଥାର ଦ୍ୱାହିଦେଇ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏହି କ୍ରମରେ ବାଚସ୍ପତି ଗୁରୁବାର ଜଣେ ସ୍ୱାଧୀନ ବିଧାୟକ ଓ ୨ କଂଗ୍ରେସ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଦିନେ ଦୁଇଦିନ ମଧ୍ୟରେ ଅବଶିଷ୍ଟ ୧୪ ବିଦ୍ରୋହୀ ବିଧାୟକଙ୍କ ଉପରେ ନିଷ୍ପତ୍ତି ନେବେ ବୋଲି ବାଚସ୍ପତି ଘୋଷଣା କରିଥିବାରୁ ସୋମବାର ପୂର୍ବାହ୍ନ ୧୦ଟାରେ ହେବାକୁ ଥିବା ଶକ୍ତିପରୀକ୍ଷାରେ ୟେଦୁରପ୍ପା ଉତ୍ତୀର୍ଣ୍ଣ ହୋଇ ନ ପାରନ୍ତି। ବାଚସ୍ପତି ସମସ୍ତ ୧୭ ବିଧାୟକଙ୍କ ଇସ୍ତଫା ଗ୍ରହଣ କରିଥିଲେ ୨୨୫ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ସଦସ୍ୟଙ୍କ ସଂଖ୍ୟା ୨୦୮କୁ ଖସିଆସିଥାନ୍ତା। ଏହାସହ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୦୫ ହୋଇଥାନ୍ତା। ଭାଜପା ପାଖରେ ଜଣେ ସ୍ୱାଧୀନ ବିଧାୟକଙ୍କ ସହ ୧୦୬ ସଦସ୍ୟ ଥିବାରୁ ୟେଦୁରପ୍ପା ଆସ୍ଥାଭୋଟରେ ବିଜୟୀ ହୋଇଥାନ୍ତେ। ହେଲେ ବାଚସ୍ପତି ୩ ଜଣଙ୍କ ସଦସ୍ୟତା ରଦ୍ଦ କରିବା ସହ ଅନ୍ୟ ୧୪ ବିଧାୟକଙ୍କ ଭାଗ୍ୟକୁ ଝୁଲାଇ ରଖିଥିବାରୁ ନବଗଠିତ ସରକାରଙ୍କ ଭାଗ୍ୟ ମଧ୍ୟ ସୂତାଖିଅରେ ଝୁଲିରହିଛି। କାରଣ ୩ ସଦସ୍ୟ ଓ ବାଚସ୍ପତିଙ୍କୁ ବାଦ୍ ଦେଲେ ଗୃହରେ ବିଧାୟକଙ୍କ ସଂଖ୍ୟା ୨୨୧କୁ ଖସିଆସିଛି। ଏହି ସ୍ଥଳେ ସରକାର ଗଠନ ପାଇଁ ୧୧୧ ବିଧାୟକଙ୍କ ସମର୍ଥନ ଜରୁରୀ। ୧୪ ବିଦ୍ରୋହୀ ବିଧାୟକ ୟେଦୁରପ୍ପାଙ୍କ ସପକ୍ଷରେ ଭୋଟ ଦେବା ପୂର୍ବରୁ ବାଚସ୍ପତି କ'ଣ ନିଷ୍ପତ୍ତି ନେଉଛନ୍ତି ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଚତୁର୍ଥଥର ପାଇଁ କ୍ଷମତାସୀନ ହୋଇଥିବା ୟେଦୁରପ୍ପା ୨୦୦୭ରେ ପ୍ରଥମେ ୭ ଦିନ ଲାଗି ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ୨୦୧୮ ମେ'ରେ ଆସ୍ଥାଭୋଟରେ ପରାଜିତ ହେବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ଆସନରେ ମାତ୍ର ୩ ଦିନ ରହିପାରିଥିଲେ। ତେଣୁ ସୋମବାର ଆସ୍ଥାଭୋଟ ଜିତିବା ୟେଦୁରପ୍ପାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ।

### ଶପଥ ଗ୍ରହଣ ଉତ୍ସବକୁ କଂଗ୍ରେସ-ଜେଡିଏସ୍‌ର ବର୍ଜନ

ୟେଦୁରପ୍ପାଙ୍କ ଶପଥଗ୍ରହଣ ଉତ୍ସବରେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଏମ୍. କ୍ରିଷ୍ଣାଙ୍କ ସମେତ ଭାଜପାର ଶତାଧିକ ନେତା ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଉତ୍ସବକୁ ବିଦାୟୀ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଓ କଂଗ୍ରେସ ବିଧାୟକ ଦଳ ନେତା ସିଦ୍ଧାରାମାୟାଙ୍କ ସମେତ ଜେଡିଏସ୍ ଏବଂ କଂଗ୍ରେସର ଅନ୍ୟ ନେତାମାନଙ୍କୁ ୟେଦୁରପ୍ପା ନିମନ୍ତ୍ରଣ କରିଥିଲେ। ହେଲେ ଭାଜପା ନିକଟରେ ସଂଖ୍ୟାଗରିଷ୍ଠତା ନାହିଁ। ଏହି ଦଳ ସାମ୍ବିଧାନିକ ନିୟମକୁ ଉଲ୍ଲଂଘନ କରି କ୍ଷମତା ଦଖଲ କରୁଛି ବୋଲି ସମାଲୋଚନା କରି ସେମାନେ ଶପଥଗ୍ରହଣ ଉତ୍ସବକୁ ବର୍ଜନ କରିଥିଲେ।

## ବାଘୁଣୀକୁ ପିଟି ମାରିଦେଲେ




**ପିଲିଭିତ୍, ୨୬।୭**

ଉତ୍ତରପ୍ରଦେଶର ପିଲିଭିତ୍‌ରେ ଗ୍ରାମବାସୀ ଏକ ବାଘୁଣୀକୁ ଠେଙ୍ଗାରେ ପିଟିପିଟି ମାରି ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିବାବେଳେ ୪୩ ଜଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁନୀଲ ପାଣ୍ଡେଙ୍କ କହିବା ଅନୁଯାୟୀ, ପିଲିଭିତ୍‌ର ଦେଉରିଆ ରେଞ୍ଜ୍ ଅନ୍ତର୍ଗତ ପୁରନ୍‌ପୁର କୋଟୱାଲି ଗ୍ରାମର ଲୋକେ ବିଲରେ କାମ କରୁଥିବାବେଳେ ବାଘୁଣୀଟି ୯ ଜଣଙ୍କୁ ଆକ୍ରମଣ କରିଥିଲା। ଗ୍ରାମବାସୀ ଏକାଠି ହୋଇ ବାଘୁଣୀକୁ ଠେଙ୍ଗା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରି ମାରି ଦେଇଥିଲେ। ବାଘୁଣୀର ପୋଷ୍ଟମର୍ଟମ କରାଯାଇଛି। ଏନେଇ ପୋଲିସ ତଦନ୍ତ ଜାରି ରହିଥିବା ପାଣ୍ଡେ ପ୍ରକାଶ କରିଛନ୍ତି।

### ଭିଡ଼ହିଂସା: କାର୍ଯ୍ୟକାରୀ ହେଉନି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## କେନ୍ଦ୍ର, ରାଜ୍ୟ ସରକାରଙ୍କୁ ନୋଟିସ

**ନୂଆଦିଲ୍ଲୀ, ୨୬।୭ (ପି.ଟି.)**

ଭିଡ଼ହିଂସା ଏବଂ ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ହେଉଥିବା ହିଂସାକାଣ୍ଡ ରୋକିବା ଲାଗି ଗତବର୍ଷ ସୁପ୍ରିମକୋର୍ଟ ଏକାଧିକ ନିର୍ଦ୍ଦେଶ ଦେବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ସର୍ବୋଚ୍ଚ ଅଦାଲତ ଏନେଇ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଭାରତର ଦୁର୍ନୀତି ନିବାରଣ ପରିଷଦ ନ୍ୟାସ ପକ୍ଷରୁ ଦାଏର ପିଟିଶନ୍ ଉପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ବିଚାରପତି ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରମାନଙ୍କୁ ନୋଟିସ୍ ଜାରି କରିଛନ୍ତି।

ଦେଶରେ ଭିଡ଼ହିଂସା ବଢ଼ିଥିବାବେଳେ ଏହାକୁ ରୋକିବା ନେଇ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅନୁକୂଳ ଚନ୍ଦ୍ର ପ୍ରଧାନ କହିଥିଲେ। ଭିଡ଼ହିଂସା ଏବଂ ଗୋସୁରକ୍ଷା ଆଳରେ ହିଂସା ରୋକିବା ଲାଗି ପାର୍ଲାମେଣ୍ଟରେ ଆଇନ ଆଣିବାକୁ ମଧ୍ୟ ସୁପ୍ରିମକୋର୍ଟ ୨୦୧୮ ଜୁଲାଇ ୧୭ରେ କେନ୍ଦ୍ରକୁ ପରାମର୍ଶ ଦେଇଥିଲେ। ଅସହିଷ୍ଣୁତା, ମିଥ୍ୟା ଖବର ପ୍ରସାରଣରୁ ଏଭଳି ହିଂସାକାଣ୍ଡ ଘଟୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ଭ୍ରାତୃଭାବ ବଢ଼ାଇବା ରାଜ୍ୟମାନଙ୍କ ଦାୟିତ୍ୱ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବା ରାଜ୍ୟର କାମ ବୋଲି ଖଣ୍ଡପୀଠ କହିଥିଲେ।

### ଇତିହାସର ଆଇନାରେ
**ଜୁଲାଇ ୨୭ର ପ୍ରମୁଖ ଘଟଣା**

### ଆଲ୍‌ଜେରିଆ ଗଣହତ୍ୟା

୧୯୯୭ ଜୁଲାଇ ୨୭ରେ ଆଲ୍‌ଜେରିଆର ସି ଜେରୁକ୍ ଗଣହତ୍ୟାରେ ପାଖାପାଖି ୫୦ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ଦିନ ଅନେକ ସଶସ୍ତ୍ର ଗେରିଲା ଛୋଟ ବନ୍ଧୁକ, ଛୁରି ଆଦି ଧାରଣ କରି ସି ଜେରୁକ୍ ଅଞ୍ଚଳରେ ବାସଗୃହ ପୋଡିଦେବା ସହିତ ପୁରୁଷ, ମହିଳା ଓ ଶିଶୁଙ୍କ ଗଳାକାଟି ହତ୍ୟା କରିଥିଲେ। କେତେକ ଲୋକଙ୍କୁ ମଧ୍ୟ ଜୀବନ୍ତ ପୋଡି ଦେଇଥିଲେ। ଏହା ଆଲଜେରିଆ ଗଣହତ୍ୟା ଭାବରେ କୁଖ୍ୟାତ।

### ଏୟାରଶୋ'ବେଳେ ଦୁର୍ଘଟଣା

୨୦୦୨ ଜୁଲାଇ ୨୭ରେ ୟୁକ୍ରେନ୍‌ର ଏଲ୍‌ଭିଭ୍‌ଠାରେ ଏୟାରଶୋ ବେଳେ ଏକ ସୁଖୋଇ ସୁ-୨୭ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୫୦୦ ଲୋକ ଆହତ ହୋଇଥିଲେ। ୟୁକ୍ରେନ୍ ଇତିହାସରେ ଏହା ଥିଲା ସବୁଠୁ ମରଣାନ୍ତକ ଏୟାରଶୋ ବିପର୍ଯ୍ୟୟ।

## ବାଚସ୍ପତିଙ୍କ ଆଗରେ ହାଜର ହେବେ ଆଜମ୍

**ନୂଆଦିଲ୍ଲୀ, ୨୬।୭ (ପି.ଟି.)**



**ଆପତ୍ତିଜନକ ମନ୍ତବ୍ୟ**

ଭାଜପା ସଦସ୍ୟ ରମା ଦେବୀଙ୍କ ପ୍ରତି ସମାଜବାଦୀ ପାର୍ଟି ଏମ୍‌ପି ଆଜମ୍ ଖାନ୍‌ଙ୍କ ଅଶାଳୀନ ମନ୍ତବ୍ୟକୁ ଶୁକ୍ରବାର ଲୋକ ସଭାରେ ଦଳମତ ନିର୍ବିଶେଷରେ ସବୁ ସଦସ୍ୟ ବିରୋଧ କରିଛନ୍ତି। ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏମ୍‌ପିମାନେ ଦାବି କରିବା ପରେ ବାଚସ୍ପତି ଓମ୍ ବିର୍ଲାଙ୍କ ଆଗରେ ସୋମବାର ହାଜର ହେବା ପାଇଁ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜମ୍‌ଙ୍କୁ କୁହାଯାଇଛି। ଆପତ୍ତିଜନକ ମନ୍ତବ୍ୟ ପାଇଁ ଆଜମ୍‌ଙ୍କୁ ଗୃହରେ ନିଃସର୍ତ୍ତ କ୍ଷମା ମାଗିବାକୁ ହେବ। ଯଦି ସେ କ୍ଷମା ନ ମାଗନ୍ତି ତେବେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ କ୍ଷମତା ଦେବା ଲାଗି ଏକ ପ୍ରସ୍ତାବ ଗୃହୀତ ହେବ ବୋଲି ଏକ ସୂତ୍ରରୁ ଜଣାପଡିଛି।

ଗୁରୁବାର ପାର୍ଲାମେଣ୍ଟର ନିମ୍ନ ସଦନରେ ତିନି ତଲାକ୍ ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ରମା ଦେବୀ ଗୃହରେ ଅଧ୍ୟକ୍ଷତା କରୁଥିଲେ। ଆଲୋଚନାରେ ଭାଗ ନେଇଥିବା ଆଜମ୍ ରମାଙ୍କ ପ୍ରତି ଦ୍ୱିଅର୍ଥବୋଧକ ତଥା ଅସମ୍ମାନଜନକ ମନ୍ତବ୍ୟ ଦେଇଥିଲେ ଯାହା ଅତ୍ୟନ୍ତ ନିନ୍ଦନୀୟ। ଶୁକ୍ରବାର ଶୂନ୍ୟକାଳରେ ଭାଜପା ସଦସ୍ୟ ସଂଘମିତ୍ର ମୌର୍ଯ୍ୟ ଏହି ପ୍ରସଙ୍ଗ ଉଠାଇବା ପରେ ସମସ୍ତ ମନ୍ତ୍ରୀ ଓ ସାଂସଦ ଏହାକୁ ନିନ୍ଦା କରିଥିଲେ। ଏଭଳି ବ୍ୟବହାର ବିରୋଧରେ ପାର୍ଲାମେଣ୍ଟ ଏକ ଦୃଢ଼ ବାର୍ତ୍ତା ପଠାଇବା ଆବଶ୍ୟକ ବୋଲି ଭାଜପା, ବିଜେଡି, କଂଗ୍ରେସ, ଏନ୍‌ସିପି, ତୃଣମୂଳ କଂଗ୍ରେସ, ଡିଏମ୍‌କେ ଓ ଅନ୍ୟ ଦଳର ସଦସ୍ୟମାନେ କହିଥିଲେ। ୭ ବର୍ଷର ସଦସ୍ୟତା ମଧ୍ୟରେ ସେ ଏଭଳି ମନ୍ତବ୍ୟ କେବେ ଶୁଣି ନ ଥିଲେ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ କହିଥିଲେ। ଏଭଳି ମନ୍ତବ୍ୟରେ କେବଳ ମହିଳା ନୁହନ୍ତି, ଗୃହ ଅସମ୍ମାନିତ ହୋଇଛି। କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ବିରୋଧରେ ପାର୍ଲାମେଣ୍ଟରେ ଆଇନ ଗୃହୀତ ହୋଇଛି। ତେଣୁ ଆମେ ନୀରବ ଦର୍ଶକ ସାଜିପାରିବା ନାହିଁ ବୋଲି ସ୍ମୃତି କହିଥିଲେ। ମହିଳାମାନଙ୍କ ପ୍ରତି ଅସଦ୍‌ବ୍ୟବହାରକୁ ବରଦାସ୍ତ କରାଯିବ ନାହିଁ। ସବୁ ସଦସ୍ୟ ଦଳମତ ନିର୍ବିଶେଷରେ ଏଭଳି ଏକ ବାର୍ତ୍ତା ପଠାଇବାକୁ ସେ ଆହ୍ୱାନ ଦେଇଥିଲେ। ଆଜମ୍ କ୍ଷମା ମାଗନ୍ତୁ, ନଚେତ୍ ତାଙ୍କୁ ଗୃହରୁ ନିଲମ୍ବିତ କରାଯାଉ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଦାବି କରିଥିଲେ। ଆଜମ୍‌ଙ୍କ ମନ୍ତବ୍ୟ ଅକ୍ଷମଣୀୟ ବୋଲି ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିବା ସହ ଉଦାହରଣ ସୃଷ୍ଟିକାରୀ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମତ ଦେଇଥିଲେ। ମହିଳା ସଦସ୍ୟମାନେ ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଗୃହ ଏକସ୍ୱରରେ ଏଭଳି ମନ୍ତବ୍ୟର ବିରୋଧ କରି ଦୃଷ୍ଟାନ୍ତ ସୃଷ୍ଟି କରୁ ବୋଲି ଏନ୍‌ସିପି ସଦସ୍ୟ ସୁପ୍ରିୟା ସୁଲେ କହିଥିଲେ। ଟିଏମ୍‌ସି ସଦସ୍ୟ ନୁସରତ୍ ଜହାଁ ଏବଂ ମିମି ଚକ୍ରବର୍ତ୍ତୀ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ଲସ୍ ଏଞ୍ଜେଲ୍ସରେ ଗୁଳିକାଣ୍ଡ: ୪ ମୃତ

**ଲସ୍ ଏଞ୍ଜେଲ୍ସ, ୨୬।୭**

ଲସ୍ ଏଞ୍ଜେଲ୍ସରେ ଜଣେ ଯୁବକ ଗୁଳି କରି ୪ ଜଣଙ୍କୁ ହତ୍ୟାକରିବା ସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଗେରି ଡିନ୍ ଜାରାଗୋଜା (୨୬) ନାମକ ଏହି ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ଘରେ ତାଙ୍କ ବାପା ଓ ଭାଇଙ୍କୁ ହତ୍ୟା କରିବା ପରେ ଗ୍ୟାସ୍ ଷ୍ଟେଶନରେ ଜଣେ ମହିଳାଙ୍କୁ ଗୁଳି କରି ଆହତ କରିଥିଲେ। ଏହା ପରେ ସେ ବସ୍‌ରେ ଜଣେ ଲୋକଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଗୁଳିକାଣ୍ଡ ପଛରେ ଯୁବକଙ୍କର କୌଣସି ସ୍ପଷ୍ଟ ଉଦ୍ଦେଶ୍ୟ ନ ଥିବା ପୋଲିସ କହିଛି। ଗୁରୁବାର ବିଳମ୍ବିତ ରାତିରେ ଜାରାଗୋଜା କାନୋଗା ପାର୍କରେ ତାଙ୍କ ବାପାମାଆ ଓ ଭାଇଙ୍କୁ ଗୁଳି କରିଥିଲେ। ବାପା ଓ ଭାଇଙ୍କ ମୃତ୍ୟୁ ହୋଇଥିଲାବେଳେ ମାଆ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହାପରେ ସେ ନର୍ଥ ହଲିଉଡ୍‌ସ୍ଥିତ ଏକ ଗ୍ୟାସ୍ ଷ୍ଟେଶନକୁ ଯାଇ ସେଠାରେ କାର୍ଯ୍ୟରତ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗୁଳି କରିଥିଲେ। ମହିଳା ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି।

### ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ୧୭ ବିରୋଧୀ ଦଳର ଚିଠି

## ବିନା ଯାଞ୍ଚରେ ଗୃହୀତ ହେଉଛି ବିଲ୍

**ନୂଆଦିଲ୍ଲୀ, ୨୬।୭ (ପି.ଟି.)**

ପାର୍ଲାମେଣ୍ଟରେ ସରକାର ତରବରିଆ ଭାବେ ବିଲ୍ ଗୃହୀତ କରାଇ ନେଉଥିବାରୁ ଏହା ଉପରେ ଚିନ୍ତା ପ୍ରକଟ କରି ୧୭ଟି ବିରୋଧୀ ଦଳ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କୁ ପତ୍ର ଲେଖିଛନ୍ତି। ଗୃହର ପ୍ରତିଷ୍ଠିତ ପରମ୍ପରାରୁ ଦୂରେଇଯାଇ ବିନା ଯାଞ୍ଚରେ ବିଲ୍ ଗୃହୀତ କରାଯାଉଛି। ଆଇନ ପ୍ରଣୟନର ଏହା ସୁସ୍ଥ ପରମ୍ପରା ନୁହେଁ ବୋଲି ସେମାନେ ଦର୍ଶାଇଛନ୍ତି।

କଂଗ୍ରେସ ସମେତ ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ, ବହୁଜନ ସମାଜ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ତେଲୁଗୁଦେଶମ୍ ପାର୍ଟି, ସିପିଆଇ, ସିପିଆଇ(ଏମ୍) ପ୍ରମୁଖ ଦଳ ପକ୍ଷରୁ ଏହି ଚିଠି ଲେଖାଯାଇଛି। ଗୃହର ଷ୍ଟାଣ୍ଡିଂ କମିଟି ଏବଂ ସିଲେକ୍ଟ କମିଟିରେ ବିଲ୍‌ଗୁଡ଼ିକର ଯାଞ୍ଚ ହେଉ ନ ଥିବାରୁ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଚତୁର୍ଦ୍ଦଶ ଲୋକ ସଭାରେ ୬୦ ପ୍ରତିଶତ ବିଲ୍ ସଂସଦୀୟ କମିଟିଗୁଡ଼ିକୁ ଯାଞ୍ଚ ପାଇଁ ପଠାଯାଇଥିଲା। ପଞ୍ଚଦଶ ଲୋକ ସଭାରେ ୭୧ ପ୍ରତିଶତ ବିଲ୍ ଯାଇଥିବାବେଳେ ଷୋଡଶ ଲୋକ ସଭାରେ ମାତ୍ର ୨୬ ପ୍ରତିଶତ ବିଲ୍ ଯାଞ୍ଚ ପାଇଁ ଯାଇଥିଲା। ବର୍ତ୍ତମାନ ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନରେ ୧୪ ବିଲ୍ ଗୃହୀତ ହୋଇସାରିଲାଣି। ସେଥିରୁ ଗୋଟିଏ ହେଲେ ବିଲ୍ ଯାଞ୍ଚ ପାଇଁ ସଂସଦୀୟ କମିଟିକୁ ପଠାଯାଇନାହିଁ। ରାଜ୍ୟ ସଭା ଅଧ୍ୟକ୍ଷ ଏଥିରେ ହସ୍ତକ୍ଷେପ କରିବାକୁ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି।

### 'ସମଗ୍ର କଶ୍ମୀର ଉପରେ ଭାରତର ଅଧିକାର'

ନୂଆଦିଲ୍ଲୀ, ୨୬।୭ : ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ସମେତ ସମଗ୍ର କଶ୍ମୀର ଉପରେ ଭାରତର ଅଧିକାର ରହିଛି। ପିଓକେକୁ କିପରି ପାକିସ୍ତାନଠାରୁ ଅଣାଯିବ, ସେନେଇ ରାଜନୈତିକ ନିଷ୍ପତ୍ତି କିମ୍ବା କୂଟନୈତିକ ସ୍ତରରେ ପଦକ୍ଷେପ ନିଆଯିବ। ସେନା ନିର୍ଦ୍ଦେଶକୁ ଅପେକ୍ଷା କରିଛି ବୋଲି ସେନାଧ୍ୟକ୍ଷ ବିପିନ ରାୱତ ପ୍ରକାଶ କରିଛନ୍ତି। କାର୍‌ଗିଲ ବିଜୟ ଦିବସର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ସେ ଏଭଳି ମତ ରଖିବା ସହ ପାକିସ୍ତାନକୁ ଚେତାବନୀ ମଧ୍ୟ ଶୁଣାଇଛନ୍ତି। ପୁଣି କାର୍‌ଗିଲ ଭଳି ପରିସ୍ଥିତି ସୃଷ୍ଟିକଲେ ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ମଧ୍ୟ ସେ ଚେତାବନୀ ଦେଇ କହିଛନ୍ତି।




ଜେନେରାଲ୍ ବିପିନ ରାୱତ

## ଶ୍ରଦ୍ଧାଞ୍ଜଳି ଦେଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର କଶ୍ମୀର୍‌ର ବାଦାମି ବାଗ୍ କ୍ୟାଣ୍ଟନମେଣ୍ଟସ୍ଥିତ ସ୍ଥଳସେନାର ୧୫ କର୍ପସ ହେଡକ୍ୱାର୍ଟର୍ସରେ ଯୁଦ୍ଧ ସ୍ମାରକୀସ୍ଥଳରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଦ୍ରାସ ୱାର ମେମୋରିଆଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ସ୍ଥିର ହୋଇଥିଲେ ହେଁ ପ୍ରତିକୂଳ ପାଗ ଯୋଗୁ ରାଷ୍ଟ୍ରପତି ସେଠାକୁ ଯାଇପାରି ନ ଥିଲେ।

## ବୀର ଯବାନଙ୍କୁ ସମ୍ମାନ



ଦେଶ କାର୍‌ଗିଲ ଯୁଦ୍ଧର ୨୦ତମ ବିଜୟ ଦିବସ ପାଳନ କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୧୯୯୯ କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। 'କାର୍‌ଗିଲ ବିଜୟ ଦିବସରେ ମା ଭାରତୀର ସମସ୍ତ ବୀର ଯବାନ୍‌ଙ୍କ ପ୍ରତି ମୋ ହୃଦୟରୁ ପ୍ରାର୍ଥନା କରୁଛି' ବୋଲି ମୋଦି ଟୁଇଟ୍ କରିଛନ୍ତି।

# କାର୍‌ଗିଲ ଶହୀଦଙ୍କ ସ୍ମୃତିରେ...

**ନୂଆଦିଲ୍ଲୀ, ୨୬।୭**



ଭାରତର କାର୍‌ଗିଲ ବିଜୟ ଦିବସର ୨୦ତମ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଛି। ପାକିସ୍ତାନ ସହିତ ଏହି ଯୁଦ୍ଧ ପାଖାପାଖି ଦୁଇମାସରୁ ଊର୍ଦ୍ଧ୍ୱ ଚାଲିବା ପରେ ୧୯୯୯ ଜୁଲାଇ ୨୬ରେ ଶେଷ ହୋଇଥିଲା। ଏହି ଯୁଦ୍ଧରେ ଭାରତର ୫୨୭ ଯବାନ୍ ପ୍ରାଣବଳି ଦେଇଥିଲେ। ଭାରତ କାରଗିଲ ବିଜୟ ଦିବସର ସ୍ମୃତିଚାରଣ କରିବା ସହିତ ବୀର ଯବାନ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ଜମ୍ମୁ ଓ କଶ୍ମୀର୍‌ର ନିୟନ୍ତ୍ରଣ ରେଖା ନିକଟରେ ଲଦାଖ ସେକ୍ଟର୍‌ର ବରଫାବୃତ କାର୍‌ଗିଲ ହାଇଟ୍‌ସରେ ପାକିସ୍ତାନୀ ସେନା ଅନୁପ୍ରବେଶ କରିବା ପରେ ଭାରତୀୟ ବାୟୁସେନା ସ୍ଥଳସେନା ସହାୟତାରେ ଶତ୍ରୁପକ୍ଷର ଜବାବ ଦେଇଥିଲା।

ଏହି ଯୁଦ୍ଧ ୧୯୯୯ ମେ ୩ରେ ଆରମ୍ଭ ହୋଇ ଜୁଲାଇ ୨୬ରେ ଶେଷ ହୋଇଥିଲା। ସେହି ସମୟରେ କାର୍‌ଗିଲର ତାପମାତ୍ରା ଥିଲା ବିୟୁକ୍ତ ୧୦ଡିଗ୍ରୀ ସେଲ୍‌ସିୟସ୍। ଭାରତୀୟ ଭୂଖଣ୍ଡ ଭିତରକୁ ପାକିସ୍ତାନୀ ସେନା ଓ ଆତଙ୍କବାଦୀ ଅନୁପ୍ରବେଶ କରିଥିବା ଜଣାପଡିବା ପରେ ଭାରତୀୟ ସେନା ଆକ୍ରମଣ ପାଇଁ ଯୋଜନା କରିଥିଲା। ସ୍ଥାନୀୟ ଜଣେ ମେଷପାଳକଙ୍କଠାରୁ ସୂଚନା ପାଇବା ପରେ ଭାରତୀୟ ସେନା ପାକିସ୍ତାନୀ ସେନାକୁ ଠାବ କରି ଅପରେଶନ୍ ବିଜୟ ଆରମ୍ଭ କରିଥିଲା। ଶତ୍ରୁସେନାର ଯବାନ୍‌ମାନେ ମୁଖ୍ୟ ସ୍ଥାନଗୁଡିକରେ ପୋଜିସନ୍ ନେଇ ଭାରତୀୟ ସେନା ଉପରେ ଗୁଳିଗୋଳା ଯୋଗେ ପ୍ରଥମେ ଆକ୍ରମଣ ଆରମ୍ଭ କରିଥିଲେ। ଏହାପରେ ଭାରତ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା। ମେ ୨୬ରେ ଭାରତୀୟ ବାୟୁସେନା 'ସଫେଦ ସାଗର' ଅପରେଶନ୍ ଚଳାଇ ଆକାଶମାର୍ଗରୁ ଆକ୍ରମଣ କରିଥିଲା। ଇଣ୍ଡିଆନ୍ ଏମ୍‌ଆଇଜି-୨୧, ଏମ୍‌ଆଇଜି-୨୭ ଏବଂ ମିରେଜ୍-୨୦୦୦ରୁ ରକେଟ୍ ଓ କ୍ଷେପଣାସ୍ତ୍ର ମାଡ କରାଯାଇ ଶତ୍ରୁପକ୍ଷର ଆକ୍ରମଣକୁ ପ୍ରତିହତ କରାଯାଇଥିଲା।

**ବିଜୟ ଦିବସକୁ ୨୦ ବର୍ଷ**

ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ଭାରତୀୟ ବାୟୁସେନା ଯୋଜନା କରିଥିଲେ ହେଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ସରକାର ତଦାନୀନ୍ତନ ବାୟୁସେନା ମୁଖ୍ୟ ପରାମର୍ଶ ଦେଇଥିଲେ, କୌଣସି ପରିସ୍ଥିତିରେ ଫାଇଟର ଜେଟଗୁଡିକ ନିୟନ୍ତ୍ରଣ ରେଖା ଅତିକ୍ରମ କରିବା ଉଚିତ ନୁହେଁ।

ଭାରତୀୟ ନୌସେନା ମଧ୍ୟ ତଲୱାର ଅପରେଶନ୍ ଦ୍ୱାରା ପାକିସ୍ତାନୀ ବନ୍ଦରକୁ ତୈଳ ଓ ଇନ୍ଧନ ଯୋଗାଣରେ ପ୍ରତିବନ୍ଧକ ସୃଷ୍ଟିକଲା। ଏହାର ୱେଷ୍ଟର୍ନ ଓ ଇଷ୍ଟର୍ନ ଫ୍ଲିଟ୍‌ଗୁଡିକ ଆରବ ସାଗରରେ ପଇନ୍ତରା ମାରି ପାକିସ୍ତାନର ବାଣିଜ୍ୟ ପଥରେ ଅନ୍ତରାୟ ସୃଷ୍ଟିକଲେ।

ଏଥିରେ ହସ୍ତକ୍ଷେପ କରିବାକୁ ପାକିସ୍ତାନ ସରକାର ଆମେରିକାକୁ ଅନୁରୋଧ କଲେ। କିନ୍ତୁ ତତ୍‌କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଅନୁରୋଧକୁ ଏଡାଇଦେଇ ପ୍ରଥମେ ଇସଲାମାବାଦ୍ ନିୟନ୍ତ୍ରଣ ରେଖାରୁ ଏହାର ସେନା ପ୍ରତ୍ୟାହାର କରୁ ବୋଲି ପ୍ରସ୍ତାବ ଦେଇଥିଲେ। ପାକିସ୍ତାନୀ ସେନା ଭାରତର ପ୍ରବଳ ଆକ୍ରମଣରେ ପଛକୁ ହଟିଯିବା ପରେ ଭାରତୀୟ ସଶସ୍ତ୍ର ସେନା ଜୁଲାଇ ୨୬ରେ କାର୍‌ଗିଲ ଦଖଲ କଲା। କାର୍‌ଗିଲ ଯୁଦ୍ଧରେ ଭାରତର ୫୨୭ ଯବାନ୍ ପ୍ରାଣ ହରାଇଥିବାବେଳେ ପାକିସ୍ତାନର ୩୫୭ରୁ ୪୫୩ ମଧ୍ୟରେ ଯବାନ୍ ଶହୀଦ ହୋଇଥିଲେ।




# ମରୁଡ଼ି କବଳରେ ୨୫ ଜିଲା

**ସରକାର ମାନିଲେ**
- ୨୩୫ ବ୍ଲକ୍‌ରେ ସ୍ଥିତି ସଙ୍ଗିନ
- ନଦୀ, ନାଳ, ଜଳଭଣ୍ଡାର ଶୁଖିଲା
- ବିଦ୍ୟୁତ୍ ଉତ୍ପାଦନ ବନ୍ଦ
- କଂଗ୍ରେସର କକ୍ଷତ୍ୟାଗ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ରାଜ୍ୟରେ ଭୟଙ୍କର ମରୁଡି ପରିସ୍ଥିତି। ୩୦ରୁ ୨୫ ଜିଲାରେ ନିଅଣ୍ଟିଆ ବର୍ଷା। ୩୧୪ ବ୍ଲକରୁ ୨୩୫ ବ୍ଲକରେ ସ୍ୱଳ୍ପ ବୃଷ୍ଟି ହୋଇଥିବାବେଳେ ୨୧ ବ୍ଲକରେ(୫୯ ପ୍ରତିଶତରୁ କମ୍ ବର୍ଷା) ସାଂଘାତିକ ଅବସ୍ଥା। ବର୍ଷା ଅଭାବରୁ ତଳିଘେରା ଉପୁଡା ଯାଇ ପାରୁନି। ଧାନ ରୁଆ ହୋଇପାରୁନି। ଆସନ୍ତା ୨/୩ ଦିନ ମଧ୍ୟରେ ବର୍ଷା ନ ହେଲେ ଚାଷ ଉଜୁଡି ଯିବ। ଏକଥା ସରକାର ମାନିଗଲେଣି। ଶୁକ୍ରବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ରାଜ୍ୟର ମରୁଡି ପରିସ୍ଥିତି ନେଇ ତଥ୍ୟ ଉପସ୍ଥାପନ କରିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଚଳିତ ବର୍ଷ ୨୫ ଲକ୍ଷ ୮୦ ହଜାର ୫୭୯ ହେକ୍ଟର ଜମିରେ ଧାନ ଏବଂ ଅଣଧାନ ଫସଲ ହୋଇଛି। ସେଥିରୁ ୧୫ ଲକ୍ଷ ୧୧ ହଜାର ୩୦୩ ହେକ୍ଟରରେ ଧାନ, ୨ ଲକ୍ଷ ୧୮ ହଜାର ୮୦୭ ହେକ୍ଟରରେ ଡାଲିଜାତୀୟ ଫସଲ, ୮୪ ହଜାର ୨୦ ହେକ୍ଟରରେ ତୈଳବୀଜ ଓ ୭ ଲକ୍ଷ ୬୬ ହଜାର ୪୪୯ ହେକ୍ଟରରେ ପନିପରିବା ଓ ଅନ୍ୟାନ୍ୟ ଫସଲ ଚାଷ ହୋଇଛି। କୃଷି ନିର୍ଦ୍ଦେଶକ ପ୍ରତ୍ୟେକ ଦିନ ଫସଲ ଅବସ୍ଥା ସମୀକ୍ଷା କରୁଛନ୍ତି। ୩୦ ଜିଲାର ଅଧିକାରୀମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂରେ ଚାଷ ଅବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି। ଆସନ୍ତା ୨/୩ ଦିନ ମଧ୍ୟରେ ଯଦି ବର୍ଷା ନ ହୁଏ ତେବେ ଫସଲ ବିଶେଷ ପ୍ରଭାବିତ ହେବ। ଚାଷକୁ ବଞ୍ଚାଇବା ପାଇଁ ଚାଷୀମାନଙ୍କୁ ଗଣମାଧ୍ୟମ ଜରିଆରେ ପରାମର୍ଶ ଦିଆଯାଉଛି। ବର୍ଷା କମ୍ ହୋଇଥିବାରୁ ଏ ପର୍ଯ୍ୟନ୍ତ ରାଜ୍ୟର ନଦୀ, ନାଳରେ ଜଳ ପ୍ରବାହିତ ହୋଇ ନାହିଁ। ଜଳଭଣ୍ଡାରରେ ଆଶାନୁରୂପ ଜଳ ନାହିଁ। ଗତବର୍ଷ ଜୁଲାଇ ୨୧ରେ ବୃହତ୍, ମଧ୍ୟମ ଜଳଭଣ୍ଡା ଗୁଡିକରେ ୨୮.୨୮ ପ୍ରତିଶତ ଜଳ ମହଜୁଦ ରହିଥିବା ବେଳେ ଚଳିତ ବର୍ଷ ଏହା ପ୍ରାୟ ଅଧା ଅର୍ଥାତ ୧୫.୬୬ ପ୍ରତିଶତକୁ ଖସି ଆସିଛି। ହରିହର ଯୋର, ଝାରବନ୍ଧ, ଖରଖରା ଓ ସରଫଗଡ ଜଳଭଣ୍ଡାରରେ ଡେଡ୍ ଷ୍ଟୋରେଜ ତଳେ ପାଣି ରହିଥିବାରୁ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଇ ଦିଆଯାଇପାରୁ ନାହିଁ। ପରିସ୍ଥିତି ଉଦ୍‌ବେଗଜନକ ଥିବାରୁ ଜଳସମ୍ପଦ ସଚିବ ଓ ପ୍ରମୁଖ ଯନ୍ତ୍ରୀ ଜଳସେଚନର ସ୍ଥିତି ନିୟମିତ ସମୀକ୍ଷା କରୁଛନ୍ତି। ଜଳସମ୍ପଦ ଅଧିକାରୀମାନେ ବିଭିନ୍ନ ଜିଲାକୁ ଗସ୍ତ କରି ସାମ୍ପ୍ରତିକ ପରିସ୍ଥିତିରେ ଜଳର ସୁଷମ ବଣ୍ଟନ ପାଇଁ ଜଳ ପରିଚାଳନାକୁ ତଦାରଖ କରୁଛନ୍ତି। ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରାଯାଇଛି। କେନାଲଗୁଡିକୁ ସଫା କରାଯାଇ ତଳମୁଣ୍ଡରେ ଯୁଦ୍ଧକାଳୀନଭିତ୍ତିରେ ପାଣି ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ଆଡିବନ୍ଧଗୁଡିକର ଦ୍ୱାର ବନ୍ଦ କରାଯାଇ ନଦୀ ଓ ନାଳରୁ ପ୍ରବାହିତ ଜଳକୁ ସଂରକ୍ଷଣ କରାଯାଉଛି। ଉଠାଜଳସେଚନ ପ୍ରକଳ୍ପଗୁଡିକୁ ଚାଲୁ କରି ଜଳସେଚନ ଆରମ୍ଭ କରିବାକୁ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ଓଡିଶା ଉଠାଜଳସେଚନ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ସେଠାରେ ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇ ଉଠାଜଳସେଚନ ପଏଣ୍ଟଗୁଡିକୁ ଚାଲୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଜମିକୁ ଜଳ ଯୋଗାଇବା ପାଇଁ ୫୯ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବାବେଳେ ୫୩ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ୫୩୧୯ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ୨୪୪୧୪ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ, ୬୭୫୨୬ ଅଗଭୀର ନଳକୂପ, ୩୫୨୨ ଗଭୀର ନଳକୂପ ଏବଂ ୮୩୩ ନଦୀ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ବ୍ୟବହାର କରାଯାଉଛି। ପରିସ୍ଥିତି ଉପରେ କଡା ନଜର ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ବର୍ଷା ନ ଥିବାରୁ ରାଜ୍ୟରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ହେଲେ ବି ଆଉ ଚାଷ ହେବା ସମ୍ଭବ ନୁହେଁ। ରାଜସ୍ୱମନ୍ତ୍ରୀ ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରନ୍ତୁ। ରାଜ୍ୟରେ ଚାଷର ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ଗୃହରେ ଏକ ବିବୃତି ଦିଅନ୍ତୁ ବୋଲି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନ ସଭାରେ ଗୁରୁବାର ଦାବି କରିଥିଲେ। ତେବେ ମନ୍ତ୍ରୀଙ୍କ ବିବୃତିରେ ଅସନ୍ତୁଷ୍ଟ ହୋଇ କଂଗ୍ରେସ ସଦସ୍ୟମାନେ ବିଧାନ ସଭା କକ୍ଷ ତ୍ୟାଗ କରିଥିଲେ।

**ସଂକ୍ଷେପରେ**

## ୩୧ରେ ଆଉ ଏକ ଲଘୁଚାପ

- ୫ ଯାଏ ବର୍ଷା
- ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ

**ଭୁବନେଶ୍ୱର,୨୬।୭(ବ୍ୟୁରୋ):** ଉତ୍ତର ପଶ୍ଚିମ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେଉଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। କୋରାପୁଟ, କଳାହାଣ୍ଡି, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଯାଜପୁର, ଭଦ୍ରକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ସୁନ୍ଦରଗଡ଼, ଅନୁଗୋଳ, ମାଲକାନଗିରି, କନ୍ଧମାଳ, କଟକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ରାଜ୍ୟରେ ଆସନ୍ତା ୨୮ ତାରିଖ ଯାଏ ବର୍ଷା ଲାଗି ରହିବ। ମୌସୁମୀ ସକ୍ରିୟ ଥିବାରୁ ବର୍ଷା ପରିମାଣ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ଦୁଇ ଦିନ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ତେବେ ଆସନ୍ତା ୩୧ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ଅଗଷ୍ଟ ୫ ଯାଏ ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ରାଜ୍ୟରେ ପାଗ ମେଘୁଆ ରହିଛି। କେତେକ ସ୍ଥାନରେ ହାଲୁକା ବର୍ଷା ହେଉଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୩୦.୭ ମିଲିମିଟର ବର୍ଷା ହୋଇଥିବା ବେଳେ କଟକରେ ୩୦.୬, ପାରାଦୀପରେ ୪୫.୪, ଭୁବନେଶ୍ୱରରେ ୫୧.୬, ପୁରୀରେ ୮୭, ଅନୁଗୋଳରେ ୪୨, ବାରିପଦାରେ ୫୩.୨, ଝାରସୁଗୁଡ଼ାରେ ୩୦.୪, କେନ୍ଦୁଝରରେ ୧୩.୯, ତାଳଚେରରେ ୫୬, ଭବାନୀପାଟଣାରେ ୧୭.୬, ବଲାଙ୍ଗୀରରେ ୪୨, କୋରାପୁଟରେ ୭.୮, ଫୁଲବାଣୀରେ ୧୨.୨, ମାଲକାନଗିରିରେ ୬୫.୨, ସୋନପୁରରେ ୨୮.୮ ଏବଂ ଦାରିଙ୍ଗବାଡିରେ ୨୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ୩ ପୋଲିସ ଅଧିକାରୀ ଗିରଫ

ମାଲକାନଗିରି,୨୬।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ଥାନାର ୩ଜଣ ପୋଲିସ ଅଧିକାରୀଙ୍କୁ ଗୁରୁବାର ବିଳମ୍ବିତ ରାତିରେ କଟକ ଦୁର୍ନୀତି ନିବାରଣ ବିଭାଗ ଗିରଫ କରିଛି। ଲାଞ୍ଚ ନେବା ମାମଲାରେ ସେମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଲକାନଗିରି ଥାନା ସବ୍ ଇନ୍ସପେକ୍ଟର କୁନାଲ କୁମାର ଏବଂ ମାନସ ସ୍ୱାଇଁ ଓ ଆଇଆଇସି ରଞ୍ଜନ କୁମାର ସାହୁ। ଗତ କିଛିଦିନ ତଳେ ମାଲକାନଗିରି ସଦର ମହକୁମାର ଏକ ଘରୋଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ନିର୍ଦ୍ଦେଶକ ଏବଂ ଅଧ୍ୟକ୍ଷ ଜାଲ୍ ସାର୍ଟିଫିକେଟ ଦେଇଥିବା ଘଟଣାରେ ମାମଲା ଦାଏର ହୋଇଥିଲା। ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସେହି ମାମଲାକୁ ରଫାଦଫା କରିବା ପାଇଁ ମାଲକାନଗିରି ପୋଲିସ ୧ଲକ୍ଷ ଟଙ୍କା ଦାବି କରିଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କୁ ଅବଗତ କରାଇଥିଲେ । ନିର୍ଦ୍ଦେଶକ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୁରୁବାର କଟକ ଦୁର୍ନୀତି ନିବାରଣ ବିଭାଗର ଏକ ୨୧ ଜଣିଆ ଟିମ୍ ୬ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର, ୪ଜଣ ସବ୍ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ମିଶି ମାଲକାନଗିରି ଆସି ରାତିରେ ଚଢାଉ କରି ଉପରୋକ୍ତ ୩ ଜଣଙ୍କୁ ଗିରଫ କରିଥିଲେ। ପୋଲିସ ଅଧିକାରୀ ମାନସ ବାସଭବନରେ ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଶୁକ୍ରବାର ଏହି ୩ଜଣଙ୍କୁ ଦୁର୍ନୀତି ନିବାରଣ ସେଲ୍ କେସ୍ ନଂ ୯/୧୯ ପ୍ରକାରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ବିଭାଗର ଇନ୍ସପେକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି।

## ଅଡିଟ୍‌ରେ ଅନିୟମିତତା ଆସିଲେ ତଦନ୍ତ ହେବ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ବାଲେଶ୍ୱର –ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଅଡିଟ୍ ଚାଲୁ ରହିଛି। ଯଦି ଅଡିଟ୍ ରିପୋର୍ଟରେ ବ୍ୟାପକ ଅନିୟମିତତାର ସୂଚନା ଆସେ, ତେବେ ଉପଯୁକ୍ତ ତଦନ୍ତକାରୀ ସଂସ୍ଥାଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ସରକାର ବିଚାର କରିବେ। ବିଧାନସଭାରେ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀଙ୍କ ଦ୍ୱାରା ଆଗତ ହୋଇଥିବା ମୁଲତବୀ ପ୍ରସ୍ତାବ 'ବାଲେଶ୍ୱର–ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ବ୍ୟାପକ ଦୁର୍ନୀତିକୁ ଅନୁଭବ କରି ଡିଆରସିଏସ୍‌ଙ୍କ ଭିଜିଲାନ୍ସ ତଦନ୍ତ ସୁପାରିସ'ର ଉତ୍ତର ଦେଇ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। ରଣେନ୍ଦ୍ର ପ୍ରତାପ କହିଛନ୍ତି ଯେ, ଉପନିବନ୍ଧକ ସମବାୟ ସମିତି ସମୂହ, ବାଲେଶ୍ୱରଙ୍କ ଦ୍ୱାରା ଦର୍ଶାଯାଇଥିବା ଅନିୟମିତତା ସମ୍ବନ୍ଧରେ ବ୍ୟାଙ୍କର ୨୦୧୭–୧୮ ଆର୍ଥିକବର୍ଷର ସମୀକ୍ଷା ବିବରଣୀରେ ସେଭଳି କୌଣସି ବ୍ୟାପକ ଅନିୟମିତତା ଉଲ୍ଲେଖ ନାହିଁ। ସେଥିରେ କେବଳ ବିଭିନ୍ନ କର୍ମଚାରୀମାନଙ୍କଠାରୁ ୭,୭୦,୭୦୨.୫୦ ଟଙ୍କା ଅସୁଲ କରିବା ପାଇଁ କୁହାଯାଇଛି। ନିବନ୍ଧକଙ୍କ ନିର୍ଦ୍ଦେଶ କ୍ରମେ ଡାଟା ଏଣ୍ଟ୍ରି ଅପରେଟରମାନେ କାର୍ଯ୍ୟରୁ ଅବ୍ୟାହତି ପ୍ରଦାନ କରିଛନ୍ତି। କେସିସି ସହ ଜଡିତ ହୋଇଥିବା ଚାଷୀଙ୍କର ଦୁର୍ଘଟଣାଜନିତ ବୀମା ସକାଶେ ଟେଣ୍ଡର ମାଧ୍ୟମରେ ବୀମା କମ୍ପାନୀ ସହ ବ୍ୟାଙ୍କ ଅନୁବନ୍ଧିତ ହୋଇଛି, ହେଲେ ବ୍ୟାଙ୍କ ପକ୍ଷରୁ କୌଣସି ନିଯୁକ୍ତି ହୋଇ ନ ଥିବା ରଣେନ୍ଦ୍ର କହିଛନ୍ତି। ସେହିପରି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏଲ୍‌ସି ବୈଠକରେ ୧,୨୧,୮୦,୬୭୭ ଟଙ୍କା ଖର୍ଚ୍ଚ ହୋଇଛି। ଉପନିବନ୍ଧକ ସମବାୟ ସମିତି ସମୂହ, ବାଲେଶ୍ୱରଙ୍କ ତଦନ୍ତ ଅନୁଯାୟୀ ସଭାପତି, ଉପସଭାପତିଙ୍କ ସମେତ ୧୫ ଜଣ ନିର୍ଦ୍ଦେଶକଙ୍କ ଦ୍ୱାରା ବିଗତ ୩ ବର୍ଷରେ(୨୦୧୬–୧୭, ୨୦୧୭–୧୮ ଏବଂ ୨୦୧୮–୧୯) ମୋଟ ୧୯,୩୧,୯୦୪ ଟଙ୍କା ଟିଏ ଏବଂ ଡିଏ ବାବଦକୁ ନିଆଯାଇଛି। ଅର୍ଥ ପ୍ରଦାନରେ ଅନିୟମିତତା ହେବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି, ହେଲେ ତାହାର ସତ୍ୟାସତ୍ୟ ଉପରେ ସମୀକ୍ଷା ଚାଲୁଥିବା ସମବାୟ ମନ୍ତ୍ରୀ ଉତ୍ତର ରଖିଥିଲେ। ଆଲୋଚନାରେ ବିଷ୍ଣୁ ସେଠୀ, ମଦନ ମୋହନ ଦତ୍ତ, ସନାତନ ବିଜୁଳି, ତାରା ପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ସାମଲ, ଅଶ୍ୱିନୀ ପାତ୍ର ଭାଗ ନେଇଥିଲେ।

## ଲାଞ୍ଚ ନେଇ ମାଲକାନଗିରି ଆଇଆଇସି ନିଲମ୍ବିତ

**ଚଳିତ ବର୍ଷ ପାଇଥିଲେ ବେଷ୍ଟ ଆଇଆଇସି ଆୱାର୍ଡ**

କଟକ ଅଫିସ,୨୬।୭

ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ମାଲକାନଗିରି ଥାନା ଆଇଆଇସି ରଞ୍ଜନ କୁମାର ସାହୁଙ୍କୁ ଶୁକ୍ରବାର ନିଲମ୍ବିତ କରିଛନ୍ତି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା। ଏହି ମାମଲାର ବିଚାର ଶେଷ ହେବା ପର୍ଯ୍ୟନ୍ତ ସେ ଦକ୍ଷିଣ ପଶ୍ଚିମାଞ୍ଚଳ ଜୋନ୍ ଡିଆଇଜି ହିମାଂଶୁ ଲାଲଙ୍କ ତତ୍ତ୍ୱାବଧାନରେ ରହିବେ। ଏ ନେଇ ଶୁକ୍ରବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମାଲକାନଗିରିସ୍ଥିତ ଏକ ଘରୋଇ କଲେଜର ନିର୍ଦ୍ଦେଶକ ବିଦ୍ୟୁତ୍ ଚରଣ ଦାସଙ୍କ ବିରୋଧରେ ଆଇପିସି ଦଫା ୪୨୦, ୪୬୮, ୪୭୧, ୩୪ରେ ଏକ ମାମଲା(ନଂ.୧୩୫/୧୯) ମାଲକାନଗିରି ଥାନାରେ ରହିଛି। ଏହି ମାମଲାର ଚାର୍ଜଶିଟ୍ କୋର୍ଟରେ ଦାଖଲ ହେବାକୁ ଥିବାବେଳେ କୋହଳ ଚାର୍ଜଶିଟ୍ ବନାଇବା ପାଇଁ ବିଦ୍ୟୁତ୍‌ଙ୍କୁ ରଞ୍ଜନ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏପରି କି ଚାର୍ଜଶିଟ୍‌ରେ ବିଦ୍ୟୁତ୍‌ଙ୍କ ସପକ୍ଷରେ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏ ସମ୍ପର୍କରେ ବିଦ୍ୟୁତ୍ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଗତ ଗୁରୁବାର ରଞ୍ଜନ ବିଦ୍ୟୁତ୍‌ଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚଳିତବର୍ଷ ରଞ୍ଜନଙ୍କୁ ଡିଜିପି ଶର୍ମା ବେଷ୍ଟ ଆଇଆଇସି ଆୱାର୍ଡ ପ୍ରଦାନ କରିଥିଲେ।

## ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୨୬।୭ (ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶନିବାର ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଏହି ବୈଠକ ବସିବ। କ୍ୟାବିନେଟ୍‌ରେ ୧୧ଟି ପ୍ରସ୍ତାବ ଆସିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ମୁଖ୍ୟତଃ ପଞ୍ଚାୟତିରାଜ, କୃଷି, ସମବାୟ, ଗୃହନିର୍ମାଣ ଏବଂ ନଗର ଉନ୍ନୟନ ଓ ସ୍ୱାସ୍ଥ୍ୟ ବିଭାଗ ସଂକ୍ରାନ୍ତ ପ୍ରସ୍ତାବ ଆଣିପାରନ୍ତି ବୋଲି କୁହାଯାଉଛି।

## ଶପଥ ନେଲେ ସାବିତ୍ରୀ



ଭୁବନେଶ୍ୱର,୨୬।୭(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିବା ସାବିତ୍ରୀ ଅଗ୍ରୱାଲ ବିଧାୟିକା ଭାବେ ଶୁକ୍ରବାର ଶପଥ ନେଇଛନ୍ତି। ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଚାଲୁ ରହିଛି । ତେଣୁ ସାବିତ୍ରୀଙ୍କ ଶପଥପାଠ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଶପଥ ନେବା ପରେ ଗୃହରେ ସାବିତ୍ରୀଙ୍କୁ ଦେଖିବାକୁ ମିଳିଥିଲା। ଏହି ସମୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିଲା। ବିଧାନସଭା ପରିସରରେ ଉପସ୍ଥିତ ଥିବା ଅନ୍ୟ ବିଧାୟିକା, ବିଧାୟକମାନେ ତାଙ୍କୁ ବିଜୟ ପାଇଁ ଶୁଭକାମନା ଜଣାଉଥିବା ଦେଖିବାକୁ ମିଳିଥିଲା।




■ ୮ ବର୍ଷର ଦରମା ନ ପାଇ ହତାଶ କର୍ମଚାରୀଙ୍କ ଅଭାବନୀୟ କାଣ୍ଡ

## ବିଡିଓଙ୍କ ଅଫିସ୍ ଆଗରେ ଆତ୍ମହତ୍ୟା ଉଦ୍ୟମ

କୋରୁକୋଣ୍ଡା, ୨୬।୭ (ଡି.ଏନ.ଏ)

ମାଲକାନଗିରି ଜିଲା କୋରୁକୋଣ୍ଡା ବିଡିଓଙ୍କ ଗାଡ଼ି ଚାଳକ ପ୍ରାୟ ୮ ବର୍ଷ ହେଲା ଦରମା ନ ପାଇ ଶୁକ୍ରବାର ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଚଳାଇବା ଅତି କଷ୍ଟକର ହୋଇପଡୁଥିବାରୁ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ମାତ୍ର ସୌଭାଗ୍ୟବଶତଃ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ କରିଛନ୍ତି।

ଖବରରୁ ଜଣାପଡିଛି ମାଥିଲି ଅଞ୍ଚଳର ସୁଶାନ୍ତ କୁମାର ସାହୁ (୪୦) ୨୦୦୭ ଜୁନ୍ ୨୬ରେ କୋରୁକୋଣ୍ଡା ବିଡିଓଙ୍କ ଗାଡ଼ି ଚାଳକ ଭାବେ ନିଯୁକ୍ତ ହୋଇଥିଲେ। ହେଲେ ୨୦୧୨ ଫେବୃୟାରୀ ମାସରେ ସେ ତାଙ୍କର ଶେଷ ଦରମା ପାଇଥିଲେ। କୌଣସି କାରଣ ନ ଦର୍ଶାଇ ବିଭାଗୀୟ କର୍ତ୍ତୃପକ୍ଷ ସୁଶାନ୍ତଙ୍କ ଦରମା ବନ୍ଦ କରିଦେଇଥିଲେ। ଏ ନେଇ ସେ ବାରମ୍ବାର ନିଜ ଅଧିକାରୀ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ସେ ୨୦୧୮ ଅକ୍ଟୋବର ୯ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ବ୍ୟକ୍ତିଗତ ସମସ୍ୟା ଓ ଦରମା ନ ପାଇବା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ମାତ୍ର ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେ ମାଥିଲି, କୋରୁକୋଣ୍ଡା ଏବଂ ସ୍ଥାନୀୟ ଲୋକଙ୍କଠାରୁ ବିଭିନ୍ନ ସମୟରେ ଧାରଉଧାର କରି ପରିବାର ଚଳାଇ ଆସୁଥିଲେ। ଇତି ମଧ୍ୟରେ ବହୁ କରଜ ହୋଇଯିବାରୁ ତାହାକୁ ଶୁଝି ନ ପାରି ଅନେକ ସମୟରେ କରଜଦାତାଙ୍କଠାରୁ ଅପମାନ ପାଉଥିଲେ। ଏହା ଅସହ୍ୟ ହେବାରୁ ସୁଶାନ୍ତ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ସୁଶାନ୍ତ ନିଜ ସ୍ତ୍ରୀ ଶାନ୍ତିଲତା, ପୁଅ ଅୟୁଷ୍ମାନ ଓ ଝିଅ ଶ୍ରୀଯଦିତାଙ୍କ ସହ ଏକ ହାତ ଲେଖା ଚିଠି ନେଇ ବିଡିଓଙ୍କୁ ଦେଇଥିଲେ । ସେଠାରୁ ଫେରି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବରୁ ରଖିଥିବା ଏକ ରଶି ସାହାଯ୍ୟରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀ ତାଙ୍କୁ ବହୁ ବୁଝାଶୁଝା କରି ତଳକୁ ଓହ୍ଲାଇଥିଲେ। ପରେ ବିଡିଓ ତାଙ୍କୁ ଡକାଇ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ କୌଣସି ପ୍ରତି ଉତ୍ତର ମିଳି ନ ଥିଲା। ଏ ସମ୍ପର୍କରେ ବିଡ଼ିଓ ଦାସରଥି ସରାବଙ୍କୁ ପଚାରିବାରୁ ସେ କହିଲେ ଯେ ଯେହେତୁ ତାଙ୍କର ଏ ଘଟଣା ନେଇ ଏକ କେସ୍ ହାଇକୋର୍ଟରେ ରହିଛି। କେଶ୍ ବିଚାର ପରେ ହାଇକୋର୍ଟ ଯାହା ନିର୍ଦ୍ଦେଶ ଦେବେ ସେ ଅନୁସାରେ ପଦକ୍ଷେପ ନିଆଯିବ। ତେବେ ସେ ଆଜି ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ଏ ନେଇ ମୁଁ ଜିଲାପାଳଙ୍କ ସହ ଆଲୋଚନା କରିବି ବୋଲି ବିଡ଼ିଓ ସରାବ କହିଛନ୍ତି।

## ସସ୍ମିତ, ଅମରଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର,୨୬।୭(ବ୍ୟୁରୋ):** ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏବଂ ଅମର ପଟ୍ଟନାୟକଙ୍କୁ ବିଜେଡି ପକ୍ଷରୁ ନୂଆ ଦାୟିତ୍ୱ ଦିଆଯାଇଛି। ପାର୍ଲାମେଣ୍ଟର ଉଚ୍ଚସଦନରେ ସସ୍ମିତ ଦଳୀୟ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଅମର ପଟ୍ଟନାୟକଙ୍କୁ ବିଜେଡି ସଂସଦୀୟ ଦଳ କାର୍ଯ୍ୟାଳୟର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏହି ନିଯୁକ୍ତି ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସାୟମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜଲ୍‌ଦି ବାହାଘର ଗୁଜବକୁ ଅସ୍ୱୀକାର

**ମୁମ୍ବାଇ:** ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ରଣବୀର କପୁର ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେଉଥିବା ବିଷୟକୁ ଆଲିଆଙ୍କ ପରିବାର ପକ୍ଷରୁ ଅସ୍ୱୀକାର କରାଯାଇଛି। ଆଲିଆ ବିଶିଷ୍ଟ ଫେଶନ ଡିଜାଇନର ସବ୍ୟସାଚୀ ମୁଖାର୍ଜୀଙ୍କୁ ବିବାହ ଲେହେଙ୍ଗା ପାଇଁ ଅର୍ଡର ଦେଇଥିବା ନେଇ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଲିଆଙ୍କ ପରିବାର ପକ୍ଷରୁ ଏପରି ସ୍ପଷ୍ଟୀକରଣ ଦିଆଯାଇଛି। ଅବଶ୍ୟ ମୁମ୍ବାଇସ୍ଥିତ ଉକ୍ତ ଡିଜାଇନରଙ୍କ ଷ୍ଟୋର ବାହାରେ ଆଲିଆ ଛିଡ଼ା ହୋଇଥିବାର ଗଣମାଧ୍ୟମ ପ୍ରତିନିଧି ଦେଖିବାକୁ ପାଇଥିଲେ। ଶୁକ୍ରବାର ଆଲିଆଙ୍କ ପ୍ରଯୋଜକ ଅଙ୍କଲ୍ ମୁକେଶ ଭଟ୍ଟ ଏଭଳି ଜଲ୍‌ଦି ବିବାହ ଗୁଜବକୁ ଅସ୍ୱୀକାର କରିବା ସହିତ କିଏ ଏହା ପ୍ରସାର କଲା ବୋଲି ପ୍ରଶ୍ନ କରିଛନ୍ତି। ଆଲିଆଙ୍କ ସାବତଭାଇ ରାହୁଲ ଭଟ୍ଟ ମଧ୍ୟ ଉକ୍ତ ଖବରକୁ ଅପପ୍ରଚାର ବୋଲି କହିଛନ୍ତି। ଅବଶ୍ୟ ରଣବୀର-ଆଲିଆ ଯୋଡ଼ିକୁ ସେ ପସନ୍ଦ କରିଥିବା କହିଛନ୍ତି। ରଣବୀର ଏବଂ ଆଲିଆ ଡେଟିଂ କରୁଥିବା



ରିପୋର୍ଟ ଗତବର୍ଷ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରଠୁ ସେମାନଙ୍କୁ ଅନେକ ଥର ଏକତ୍ର ଦେଖିବାକୁ ମିଳିଛି। ପୁରସ୍କାର ବିତରଣୀ ଉତ୍ସବ ହେଉ ଅଥବା ଶପିଂ କରିବା ପାଇଁ ନ୍ୟୁୟର୍କ ଷ୍ଟ୍ରିଟ୍‌ରେ ଯାଉଥିବାବେଳେ ଉଭୟ ହାତ ଧରାଧରି ହୋଇ ଚାଲୁଥିବା ଦେଖାଯାଇଛି। ସେମାନେ ଚଳିତବର୍ଷ ସେମାନଙ୍କ ସମ୍ପର୍କ ବିଷୟ 'କଫି ୱିଥ୍ କରନ୍'ରେ ଆଲିଆ ପ୍ରକାଶ କରିଛନ୍ତି। ୬୪ତମ ଫିଲ୍ମଫେୟାର ଆୱାର୍ଡରେ ଆଲିଆ ରଣବୀରଙ୍କୁ କିସ୍ ଦେଇ 'ଆଇ ଲଭ୍ ୟୁ' କହିବା ଦୃଶ୍ୟ ସୋସିଆଲ୍ ମିଡିଆରେ ଦେଖିବା ପରେ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ହୋଇପଡ଼ିଥିଲେ। ଅପକମିଂ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ଉଭୟଙ୍କୁ ଦେଖିବାକୁ ମିଳିବ।

### ■ କୃଷିଭବନକୁ ମନ୍ତ୍ରୀଙ୍କ ଅଚାନକ ଗସ୍ତ

# ୫ 'ଟି' ସୂତ୍ର ଆଧାରରେ କାର୍ଯ୍ୟ କରିବାକୁ ଆହ୍ୱାନ

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

କୃଷିମନ୍ତ୍ରୀ ଅରୁଣ ସାହୁ ଶୁକ୍ରବାର କୃଷିଭବନକୁ ଅଚାନକ ଗସ୍ତ କରିଥିଲେ। ସେଠାରେ ପହଞ୍ଚିବା ପରେ ମୁଖ୍ୟ ଫାଟକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଳମ୍ବରେ ଆସୁଥିବା କର୍ମଚାରୀଙ୍କୁ ଭିତରକୁ ନ ଛାଡ଼ିବାକୁ କହିଥିଲେ। ଯେଉଁମାନେ ବିଳମ୍ବରେ ଅସିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାପରେ ସେ କର୍ମଚାରୀଙ୍କ ସହିତ ନିଆରା ଢଙ୍ଗରେ ମତ ବିନିମୟ କରିଥିଲେ। ସମ୍ମିଳନୀ କକ୍ଷ ନୁହେଁ ବରଂ କୃଷିଭବନର ଲବିରେ ମନ୍ତ୍ରୀ ଛିଡ଼ା ହୋଇ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଅଚାନକ ଗସ୍ତ ଓ ଏଭଳି ଢଙ୍ଗରେ ଆଲୋଚନା ସମସ୍ତଙ୍କୁ ଚକିତ କରିଥିଲା। ରାଜ୍ୟରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ରାଜ୍ୟରେ ସୁଶାସନ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ୫'ଟି' ସୂତ୍ର ଆଧାରରେ ସମସ୍ତ କାର୍ଯ୍ୟ କରି କୃଷିକ୍ଷେତ୍ରରେ ଅଭୁତ ପୂର୍ବ ସଫଳତା ଆଣିବା ପାଇଁ ମନ୍ତ୍ରୀ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। କୃଷି ବିକାଶକୁ ତ୍ୱରାନ୍ୱିତ କରିବା ଏବଂ କୃଷକର ଆୟ ବୃଦ୍ଧି ନିମନ୍ତେ ୨୦୧୯ରେ ସରକାର ଏକ କ୍ରିୟାଶୀଳ କୃଷିନୀତି ପ୍ରଣୟନ କରିବାକୁ ଯାଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଥିଲେ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ୫'ଟି' ସୂତ୍ରକୁ କାର୍ଯ୍ୟକାରୀ କରିବା ପାଇଁ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ଶେଷରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଧନ୍ୟବାଦ ଦେଇଥିଲେ।



ଅଧିକାରୀ ଓ କର୍ମଚାରୀଙ୍କ ସହ ମନ୍ତ୍ରୀ ଅରୁଣ ସାହୁ ଆଲୋଚନା କରୁଛନ୍ତି।

# କଲେଜ ପ୍ରତିଷ୍ଠା ଦିବସରେ ଅଧ୍ୟକ୍ଷଙ୍କ ବିୟୋଗ

**ଭଞ୍ଜନଗର,୨୬।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ ଦାସ (୫୯)ଙ୍କ ଶୁକ୍ରବାର ରାତିରେ ଅକାଳ ବିୟୋଗ ଘଟିଛି। ପ୍ରତିଷ୍ଠା ଦିବସ ସରିବା ପରେ ସେ ଘରକୁ ଯିବାକୁ ବାହାରୁଥିବାବେଳେ ପଡ଼ିଯାଇ ମୃତ୍ୟୁ ଘଟିଛି। ଏନେଇ ଭଞ୍ଜନଗର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ତାଙ୍କର ଅକାଳ ବିୟୋଗରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ଶୁକ୍ରବାର କ୍ଷତ୍ରିୟବରପୁର କଲେଜର ୩୬ତମ ପ୍ରତିଷ୍ଠା ଦିବସ ଥିଲା। ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ସଭା ସରିବା ପରେ ଅଧ୍ୟକ୍ଷ ଦାସ ଓ ବେଲଗୁଣ୍ଠା ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ ଓ ଅନ୍ୟମାନେ କଲେଜ ସମ୍ମୁଖରେ ଠିଆହୋଇ କଥା ହେଉଥିଲେ। କିଛିସମୟ ପରେ ଅଧ୍ୟକ୍ଷ ଦାସ ଘରକୁ ଯିବାକୁ ବାହାରୁଥିବାବେଳେ ପଡି ଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରଶାନ୍ତ ଓ ଅନ୍ୟମାନେ ତାଙ୍କୁ ଗୋବରା ମେଡ଼ିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ଡାକ୍ତର ଅମୂଲ୍ୟଙ୍କୁ ମୃତ ଘୋଷଣା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚରାଶିରେ ଚନ୍ଦ୍ରଙ୍କ ସଂଯୋଗ ହେତୁ ସବୁ କାମ ସୁରୁଖୁରୁରେ ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅଧ୍ୟୟନ, ଅଧ୍ୟାପନା, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ରାଜନୀତି, ସଭାସମିତି ତଥା ସାଙ୍ଗଠନିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**ବୃଷ** ଚନ୍ଦ୍ରଙ୍କ ପ୍ରଭାବରେ ଯାହା ମନେ ମନେ ଚିନ୍ତା କରୁଛନ୍ତି ଓ ଖୋଜୁଛନ୍ତି, ତାହା ନିଶ୍ଚିତ ପାଇପାରିବେ। ଆଜି ଦିନ ଭିତରେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ ହେବ, କଳହର ସମ୍ଭାବନା ରହିଛି। ଅଫିସରେ ନୂତନ ଭାବେ କାର୍ଯ୍ୟାରମ୍ଭ ସକାଶେ ତତ୍ପରତା ବଢ଼ିପାରେ।

**ମିଥୁନ** ରାଶିରେ ରାହୁ ଅବସ୍ଥାନ କରିଥିବାରୁ ମନରେ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ରହିବ। ମନୋରଞ୍ଜନ ପ୍ରୀତିପ୍ରଦ ହେବା ସାଙ୍ଗକୁ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ବନ୍ଧୁବତ୍ସଳ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ରାଶିରେ ରାଜଯୋଗକାରକ ଚତୁଃଗ୍ରହ ଆପଣଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତାର ସହ ସମ୍ମାନଜନକ ସ୍ଥିତିରେ ରଖିବେ। ଶତ୍ରୁତା କାରଣରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବଳବାନ୍ ଶନିଙ୍କ ପ୍ରଭାବରେ ବିବାଦରେ ବିଜୟ ଲାଭ କରିବେ କିନ୍ତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଓ ଯାତ୍ରା ସ୍ଥଗିତ ରହିଯାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ,ବ୍ୟବସାୟ,ଏଜେନ୍ସିପରୁ ଖୁସି ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ।

**କନ୍ୟା** ଭାଗ୍ୟ ସ୍ଥାନରେ ଏକାଧିପତି ହେତୁ ଯାହା ଆଶା କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ହେବନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆଲୋଚନା ପରିସରରେ କଥା ଓ କାମରେ ତାଳମେଳ ଅଭାବରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ତୁଳା** ଅଷ୍ଟମସ୍ଥ ଚନ୍ଦ୍ର ଆର୍ଥିକ ସ୍ଥିତିକୁ ସୁଦୃଢ଼ କଲେ ମଧ୍ୟ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିକୋଣରୁ ଆଜି ଅଫିସ୍ କାମରେ ବେଶି ସମୟ କଟାଇବେ। ଘର ପାଇଁ ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ମାତ୍ର ସ୍ୱାସ୍ଥ୍ୟ ସମସ୍ୟା ଗମ୍ଭୀର ରହିପାରେ।

**ବିଛା** ରାଶି ପ୍ରତି ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। କିନ୍ତୁ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯାଇପାରେ। କିନ୍ତୁ ଚେଷ୍ଟା ଅବ୍ୟାହତ ରଖିବା ଫଳରେ ବିଳମ୍ବରେ ସଫଳତା ପାଇବେ। ଶନି ତୃତୀୟଭାବସ୍ଥ ଯୋଗୁ ଯାନବାହନରେ ସତର୍କତା ବିଧେୟ।

**ଧନୁ** ଚତୁର୍ଥାଧିପତି ସ୍ୱଗୃହକୁ ଦେଖୁଥିବାରୁ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ କମିଯିବ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଉପରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଶନିଙ୍କ ପ୍ରଭାବରୁ ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବ।

**ମକର** ଏକାଧିକ ଗ୍ରହ ସପ୍ତମଭାବସ୍ଥ ଯୋଗୁ ବିବାଦରେ ପଶନ୍ତୁ ନାହିଁ ଏବଂ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ। କର୍ମକ୍ଷେତ୍ରରେ ସହକର୍ମୀ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ମତଭେଦ କାରଣରୁ ଭୁଲ୍ ବୁଝାମଣା ଜନିତ ସମ୍ପର୍କ ହାନି ଘଟିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ବନ୍ଧୁମାନଙ୍କ ସହାନୁଭୂତି ଅବଶ୍ୟ ଲାଭ କରିବେ। ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାମୟିକ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ବନ୍ଧୁ ପରିଜନଙ୍କ ନିକଟରୁ ମୂଲ୍ୟବାନ ଦ୍ରବ୍ୟ ଲାଭରୁ ଖୁସି ହେବେ।

**ମୀନ** ଭାଗ୍ୟସ୍ଥାନ ପ୍ରତି ଗୁରୁଦୃଷ୍ଟି ନୂତନ କାର୍ଯ୍ୟାରମ୍ଭ ସକାଶେ ଅନୁକୂଳ ରହିବ। କିନ୍ତୁ ସନ୍ଦେହ ଜନିତ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଦଶମୀ ଶନିବାର, ଜୁଲାଇ ୨୭ ତାରିଖ,ପରମାଣୁର ଜନକ /ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୮ମି. ଗତେ ଘ୧୦।୧୬ମି. ମଧ୍ୟେ ରାହୁକାଳ।

**classifieds Everyday 0674-2580101, 2549302**

**real estate**

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

**Gharabari boundary plot Tamando MCL boundary side, direct owner: 8144391451.** D-66739

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

GA plot 2700sqft. with building 4300sqft. at Ghatikia, Bhubaneswar. Price 2crores, buyer please contact: 9178518254. D-67015

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66932

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

212decml. yellowzone gharabari sthitiban plot at Sunderpur on Sikharchandi, Chandaka road @ 1250 per sqft. Contact: 9338342502. D-67320

**ଭୁବନେଶ୍ୱର ବାଳକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

**High commercial building for sale at Bhubaneswar near Kalpana area, constructed area- 4610sqft. Rs. 1.30 rental income p.m. Contact: 9437068886.** D-13561

4BHK duplex with gated community at Balianta (land- 1400 construction- 2200 @ 55lakh and 2600 @ 65lakh). Contact- mplanets: 9938219397, 9861022055. D-13560

Complete house construction with pillar and beam @ 1300/- and interior design @ 1200/-. Contact: 7008550473. D-13605

**2600 sqft corner plot sale at CET College (Sum Hospital) near Durga Mandap, Bhubaneswar. Contact Deepak- 9937329999.** D-66267

**4000 sqft plot sale at Satya Nagar, Bhubaneswar. Directly buyer contact Deepak- 9937329999 (Broker Excuse).** D-66269

Gharabari yellowzone plot with boundarywall electricity 30'road 400mtrs from NH-5 Hanspal near Highway Honda 1730/- p.sqft. 8249533255. D-66162

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak- 9937329999.** D-66268

Ready 2BHK/3BHK flats sales at Patia and Jaydev Vihar. 7008346486, 9437192512. D-67329

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Yellowzone possession plot at Pahala- 32,00,000/-, Joholo- 21,00,000/-. Contact: 9040059669.** D-67023

**construction**

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-13607

**to-let**

**1BRK in Chakeisiani, Plot- 3256, Near VSS Nagar. 6370138828, 7894435400.** D-13522

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-13610

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Ayurvedic full body massage ladies/gents smart experts therapist. 9114697517. D-66929

Newly opening Ayurvedic body massage smart therapist, Shree herbal, 775 0020754. D-67317

Physiotherapy full body massage by trained ladies / gents therapist: 7008773793. D-67018

Ayurvedic full body massage ladies & gents smart therapist. 9040900385. D-66931

Summer special mesmerizing offer expert therapeutic refreshing massage appointment: 9668374480. D-67322

Rejuvenate and ayurvedic full body massage by smart therapist: 9114402304. D-67324

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

Kajal ayurvedic massage club fully relaxed by smart lady, home service available. 9937637219. D-66933

**business**

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13589

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I Santosh Kumar Sahoo changed my Son's name in his birth certificate from Sritam Kumar Sahu to Srittam Sahoo. Henceforth my son is known as Srittam Sahoo for all purposes. D-13604

ମୁଁ ନୋଟାରୀ ପବ୍ଲିକ, ଭୁବନେଶ୍ୱରଙ୍କ ସମ୍ମୁଖରେ ସତ୍ୟପାଠ ଦ୍ୱାରା ଘୋଷଣା କରୁଛି ଯେ ମୋର ନାମ ଦେବେନ୍ଦ୍ର ରାଉତରୁ ଦେବେନ୍ଦ୍ର କୁମାର ରାଉତଙ୍କୁ ପରିବର୍ତ୍ତନ କରିଲି। ଧ- ୬୭୦୨୪

By virtue of an affidavit, I Dhyan Chand Das Pattnaik my son's name has been corrected from Satyam Das Pattanaik to Satyam Das Pattnaik for all purposes. D-13612

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର,୨୬।୭(ବ୍ୟୁରୋ):** ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଶୁକ୍ରବାର ଗୃହୀତ ହୋଇଯାଇଛି। ଏହି ଖର୍ଚ୍ଚଦାବିର ପରିମାଣ ୫୫୮୮,୬୮,୮୭,୦୦୦ ଟଙ୍କା ରହିଛି। ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ସହରାଞ୍ଚଳରେ ସମସ୍ତଙ୍କୁ ମୌଳିକ ଭିତ୍ତିଭୂମି ସୁବିଧା ଓ ସେବା ଯୋଗାଇବା ବିଭାଗର ମୁଖ୍ୟ କାର୍ଯ୍ୟ। ୨୦୧୫-୧୬ରେ ବ୍ୟୟ ଅଟକଳ ୨୯୩୨.୨୮ କୋଟି ଟଙ୍କା ରହିଥିଲା। ଚଳିତଥର ପ୍ରଶାସନିକ ବ୍ୟୟବରାଦ ୨୫୪୯.୨୮ କୋଟି ଟଙ୍କା ଏବଂ ଯୋଜନା ବ୍ୟୟ ୩୦୪୧.୯୭ କୋଟି ଟଙ୍କା ରହିଛି। ଜାଗା ମିଶନର ସଂପ୍ରସାରଣ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୨୦୦ କୋଟି ଟଙ୍କା, ବିଦ୍ୟୁତ୍ ବାବଦକୁ ୭୬୮ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ ୯୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅମୃତ ଯୋଜନାରେ ୪୦୦ କୋଟି, ସ୍ମାର୍ଟସିଟି ମିଶନ ଯୋଜନାରେ ୪୦୦ କୋଟି, ଜାତୀୟ ସହରାଞ୍ଚଳ ଜୀବିକା ମିଶନ ପାଇଁ ୫୧.୯୪ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା ହୋଇଥିବା ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ସ୍ମାର୍ଟ ସିଟି କୁହାଯାଉଥିବା ଭୁବନେଶ୍ୱରରେ ଡ୍ରେନ୍ ମୁକୁଳା ଥିବାରୁ ମହିଳା ଭାସି ମରିଯିବା ଦୁର୍ଭାଗ୍ୟଜନକ ବୋଲି ମୋହନ କହିଥିଲେ। ସହରରେ ରାସ୍ତା, ବିଦ୍ୟୁତ୍ ଭିତ୍ତିଭୂମି ଏବଂ ଟିକସ ବ୍ୟବସ୍ଥାକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଖର୍ଚ୍ଚଦାବି ଆଲୋଚନାରେ ରାଜେନ୍ଦ୍ର ସାହୁ, ଶଶିଭୂଷଣ ବେହେରା, ମଦନ ମୋହନ ଦତ୍ତ, ଅନନ୍ତ ନାରାୟଣ ଜେନା, ସୌଭିକ ବିଶ୍ୱାଳ, ନବଚରଣ ମାଝି, ବ୍ୟୋମକେଶ ରାୟ, ଶାରଦା ନାୟକ, ଜୟନ୍ତ ଷଡ଼ଙ୍ଗୀ, ଦେବୀ ପ୍ରସନ୍ନ ତ୍ରିପାଠୀ, ସଞ୍ଜୀବ ମଲ୍ଲିକ, ମୁକେଶ ମହାଲିଙ୍ଗ, ସତ୍ୟନାରାୟଣ ପ୍ରଧାନ ଏବଂ ଧ୍ରୁବଚରଣ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


## ଜନ୍ମଦିନ ଶୁଭେଚ୍ଛା



**ସାୟମ୍‌ପୂଣ୍ୟଶ୍ଳୋକ ପଣ୍ଡା**
ପୁରୁଷୋତ୍ତମପୁର, ଖଇରା, ବାଲେଶ୍ୱର
ଆଜି ନବମ ଜନ୍ମଦିନ ପାଳନ ଅବସରରେ ସମସ୍ତଙ୍କର ଆଶୀର୍ବାଦ, ସ୍ନେହ ଓ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ଜେଜେମା, ପିଉସୀ, ପିଉସା, ବାପା, ଭଉଣୀ ଓ ପରିବାରବର୍ଗ।
ଧ-୧୩୬୦୯


## ■ ତାଳଚେର ଭରତପୁର ଖଣି ଦୁର୍ଘଟଣା

# ଆଉ ୨ ମୃତଦେହ ଉଦ୍ଧାର

**ତାଳଚେର,୨୬।୭(ନି.ପ୍ର.)**



ଖଣି ମଧ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

- ■ ମୃତ୍ୟୁ ସଂଖ୍ୟା ପହଞ୍ଚିଲା ୩ରେ
- ■ ଅନ୍ୟ ଜଣଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି
- ■ ମିଳିଥିବା କଟାଗୋଡ଼ ସିକ୍ୟୁରିଟି ଗାର୍ଡଙ୍କର ସନ୍ଦେହ
- ■ ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ରାଜ୍ୟ ଖଣିମନ୍ତ୍ରୀ

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର ଖଣିରେ ଚାଲିଥିବା ଉଦ୍ଧାର କାର୍ଯ୍ୟ ବେଳେ ଶୁକ୍ରବାର ଆଉ ୨ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ଖଲାସୀ ରାଜକିଶୋର ମହାପାତ୍ର ଓ ସୁପରଭାଇଜର ରଶ୍ମିରଞ୍ଜନ ବେହେରା। ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଦୁଇ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଗତ ବୁଧବାର ଡ୍ରାଇଭର ପିପୁନ ବିଶ୍ୱାଳଙ୍କ ମୃତଦେହ ମିଳିଥିବା ବେଳେ ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ତେବେ ଉଦ୍ଧାର କାର୍ଯ୍ୟ ସମୟରେ ଏକ କଟା ଗୋଡ଼ ମିଳିଥିବାରୁ ତାହା ନିଖୋଜ ସିକ୍ୟୁରିଟି ଗାର୍ଡ ରମେଶ ଦାସଙ୍କର ବୋଲି ପୋଲିସ ଅନୁମାନ କରୁଛି। ଏନ୍‌ଡିଆର୍‌ଏଫ୍ ଟିମ୍ ଓ ମାଇନ୍ସ ରେସ୍‌କ୍ୟୁ ଟିମ୍ ପକ୍ଷରୁ ତାଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରହିଛି।

ପୂର୍ବାହ୍ନ ୯ଟାରେ ଏନ୍‌ଡିଆର୍‌ଏଫ୍ ଓ ରେସ୍‌କ୍ୟୁ ଟିମ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ଜଣେ ଶ୍ରମିକଙ୍କ ଗୋଡ ମିଳିଥିଲା। ପରେ ଉକ୍ତ ସ୍ଥାନରୁ ପୂର୍ବାହ୍ନ ୧୧ଟାରେ ରାଜକିଶୋର ଓ ଅପରାହ୍ନ ୧ଟାରେ ରଶ୍ମିରଞ୍ଜନଙ୍କ ମୃତଦେହ ବାହାର କରାଯାଇଥିଲା। ତେବେ ରାତିଯାଏ କାର୍ଯ୍ୟ ଜାରି ରହିଥିଲେ ବି ସିକ୍ୟୁରିଟି ଗାର୍ଡ ରମେଶଙ୍କ ମୃତଦେହ ଉଦ୍ଧାର କରାଯାଇ ପାରି ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶୁକ୍ରବାର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସହ ଯାଇଥିବା ମନ୍ତ୍ରୀ ଏମ୍‌ସିଏଲ୍‌ର ଉଚ୍ଚ ପଦାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସୁରକ୍ଷା ଉପରେ ଦୃଷ୍ଟି ଦେବା ସହ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଧ୍ୟାନ ଦେବା, ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଓ ଥଇଥାନ କରିବାକୁ ପରାମର୍ଶ ଦେଇଥିଲେ। ପରେ ମନ୍ତ୍ରୀ ମୃତ ରାଜକିଶୋରଙ୍କ ଶିବରାମପୁର ଗ୍ରାମକୁ ଯାଇ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଦୁର୍ଘଟଣା ପରଠାରୁ ଭାଜପା ପକ୍ଷରୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣଙ୍କୁ ନିଯୁକ୍ତି, ଠିକାସଂସ୍ଥା ଓ ଏମ୍‌ସିଏଲ୍ ବରୋଧରେ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ, କୋଲ୍ ଫିଲଡସରେ କାର୍ଯ୍ୟରତ ସମସ୍ତଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଖଣିବନ୍ଦ ଆନ୍ଦୋଳନ ଜାରି ରହିଛି। ଫଳରେ କୋଲ୍ ଫିଲଡସରେ ଥିବା ସମସ୍ତ କୋଇଲା ଖଣିରୁ ଉତ୍ତୋଳନ, ପରିବହନ ବନ୍ଦ ରହିଛି। ସେହିପରି ବିଜେଡି ପକ୍ଷରୁ ମୃତକଙ୍କ ପରିବାରକୁ ୭୦ ଲକ୍ଷ ଟଙ୍କା କ୍ଷତିପୂରଣ, ଏମ୍‌ସିଏଲ୍‌ରେ ପରିବାରର ଜଣକୁ ସ୍ଥାୟୀ ନିଯୁକ୍ତି ଦାବି କରାଯାଇଛି।

### ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ସହାୟତା

**ଭୁବନେଶ୍ୱର, ୨୬।୭ (ବ୍ୟୁରୋ):** ତାଳଚେର କୋଇଲା ଖଣି ଘଟଣାରେ ମୃତ ଶ୍ରମିକମାନଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମବେଦନା ଜଣାଇଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

# ବିଜେଡି ସମର୍ଥନକୁ ସୂଚନା ଅଧିକାର କର୍ମୀଙ୍କ ନିନ୍ଦା

**ଭୁବନେଶ୍ୱର, ୨୬।୭ (ବ୍ୟୁରୋ):** ସୂଚନା ଅଧିକାର ଆଇନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି। ଗତ ୨୨ତାରିଖରେ ଏହି ବିଲ୍ ଲୋକ ସଭାରେ ପାସ୍ ହେବାପରେ ଗୁରୁବାର ରାଜ୍ୟ ସଭାରେ ପାରିତ ହୋଇଛି। ସଂଖ୍ୟାଗରିଷ୍ଠତା ନ ଥାଇ ମଧ୍ୟ ସରକାର ବିଭିନ୍ନ ବିଲ୍‌କୁ ଗୃହୀତ କରାଇ ନେଉଥିବା ଦେଖିବାକୁ ମିଳିଛି। ଏହି ସଂଶୋଧିତ ବିଲ୍ ଅନୁଯାୟୀ ସୂଚନା କମିଶନରଙ୍କ କାର୍ଯ୍ୟକାଳ, ବେତନ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ସରକାର ଧାର୍ଯ୍ୟ କରିବେ। ବର୍ତ୍ତମାନ ଏହି ଆଇନରେ ସୂଚନା କମିଶନରଙ୍କ କାର୍ଯ୍ୟକାଳ ୫ ବର୍ଷ ଥିଲା କିନ୍ତୁ ସଂଶୋଧିତ ବିଲ୍‌ରେ ଏହାକୁ ୩ ବର୍ଷକୁ ହ୍ରାସ କରାଯିବ ବୋଲି ପ୍ରସ୍ତାବ ରହିଛି। ଅପରପକ୍ଷରେ ଏହି ବିଲ୍‌କୁ ସମର୍ଥନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟେଲିଫୋନ କରି କୁଆଡ଼େ ଅନୁରୋଧ କରିଥିବା ବିଭିନ୍ନ ସୂତ୍ରରୁ ଜଣାପଡିଛି। ଏହି ବିଲ୍‌କୁ ସମର୍ଥନ କରିବା ପରେ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ବୁଝାମଣା କଥା ଉଠାଇଛି କଂଗ୍ରେସ। ସେହିପରି ଏହି ବିଲ୍ ପାସ୍ ହେବା ପରେ ବହୁ ସୂଚନା ଅଧିକାର କର୍ମୀ ଅସନ୍ତୋଷ ବ୍ୟକ୍ତ କରି ଉଭୟ ସରକାରଙ୍କୁ ନିନ୍ଦା କରିଛନ୍ତି।

ଏନେଇ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି, ଏହି ସଂଶୋଧନ ଆଇନ ଦ୍ୱାରା ସୂଚନା କମିଶନରଙ୍କ ସ୍ୱାଧୀନତା ଏବଂ ସ୍ୱତନ୍ତ୍ରତା ନଷ୍ଟ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ରୀଡ଼ନକ ସଂସ୍ଥାଭାବେ ଏହା ବିବେଚିତ ହେବ। କେନ୍ଦ୍ର ସରକାର ନିଜ ଇଚ୍ଛା ମୁତାବକ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ କରି ସରକାରୀ କଳକୁ ଖୁସି କରାଇପାରୁଥିବା ଲୋକଙ୍କୁ ହିଁ ଏହି ଦାୟିତ୍ୱରେ ରଖିବେ। ସେହିପରି ରାଜ୍ୟ ସରକାର ଏବେ ସମର୍ଥନ କରି କିଛି ବଡ଼ କଥା କରିନାହାନ୍ତି। ୨୦୦୫ରୁ ରାଜ୍ୟ ସରକାର ସୂଚନା ଅଧିକାର ଆଇନକୁ ମାରି ଦେଇଛନ୍ତି। ଏହି ଆଇନ କିପରି କାମ ନ କରିବ ସେନେଇ କାର୍ଯ୍ୟ କରି ଆସୁଛନ୍ତି। ଚିଟ୍‌ଫଣ୍ଡ ଏବଂ ଖଣି ଲୁଟ୍ ଘଟଣାର ସିବିଆଇ ତଦନ୍ତ ଡରରେ ମୋଦିଙ୍କ ଫୋନ ପାଇ ମୁଖ୍ୟମନ୍ତ୍ରୀ ସବୁ କଥାରେ କେନ୍ଦ୍ରକୁ ସମର୍ଥନ ଦେଉଥିବା ପ୍ରଦୀପ କହିଛନ୍ତି।

ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ କୁମାର ପାକାଲ କହିଛନ୍ତି, ଧାରା ୨୭ରେ ବ୍ୟବସ୍ଥା ରହିଛି କେନ୍ଦ୍ର ସରକାର ସୂଚନା ଅଧିକାର ଆଇନରେ ସଂଶୋଧନ ଆଣିପାରିବେ। ଏହାକୁ ନେଇ ସରକାର ସୂଚନା କମିଶନରଙ୍କ କାର୍ଯ୍ୟକାଳ, ଚାକିରି ସର୍ତ୍ତାବଳୀ ଏବଂ ଦରମା କଥାରେ ଆଇନ ପ୍ରଣୟନ କରିଛନ୍ତି। ହେଲେ ଏନେଇ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ଭାବେ ସୂଚନା ଦେବା ଆବଶ୍ୟକ ଯେ, ସେମାନେ କ'ଣ କରିବାକୁ ଚାହୁଁଛନ୍ତି। ଯଦି ସୂଚନା କମିଶନରଙ୍କ ସବୁ କଥା କେନ୍ଦ୍ର ସରକାର ସ୍ଥିର କରିବେ ତେବେ ସେମାନେ ସରକାରଙ୍କ ପାଇଁ କାର୍ଯ୍ୟ କରିବାକୁ ବାଧ ହେବେ। ସୂଚନା ଅଧିକାର କର୍ମୀମାନେ ତଥ୍ୟ ନ ପାଇ ଯେମିତି କେନ୍ଦ୍ରୀୟ ସୂଚନା କମିଶନରଙ୍କ ନିକଟକୁ ଯାଉଥିଲେ ତାହା ମଧ୍ୟ ହୋଇପାରିବ ନାହିଁ। ଅନ୍ୟପଟେ ଏହି ଆଇନକୁ ସବୁଠାରୁ ଅଧିକ ବିଜେଡି ସରକାର ବରବାଦ କରିଛି। ଏହି ନିୟମରେ ନୂଆ ସଂଶୋଧନ ଆଣି ୨୦୦୫ରେ ପ୍ରଥମେ ରାଜ୍ୟ ସରକାର କହିଲେ ଯିଏ କିଛି ତଥ୍ୟ ମାଗିବ ନିଜର ପରିଚୟ ପତ୍ର ପ୍ରଦାନ କରିବ। ଅନ୍ୟପଟେ ଏହି ବିଲ୍ ଆସିବା ପୂର୍ବରୁ ପ୍ରଥମେ ବିଜେଡି ଏମ୍‌ପି ବିରୋଧ କରୁଥିଲେ, ହେଲେ ଟେଲିଫୋନ ଆସିବା ପରେ ସବୁକିଛି ବଦଳିଗଲା ବୋଲି ସେ କହିଛନ୍ତି।

### ସୂଚନା ଅଧିକାର ଆଇନ (ସଂଶୋଧନ) ବିଲ୍ ପ୍ରସଙ୍ଗ


## ଜିଲା ଚିଠି
## କେନ୍ଦୁଝର




# ହାତୀ ପାଇଁ ଚିନ୍ତା

କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଗୁରୁତର ରୂପ ନେଇଛି। ଚଳିତ ବର୍ଷ ଜୁଲାଇ ସୁଦ୍ଧା ହାତୀ ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ଗତ ୩ ବର୍ଷ ମଧ୍ୟରେ ମୃତ୍ୟୁ ସଂଖ୍ୟା ୨୨ରେ ପହଞ୍ଚିଛି। ଗତ ୩ ବର୍ଷରେ ବିଭିନ୍ନ କାରଣରୁ ମଧ୍ୟ ୬ ହାତୀ ମରିଛନ୍ତି। ପ୍ରାୟ ୩୫୦ ଘର ଭାଙ୍ଗିଛି। ୨ ବର୍ଷରେ ୩୨୭୦ଜଣଙ୍କ ଫସଲ ହାନି ଘଟିଛି। ହାତୀ, ମଣିଷ ଭିତରେ ସୃଷ୍ଟି ହୋଇଥିବା ଏହି ତିକ୍ତତା ବନ ବିଭାଗକୁ ଚିନ୍ତାରେ ପକାଇଛି। ଉଭୟଙ୍କୁ ସୁରକ୍ଷା ଦେବା କାଠିକର ପାଠ ହୋଇଛି। ହାତୀ ଉପଦ୍ରବ ରୋକିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଫେଲ ମାରିଛି। ଦିନଥିଲା, କେନ୍ଦୁଝର ଜିଲାର ବଣଜଙ୍ଗଲରେ ଶତାଧିକ ହାତୀ ବସବାସ କରୁଥିଲେ। କାଁ ଭାଁ ସେମାନେ ପଦାକୁ ଆସି ଧନଜୀବନହାନି ଘଟାଉଥିଲେ। ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ମିଳୁଥିବାରୁ ହାତୀମାନେ ପଦାକୁ ଆସୁ ନ ଥିଲେ। ଏବେ ପରିସ୍ଥିତି ବଦଳିଛି। ଖଣିଖାଦାନ, ଶିଳ୍ପ, ରାସ୍ତାଘାଟ ନିର୍ମାଣ, ଜଙ୍ଗଲ ଜବରଦଖଲ, କାଠ ମାଫିଆଙ୍କ ପ୍ରାଦୁର୍ଭାବ ଆଦି କାରଣରୁ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଛି। ହାତୀ କରିଡର ସଙ୍କୁଚିତ ହେବାରେ ଲାଗିଛି। ଜଙ୍ଗଲର ଘନତ୍ୱ ହ୍ରାସ ପାଉଥିବାରୁ ହାତୀପଲ ବାସହରା ହେଉଛନ୍ତି। ଜଙ୍ଗଲରେ ଖାଦ୍ୟ ଓ ପାଣିର ଅଭାବ ହେବାରୁ ସେମାନେ ଜନବସତିମୁହାଁ ହେଉଥିବା ପରିବେଶବିତମାନେ କହୁଛନ୍ତି। ହାତୀମାନଙ୍କ ଖାଦ୍ୟରୁଚିରେ ବି ପରିବର୍ତ୍ତନ ଆସିଛି। ପୂର୍ବରୁ ସେମାନେ ଜଙ୍ଗଲ ଭିତରେ ଥିବା ଗଛର ଡାଳପତ୍ର ଖାଇବା ସହ ଝରଣା, ପୋଖରୀ ପାଣି ପିଇ ଜୀବନ ଧାରଣ କରୁଥିଲେ। ଜନବସତିକୁ ଆସିବା ପରେ ସେମାନେ ଧାନ ଫସଲ, ହାଣ୍ଡିଆ, ମହୁଲି ମଦ ସହିତ ପଣସ, କଦଳୀ ଆଦି ଖାଇବା ଜାଣିଲେ। ଏଥିପାଇଁ ସେମାନଙ୍କ ଖାଦ୍ୟ ସ୍ୱାଦରେ ପରିବର୍ତ୍ତନ ଆସିବା ଯୋଗୁ ହାତୀପଲ ଗାଁ ମୁହାଁ ହେଉଛନ୍ତି। ଫଳରେ ସେମାନେ ଖାଦ୍ୟ ପାଇଁ ମଣିଷକୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଏପରିକି ଗାଁ ଗଣ୍ଡାରେ ପଶି ଘର ଭାଙ୍ଗିବା, ଘରେ ଥିବା ଧାନ, ଚାଉଳ ଖାଇବାର ନଜିର ରହିଛି। ଏପରି ପରିସ୍ଥିତିରେ ନିଜ ଧନଜୀବନର ସୁରକ୍ଷା ପାଇଁ ଲୋକେ ଉତ୍ୟକ୍ତ ହୋଇ ହାତୀ ପଲକୁ ଘଉଡାଇବା ପାଇଁ ବିଭିନ୍ନ ପ୍ରକାରର ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି। ବିଦ୍ୟୁତ୍ ଆଘାତ, ବିଷ ପ୍ରୟୋଗ କରି ଲୋକମାନେ ହାତୀକୁ ହତ୍ୟା କରିବାକୁ ଉଦ୍ୟମ କରୁଥିବା ଘଟଣା କାହାକୁ ଅଛପା ନାହିଁ। କେବଳ ସେତିକି ନୁହେଁ, ପଥଭ୍ରଷ୍ଟ ହାତୀପଲ ବି ବିଭିନ୍ନ କାରଣରୁ ପ୍ରାଣ ହରାଉଛନ୍ତି। କେବେ ନୁଆଁଣିଆ ବିଦ୍ୟୁତ୍ ତାର ସେମାନଙ୍କ ଜୀବନ ନେଉଛି ତ' ଆଉ କେବେ ଟ୍ରେନରେ କଟି ବା ଖାଲରେ ପଡି ପ୍ରାଣ ହରାଉଛନ୍ତି। ବନ ବିଭାଗ କର୍ମଚାରୀମାନେ ହାତୀପଲକୁ ଜଙ୍ଗଲକୁ ଘଉଡାଇବାକୁ ଉଦ୍ୟମ କରୁଥିଲେ ହେଁ ସଫଳ ହୋଇପାରୁନାହାନ୍ତି। ଏନେଇ ଜିଲାର ବିଭିନ୍ନ ସ୍ଥାନରେ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନ, ରାସ୍ତାରୋକୋ ଚାଲିଛି। ହେଲେ ହାତୀ ଉପଦ୍ରବ ରୋକିବାକୁ କାହାକୁ ସଫଳତା ମିଳିନାହିଁ। ବନ ବିଭାଗ ପକ୍ଷରୁ ଜଙ୍ଗଲ ଓ ଜନବସତି ସୀମାରେ ଟ୍ରେଞ୍ଚ ନିର୍ମାଣ ସହ ସୋଲାର ତାର ବାଡ କରାଯାଇଛି। ତଥାପି ହାତୀପଲ ନିଜ ଚଲାପଥ ପରିବର୍ତ୍ତନ କରି ଜନବସତିକୁ ଚାଲି ଆସୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ଦିଆଯାଉଛି। ପ୍ରତିବର୍ଷ ସରକାରଙ୍କ ଏ ବାବଦରେ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କ୍ଷତିପୂରଣ ବାବଦକୁ ଯେତିକି ସହାୟତା ମିଳୁଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଅଦ୍ୟାବଧି ଜିଲାର ୧୨ ପରିବାର ସେହି କ୍ଷତିପୂରଣ ପାଇ ନ ଥିବା ଜଣାପଡିଛି। ପରିସ୍ଥିତି ଏପରି ହୋଇଛି ଯେ, ହାତୀପଲ ଭୟରେ କେତେକ ସ୍ଥାନରେ ଲୋକେ ଗଛ ଉପରେ ମଞ୍ଚା ବାନ୍ଧି ରାତି କାଟୁଛନ୍ତି। ଖାଦ୍ୟଶସ୍ୟ ମଞ୍ଚା ଉପରେ ସାଇତି ରଖୁଛନ୍ତି। ଏ ନେଇ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି। ହାତୀମାନଙ୍କ ଯାତାୟାତ ପଥର ସଜାଡିବା, ଜଙ୍ଗଲରେ ପ୍ରଚୁର ଖାଦ୍ୟ ବ୍ୟବସ୍ଥା କରାଗଲେ ହାତୀପଲ ପଦାକୁ ଆସିବେ ନାହିଁ ବୋଲି ବନ୍ୟପ୍ରାଣୀ ବିଶାରଦମାନେ କହିଛନ୍ତି।

**– ନରେଶ ଚନ୍ଦ୍ର ପଟ୍ଟନାୟକ**


## ଫର୍ମ ନଂ. ଆଇଏନ୍‌ସି-୨୬

ଫର୍ମ ନଂ. ଆଇଏନ୍‌ସି-୨୬
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ] କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବର୍ତ୍ତନ ହେବା ସମ୍ପର୍କରେ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞପ୍ତି
କେନ୍ଦ୍ର ସରକାର (ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ)ଙ୍କ ସମ୍ମୁଖରେ
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର୍ ପ୍ରାଇଭେଟ୍ ଲିମିଟେଡ୍,** ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.୧୧୫୪/୩୦୨୨ ନହରକଣ୍ଟା, ଗ୍ରାମ: ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୧, ଭାରତଙ୍କ ମାମଲାରେ.................................**ବାଦୀ**
ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀ ୧୫ ଜୁଲାଇ, ୨୦୧୯ ଦିନ ଅନୁଷ୍ଠିତ ଅସାଧାରଣ ସାଧାରଣ ବୈଠକରେ ଗୃହୀତ ବିଶେଷ ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ **"ଓଡ଼ିଶା ରାଜ୍ୟ"**ରୁ **"ଝାଡ଼ଖଣ୍ଡ ରାଜ୍ୟ"**କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ **ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ** କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍‌ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ଙ୍କ ନିକଟକୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ନିମ୍ନଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ:
"ପ୍ଲଟ୍ ନଂ.୧୧୫୪/୩୦୨୨, ନହରକଣ୍ଟା, ଗ୍ରାମ-ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ୭୫୨୧୦୧, ଭାରତ"
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର୍ ପ୍ରାଇଭେଟ୍ ଲିମିଟେଡ୍**
ପାଇଁ ଏବଂ ତରଫରୁ
(ସ୍ୱା./-) **ସଞ୍ଜୟ କୁମାର ସିଂହ - ନିର୍ଦ୍ଦେଶକ**
(ଡିଆଇଏନ୍- ୦୦୫୯୫୭୮୬)
**ବାସିନ୍ଦା- ୩ବି, କଳାକୃତି ଆପାର୍ଟମେଣ୍ଟ, ଲେନ୍-୪, ଆନନ୍ଦଗ୍ରାମ ମହଲ୍ଲା, ପଶ୍ଚିମ ମୋରାବାଦି, ରାଞ୍ଚି, ରାଞ୍ଚି - ୮୩୪୦୦୮, ଝାଡ଼ଖଣ୍ଡ, ଭାରତ**


# କଳିଙ୍ଗ ହସ୍ପିଟାଲରେ ଔଷଧ ନିୟନ୍ତ୍ରଣ ବିଭାଗର ଚଢ଼ାଉ

**ଭୁବନେଶ୍ୱର, ୨୬।୭ (ବ୍ୟୁରୋ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଔଷଧ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଶୁକ୍ରବାର କଳିଙ୍ଗ ହସ୍ପିଟାଲରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ୬ଟି ଔଷଧକୁ ଜବତ କରାଯାଇଛି। ଏଥିସହ ହସ୍ପିଟାଲର ଔଷଧ ଗୋଦାମ ସମେତ ବିକ୍ରୟ କେନ୍ଦ୍ରର ତଲାସି କରାଯାଇଥିଲା। ୬ଟି ଔଷଧର ମାନରେ ସନ୍ଦେହ ହେବାରୁ ତାହାକୁ ଜବତ କରାଯାଇଥିଲା। ଜବତ ହୋଇଥିବା ଔଷଧର ପରୀକ୍ଷା ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ସେହି ଔଷଧକୁ ବ୍ୟବହାର ଓ ବିକ୍ରି କରିପାରିବେ ନାହିଁ। ଏହି ଚଢ଼ାଉରେ ଭୁବନେଶ୍ୱର ଡ୍ରଗ୍ କଣ୍ଟ୍ରୋଲ ଇନ୍ସପେକ୍ଟର ୧ ଓ ୨ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ସୂଚନାଯୋଗ୍ୟ, କଳିଙ୍ଗ ହସ୍ପିଟାଲର ଓଏସ୍‌ଟିଏଫ୍ ସୁବିଧାକୁ ରାଜ୍ୟ ସରକାର ବାତିଲ କରିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ପୂର୍ବରୁ ବିଧାନସଭାରେ କହିଥିଲେ।

## ■ ଦେଶର ୧୭ ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକା

# ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିରକୁ ସାମିଲ ପାଇଁ ଅନୁରୋଧ

### କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ



**ଭୁବନେଶ୍ୱର,୨୬।୭ (ବ୍ୟୁରୋ):** ଦେଶର ୧୭ଟି ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ସାମିଲ କରିବା ପାଇଁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପତ୍ରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ୨୦୧୯-୨୦ ଆର୍ଥିକ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ ୧୭ଟି ପ୍ରତିଷ୍ଠିତ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ୧୭ଟି ପର୍ଯ୍ୟଟନସ୍ଥଳୀକୁ ମଡେଲ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବାର ଯୋଜନା ରହିଛି। ଓଡିଶାରେ କଳା, ଭାସ୍କର୍ଯ୍ୟ ତଥା ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର ବେଶ୍ ବ୍ୟାପକ। ବିଶେଷକରି ଶ୍ରୀକ୍ଷେତ୍ର ପୁରୀ ଓ କୋଣାର୍କର ସୂର୍ଯ୍ୟ ମନ୍ଦିର ଭଳି ପବିତ୍ର ସ୍ଥଳୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ହିନ୍ଦୁଙ୍କ ପବିତ୍ର ୪ ଧାମ ମଧ୍ୟରୁ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଅନ୍ୟତମ। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପବିତ୍ର ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଥାଏ। ସେହିଭଳି କୋଣାର୍କ ସୂର୍ଯ୍ୟମନ୍ଦିର ଓଡିଶାର କଳାକୃତିର ପରିଚୟ ଦିଏ ଏବଂ ଏହା ବିଶ୍ୱସ୍ତରରେ ମାନ୍ୟତା ପାଇଛି। ଓଡ଼ିଶାର ସ୍ୱର୍ଣ୍ଣ ତ୍ରିଭୁଜ ଭୁବନେଶ୍ୱର, ପୁରୀ ଏବଂ କୋଣାର୍କ ବିଶ୍ୱର ଲକ୍ଷ ଲକ୍ଷ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ ଏବଂ ଏହା ଓଡ଼ିଆଙ୍କ ଉତ୍କୃଷ୍ଟ କଳାର ପରିଚୟ ଦିଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ପୁରୀ ଜଗନ୍ନାଥ ମନ୍ଦିର ଓ କୋଣାର୍କର ସୂର୍ଯ୍ୟ ମନ୍ଦିରକୁ ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ କରିବାକୁ ପ୍ରଧାନ ଲେଖିଛନ୍ତି। ଏ ନେଇ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବାକୁ ସେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପଟେଲଙ୍କୁ ଅନୁରୋଧ କରିଛନ୍ତି।


## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅପୂର୍ବ କୁମାର ମହାନ୍ତି**
ଏନ୍- ୨/୧୨୦, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୧୧।୦୧।୧୯୪୦
ତିରୋଧାନ: ୨୭।୦୭।୨୦୧୪
(ଶ୍ରାବଣ କୃଷ୍ଣପକ୍ଷ ଚତୁର୍ଥୀ ତିଥି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର: ବୁଲୁ, ବାବୁ, ମୁନି, ଫନି, ପୁତ୍ରବଧୂ: ନିତା, ଜୁଲି, ମିରା, ଧରିତ୍ରୀ, କନ୍ୟା/ଜାମାତା: ରୁବି-ମଣ୍ଡଳ,ମାମୁନ-ଯତୀନ୍, ଜିନୁ-ବେଟୁ, ନାତି ନାତୁଣୀ: ବିଟନ୍, ପିନ୍ଟୁ, ଟୁନା, ମିତ୍, ଗୋବିନ୍ଦା, ଅର୍ପିତା, ଅନନ୍ୟା।
ଧ-୫୬୬୪୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବାନାମ୍ବର ପରିଡ଼ା**
ଭୂଆଁ, ବାଲିଘାଇ, ପୁରୀ
ଆବିର୍ଭାବ : ୦୧.୦୧.୧୯୨୬
ତିରୋଧାନ : ୧୭.୦୭.୨୦୧୯
ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ :**
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୩୬୦୬



ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା' ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।
–ଶ୍ରୀମା

# କୃପା ଓ ଧୈର୍ଯ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଶୀଳା ଦୀକ୍ଷିତଙ୍କ ସ୍ୱାମୀ ଥିଲେ 'ଡିକି' (ବିନୋଦ ଦୀକ୍ଷିତ), ଯିଏ ବହୁ କମ୍ ବୟସରେ ଚାଲିଯାଇଥିଲେ। ସେ ଭାରତୀୟ ଅମଲାତନ୍ତ୍ରର ଜଣେ ସଚ୍ଚୋଟ ଓ ଦକ୍ଷ ଅଫିସର ଥିଲେ। ଏବେ ଶୀଳା ଦୀକ୍ଷିତ ବି ସ୍ୱାମୀଙ୍କ ପାଖକୁ ଚାଲିଗଲେ। ଉତ୍ତରପ୍ରଦେଶ ଦେଶ ଶାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି ଓ ଏବେ ବି ଅନେକାଂଶରେ କରୁଛି, ଯଦିଚ ଏବେ ଗୁଜରାଟ କ୍ୟାଡର ଶକ୍ତି ସଞ୍ଚୟ କରିବାରେ ଲାଗିଛି। ଡିକି ସେହି ଉତ୍ତରପ୍ରଦେଶ କ୍ୟାଡରର ହୋଇଥିବାରୁ ସେ ଶାସନ ସଂକ୍ରାନ୍ତରେ ତାଙ୍କର ବିଶେଷ ଜ୍ଞାନ ଥିଲା। ତାଙ୍କ ସମୟରେ ଯୁଗ୍ମ ସଚିବମାନେ ବାସ୍ତବ କ୍ଷମତାର କେନ୍ଦ୍ର ଥିଲେ। 'ମୋଦି'ଫିକେଶନ୍ସ (ମୋଦିକୃତ ପରିବର୍ତ୍ତନ) ଉକ୍ତ ଧାରାର ଅନ୍ତ ଘଟାଇଥିଲେ ମଧ୍ୟ ପାୱାର ଲାଇନଗୁଡ଼ିକ ଅପରିବର୍ତ୍ତିତ ରହିଛି।

ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ କଂଗ୍ରେସ ନେତା ଉମାଶଙ୍କର ଦୀକ୍ଷିତ, ଯିଏ ଜବାହରଲାଲ ନେହେରୁଙ୍କ ଘନିଷ୍ଠ ଥିଲେ ଏବଂ ଇନ୍ଦିରା ଗାନ୍ଧୀଙ୍କ କ୍ୟାବିନେଟରେ ମନ୍ତ୍ରୀ ତଥା ପଶ୍ଚିମବଙ୍ଗ ଓ କର୍ଣାଟକର ରାଜ୍ୟପାଳ ଥିଲେ, ତାଙ୍କ ପୁତ୍ର ହୋଇଥିବାରୁ ଡିକି ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ। ଶୀଳା ପ୍ରଥମେ ତାଙ୍କର ବନ୍ଧୁ ଥିଲେ ଓ ପରେ ତାଙ୍କର ପତ୍ନୀ ହେଲେ। ସ୍ୱାମୀଙ୍କ ସହକର୍ମୀମାନେ ତାଙ୍କ ଘରକୁ ଅତିଥିଭାବରେ ଆସୁଥିବାରୁ ସେମାନଙ୍କର ସତ୍କାର କରିବା ଅବସରରେ ସେମାନଙ୍କ ସହ ବେଶ୍ ପରିଚିତ ହୋଇପାରିଥିଲେ ଶୀଳା ଏବଂ ରାଜନୀତି ସହ ତାଙ୍କର ଉତ୍ତମ ପରିଚୟ ହୋଇପାରିଥିଲା। ତା'ପରେ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ସେ କେନ୍ଦ୍ରରେ ମନ୍ତ୍ରୀ ହେଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଦୀର୍ଘ ୧୫ ବର୍ଷ କାଳ (ସବୁଠାରୁ ଦୀର୍ଘସମୟ) ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିଲେ। ଅମଲାତନ୍ତ୍ରୀମାନଙ୍କୁ ହେଭେନ୍–ବର୍ନ (ସ୍ୱର୍ଗଜାତ) ବୋଲି କୁହାଯାଏ ଏବଂ ଦିଲ୍ଲୀର ଅମଲାତନ୍ତ୍ରୀ ମାନେ ଦୁଇଥର ସ୍ୱର୍ଗରେ ଜାତ। କାରଣ ଦିଲ୍ଲୀ ଭାରତର ରାଜଧାନୀ ଏବଂ ସେଠାରେ ଅମଲାତନ୍ତ୍ରୀମାନଙ୍କ କ୍ଷମତା ଅପରିସୀମ। କିନ୍ତୁ ଜଣେ ଅମଲାତନ୍ତ୍ରୀଙ୍କ ବିଧବା ହୋଇଥିବାରୁ ଏବଂ ତାଙ୍କ ସ୍ୱାମୀଙ୍କର ବ୍ୟାପକ ରାଜନୈତିକ ସମ୍ପୃକ୍ତି ରହିଥିବାରୁ ତାହା ଶୀଳାଙ୍କୁ ଦିଲ୍ଲୀ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ବାବୁମାନଙ୍କୁ ପରିଚାଳନା କରିବାରେ ସାହାଯ୍ୟ କଲା। ତାଙ୍କର ଜେଜେମାସୁଲଭ ସ୍ନେହ, ଅସୀମ ଜ୍ଞାନ, ଧୈର୍ଯ୍ୟ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ପାରିବାରିକ ବନ୍ଧୁତା ଓ ଯତ୍ନଶୀଳତା ଏବେ ବି ବାବୁମାନେ ଝୁରିହେଉଛନ୍ତି। ତାଙ୍କ ପରଲୋକ ପରେ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ଅବସରରେ ବହୁ କ୍ଷମତାଶାଳୀ ଲୋକ କାନ୍ଦିପକାଉଥିବା ଦେଖାଯାଇଛି।

ରାଜନେତା ଓ ବାବୁମାନଙ୍କ ଭିତରେ ସମ୍ପର୍କ ଅତିବେଶିରେ ପ୍ରୟୋଜନଭିତ୍ତିକ ହୋଇଥାଏ। କିନ୍ତୁ ଏ କ୍ଷେତ୍ରରେ ଉଭୟେ ସେମାନଙ୍କ କ୍ଷମତାକୁ ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ପ୍ରାଶସନ ଚଳାଇବାରେ ଶୀଳାଙ୍କ ଦକ୍ଷତା ଉପରେ ବାବୁମାନଙ୍କର ଥିଲା ଗଭୀର ବିଶ୍ୱାସ ଏବଂ ସେ ଅନ୍ତରର ସହ ଜନସାଧାରଣଙ୍କର କଲ୍ୟାଣ ଚାହୁଁଥିବାରୁ ବାବୁମାନେ ତାହା ବିନା ଆପତ୍ତିରେ କାର୍ଯ୍ୟକାରୀ କରୁଥିଲେ। ଫଳରେ ସେ ଅତି ସହଜରେ ଜଣେ ଲୋକପ୍ରିୟ ନେତ୍ରୀ ଭାବରେ ପରିଚିତ ହୋଇପାରିଥିଲେ। ଶେଷ ସମୟରେ କୌଣସି ପଦପଦବୀରେ ନ ଥାଇ ବି ଶୀଳାଙ୍କ ପରଲୋକରେ ସାରା ଦିଲ୍ଲୀ ନଗରୀ ଶୋକସନ୍ତପ୍ତ ହେବା ଏବଂ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ହେବା କିଛି ଲୋକଙ୍କୁ ହତଚକିତ କରିଦେଇ ଥାଇପାରେ। କିନ୍ତୁ ସାଧାରଣ ଦିଲ୍ଲୀବାସୀ, ଦଳୀୟ ସହକର୍ମୀ, ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ, ବନ୍ଧୁ, ଅମଲାତନ୍ତ୍ରୀ ଓ ପ୍ରଶଂସକମାନଙ୍କ ପାଇଁ ଏହା ଆଦୌ ଆଶ୍ଚର୍ଯ୍ୟକର ଘଟଣା ନ ଥିଲା।

ଯେଉଁମାନେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ଥିଲେ ପୂର୍ବତନ ଅମଲାତନ୍ତ୍ରୀ। ସେମାନଙ୍କ ମଧ୍ୟରୁ ଅନେକେ ଶୀଳାଙ୍କ ସହ ତାଙ୍କର ୧୫ ବର୍ଷର ମୁଖ୍ୟମନ୍ତ୍ରିତ୍ୱ ସମୟରେ କାର୍ଯ୍ୟ କରିଥିଲେ ଏବଂ ତାଙ୍କ ପ୍ରଶାସନିକ ଦକ୍ଷତା ବିଷୟରେ ବାସ୍ତବରେ ଜାଣିଥିଲେ। ତାଙ୍କ ପ୍ରଶାସନିକ ଦୂରଦୃଷ୍ଟି ଯୋଗୁ ହିଁ କୁହୁଡ଼ିଆ ଧୂଆଁ (ସ୍ମଗ୍) ଦ୍ୱାରା ପ୍ରଦୂଷିତ ଓ ଟ୍ରାଫିକ୍ ସମସ୍ୟା ଜର୍ଜରିତ ଦିଲ୍ଲୀ ନଗରୀ ସିଏନ୍‌ଜି–ଚାଳିତ କମ୍ ପ୍ରଦୂଷିତ ନଗରୀରେ ପରିଣତ ହୋଇପାରିଥିଲା। ତାଙ୍କ ଚଲାପଥ ଅବଶ୍ୟ ସହଜ ନ ଥିଲା, ବାଧାବିଘ୍ନମୟ ଓ କଣ୍ଟକିତ ଥିଲା, ଯାହାକୁ ସେ ଅସୀମ ଧୈର୍ଯ୍ୟ, ସାହସ ଓ ଚେଷ୍ଟା ଦ୍ୱାରା ସ୍ୱ–ଅନୁକୂଳ କରିପାରିଥିଲେ। ତାଙ୍କ ଲିଗାସୀ ବାସ୍ତବ ଅର୍ଥରେ ସବୁଦିନ ପାଇଁ ମନେରହିବ। ସେଥିପାଇଁ ବୋଧହୁଏ ତାଙ୍କ ଅନ୍ତ୍ୟେଷ୍ଟିରେ ଦଳମତ ନିର୍ବିଶେଷରେ ସବୁ ରାଜନୈତିକ ଦଳର ନେତା, ବିଭିନ୍ନ ପାହ୍ୟା ଓ ପଦପଦବୀର ଅମଲାତନ୍ତ୍ରୀ ଓ ସାଧାରଣ ଦିଲ୍ଲୀବାସୀ ଯୋଗଦେବା ଏବଂ ଶୋକପ୍ରକାଶ କରିବା ଦେଖାଯାଇଥିଲା।

Email: dilipcherian@gmail.com

# ଜଳବାୟୁ ପରିବର୍ତ୍ତନ ଓ କୃଷି ବିବିଧତା



ଚିନ୍ମୟ ରଞ୍ଜନ କୁମାର

ଜଳବାୟୁ ପରିବର୍ତ୍ତନ ବିଶ୍ୱବ୍ୟାପୀ ଏକ ବଡ଼ ଚିନ୍ତାର କାରଣ। ଏହାର ପ୍ରଭାବରେ ବିଶ୍ୱତାପମାନରେ ଅତ୍ୟଧିକ ବୃଦ୍ଧି, ମରୁଡ଼ି, ବନ୍ୟା, ବାତ୍ୟା, ଅତିବୃଷ୍ଟି, ଅନାବୃଷ୍ଟି, ଅଦିନିଆ ବୃଷ୍ଟି, ଆର୍ଦ୍ରତାରେ ପରିବର୍ତ୍ତନ ଆଦି ଦେଖାଯାଉଛି। ଏହା ଦେଶରେ ଅର୍ଥନୈତିକ ଅଭିବୃଦ୍ଧିର ଦୃଢ଼ ପ୍ରତିବନ୍ଧକ ଏବଂ ଭବିଷ୍ୟତ ପାଇଁ ଏକ ଚେତାବନୀ ସଦୃଶ। ଜଳବାୟୁ ପରିବର୍ତ୍ତନ ହେତୁ କୃଷି କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ। ଭାରତୀୟ କୃଷି ବ୍ୟବସ୍ଥା ମୌସୁମୀ ଉପରେ ନିର୍ଭରଶୀଳ। ଜଳବାୟୁର ସାମାନ୍ୟ ପରିବର୍ତ୍ତନ ରାଜ୍ୟର କୃଷି ବ୍ୟବସ୍ଥା ଉପରେ ବହୁତ ପ୍ରଭାବ ପକାଇଥାଏ ଏବଂ ଫସଲ ଉତ୍ପାଦନ ହ୍ରାସ ପାଇଥାଏ। ଗବେଷଣାରୁ ଜଣାପଡ଼ିଛି ଯେ ପ୍ରତି ୧ ଡିଗ୍ରୀ ତାପମାତ୍ରା ବୃଦ୍ଧି ଦ୍ୱାରା ୫ ଗୁଣା ଫସଲ ଉତ୍ପାଦନ ହ୍ରାସ ପାଇବ। ଅନ୍ୟ ଏକ ଗବେଷଣା ଅନୁସାରେ, ୨୦୩୯ ବେଳକୁ ଯଦି ବାର୍ଷିକ ତାପମାତ୍ରା ୦.୫ ପ୍ରତିଶତ ବଢ଼େ ତେବେ କୃଷି ଉତ୍ପାଦନ ୪.୫ରୁ ୯ ପ୍ରତିଶତ କମିବ ଏବଂ ଏହା ୨୦୯୯ ବେଳକୁ ୨୫ ପ୍ରତିଶତ ହ୍ରାସ ପାଇବାର ସମ୍ଭାବନା ଅଛି। ଆମ ରାଜ୍ୟର ୬୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଦାରିଦ୍ର୍ୟ ଓ ଖାଦ୍ୟ ନିରାପତ୍ତା ସଂକଟ ଦେଖାଦେବ। ରାଜ୍ୟର ୮୦ ପ୍ରତିଶତ ଚାଷୀ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ ହୋଇଥିବାରୁ ସେମାନେ ଦୁର୍ବିପାକ ପରବର୍ତ୍ତୀ ସ୍ଥିତିକୁ ପ୍ରତିହତ କରିବାରେ ଅକ୍ଷମ।

ତେଣୁ ସମୟ ଆସିଛି ଚିରାଚରିତ କୃଷି ପଦ୍ଧତିରେ ପରିବର୍ତ୍ତନ ଆଣି ଅନୁକୂଳ ପଦ୍ଧତି ଆପଣାଇବାକୁ। କୃଷି ବିବିଧତା ସେଥି ମଧ୍ୟରୁ ଅନ୍ୟତମ। ଏହାର ସ୍ୱରୂପ କହିଲେ ଆମେ ମିଶ୍ରିତ କୃଷି, ଅଧିକ ଲାଭକାରୀ ଫସଲ ଯଥା– ଉଦ୍ୟାନ କୃଷି, ଫଳ, ପୁଷ୍ପଚାଷ, ମତ୍ସ୍ୟପାଳନ, କୁକୁଡ଼ା ପାଳନ, ପଶୁପାଳନ, ଜଙ୍ଗଲଜାତ ଦ୍ରବ୍ୟ କୃଷି ଇତ୍ୟାଦି ବୁଝିଥାଉ। ଯଦି ଆମେ ବିଭିନ୍ନ ପ୍ରକାରର ଫସଲ ସହ ଅଣଚାଷ କୃଷି କରୁ ତେବେ, ଆକସ୍ମିକ ଦୁର୍ବିପାକର ଶିକାର ହୋଇ ଗୋଟିଏ ପ୍ରକାର ଫସଲ ଅଧିକ ନଷ୍ଟ ହୋଇଗଲେ ଚାଷୀ ଅନ୍ୟ ଫସଲ ସହାୟତାରେ ନିଜର ଜୀବିକା ନିର୍ବାହ କରିପାରିବ। ମିଶ୍ରିତ କୃଷି ଦ୍ୱାରା ପରିବେଶ ସନ୍ତୁଳିତ ରହିବା ସହ ଜମିର ଉର୍ବରତା ବୃଦ୍ଧି ପାଇଥାଏ। ଜଳବାୟୁ ଉପରେ ନିର୍ଭର ନ କରି ଚାଷଜମି ନ ଥିବା ଚାଷୀ ମଧ୍ୟ ମତ୍ସ୍ୟପାଳନ, ପଶୁ ଓ ପକ୍ଷୀପାଳନ, ଜଙ୍ଗଲଜାତ ଦ୍ରବ୍ୟ ସମ୍ବନ୍ଧୀୟ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିବ। କୃଷି ବିବିଧତା କୃଷକର ଆୟ ବୃଦ୍ଧି କରିଥାଏ ଏବଂ ଖାଦ୍ୟ ନିରାପତ୍ତା ସହ ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ କୃଷିକୁ ନିସ୍ତାର ପାଇବାକୁ ହେଲେ କୃଷିବିବିଧତା ଏକ ଅନୁକୂଳ ସମାଧାନ ପରି ମନେହୁଏ। କିନ୍ତୁ ସରକାରଙ୍କ ହସ୍ତକ୍ଷେପ ବିନା ଚାଷୀ ଏକାକୀ ନୂତନ ପ୍ରଣାଳୀ ଗ୍ରହଣ କରିବା କଷ୍ଟସାଧ୍ୟ। ସରକାରଙ୍କର ଦୃଷ୍ଟାନ୍ତକାରୀ ପଦକ୍ଷେପ ଏବଂ ନୀତି ନିର୍ଦ୍ଧାରଣ ଏହାକୁ ଚାଷୀମାନଙ୍କ ପାଖରେ ଶୀଘ୍ର ପହଞ୍ଚାଇପାରିବ। କୃଷିବିବିଧତା ପ୍ରଣାଳୀର ଆବଶ୍ୟକ– ଜଳସେଚନ, ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି, କୃଷି ଋଣ, କୃଷି ବୀମା, ବଜାର ସୁଗମତା ଓ କୌଶଳ ସମ୍ବନ୍ଧରେ ସରକାରଙ୍କ ପ୍ରତିବଦ୍ଧତା ଆବଶ୍ୟକ। ପ୍ରଥମତଃ ଆମ ମୌସୁମୀ ନିର୍ଭରଶୀଳ କୃଷି ବ୍ୟବସ୍ଥାକୁ ଜଳସେଚନଭିତ୍ତିକ କରିବାକୁ ପଡିବ। କିନ୍ତୁ ଜଳସେଚନ କେବଳ କେନାଲ ବ୍ୟବସ୍ଥାରେ ସୀମିତ ନ ହୋଇ କ୍ଷୁଦ୍ର ଜଳସେଚନ, ଉଠାଜଳସେଚନ, ସିଞ୍ଚନ ଓ ବୁନ୍ଦା ଜଳସେଚନଭିତ୍ତିକ ହେବା ଉଚିତ। କାରଣ ଗବେଷଣାରୁ ଜଣାପଡିଛି ଯେ କେନାଲ ଦ୍ୱାରା ଚାଷୀ କେବଳ ନିର୍ଦ୍ଦିଷ୍ଟ ସମୟରେ ପାଣି ପାଇଥାଏ ଯାହା କେବଳ ଧାନ ଚାଷ ପାଇଁ ଉପଯୁକ୍ତ। କିନ୍ତୁ ଅନ୍ୟ ପ୍ରଣାଳୀଗୁଡିକ ମରୁଡି ସମୟରେ ମଧ୍ୟ ଜଳଯୋଗଣ କରୁଥିବାରୁ ତାହା କୃଷିବିବିଧତାରେ ସହାୟକ ହୋଇଥାଏ। ଏଥିପାଇଁ ଆବଶ୍ୟକ ବିଦ୍ୟୁତ୍ ଯୋଗାଣ ସବ୍‌ସିଡିଭିତ୍ତିକ କଲେ ଚାଷୀ ପ୍ରୋତ୍ସାହିତ ହେବେ। ଇସ୍ରାଏଲ ଏହି ପଦ୍ଧତି ଆପଣାଇ ମରୁଡି ସମସ୍ୟାକୁ ଦୂର କରିବା ସହ କୃଷିବିବିଧତା ପ୍ରଣାଳୀରେ ଚାଷ କରୁଛି। ଦ୍ୱିତୀୟତଃ ଅଧିକ ବର୍ଷା ଏବଂ ଖରା ଦାଉରୁ ରକ୍ଷା ପାଇବା ପାଇଁ ଅଧିକ ସହନଶୀଳ ସଙ୍କରଜାତୀୟ ଉନ୍ନତମାନର ବିହନ ଓ ପ୍ରତିରୋଧକାରୀ ବିହନ ଚାଷୀଙ୍କ ପାଖରେ ସହଜରେ ଉପଲବ୍ଧ କରାଇବା ଉଚିତ।

ଜଳବାୟୁ ପରିବର୍ତ୍ତନ ଯୋଗୁ ଅଧିକ ତାପମାତ୍ରା ବୃଦ୍ଧିର ପରିଣାମ ସ୍ୱରୂପ ଫସଲରେ ବିଭିନ୍ନ ପ୍ରକାର ପୋକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସବୁଜ ବିପ୍ଳବ ସମୟରେ ଅଧିକ ଶସ୍ୟ ଉତ୍ପାଦନ ପାଇଁ କୀଟନାଶକ ଓ ରାସାୟନିକ ସାର ବହୁଳ ବ୍ୟବହାରର କୁପରିଣାମ ଆମେ ଭୋଗୁଛେ। ପରିବେଶ ପ୍ରଦୂଷଣ ସହ ଜଳସ୍ତର ନିମ୍ନଗାମୀ ହେଉଛି ଓ ମୃତ୍ତିକା ଉର୍ବରତା ହ୍ରାସ ପାଉଛି। ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା ଦ୍ୱାରା ଏକ ସର୍ଭେରେ ଆକଳନ କରାଯାଇଛି ଯେ ଯଦି ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାର କମ୍ କରିବା ୮୦ରୁ ୮୮ ପ୍ରତିଶତ ବୃଷ୍ଟିରୁ ଉତ୍ପନ୍ନ ଅଙ୍ଗାରକାମ୍ଳକୁ କମ୍ କରାଯାଇପାରିବ। ଜୈବସାର ଓ ଜୈବ କୀଟନାଶକର ପ୍ରୟୋଗ ଏବଂ ଜିରୋ ବଜେଟ ପ୍ରାକୃତିକ କୃଷି ପ୍ରଣାଳୀରେ ଚାଷ କାର୍ଯ୍ୟ ସମ୍ପାଦନା କରିବା ସହ ଚାଷଜମିର ହିଡ଼ରେ ବିଭିନ୍ନ ପ୍ରକାର ଗଛ ଲଗାଇଲେ ତାହା ଦ୍ୱାରା ମୃତ୍ତିକା ସଂରକ୍ଷଣ ହେବା ସହ ବିଭିନ୍ନ ପକ୍ଷୀଙ୍କ ଆଗମନରେ କୀଟମାନଙ୍କୁ ନିୟନ୍ତ୍ରଣ କରାଯାଇପାରିବ। ଅଧିକ ଲାଭଜନକ ଫସଲ ବା ଅଣଚାଷ କୃଷି ପାଇଁ ପ୍ରାରମ୍ଭିକ ଅଧିକ ପୁଞ୍ଜିନିବେଶ ଆବଶ୍ୟକ ପଡିଥାଏ। ଏଥିପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର କୃଷି ଋଣ ଯୋଗାଇଦେଲେ ଚାଷୀ ପ୍ରୋତ୍ସାହିତ ହେବେ। ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ରାଜ୍ୟରେ କୃଷିବିବିଧତା ଆପଣାଇବାକୁ ହେଲେ କୃଷିବୀମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷିବୀମାକୁ ସହଜରେ ଚାଷୀଙ୍କ ପାଖରେ ପହଞ୍ଚାଇ ପାରିଲେ ଚାଷୀ ନୂତନ ପ୍ରକାର ଫସଲ ଉତ୍ପନ୍ନ କରିବାର ରିସ୍କ ନେଇପାରିବ। କେଉଁ ଜମିରେ କେଉଁ ଫସଲ କଲେ ଅଧିକ ଅମଳ ମିଳିବ, ସେଥିପାଇଁ ଚାଷୀ କୃଷି ଅଧିକାରୀମାନଙ୍କ ସହାୟତା ନେଇ ମୃତ୍ତିକା ପରୀକ୍ଷଣ କରାଇବା ଉଚିତ। କୃଷି ସମ୍ପ୍ରସାରଣ ଏବଂ ସୂଚନା ବ୍ୟବସ୍ଥାକୁ ଅଧିକ ଫଳପ୍ରଦ ଉପାୟରେ ଚାଷୀ ପର୍ଯ୍ୟନ୍ତ ପହଞ୍ଚାଇବାର ଆବଶ୍ୟକତା ରହିଛି। କେବଳ ତାଲିମ ଓ ପ୍ରଶିକ୍ଷଣଭିତ୍ତିକ ନ ହୋଇ ଉଦାହରଣ ସୃଷ୍ଟିକାରୀ କାର୍ଯ୍ୟପନ୍ଥା ଆପଣାଇବା ଉଚିତ। ଏଥିପାଇଁ ସରକାରଙ୍କୁ ଉପଯୁକ୍ତ ମାନବସମ୍ବଳର ଆବଶ୍ୟକତା ପଡିପାରେ। କାରଣ ସମସ୍ତ ପ୍ରକାର ସୂଚନା ତୃଣମୂଳ ସ୍ତରରେ ପହଞ୍ଚିବା ଜରୁରୀ। ପାଣିପାଗସମ୍ପର୍କିତ ପୂର୍ବସୂଚନା ଆଞ୍ଚଳିକଭିତ୍ତିକ ହେଲେ ଚାଷୀ ଉପଯୁକ୍ତ ଫସଲ ନିର୍ଦ୍ଧାରଣ କରି ଶସ୍ୟବିଜ୍ଞାନୀଙ୍କ ସାହାଯ୍ୟ ନେଇ ଦୁର୍ବିପାକରୁ ସହଜରେ ବର୍ତ୍ତିପାରିବ।

ବିବିଧ ଫସଲ ଉତ୍ପାଦନ ପରେ ତା'ର ବିକ୍ରୟ ପାଇଁ ଉପଯୁକ୍ତ ବଜାରର ସୁବିଧା ନ ମିଳିଲେ ଚାଷୀ ନିରୁତ୍ସାହିତ ହୋଇ ସର୍ବନିମ୍ନ ସହାୟତା ମୂଲ୍ୟ ମିଳୁଥିବା ଧାନ ଓ ଅନ୍ୟ ଶସ୍ୟ କରିବେ। ଯଦି ଚାଷୀ ଉପଯୁକ୍ତ ବଜାର ପାଇପାରୁନାହିଁ ତା'ହେଲେ ସମସ୍ତ ଫସଲକୁ ସରକାର ଏମ୍‌ଏସ୍‌ପି ଅନ୍ତର୍ଭୁକ୍ତ କଲେ ଚାଷୀ କୃଷିବିବିଧତା ପ୍ରତି ଆଗ୍ରହ ପ୍ରକାଶ କରିବେ। ଏହା ସହ ଅଭାବୀ ବିକ୍ରିକୁ ରୋକିବା ପାଇଁ ଶୀତଳଭଣ୍ଡାର ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସୁବିଧା ଯୋଗାଇଦେବା ଉଚିତ।

ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବରୁ ଆମ ରାଜ୍ୟର କୃଷିକୁ ରକ୍ଷା କରିବାର ମୁଖ୍ୟ ଉପାୟ ହେଉଛି କୃଷିବିବିଧତା ପଦ୍ଧତି। ଏହାଦ୍ୱାରା ଚାଷୀ ବନ୍ୟା, ବାତ୍ୟା, ମରୁଡି ଓ ରୋଗପୋକ ସଂକ୍ରମଣକୁ ସହଜରେ ଏଡାଇ ଦେଇପାରିବ। ଏଥି ସହ ଚାଷୀର ଆୟ ବୃଦ୍ଧି ଓ ଦାରିଦ୍ର୍ୟ ଦୂର ହେବ, ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହୋଇପାରିବ।

ୟୁଜିସି ସିନିୟର ରିସର୍ଚ୍ଚ ଫେଲୋ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ମୋ–୭୫୦୪୫୧୬୦୯୦

# ହେପାଟାଇଟିସ୍ ଓ ଲିଭର ସିରୋସିସ୍

୨୮।୭ ବିଶ୍ୱ ହେପାଟାଇଟିସ୍ ଦିବସ ଉପଲକ୍ଷେ



ଡା. ଉମେଶ ଚନ୍ଦ୍ର ପାତ୍ର

ମଣିଷର ଯକୃତଜନିତ ମାରାତ୍ମକ ରୋଗ ଭାବେ ଲିଭର୍ ସିରୋସିସ୍ ପରିଚିତ। ପ୍ରାଥମିକ ସ୍ତରରେ ରୋଗୀକୁ ଯନ୍ତ୍ରଣା ଲାଗୁ ନ ଥିବା ଏହି ରୋଗ ପରବର୍ତ୍ତୀ ସମୟରେ ଜୀବନ ପାଇଁ ଘାତକ ହୋଇଥାଏ। ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି, ଏହି ରୋଗରେ ରୋଗୀର ଯକୃତ ଅନ୍ୟୂନ ୯୦ ପ୍ରତିଶତ କ୍ଷତି ନ ହେବା ଯାଏ ସେ କୌଣସି ଯନ୍ତ୍ରଣା ଅନୁଭବ କରି ନ ଥାଏ। ତେଣୁ ବାହାରୁ ଏହି ରୋଗ ବିଷୟରେ ଜାଣିବା ବା ବୁଝିବା ଏତେ ସହଜ ନୁହେଁ। ଏହି ରୋଗର ପ୍ରାଥମିକ ଲକ୍ଷଣ ହେଉଛି ରୋଗୀର ପାଚନ ଶକ୍ତି କମିଯାଇ ଭୋକ କମ୍ ହେବା, ଦୁର୍ବଳ ଲାଗିବା, ଶରୀର କୁଣ୍ଡେଇ ହେବା ସହ ବିଭିନ୍ନ ପ୍ରକାର ଅସ୍ୱସ୍ତିକର ଯନ୍ତ୍ରଣା ଅନୁଭବ ହେବା। କେତେକ କ୍ଷେତ୍ରରେ ରୋଗୀର ଯକୃତ ସହିତ ସାମୂହିକ ଭାବେ କିଛି ସମସ୍ୟା ଦେଖାଦେଇଥାଏ। ସେହିପରି ଆଉ କିଛି ରୋଗୀଙ୍କ ମଧ୍ୟରେ ଶ୍ୱାସପ୍ରଶ୍ୱାସ ନେବାରେ ଯନ୍ତ୍ରଣା ମଧ୍ୟ ଦେଖିବାକୁ ମିଳିଥାଏ। ଏଣ୍ଡୋସ୍କୋପି, ଅଲଟ୍ରାସୋନୋଗ୍ରାଫି ଓ ଫାଇବ୍ରୋସ୍କାନ ମାଧ୍ୟମରେ ସିରୋସିସ୍ କେତେଦୂର ଶରୀର ଭିତରକୁ ଯାଇ କାୟାବିସ୍ତାର କରିଛି ତାହା ଜଣାପଡ଼ିଥାଏ। ତେବେ ସିରୋସିସ୍‌ର ମୁଖ୍ୟ କାରଣ ହେଉଛି ହେପାଟାଇଟିସ୍ ବି ଓ ସି ଭାଇରସ୍ ଇନ୍‌ଫେକ୍ସନ, ନିଶାଦ୍ରବ୍ୟ ସେବନ, ମଦ୍ୟପାନ, ଇମ୍ୟୁନ୍ ହେପାଟାଇଟିସ୍। ଏହା ବ୍ୟତୀତ କେତେକ କ୍ଷେତ୍ରରେ ଯକୃତରେ ଜମିଥିବା ଚର୍ବି କାରଣରୁ ମଧ୍ୟ ସିରୋସିସ୍ ହୋଇପାରେ।

ନିଶାଦ୍ରବ୍ୟ ସେବନ, ସମ୍ପ୍ରତି ଜଳବାୟୁର ଅସ୍ୱସ୍ତିକର ପରିବେଶ ସହ ବଜାରର ଫାଷ୍ଟଫୁଡ୍, ବାସି ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଆବଶ୍ୟକ ଖାଦ୍ୟଠାରୁ ପ୍ରଚୁର ଓ ଅନିୟମିତ ଖାଦ୍ୟ ମଧ୍ୟ ଏହାର ଅନ୍ୟତମ କାରଣ । ଏହି ରୋଗୀମାନଙ୍କୁ ସର୍ବପ୍ରଥମେ ସେମାନଙ୍କ ଶରୀରକୁ ଆବଶ୍ୟକ ଖାଦ୍ୟସାର ଓ ପୁଷ୍ଟିକର ଶକ୍ତି ପାଇଁ ଦୃଷ୍ଟିଦେବାକୁ ହେବ। କାରଣ ଏହି ରୋଗୀମାନଙ୍କର ସାଧାରଣତଃ ଭୋକ କମିଯାଉଥିବାରୁ ସେମାନଙ୍କର ପାଚନ ଶକ୍ତି ପ୍ରଭାବିତ ହୋଇ ଯକୃତକୁ ସଂକ୍ରମଣ କରିବାର ସୁଯୋଗ ପାଇଥାଏ। ଏହି ରୋଗରେ ସ୍ୱାଭାବିକ ଭାବେ ଖାଇବାକୁ ଦିଆଯାଏ ନାହିଁ, ଯାହାକି ବିଜ୍ଞାନସମ୍ମତ କାରଣ ନୁହେଁ ବୋଲି ବିଭିନ୍ନ ଜର୍ନାଲରେ ତଥ୍ୟ ପ୍ରକାଶ ପାଇଛି। ସିରୋସିସ୍ ଯନ୍ତ୍ରଣା ଅନୁଭବ କରୁଥିବା ରୋଗୀମାନଙ୍କୁ ପ୍ରଚୁର ପରିମାଣର ପୁଷ୍ଟିକର ଖାଦ୍ୟ ଦେବା ଦରକାର। ଅଧିକ ଲୁଣ, ରାଗ ମସଲା, ପ୍ରଚୁର ମିଠାଠାରୁ ରୋଗୀକୁ ଯଥାସମ୍ଭବ ଦୂରେଇ ରଖିବା ଉଚିତ। ରୋଗୀର ନିତିଦିନିଆ ଖାଦ୍ୟ ତାଲିକାରେ ତଟକା ପନିପରିବା, ଫଳ, ଶାଗକୁ ଗୁରୁତ୍ୱ ଦିଅନ୍ତୁ। ସବୁଜ ପନିପରିବା ଓ ତଟକା ଫଳରେ ଭିଟାମିନ୍, ଆଣ୍ଟିଅକ୍ସିଡାଣ୍ଟ, ଜିଙ୍କ୍ ପ୍ରଚୁର ପରିମାଣରେ ରହିଥିବାରୁ ଏହା ଯକୃତ କୋଷର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥାଏ, ଯାହାଦ୍ୱାରା ରୋଗୀ ସ୍ୱାଭାବିକ ଭାବେ କାମ କରିବାକୁ ଶକ୍ତି ପାଇଥାଏ। ଏହି ରୋଗୀକୁ ଭାରି କାମଠାରୁ ଯଥାସମ୍ଭବ ଦୂରେଇ ରଖିବା ଭଲ। ରୋଗୀକୁ ସମସ୍ତ ପ୍ରକାର ମାନସିକ ଚାପରୁ ଦୂରେଇ ରଖନ୍ତୁ। ରୋଗୀର ପାକସ୍ଥଳୀରେ ପ୍ରଚୁର ପରିମାଣର ପାଣି ଜମି ନ ରହିବା ପାଇଁ ହେପାଟୋଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଇ ସତର୍କ ରୁହନ୍ତୁ। ରୋଗୀର ଖାଦ୍ୟ ଓ ପାଣିରେ ଯେପରି ସଂକ୍ରମଣ ନ ରହେ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। କେତେକ କ୍ଷେତ୍ରରେ ରୋଗୀର ପେଟ ନିୟମିତ ଭାବେ ପରିଷ୍କାର ରହିବା ପାଇଁ ଲ୍ୟାକଟୁଲୋଜ୍ ସିରପ୍ ଦିଆଯାଇଥାଏ। ଶରୀରରେ ରକ୍ତ ଜମାଟ ବାନ୍ଧିବାର ଉପାଦାନ ଯଦି ଯକୃତ ତିଆରି କରିପାରେ ନାହିଁ ତେବେ ରୋଗୀକୁ ଭିଟାମିନ୍–କେ ଇଞ୍ଜେକଶନ ଦିଆଯାଇଥାଏ। ଯଦି ରୋଗୀର ଖାଦ୍ୟନଳୀ ଏବଂ ପାକସ୍ଥଳୀରେ ରକ୍ତଶିରା (ଭ୍ୟାରିକସ୍) ଫାଟି ରକ୍ତପାତ ହେଉଥାଏ ତେବେ ଏଣ୍ଡୋସ୍କୋପି ଇଞ୍ଜେକ୍ସନ ଦିଆଯାଇଥାଏ। ଲିଭର ଯଦି ଆଦୌ କାମ କରୁ ନ ଥାଏ ତା'ହେଲେ କିଡ୍‌ନୀ ଡାୟାଲିସିସ୍ ଭଳି ଲିଭର ଡାୟାଲିସିସ୍ ଓ ଲିଭର ପ୍ରତିରୋପଣ କରାଯାଇଥାଏ।

ତେବେ ଯକୃତ ଯନ୍ତ୍ରଣାର ସବୁ କାରଣ ଲିଭର ସିରୋସିସ ହୋଇ ନ ଥାଏ। ପ୍ରାଥମିକ ସ୍ତରରେ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଇ ସିରୋସିସ୍‌ର ଲକ୍ଷଣକୁ ଦେଖି ଚିକିତ୍ସା କଲେ ରୋଗୀ ଉପଶମ ପାଇଥାଏ। ଆମ ଦେଶରେ ଲିଭର ସିରୋସିସ୍ ଚିକିତ୍ସା ବେଶ୍ ବ୍ୟୟସାପେକ୍ଷ ବୋଲି କେହି କେହି କହିଥାନ୍ତି। ଆଉ କେହି କେହି ଭାବିଥାନ୍ତି ଯେ ସିରୋସିସ୍ ମାନେ ମୃତ୍ୟୁ ନିଶ୍ଚିତ, ଏହା କିନ୍ତୁ ଭାବିବା ଭୁଲ୍। ସିରୋସିସ୍‌ର ପରୀକ୍ଷା ନିରୀକ୍ଷା ଦ୍ୱାରା ଏହାର କାରଣ ଓ ସଂକ୍ରମଣ ପର୍ଯ୍ୟାୟକୁ ଦେଖି ଚିକିତ୍ସା କଲେ ଏହା ନିଶ୍ଚିତ ଭାବରେ ଆରୋଗ୍ୟସାଧ୍ୟ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟର ବଡ଼ମେଡ଼ିକାଲଗୁଡ଼ିକରେ ଏହି ଚିକିତ୍ସା ସେବାକୁ ଲୋକଙ୍କ ପାଖରେ ସୁଲଭରେ ପହଞ୍ଚାଇବା ପାଇଁ ବିଭିନ୍ନ ପ୍ରକାର କଲ୍ୟାଣ ଅଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅଭିଜ୍ଞ ଲିଭର ବିଶେଷଜ୍ଞମାନେ ରାଜ୍ୟର ବଡ଼ମେଡ଼ିକାଲଗୁଡ଼ିକରେ ସରକାରଙ୍କ ପ୍ରଦତ୍ତ ପରୀକ୍ଷା ନିରୀକ୍ଷା ସହ ଔଷଧ ପ୍ରଦାନର ବ୍ୟବସ୍ଥା ମଧ୍ୟ ରଖିଛନ୍ତି। ତେବେ ଲିଭର ସିରୋସିସ୍ କ୍ଷେତ୍ରରେ କୌଣସି ପ୍ରକାର ଦୁତୁକାଦୁତୁକି ଓ କାନକୁହା କଥା ଶୁଣି ଚିକିତ୍ସାରୁ ଦୂରେଇ ରୁହନ୍ତୁ ନାହିଁ। ସର୍ବପ୍ରଥମେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ବେଳେବେଳେ ଲିଭର ସିରୋସିସ୍ ସହିତ ଲିଭର କ୍ୟାନ୍‌ସର ମଧ୍ୟ ମିଶି ରହିଥାଏ। ପ୍ରାଥମିକ ଅବସ୍ଥାରେ ରୋଗର ଚିକିତ୍ସା କଲେ ସେଥିରୁ ସୁଫଳ ମିଳେ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ– ୯୪୩୭୦୫୧୯୫୭

## ଏଇ ଭାରତରେ

ରକ୍ତଦାନ କରି ଗୋଟିଏ କୁକୁର ବଞ୍ଚାଇଲା ଆଉ ଏକ କୁକୁରର ଜୀବନ। ମଧ୍ୟପ୍ରଦେଶର ନରସିଂହପୁର ଅନ୍ତର୍ଗତ ସୈସରା ଗାଁରେ ରକ୍ତଦାନକୁ ନେଇ ଏକ ଭିନ୍ନ ଉଦାହରଣ ଦେଖିବାକୁ ମିଳିଛି। ମନୁଷ୍ୟ ରକ୍ତଦାନ କରିବା କଥା ସମସ୍ତେ ଜାଣନ୍ତି। ହେଲେ ଏଠାରେ ଗୋଟିଏ କୁକୁର ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ସୈସରା ଗାଁର ବନ୍ଦନା ଜାଟଓଁଙ୍କର ୬ବର୍ଷର ଜିମି ନାମକ ଏକ ଜର୍ମାନ୍ ଶେଫାର୍ଡ କୁକୁର ରହିଛି। କିଛିଦିନ ହେବ ଜିମି ଅସୁସ୍ଥ ହୋଇ ପଡିବା ସହ ସେ ଏନିମିଆ ବା ରକ୍ତହୀନତାର ଶିକାର ହୋଇଥିବା ପଶୁଚିକିତ୍ସକ କହିଥିଲେ। ଏଥିପାଇଁ ଜିମିକୁ ରକ୍ତ ଦିଆଯିବା ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ କିଛିଦିନ ଔଷଧ ଦେଇ ଏହାକୁ ଠିକ୍ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ଏଥିରେ କୌଣସି ସୁଫଳ ମିଳୁ ନ ଥିବା ଲକ୍ଷ୍ୟ କରାଯାଇଥିଲା। ଏହାପରେ ବନ୍ଦନା କୋସମଖେଡରେ ରହୁଥିବା ମହେନ୍ଦ୍ର ପ୍ରତାପ ସିଂଙ୍କ ସହ ଯୋଗାଯୋଗ କରିଥିଲେ। କାରଣ ତାଙ୍କର ଲିୟୋ ନାମକ ଏକ ଜର୍ମାନ୍ ଶେଫାର୍ଡ କୁକୁର ରହିଥିଲା। ଲିୟୋଠାରୁ ରକ୍ତ ଆଣି ଜିମିକୁ ଦେବାକୁ ଚେଷ୍ଟା କରିଥିଲେ ଘରୋଇ ପ୍ରାଣୀଚିକିତ୍ସକ। ଆଉ ଏହା ସଫଳ ମଧ୍ୟ ହୋଇଥିଲା। ଏହାର କିଛିଦିନ ପରେ ଲକ୍ଷ୍ୟ କରାଯାଇଛି ଏନିମିଆରେ ପୀଡିତ ଜିମି ଏବେ ପୂର୍ବାପେକ୍ଷା ସୁସ୍ଥ ଅଛି।

## ଚିରନ୍ତନୀ

ସମୟର ସୀମା ବାନ୍ଧି, ଶତକୋଟି ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ ଲୋମକୂପେ ଯେହୁ ଅହରହ
ଉପହାସେ କର ଯେହୁ ମାନବର କ୍ଷୁଦ୍ର ଆବିଷ୍କାର
ଜଡ଼ରୂପୀ ହେ ଆକାଶ ! ଘେନାକର ମୋର ନମସ୍କାର।
(ଜଡ଼–ଦର୍ଶନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଜୁଲାଇ ୧୯୯୪

- ଜେରୁଜେଲମ ସଂକ୍ରାନ୍ତରେ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଆଲୋଚନା ବେଳେ ଜୋର୍ଡାନର ଭୂମିକାକୁ ଅଗ୍ରାଧିକାର ଦେବା ପାଇଁ ଇସ୍ରାଏଲ ଓ ଜୋର୍ଡାନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- କେନିୟାର ୱିଲିୟମ ସିଗେଇ ୧୦ ହଜାର ମିଟର ଦୌଡକୁ ୨୨ମି. ୫୨ ସେକେଣ୍ଡରେ ଅତିକ୍ରମ କରି ନୂତନ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | | | | | | 3 | | | | | |
| D | | | | | | 7 | | | | | | 5 | 9 | |
| | 4 | 2 | | | | 1 | | | | 7 | | 8 | | |
| 7 | 0 | | | | 9 | E | | | | | | | | B |
| | B | | 0 | | C | | | | 8 | 5 | E | | 3 | |
| | 7 | A | | B | | | 0 | | C | | | D | | 6 |
| | | B | | | | | 6 | | | 8 | | A | | |
| | 5 | 0 | 9 | | | | | | E | 3 | | | | |
| E | | 4 | | | 6 | | | 5 | | 1 | A | | B | |
| 6 | C | | | D | | | | E | | | B | | | 2 |
| | 6 | | | A | | | | | B | | 1 | C | D | 7 |
| 3 | | 7 | | 1 | | 9 | | | 6 | | | | 8 | |
| | | | | | | | | 2 | 0 | | | | | |
| | | | D | 6 | 4 | | | | | | | 9 | E | A |
| 4 | | | E | 2 | | 8 | C | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | 0 | 8 | 6 | D | 3 | 5 | E | C | 7 | 1 | 4 | 9 | A |
| E | 5 | A | 4 | B | 0 | D | 7 | 6 | 3 | 9 | 8 | 1 | 2 | C |
| 9 | D | C | 3 | 7 | 2 | 8 | 4 | 1 | E | 5 | A | 6 | B | 0 |
| 7 | 4 | 1 | 5 | C | A | 9 | B | 2 | 0 | 6 | D | 3 | E | 8 |
| 8 | 3 | 6 | E | 1 | 9 | A | 0 | C | B | 2 | 4 | D | 7 | 5 |
| C | 8 | 4 | 1 | 0 | 5 | B | 3 | 7 | A | E | 9 | 2 | 6 | D |
| 5 | E | B | 9 | 3 | C | 6 | 8 | D | 4 | 1 | 2 | 0 | A | 7 |
| 1 | 6 | D | 2 | A | 7 | 0 | E | 4 | 8 | B | 5 | C | 3 | 9 |
| A | 7 | 2 | 6 | E | 8 | C | 1 | 9 | D | 0 | 3 | B | 5 | 4 |
| 3 | 0 | 9 | D | 4 | B | 2 | A | 5 | 7 | C | 6 | E | 8 | 1 |
| 4 | 1 | 8 | 0 | 2 | E | 5 | C | B | 9 | 3 | 7 | A | D | 6 |
| 6 | 9 | 3 | 7 | D | 4 | E | 2 | 0 | 5 | A | C | 8 | 1 | B |
| B | C | E | A | 5 | 3 | 1 | 9 | 8 | 6 | D | 0 | 7 | 4 | 2 |
| D | A | 5 | C | 8 | 1 | 7 | 6 | 3 | 2 | 4 | B | 9 | 0 | E |
| 0 | 2 | 7 | B | 9 | 6 | 4 | D | A | 1 | 8 | E | 5 | C | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନମୁକ୍ତ ହେଉ ଶ୍ରୀମନ୍ଦିର

ମହାଶୟ,

ଜଗନ୍ନାଥଙ୍କ ସେବାରେ ଶ୍ରଦ୍ଧା ଓ ବିଶ୍ୱାସ ରହିବା ଆବଶ୍ୟକ, ଯାହା ପ୍ରଶାସକମାନଙ୍କଠାରେ ଦେଖାଯାଉ ନାହିଁ। ନିଜେ ଚେକରେ ତା ୧୨।୪।୨୦୧୯ରେ ଦାନ କରିଥିବା ଓ ୧୫।୪।୨୦୧୯ରେ କର୍ପସ ପାଣ୍ଠିକୁ ଦେଇଥିବା ଅର୍ଥର ରସିଦ ଆଜିଯାଏ ପାଇ ନାହିଁ। ଏହି ଟଙ୍କା ପାଣ୍ଠିକୁ ଯାଇଛି କି ନାହିଁ, ତାହା ଜାଣିନାହିଁ। ପରିଚାଳନା କମିଟି ଦାତାଙ୍କୁ ପ୍ରୋତ୍ସାହନ ଦେବା ପାଇଁ କରିଥିବା ସର୍ତ୍ତ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଏ ବିଷୟ ପରିଚାଳନା କମିଟିରେ ଆଲୋଚନା ପାଇଁ କରିଥିବା ଅନୁରୋଧ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଶ୍ରୀମନ୍ଦିର ପ୍ରଶାସନ ଲେଖକଙ୍କ ପ୍ରକାଶିତ ଧର୍ମ ପୁସ୍ତକଗୁଡ଼ିକୁ ବିକ୍ରି କରି ଏହାର ୭୦% ଅର୍ଥ ପ୍ରକାଶକଙ୍କୁ ଦେଇଥାନ୍ତି। ବହୁବର୍ଷ ଧରି ବାରମ୍ବାର ଅନୁରୋଧ କଲେ ମଧ୍ୟ ତାହା ମିଳିପାରୁନାହିଁ। ମୁଖ୍ୟ ପ୍ରଶାସକ ପୁରୀକୁ ନାମକୁମାତ୍ର ଦିନେ ଦୁଇଦିନ ଯାଇ ସପ୍ତାହର ଅନ୍ୟ ସବୁଦିନ ଭୁବନେଶ୍ୱରରେ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି। ପୁରୀରେ ତାଙ୍କୁ ନିଯୁକ୍ତି ଦେବା ଆବଶ୍ୟକ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ ଶ୍ରୀମନ୍ଦିର ଦାୟିତ୍ୱ ହସ୍ତାନ୍ତର ହେଉ। ଏହାକୁ ପ୍ରଶାସନ ମୁକ୍ତ କରାଯାଉ।

ପଣ୍ଡିତ ରାମକୃଷ୍ଣ ମିଶ୍ର, ଏ.ଏଲ.୫୩, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

### ତର୍କରେ ସଂଯମ

ବିଭିନ୍ନ ଟିଭି ଚାନେଲର ବିତର୍କ କାର୍ଯ୍ୟକ୍ରମରେ ଭାଗ ନେଉଥିବା ତାର୍କିକମାନେ ନିଶ୍ଚୟ ସଚେତନ ଓ ବିଷୟବସ୍ତୁ ଉପରେ ପ୍ରାଜ୍ଞ। ତାଙ୍କର ରୁଚିସମ୍ପନ୍ନ ବକ୍ତବ୍ୟକୁ ଲକ୍ଷ ଲକ୍ଷ ଲୋକ ଦେଖନ୍ତି, ଶୁଣନ୍ତି ଓ ବିଚାର କରନ୍ତି। କିନ୍ତୁ ଏବେ ଦେଖାଯାଉଛି ମିଳିତ ଯନ୍ତ୍ରସଙ୍ଗୀତ ଭଳି ତର୍କବାଦୀମାନେ ଏକାବେଳକେ ପରସ୍ପରର ବକ୍ତବ୍ୟକୁ ବିରୋଧ କରି କହି ଚାଲୁଛନ୍ତି। ସଞ୍ଚାଳକଙ୍କ ପରାମର୍ଶକୁ ଅଣଦେଖା କରୁଛନ୍ତି। ଉତ୍ପନ୍ନ କୋଳାହଳ ଅରୁଚିକର ହେଉଛି। ସେମାନଙ୍କ ଯୁକ୍ତିକୁ ତ ସ୍ପଷ୍ଟ ଶୁଣି ହେଉନି, ଶାଳୀନତା ଓ ସଂଯମର ଅଭାବକୁ ବି ସହ୍ୟ କରିହେଉନି। ବିତର୍କ ଶ୍ରାବ୍ୟ, ବୋଧଗମ୍ୟ ଓ ସଂସ୍କୃତିସମ୍ପନ୍ନ ହେଲେ କାର୍ଯ୍ୟକ୍ରମ ଉପଭୋଗ୍ୟ ହେବ। ତେଣୁ ତର୍କରେ ଅଂଶଗ୍ରହଣକାରୀମାନେ ଏଥି ପ୍ରତି ଯତ୍ନବାନ ହେବା ଉଚିତ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାମପ୍ରସାଦ ନାଗ ନୂଆ ଆଇଆଇସି



**ମାଲକାନଗିରି,୨୬।୭ (ଡି.ଏନ୍.ଏ.)-** ମାଲକାନଗିରି ଟାଉନ ଆଦର୍ଶ ଥାନାର ଆଇଆଇସି ଭାବେ ରାମପ୍ରସାଦ ନାଗ ଯୋଗ ଦେଇଛନ୍ତି। ସେ ପୂର୍ବରୁ କାଲିମେଳା ଓ ଚିତ୍ରକୋଣ୍ଡା ଆଇଆଇସି. ଭାବେ କାର୍ଯ୍ୟ କରୁଥିଲେ। ମାଓବାଦୀଙ୍କୁ ଦମନ ନେଇ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ମାଲକାନଗିରି ଜିଲା ଏକ ଶାନ୍ତିବହୁଳ ଜିଲା। ଏଠାରେ ଅନ୍ୟ ଜିଲା ଅପେକ୍ଷା ଗଣ୍ଡଗୋଳ, ହିଂସାକାଣ୍ଡ କମ୍। ନିରୀହ ଆଦିବାସୀମାନଙ୍କୁ ଯେଭଳି ନ୍ୟାୟ ମିଳିବ ସେନେଇ ନିଷ୍ଠାପର ଭାବେ କାର୍ଯ୍ୟ କରିବି ବୋଲି ଏହି ଅବସରରେ ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗୁରୁବାର ମାଲକାନଗିରି ଥାନାର ୩ଜଣ ପୋଲିସ ଅଧିକାରୀ ଭିଜିଲାନ୍ସ ଦ୍ୱାରା ଧରା ପଡି ଗିରଫ ହେବା ପରେ ନାଗଙ୍କୁ ଏହି ଦାୟିତ୍ୱ ମିଳିଛି।

### ନାଟଗୁରୁ କାଶୀନାଥଙ୍କ ସ୍ମୃତିସଭା

**ପାଣ୍ଡ୍ରିପାଣି, ୨୬।୭(ଡି.ଏନ.ଏ.)-** ମାଲକାନଗିରି ବ୍ଲକ ବୀର ଲକ୍ଷ୍ମଣପୁର ପଞ୍ଚାୟତର କେନ୍ଦୁକୁଣ୍ଡ ଗ୍ରାମର ନାଟଗୁରୁ କାଶୀନାଥ ଭୂମିଆଙ୍କ ପରଲୋକ ହୋଇଯାଇଛି। ସେ ଜଣେ ସଫଳ ନାଟଗୁରୁ ଭାବରେ ଜିଲାରେ ପରିଚିତ ଥିଲେ। ସେ ଦେଶୀଆ ନାଟକ ବିଭିନ୍ନ ଗ୍ରାମ ଓ ପଞ୍ଚାୟତରେ ପରିବେଷଣ କରିବା ସହ ମୃଦଙ୍ଗ ବଜାଇବାରେ ଜଣେ ପୋଖତ କଳାକାର ଥିଲେ। ତାଙ୍କ ଉଦ୍ଦେଶ୍ୟରେ ମା'ଯଶୋବନ୍ତ ଦେଶୀଆ ନାଟଗୁରୁ ସାଂସ୍କୃତିକ ସଂଘ ଓ ମାଲକାନଗିରି ଜିଲା ଶାଖା ଦିଶାରି ସଙ୍ଗଠନ ତରଫରୁ ଏକ ଶୋକ ସଭା କରାଯାଇଥିଲା। ନାଟଗୁରୁ ସାଂସ୍କୃତିକ ସଂଘର ସଭାପତି ଅନାଦି କଡା, ସମ୍ପାଦକ ଧାନଫୁଲ ବାରିକ ଓ ଉପଦେଷ୍ଟା ଦାମୋଦର କଡା ତାଙ୍କ ସ୍ମୃତିଚାରଣ କରିଥିଲେ। ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତର ଶତାଧିକ କଳାକାର ଉପସ୍ଥିତ ହୋଇଥିଲେ।

## ■ ମାଲକାନଗିରିରେ ପ୍ରବଳ ବର୍ଷା

# ପୋଲ ଉପରେ ୩ଫୁଟ ବର୍ଷାଜଳ

**ମାଲକାନଗିରି,୨୬।୭ (ଡି.ଏନ୍.ଏ.)**

### ମାଲକାନଗିରି-ସୁକୁମା ଯୋଗାଯୋଗ ବିଚ୍ଛିନ୍ନ

■ଉଭୟ ପାର୍ଶ୍ୱରେ ଅଟକି ରହିଛି ଗାଡି ମୋଟର

■ହଇରାଣ ହେଉଛନ୍ତି ଯାତ୍ରୀ

■ଚାଷ ନେଇ ଚାଷୀ ଆଶ୍ୱସ୍ତ

ଗତ ରାତ୍ରରୁ ମାଲାକନଗିରି ଜିଲାରେ ଗୁରୁବାର ରାତିରୁ ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ଜିଲାର ବିଭିନ୍ନ ନଦୀ ନାଳରେ ଜଳପତନ ବୃଦ୍ଧି ପାଇଛି। ଏଥିଯୋଗୁ ପଡୋଶୀ ଛତିଶଗଡ ସୁକୁମା ରାସ୍ତାର ଚଲାଣଗୁଡାସ୍ଥିତ ତମସା ନଦୀ ପୋଲ ଉପରେ ୩ ଫୁଟ ଜଳ ପ୍ରବାହିତ ହେଉଛି। ଫଳରେ ଛତିଶଗଡର ସୁକମା ଜିଲା ସଦର ମହକୁମାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉଭୟପାର୍ଶ୍ୱରେ ଅନେକ ଗାଡି ମୋଟର ଅଟକି ରହିଛି। ଏନେଇ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ସତୀଗୁଡାଠାରେ ଥିବା ନାଳ ଓ ସାବେରୀ ନଦୀରେ ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି। ତେବେ ଏହି ବର୍ଷା ଚାଷୀକୁ ଆଶ୍ୱସ୍ତ କରିଛି।



ତମସା ନଦୀ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି ।

## ଭିନ୍ନକ୍ଷମ,ବୃଦ୍ଧାବୃଦ୍ଧ ଆଶ୍ରୟ ଲାଗି ୨୫ କୋଟିର ପ୍ରକଳ୍ପ

**ମାଲକାନଗିରି,୨୬।୭ (ଡି.ଏନ୍.ଏ.)**

ମାଲକାନଗିରିଜିଲା କୋରୁକୋଣ୍ଡାଠାରେ ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧଙ୍କ ଆଶ୍ରୟ ସ୍ଥଳି ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନରେ କୋରୁକୋଣ୍ଡା ବ୍ଲକ ସଦର ମହକୁମା ନୂଆଗୁଡାଠାରେ ଏହି ପ୍ରକଳ୍ପ ହେବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ ପ୍ରକଳ୍ପର ଭିତ୍ତିସ୍ଥାପନ ଅବସରରେ କହିଛନ୍ତି। ୨୫ କୋଟି ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ, ନିଶା ନିବାରଣ, ବୃଦ୍ଧାବୃଦ୍ଧଙ୍କ ପାଇଁ ଆଶ୍ରୟ ସ୍ଥଳ, ଭିନ୍ନକ୍ଷମଙ୍କ ପାଇଁ ଥଇଥାନ କେନ୍ଦ୍ର, ବୈଷୟିକ ତାଲିମ କେନ୍ଦ୍ର ଖୋଲାଯିବ। ଆଗାମୀ ଏକବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ନିର୍ମାଣ ଦାୟିତ୍ୱ ନେଇଥିବା ଲାଇଫ୍ ଇନ୍‌ଫ୍ରା ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋରୁକୋଣ୍ଡା ବିଡିଓ ଦାଶରଥୀ ସରାବୁ, ରାସ୍ତା ଏବଂ ଗୃହ ନିର୍ମାଣ ନିର୍ବାହୀଯନ୍ତ୍ରୀ ଅରୁଣ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।



ଆଶ୍ରୟସ୍ଥଳ ପାଇଁ ଚିହ୍ନଟ ଜାଗା ଅନୁଧ୍ୟାନ କରୁଛନ୍ତି ଜିଲାପାଳ ।

## ବିଷ ପିଇ ଯୁବକଙ୍କ ମୃତ୍ୟୁ

**ବୁଗୁଡ଼ା,୨୬।୭(ଡି.ଏନ.ଏ.)**

ବୁଗୁଡ଼ା ଥାନା ଭାମଶିଆଳି ଗ୍ରାମ ଆମ୍ବିଳିଝର ତୋଟାରୁ ଶୁକ୍ରବାର ସକାଳ ପ୍ରାୟ ୬ଟାରେ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ପାଇକଯମୁନା ଗ୍ରାମର ମନୋଜ ଖଟାଇ (୩୦)। ଏନେଇ ବୁଗୁଡ଼ା ଥାନାରେ ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ମନୋଜ ଗୁରୁବାର ଶ୍ୱଶୁର ଘର ଭାମଶିଆଳିକୁ ଆସିଥିଲେ। ଶୁକ୍ରବାର ସକାଳେ ଭାମଶିଆଳି ଗ୍ରାମ ନିକଟ ଆମ୍ବିଳିଝର ତୋଟାରେ ଗୁରୁତର ଅବସ୍ଥାରେ ପଡିଥିବା ଖବର ପାଇ ତାଙ୍କ ଶଶୁରଘର ଲୋକେ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡ଼ାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ବୁଗୁଡ଼ା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି।

## ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମଦ ବିରୋଧୀ ଆନ୍ଦୋଳନ




ମଦ ବିରୋଧୀ ଅଭିଯାନରେ ସାମିଲ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ।

**ଚିତ୍ରକୋଣ୍ଡା,୨୬।୭(ଡି.ଏନ.ଏ.)**

ଚିତ୍ରକୋଣ୍ଡାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଶୁକ୍ରବାର ମଦ ବିରୋଧୀ ଆନ୍ଦୋଳନ କରାଯାଇଥିଲା। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତର ଶତାଧିକ ମହିଳା ଚିତ୍ରକୋଣ୍ଡାଠାରେ ଏକତ୍ରିତ ହୋଇ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ପଦଯାତ୍ରାରେ ସହର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିଥିଲେ। ମହିଳାମାନଙ୍କ ଏହି ଉଦ୍ୟମକୁ ସାଧାରଣରେ ସ୍ୱାଗତ କରାଯାଇଛି। ମଦକୁ ରୋକାଯାଇ ପାରିଲେ ନିର୍ଯାତନା, ଘରୋଇ ହିଂସା, କଳହ ଅନେକାଂଶରେ ଦୂର ହୋଇପାରିବ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ପକ୍ଷରୁ କୁହାଯାଇଛି। ଏହି ଅବସରରେ ତହସିଲଦାର ଟି. ପଦ୍ମନଭି ଦୋରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଜିଲାସ୍ତରୀୟ ଶାଳାସିଦ୍ଧି ପ୍ରଶିକ୍ଷଣ ଶିବିର

**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)**

ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗଜପତି ଜିଲାସ୍ତରୀୟ ଶାଳାସିଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ୱିକ କୁମାର ପଟ୍ଟନାୟକ ଓ ବରିଷ୍ଠ ଶିକ୍ଷକ ସି.ଏଚ୍. ଭେଙ୍କେଟେଶ୍ୱର ରାଓ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ମୂଲ୍ୟାଙ୍କନ ଏବଂ ବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ନିରନ୍ତର ପ୍ରୟାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ପିଲାଙ୍କ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ଜିଲାର ପ୍ରତ୍ୟେକ ବ୍ଲକରୁ ୪ଜଣ ପ୍ରଧାନ ଶିକ୍ଷକଙ୍କ ସମେତ ୨୮ଜଣ ଅଂଶଗ୍ରହଣ କରି ନିଜ ନିଜ ବ୍ଲକର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ଲକଗ୍ରାଣ୍ଟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ୧୫୮ଜଣ ପ୍ରଧାନଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି. ବୃନ୍ଦାବନରାଓ ପରିଚାଳନା କରିଥିଲେ ।

## ■ ଉପାନ୍ତ ଅଞ୍ଚଳରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

# ୨ଦିନ ଧରି ବିଦ୍ୟାଳୟରେ ପଡିଥିଲା ତାଲା

■୨ଦିନ ହେଲା ଶିକ୍ଷକ କେଉଁଆଡେ ଚାଲିଯାଇଛନ୍ତି

■ପିଲାଙ୍କୁ ମିଳୁନି ମଧ୍ୟାହ୍ନ ଭୋଜନ

**ବାଲିମେଳା, ୨୬।୭(ଡି.ଏନ.ଏ.)–** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଟନେଲ ପଞ୍ଚାୟତ ଅଧୀନ ବାଗିରିଗୁଡା ପ୍ରାଥମିକ ବିଦ୍ୟାଳୟରେ ୨ଦିନ ହେବ ବିଦ୍ୟାଳୟରେ ତାଲା ଝୁଲୁଛି । ଗୁରୁବାର ଶିକ୍ଷା ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସିଆରସିସି ତାଲା ଖୋଲିଥିଲେ। ଫଳରେ ସର୍ବଶିକ୍ଷା ଅଭିଯାନର ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ସ୍ଲୋଗାନ ଏବେ କେବଳ ବିଦ୍ୟାଳୟର କାନ୍ଥବାଡରେ ଶୋଭାବର୍ଦ୍ଧନରେ ପରିଣତ ହୋଇଛି। କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା କିଛି ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ସରକାରଙ୍କ ଶିକ୍ଷାଭିତ୍ତିକ ଯୋଜନା ତୃଣମୂଳସ୍ତରରେ ପହଞ୍ଚିପାରୁ ନ ଥିବା ଅଭିଯୋଗ ହେଉଛି। କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ଟନେଲ କ୍ୟାମ୍ପ ପଞ୍ଚାୟତର ବାଗିରିଗୁଡା ପ୍ରାଥମିକ ବିଦ୍ୟାଳୟ ୧୦ବର୍ଷ ତଳେ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀଛାତ୍ର ସଂଖ୍ୟା ପ୍ରାୟ ୩୨ଜଣ । ପିଲାଙ୍କୁ ପାଠ ପଢାଇବା ପାଇଁ ରହିଥିବା ଶିକ୍ଷକ ରବି ନାରାୟଣ ବରାଡ ଗତ ୨୨ରୁ ଛୁଟିରେ ଅଛନ୍ତି। ଏଭଳି କ୍ଷେତ୍ରରେ ଉକ୍ତ ବିଦ୍ୟାଳୟକୁ ପରିଚାଳନା କରିବା ପାଇଁ ବ୍ଲକ ଶିକ୍ଷା ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ଗ୍ରାମ ନିକଟସ୍ଥ ମହାଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କରୁଣାକର ସ୍ୱାଇଁଙ୍କୁ ଡେପୁଟେସନରେ ପଠାଯାଇଥିଲା। ମାତ୍ର ଶିକ୍ଷକ ସ୍ୱାଇଁ ୨ଦିନ ହେଲା ବିଦ୍ୟାଳୟ ନ ଖୋଲି ନିଜ ବ୍ୟକ୍ତିଗତ କାର୍ଯ୍ୟରେ କେଉଁଆଡେ ଚାଲିଯାଇଛନ୍ତି । ଫଳରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଆସି ନିରାଶରେ ଫେରୁଛନ୍ତି। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ ଜାଣିବା ପରେ ସିଆରସିସି ଶଙ୍କର ମିସ୍ତ୍ରୀଙ୍କୁ ବିଦ୍ୟାଳୟ ଖୋଲିବା ଲାଗି ପଠାଇଥିଲେ। ସିଆରସିସି ମିସ୍ତ୍ରୀ ଆସି ବିଦ୍ୟାଳୟ ଖୋଲିଥିଲେ। ବିଦ୍ୟାଳୟ ଖୋଲିବା ପରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ନେଇ ଅଭିଭାବକମାନେ ଅଭିଯୋଗ କରିଥିଲେ। ରୋଷେଇ ଦାୟିତ୍ୱରେ ଥିବା ପାଚିକା ମୋତି ଜାନିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ରୋଷେଇ ନିମନ୍ତେ ଜାଳେଣି କାଠ ଓ ରନ୍ଧା ସାମଗ୍ରୀ ଶିକ୍ଷକ ଯୋଗାଇ ଦେଇ ନ ଥିବାରୁ ରୋଷେଇ ହୋଇପାରିନି। ଏନେଇ ବହୁବାର ସ୍କୁଲ କମିଟିକୁ ସେ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନିକଟରେ ଥିବା ମହାଦେବପୁର ସ୍କୁଲରେ ୩୨ଜଣ ଛାତ୍ରୀଛାତ୍ର ୧ମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଛନ୍ତି । ଏଠାରୁ ଜଣେ ଶିକ୍ଷକଙ୍କୁ ଦାୟିତ୍ୱ ଦେଇ ଅନ୍ୟଜଣେ ଶିକ୍ଷକଙ୍କୁ ଡେପୁଟେଶନ ନେଇଯିବାରୁ ଏଠାରେ ପାଠପଢାରେ ଅସୁବିଧା ହେଉଥିବା ଜଣାପଡିଛି। ତୁରନ୍ତ ଡେପୁଟେଶନରେ ନେଇଥିବା ଶିକ୍ଷକଙ୍କୁ ନିଜ ବିଦ୍ୟାଳୟକୁ ଫେରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସ୍କୁଲ ପରିଚାଳନା ନିମନ୍ତେ ଶିକ୍ଷକ କରୁଣାକର ସ୍ୱାଇଁଙ୍କୁ ଡେପୁଟେଶନରେ ପଠାଯାଇଥିଲା । ସେ ବିଦ୍ୟାଳୟ ନ ଖୋଲି କେଉଁଆଡେ ଚାଲିଯାଇଥିବା ଖବର ପାଇ ସିଆରସିସିଙ୍କୁ ପଠାଇଛି। ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


**UNIVERSITY DEPARTMENT OF TEACHER EDUCATION**
**DDCE CAMPUS, UTKAL UNIVERSITY**
**VANI VIHAR, BHUBANESWAR-751007**

Applications are invited for the following posts for University Department of Teacher Education (UDTE), Utkal University. The University reserves the right to withdraw partial or full notification without assigning any reason. The appointment is purely temporary. The applicant is to read the general instructions and qualifications carefully before filling up the application form. Minimum eligibility and qualification shall be as per NCTE / UGC norms.

| Sl. No. | Post | Eligibility | Remuneration/ Compensation/Wage |
|---|---|---|---|
| 1. | Professor - cum - Principal | M.Ed with Ph.D with Experience | Rs.40,000/- |
| 2. | Asst. Professor (Education, Psychology, Statistics, Odia, English, History, Political Science, Geography, Economics, Mathematics / Statistics, Commerce, Computer Science, Music Education & Physical Education) | NET/Ph.D with M.Ed./ Master Degree in relevant subject | Rs.30,000/- |
| 3. | Administrative Officer | MBA or equivalent | Rs.20,000/- |
| 4. | Jr. Librarian | M.Lib | Rs.15,000/- |
| 5. | Office-Cum-Account-Assistant | M.Com. or equivalent | Rs.15,000/- |
| 6. | Lab Attendant / Helpers / Class-IV | Higher Secondary | Rs.10,000/- |

Applicants are required to send the filled in the prescribed application to **udtefaculty@gmail.com** on or before **06.08.2019** and come for walk in interview with the hard copy of the application alongwith the self attested photocopies of the marksheets, certificates / degrees and other relevant documents and work experience. The date of Walk in Interview, prescribed application form and other details can be downloaded from the website of the Utkal University **www.utkaluniversity.nic.in**.

Applicants who had already submitted the form earlier for the above posts can apply fresh without any fees.

Sd/-
Chairperson, P.G. Council



**NORTH ORISSA UNIVERSITY**
**SRIRAM CHANDRA VIHAR, TAKATPUR**
**BARIPADA - 757003 (ODISHA)**

**ADMISSION NOTICE, 2019-20**

**NO.579 / NOU/PGC/2019** **Date : 26.07.2019**

Offline Applications are invited for a few seats lying vacant for admission into P.G. /M.Phil. courses (Regular & Self-financing) of different subjects at both the campus for the session 2019-20. For details, Log on to NOU **website www.nou.nic.in**

**Sd./- Chairman, P.G. Council**



**DISTRICT MINERAL FOUNDATION, JAJPUR**
Ph. - 06728-222227
**E-mail:dmfjajpur@gmail.com, Website - www.jajpur.nic.in**

**Free Residential Medical Coaching for NEET-2020 Examination**

District. Mineral Foundation, Jajpur is sponsoring Free Medical Coaching to meritorious students for NEET-2020 like previous year. All selection process and examination will be conducted and organized by the partnering agency AAKASH Institute, Bhubaneswar. Examination Schedule:

| | |
|---|---|
| Date & Time | 04.08.2019 from 11.00 A.M. to 01.00 P.M. |
| Venue | Zilla Scool, Jajpur Town and Aakash Institute, 10-Bhauma Nagar, Aditya Plaza, Unit-IV, Bhubaneswar. |
| Application From | Available in link **https://jajpur.nic.in/** |
| Registration Procedure | The field application with relevant documents / certificates shall be sent to **dmfjajpur@gmail.com** |
| Requirements of Documents | 1. Identity Proof (Voter / PAN / DL / Aadhaar Card)<br>2. Field Application Form<br>3. One colour passport photograph<br>4. Xerox copy of 12th / XII Board mark sheet, Certificate 10th / HSE Board mark sheet & certificate |
| Last date of registration | 02.08.2019 |
| On spot registration | 9.30 A.M. to 10.30 A.M. on 04.08.2019 at same venue |
| Contact person of Aakash Institute for registration | **Mr. Deepak Sethy, Area Coordinator, Aakash Institute, Ph.** No.09337355773 |

**Eligibility :**

1. Candidates passed +2/12th Class with biology as subject in the year 2016-17 & 2017-18 can apply.
2. Minimum Mark: CBSE Board (For Gen/OBC-70%), (SC & ST-60%). CHSE Board (For Gen/OBC-60%), (SC & ST-50%)
3. Annual income of the family should not be exceeded Rs. 6 Lakhs per annum.

**Sd./-Collector & Managing Trustee DMF, Jajpur**



**Sambalpur University Institute of Information Technology**
**SPOT ADMISSION: 2019-20**
**Advt. No.: 889 / SUIIT** **Dated: 26/07/2019**

***Few seats (any category) are available for admission into the following programmes of SUIIT. Interested candidates (in person) are required to report the Administrative Officer, SUIIT on 2nd August, 2019 (Friday) within 8.30 AM to 10.30 AM (positively) for spot admission.***

| Sl. No. | Programme Name | Amount required at the time of admission (including 1st Sem fees) |
|---|---|---|
| 1 | ♦ Master in Computer Application | Rs. 37,000.00 |
| 2 | ♦ M. Sc Electronics<br>♦ M. Sc Computer Science | Rs. 32,000.00 |
| 3 | ♦ M. Tech Computer Science and Engg.<br>♦ M. Tech Communication System Engg.<br>♦ M. Tech Embedded Systems Design | Rs. 47,000.00 |

Come prepared with all testimonials (in original & two sets of photocopy), 6 passport size coloured photographs, CLC & Conduct certificate in original. If selected you have to pay the required amount (as mentioned against each) in shape of Demand Draft or can deposit in the SBI A/C directly.

**INSTRUCTIONS**

Interested candidates should report to the Administrative Officer, SUIIT within 8.30 AM to 10.30 AM (positively) and submit the filled in application form (available at website and office) along with photocopy of all testimonials and a sum of Rs. 500.00 (cash) as processing fee. There will be a written examination at 11.00 AM for all programmes. Selection will be done on same day, as per rule.

**FOR DETAIL INFORMATION AND ELIGIBILITY CRITERIA**
**Visit: www.suiit.ac.in**
*Contact:*
*Dr. S. Jena, HOD, CSE&A – 8247679467,*
Dr. N. K. Barpanda, HOD, EL – 9438074077, Mrs. S. Kar, HOD, ECE – 9439657668

Email: admin.office@suiit.ac.in/director@suiit.ac.in **Director, SUIIT**



**Estd. - 2009**
**A Government Engineering College**
**E-mail - pmecbam@gmail.com**
**Website - www.pmec.ac.in**

**PARALA MAHARAJA ENGINEERING COLLEGE**
*(A constituent college of Biju Patnaik University of Technology, Odisha, Rourkela)*
**SITALAPALLI: BERHAMPUR: DIST.:- GANJAM: PIN - 761003**

**No.PMEC/ACA/ 1418** **Date:-24.07.2019**

**NOTICE FOR REPORTING OF CANDIDATES FOR FINAL ADMISSION INTO 1ST YEAR B.TECH PROGRAMME FOR THE ACADEMIC SESSION 2019-20**

The candidates allotted by OJEE-2019 for admission in this college for 1st year B.Tech programme in the academic session 2019-20 are advised to follow the instructions given in the website of the college and report as per the schedule given below. The college website is **www.pmec.ac.in**.

**DATE OF REPORTING FOR B.TECH 1ST YEAR**

| Sl. No | Name of the Branch | Date & Time of reporting | Commencement of classes |
|---|---|---|---|
| 1 | Mechanical Engineering | 29.07.2019 10.00 AM | 01.08.2019 |
| 2 | Automobile Engineering | | |
| 3 | Production Engineering | | |
| 4 | Electrical Engineering | | |
| 5 | Electronics & Telecommunication Engineering | 30.07.2019 10.00 AM | |
| 6 | Computer Science & Engineering | | |
| 7 | Civil Engineering | | |
| 8 | Chemical Engineering | | |
| 9 | Metallurgical & Materials Engineering | | |

Sd/-
Principal
PMEC, Berhampur

**ସଂକ୍ଷେପରେ**

## କ୍ରାଇମ୍‌ବ୍ରାଞ୍ଚ ସ୍କାନରରେ ରହିବେ ସାରଥି: ଏଡିଜି

### ବେଲ୍‌ବଣ୍ଡ ସର୍ତ୍ତର ବିରୁଦ୍ଧାଚରଣ କଲେ କୋର୍ଟଙ୍କ ଆଶ୍ରୟ ନିଆଯିବ

ଭୁବନେଶ୍ୱର, ୨୬।୭(ବ୍ୟୁରୋ): ସନ୍ତୋଷ ରାଉଳ ଓରଫ ସାରଥି ଗୁରୁବାର ଚୌଦ୍ୱାର ଜେଲରୁ ବାହାରିଥିଲେ। ଏହାପରେ ସେ କେଉଁଆଡ଼େ ଗଲେ ସେନେଇ କିଛି ଜଣାପଡ଼ିନାହିଁ। ତେବେ ସାରଥିଙ୍କ ସମସ୍ତ ଗତିବିଧି ଉପରେ କ୍ରାଇମ୍‌ବ୍ରାଞ୍ଚ ନଜର ରଖିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ ଶୁକ୍ରବାର ଭୁବନେଶ୍ୱର ପୋଲିସ ଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, କୋର୍ଟ ତାଙ୍କୁ ବେଲବଣ୍ଡରେ ଯେଉଁ ସର୍ତ୍ତ ରଖିଛନ୍ତି ତାହାକୁ ଅନୁଧ୍ୟାନ କରାଯିବ। ଯଦି ବେଲବଣ୍ଡ୍ ସର୍ତ୍ତର ସେ ବିରୁଦ୍ଧାଚରଣ କରନ୍ତି ତାହେଲେ ତଦନ୍ତକାରୀ ଅଫିସର ତାଙ୍କ ଜାମିନ ଖାରଜ ପାଇଁ କୋର୍ଟଙ୍କ ଆଶ୍ରୟ ନେବେ। ଏ ନେଇ ମଧ୍ୟ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ କୁହାଯାଇଛି। ସାରଥିଙ୍କ ଗତିବିଧି ଉପରେ ନଜର ରଖିବା ସହ କ୍ରାଇମବ୍ରାଞ୍ଚକୁ ନିୟମିତ ରିପୋର୍ଟ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ରାଇମ୍‌ବ୍ରାଞ୍ଚ ଗୁଇନ୍ଦା ପୋଲିସ ମଧ୍ୟ ସାରଥିଙ୍କ ଉପରେ ନଜର ରଖିବ। ଯଦି ସ୍ଥାନୀୟ ପୋଲିସ ସାରଥିଙ୍କୁ ସହଯୋଗ କରନ୍ତି ଓ କ୍ରାଇମ୍‌ବ୍ରାଞ୍ଚକୁ ଭୁଲ ରିପୋର୍ଟ ଦିଅନ୍ତି ତାହାଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋଲି ଏଡିଜି ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଠକେଇ ଓ ଯୌନ ନିର୍ଯାତନା ମାମଲାରେ ସାରଥିଙ୍କୁ ବାରିମୂଳ ଆଶ୍ରମରୁ ୨୦୧୫ ଅଗଷ୍ଟ ୮ରେ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା। ୪ବର୍ଷ ଜେଲରେ ରହିବା ପରେ ଗୁରୁବାର ସେ ଜାମିନ୍‌ରେ ମୁକୁଳିଛନ୍ତି। ହାଇକୋର୍ଟ ଗତ ସୋମବାର ତାଙ୍କୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଥିଲେ। କୋର୍ଟ ତାଙ୍କ ବେଲ୍‌ବଣ୍ଡରେ ସର୍ତ୍ତ ରଖିଛନ୍ତି ଯେ, ମାମଲାର ସାକ୍ଷୀମାନଙ୍କୁ ସାରଥି ପ୍ରଭାବିତ କରିପାରିବେ ନାହିଁ। ଏପରିକି ତଳ କୋର୍ଟ ଚାହିଁଲେ ଆଉ କିଛି ସର୍ତ୍ତ ଲାଗୁ କରିପାରିବେ। ବାରିମୂଳ ଆଶ୍ରମକୁ ନ ଯିବା, ରାଜ୍ୟ ବାହାରକୁ ଯିବା ପୂର୍ବରୁ କୋର୍ଟ ଓ ତଦନ୍ତକାରୀ ଅଧିକାରୀଙ୍କୁ ସୂଚନା ଦେବା, ସର୍ବସାଧାରଣ ସ୍ଥାନରେ ସଭାରେ ସାମିଲ ନ ହେବା ଆଦି ସର୍ତ୍ତ ରଖାଯାଇଛି।

■ ଯୁକ୍ତ ୨ ପଢ଼ିବାକୁ ଆଗ୍ରହ ଦେଖାଉନାହାନ୍ତି ଛାତ୍ରୀଛାତ୍ର

# ବଢୁଛି କଲେଜ, କମୁଛନ୍ତି ପିଲା

ଭୁବନେଶ୍ୱର,୨୬।୭(ବ୍ୟୁରୋ)

**୨୯ରୁ ଯୁକ୍ତ ୨ ପ୍ରଥମବର୍ଷ ପାଠପଢ଼ା**

ରାଜ୍ୟରେ ପ୍ରତିବର୍ଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ ୨ କଲେଜ ସଂଖ୍ୟା ବଢୁଛି। ହେଲେ ସେହି ଅନୁପାତରେ ପିଲା ହେଉନାହାନ୍ତି। ମାଟ୍ରିକ୍‌ରେ ପାସ୍ ହାର ହ୍ରାସ ସାଙ୍ଗକୁ ସାଧାରଣ ପାଠ୍ୟକ୍ରମରେ ପିଲାଙ୍କ ଅନାଗ୍ରହ ଯୋଗୁ ପ୍ରତିବର୍ଷ ଲକ୍ଷାଧିକ ସିଟ୍ ଖାଲିପଡୁଛି। ୪ରୁ ୫ବର୍ଷ ତଳେ ୧୪୦୦ ଯୁକ୍ତ ୨ କଲେଜ ରହିଥିବା ବେଳେ ଏବେ କଲେଜ ସଂଖ୍ୟା ୧୬୦୦ ଟପିଲାଣି। ତେବେ ସ୍ଥିତିରେ କିଛି ବି ସୁଧାର ଆସୁନି। କିଛିବର୍ଷ ତଳେ ଜାରି ରହିଥିବା ସ୍ଥିତି ଏଥର ଆହୁରି ଭୟଙ୍କର ହୋଇଯାଇଛି। ଏହା ମଧ୍ୟରେ ଯୁକ୍ତ ୨ ପାଇଁ ଦୁଇଟି ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଗୁରୁବାରଠାରୁ ସ୍ପଟ୍ ଆଡ୍‌ମିଶନ ଆରମ୍ଭ ହୋଇଛି। ତେବେ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଥିବା ୧୯୮୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ୨ କଲେଜ), ସେଲ୍‌ଫ ଫାଇନାନ୍ସିଂ କଲେଜ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ କଲେଜରେ ମୋଟ ୪ ଲକ୍ଷ ୪୮ ହଜାର ୪୫୧ ସିଟ୍ ରହିଛି। ସେଥିମଧ୍ୟରୁ ୩ ଲକ୍ଷ ୧୦ ହଜାର ୭୬୯ ସିଟ୍ ପୂରଣ ହୋଇଛି। ଏବେବି ଆହୁରି ୧ ଲକ୍ଷ ୩୭ ହଜାର ୬୮୨ ସିଟ୍ ଖାଲିପଡ଼ିଛି।

କଳା ବିଭାଗରେ ୨ ଲକ୍ଷ ୩୯ ହଜାର ୬୬ଟି ସିଟ୍ ରହିଥିବା ବେଳେ ସେଥିମଧ୍ୟରୁ ୨ଲକ୍ଷ ୪ ହଜାର ୪୬୪ ସିଟ୍ ପୂରଣ ହୋଇଛି। ଆହୁରି ୩୪, ୬୦୨ ସିଟ୍ ଖାଲିପଡ଼ିଛି। ସେହିଭଳି ବିଜ୍ଞାନ ବିଭାଗରେ ସର୍ବାଧିକ ସିଟ୍ ଖାଲି ରହିଛି। ବିଜ୍ଞାନରେ ମୋଟ ୧ଲକ୍ଷ ୪୪ ହଜାର ୨୨୨ ସିଟ୍ ରହିଥିବା ବେଳେ ୭୬, ୨୩୩ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଆହୁରି ୬୭ ହଜାର ୯୮୯ ସିଟ୍ ବଳକା ରହିଛି। ଅନୁରୂପ ଭାବେ ବାଣିଜ୍ୟ ବିଭାଗରେ ୫୦ ପ୍ରତିଶତରୁ ଅଧିକ ସିଟ୍ ବଳକା ରହିଛି। ମୋଟ ୪୪, ୫୧୫ ସିଟ୍ ମଧ୍ୟରୁ ୨୦, ୬୧୪ ସିଟ୍ ପୂରଣ ହୋଇଛି। ଆହୁରି ୨୩, ୯୦୧ ସିଟ୍ ଖାଲି ରହିଥିବା ଜଣାପଡ଼ିଛି। ସଂସ୍କୃତରେ ଥିବା ୧୧, ୩୧୨ ସିଟ୍ ମଧ୍ୟରୁ ମାତ୍ର ୫, ୪୬୦ ସିଟ୍ ପୂରଣ ହୋଇଛି ଓ ୫ , ୮୫୨ ସିଟ୍ ଖାଲି ରହିଛି। ତେବେ ଧନ୍ଦାମୂଳକ ଶିକ୍ଷାରେ ଅଧିକ ପ୍ରତିଶତ ସିଟ୍ ଖାଲିରହିଛି। ଏହି ବିଭାଗରେ ୯, ୩୩୬ ସିଟ୍ ରହିଥିବା ବେଳେ ୩, ୯୯୮ ପୂରଣ ହୋଇଛି। ଏବେ ବି ୫, ୩୩୮ ସିଟ୍ ଖାଲି ପଡ଼ିଥିବା ସାମ୍ସ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ବାଣିଜ୍ୟ ପଢିବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଉ ପୂର୍ବଭଳି ଆଗ୍ରହ ଦେଖିବାକୁ ମିଳୁନି। ଏହି ବିଭାଗରେ ବହୁ ସିଟ୍ ଖାଲିପଡୁଛି। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ମଧ୍ୟ ଚିନ୍ତାରେ ପଡିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ବୌଦ୍ଧ ଜିଲାରେ ବାଣିଜ୍ୟରେ ମାତ୍ର ୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏଠାରେ ମୋଟ ୧୨୮ ସିଟ୍ ରହିଥିବା ବେଳେ ୧୨୩ ସିଟ୍ ଏବେ ବି ଖାଲିପଡ଼ିଛି। ଦେବଗଡ଼ ଜିଲାରେ ବାଣିଜ୍ୟ ବିଭାଗରେ ମାତ୍ର ୬୪ ସିଟ୍ ରହିଛି। ସେଥିମଧ୍ୟରୁ ୨୦ଟି ପୂରଣ ହୋଇଥିବା ବେଳେ ୪୪ ଖାଲିପଡ଼ିଛି। ସୋନପୁର ଜିଲାରେ ବି ବାଣିଜ୍ୟରେ ଥିବା ୩୭୯ ସିଟ୍ ମଧ୍ୟରୁ ୯୪ ପୂରଣ ହୋଇଛି। ୨୮୫ ଏବେବି ଫାଙ୍କା ପଡ଼ିଛି। ଏପଟେ କନ୍ଧମାଳ ଜିଲାରେ ବିଜ୍ଞାନରେ ଥିବା ୧୩୩୮ ସିଟ୍ ମଧ୍ୟରୁ ମାତ୍ର ୩୬୮ ପୂରଣ ହୋଇଥିବା ବେଳେ ୯୭୦ ସିଟ୍ ଖାଲିରହିଛି। ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। ଅଧିକାଂଶ ଜିଲାରେ ୧୦ ପ୍ରତିଶତ ସିଟ୍ ବି ପୂରଣ ହୋଇପାରିନାହିଁ। ୨୭ ତାରିଖ ପର୍ଯ୍ୟନ୍ତ ସ୍ପଟ୍ ନାମଲେଖା ଚାଲିବାକୁ ଥିବାରୁ ଆଉ କିଛି ସିଟ୍ ପୂରଣ ହେବ ବୋଲି ଆଶା କରାଯାଉଛି। ଜୁଲାଇ ୨୯ରୁ ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଅଶୋକ ନାୟକ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

**ଓଏଏସ୍ ସ୍ତରରେ ଅଦଳବଦଳ**

■ **ଅଶ୍ୱିନୀ ମିଶ୍ର ଉଚ୍ଚଶିକ୍ଷା ନିର୍ଦ୍ଦେଶକ**

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସର ସ୍ତରରେ ଶୁକ୍ରବାର ବ୍ୟାପକ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଦୁଇଦିନ ପୂର୍ବେ ଏହି ବିଭାଗର ଅତିରିକ୍ତ ସଚିବ ଥିବା ଅବଦୁଲ ଅଲିମ୍ ଖାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ନିଲମ୍ବନ କରାଯାଇଥିଲା। ଶରତ ଚନ୍ଦ୍ର ମିଶ୍ରଙ୍କୁ କନ୍‌ସଲିଡେଶନ୍ କମିଶନର ଭାବେ ଦାୟିତ୍ୱ ଦିଆଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ କୁମାର ମିଶ୍ରଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ବ୍ରତତୀ ହରିଚନ୍ଦନଙ୍କୁ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣର ନିର୍ଦ୍ଦେଶିକା, ମଧୁସୂଦନ ମିଶ୍ର(ଦ୍ୱିତୀୟ)ଙ୍କୁ ଏମ୍‌ଡି ମାର୍କଫେଡ୍ , ରାଜେନ୍ଦ୍ର ପଟ୍ଟନାୟକଙ୍କୁ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ଅବନୀକାନ୍ତ ପଟ୍ଟନାୟକ ବିଏମ୍‌ସି ଯୁଗ୍ମ କମିଶନର, ଚିତ୍ରସେନ ପଶାୟତ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ସଚିବ, ସୁଦାମ ଚରଣ ମଣ୍ଡଳ ଗଞ୍ଜାମ ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ବିମଳେନ୍ଦୁ ରାୟ ପୂର୍ତ୍ତ ବିଭାଗର ଯୁଗ୍ମ ସଚିବ, ପ୍ରତାପ କୁମାର ମିଶ୍ର କୃଷି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ସୁରେନ୍ଦ୍ର ପଣ୍ଡା ଉଚ୍ଚଶିକ୍ଷା ଯୁଗ୍ମ ସଚିବ, ପ୍ରବୀର କୁମାର ନାୟକ କୋରାପୁଟ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ଭବେଶ କୁମାର ନାୟକଙ୍କୁ ଢେଙ୍କାନାଳ ଜିଲା ଏଡିଏମ୍ , ସୁବାସ ଚନ୍ଦ୍ର ରାୟ ନୟାଗଡ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଅନାମ ଚରଣ ପାତ୍ରଙ୍କୁ ବରଗଡ ଜିଲା ଏଡିଏମ୍ ଭାବେ ନୂତନ ନିଯୁକ୍ତି କରାଯାଇଛି।

ଏତଦ୍ ବ୍ୟତୀତ ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ପ୍ରାୟ ୩୦ ଜଣ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ସେମାନେ ହେଉଛନ୍ତି- କରୁଣାକର ରାଇକ, ବିଶ୍ୱରଞ୍ଜନ ରଥ, ଅବିନାଶ ରାଉତ, ସଚ୍ଚିଦାନନ୍ଦ ନାୟକ, ସବ୍ୟସାଚୀ ହୋତା, ଚିତ୍ରସେନ ରାଉତ, ଦିଲୀପ ମହାପାତ୍ର, ରମେଶ ଚନ୍ଦ୍ର ସେଠୀ, ଶୈଳେନ୍ଦ୍ର କୁମାର ଜେନା, ତ୍ରିଲୋଚନ ମହାନ୍ତି, ସଞ୍ଜୟ କୁମାର ମିଶ୍ର, ସୁମିତା ସିଂ, ଆଶିଷ କୁମାର ଜେନା ଏବଂ ପ୍ରଦୀପ ଡାଙ୍ଗ ପ୍ରମୁଖ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟ ତଳେ ପ୍ରାଣି ଝୋବା**
**ପୁଅଝିଅ ନାହିଁ, କି ବୋଲି ଡାକିବି**
**ଭାତ ଭୁଞ୍ଜୀ ଫୁଲଗଭା ।**

ଆଗକାଳରେ ପତିପତ୍ନୀ ପରସ୍ପରର ନାମ ତୁଣ୍ଡରେ ଧରୁ ନ ଥିଲେ। ପିଲାଝିଲା ହେଲେ ତାଙ୍କରି ନାଁର ସାହାରା ନେଇ ଅମୁକ ପୁଅର ବାପା କି ସମୁକ ଝିଅର ମାଆ ବୋଲି ସମ୍ବୋଧନ କରୁଥିଲେ। ସୁହାଗିନୀ ପ୍ରତି ଦରଦ ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖୁଣ୍ଟ ଧଇଲି କି ବାଡ଼ ଧଇଲି**
**କରମେ ଥିଲାକୁ ପୁଅ ପାଇଲି ।**

ପୁଅ ଝିଅ ଉଭୟେ ସମାନ ହୋଇଥିବା ସ୍ଥଳେ ଅନେକ ପିତାମାତା ପୁତ୍ର ପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହାଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇପଡ଼ିଥାନ୍ତି। ବହୁ ପୂଜାର୍ଚ୍ଚନା କରି ତଥା କଷ୍ଟ ସ୍ୱୀକାର କରି ଭାଗ୍ୟବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

## କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ସପ୍ତଗିରି

ରାୟଗଡ଼ା ଅଫିସ୍/ଜୟପୁର,୨୬।୭(ଡି.ଏନ୍.ଏ./ନି.ପ୍ର.)



ଜୟପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ୮ ମାସ ହେଲା ଅବିଭକ୍ତ କୋରାପୁଟର ୪ଟି ଜିଲା ଅଧୀନ ଆଇନଜୀବୀ ସଂଘ କୋର୍ଟ ବର୍ଜନ ସହ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଗୁରୁବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଦିଲ୍ଲୀରେ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଭେଟି ଏ ସମ୍ପର୍କିତ ସ୍ମାରକପତ୍ର ଦେଇଛନ୍ତି। ରାଜ୍ୟର ଅନୁନ୍ନତ ଓ ଅନୁସୂଚିତ ଜନଜାତି ଜିଲାରେ ଗରିବ ଶ୍ରେଣୀର ଲୋକେ ନ୍ୟାୟ ପାଇଁ ସୁଦୂର କଟକ ହାଇକୋର୍ଟରେ ପହଞ୍ଚି ପାରୁନାହାନ୍ତି । ଜଷ୍ଟିସ ଯଶବନ୍ତ ସିଂ କମିଟିଙ୍କ ସୁପାରିଶ ଅନୁଯାୟୀ ଏହିପରି ଅନୁସୂଚିତ ଅଞ୍ଚଳରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଅବିଭକ୍ତ କୋରାପୁଟ ଜିଲା ଉପଯୁକ୍ତ ସ୍ଥାନ ଅଟେ ବୋଲି ଉଲାକା ଯୁକ୍ତି ଉପସ୍ଥାପନ କରିଛନ୍ତି। ଦାବିର ବିଚାର କରିବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରସାଦ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ଏମ୍‌ପି ଉଲାକା। ଉଲ୍ଲେଖଯୋଗ୍ୟ ଯେ, ଏହି ଦାବି ପାଇଁ ଗତ ବୁଧବାର ଭୁବନେଶ୍ୱରଠାରେ ବିଧାନସଭା ଆଗରେ ଧାରଣା ଦିଆଯିବା ସହ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଭେଟି ସ୍ମାରକପତ୍ର ମଧ୍ୟ ଦିଆଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଆପଣଙ୍କର ଦରକାର ?
1. BABY CARE (ଶିଶୁର ଯତ୍ନ)
2. MAID-SERVANT (ଘରୋଇ ସହାୟିକା)
3. HOUSE KEEPING (ଅଫିସ ସଫାସଫି କରିବା ପିଲା)
ଉପରୋକ୍ତ କାର୍ଯ୍ୟ କରିବା ପାଇଁ BHUBANESWAR ଭିତରେ ଝିଅ ଏବଂ ପୁଅ ଯାହାର ଦରକାର ତୁରନ୍ତ ଯୋଗାଯୋଗ କରନ୍ତୁ।
6371110942
7606828752

ASTROLOGY

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

APANA GHAR
An old age home.
For details contact
7064021151
9437006404

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ବିରଳା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74


ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ୩ ଘଣ୍ଟା ବିଳମ୍ବରେ କୋରାପୁଟ ଛାଡ଼ିଲା ହୀରାଖଣ୍ଡ

କୋରାପୁଟ,୨୬।୭(ସ୍ୱ.ପ୍ର.): ଜଗଦଲପୁରରୁ ଭୁବନେଶ୍ୱର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ଶୁକ୍ରବାର କୋରାପୁଟ ଷ୍ଟେସନରୁ ୩ ଘଣ୍ଟା ବିଳମ୍ବରେ ଛାଡ଼ିଛି। ଶୁକ୍ରବାର ସକାଳେ ଭୁବନେଶ୍ୱରରୁ ଜଗଦଲପୁର ଆସୁଥିବା ହୀରାଖଣ୍ଡ ରାୟଗଡ଼ା ପହଞ୍ଚିବା ପୂର୍ବରୁ ଟ୍ରେନ୍‌ର ବ୍ରେକ୍‌ରେ କିଛି ତ୍ରୁଟି ଦେଖାଯାଇଥିଲା। ଟ୍ରେନ୍ ରାୟଗଡ଼ା ଷ୍ଟେସନରେ ପହଞ୍ଚିବା ପରେ ସେଠାରେ ଟ୍ରେନ୍‌ର ବ୍ରେକ୍ ମରାମତି କରାଯାଇଥିଲା । ଫଳରେ ଟ୍ରେନ୍ ଶୁକ୍ରବାର କୋରାପୁଟ ଷ୍ଟେସନରେ ପୂର୍ବାହ୍ନ ୧୦ଟା ପରିବର୍ତ୍ତେ ଅପରାହ୍ନ ଗୋଟାଏରେ ପହଞ୍ଚିଥିଲା। ପରେ ଡେରିରେ ଜଗଦଲପୁର ପହଞ୍ଚିବା ପରେ ସେଠାରୁ ବାହାରି କୋରାପୁଟ ଷ୍ଟେସନରେ ରାତି ୮ଟାବେଳେ ପହଞ୍ଚିଥିଲା ଓ ସେଠାରୁ ୩ ଘଣ୍ଟା ବିଳମ୍ବରେ ଭୁବନେଶ୍ୱର ଯାତ୍ରା କରିଛି ।

### ନାବାଳିକାଙ୍କୁ ନେଇ ଫେରାର ଥିବା ଯୁବକ ଗିରଫ

କୋରାପୁଟ,୨୬।୭(ସ୍ୱ.ପ୍ର.): କୋରାପୁଟ ସଦର ଥାନା ମଇନାମାଳ ଗ୍ରାମର ଜଣେ ନାବାଳିକାଙ୍କୁ ନେଇ ଫେରାର ଥିବା ଯୁବକଙ୍କୁ ଶୁକ୍ରବାର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ଜୁନ ୨୪ରେ ମଇନାମାଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ନେଇ ସୁନାବେଡ଼ା ଅଞ୍ଚଳ ଦୋରାପୁଟ ଗ୍ରାମର କମଳଲୋଚନ ଶୁକ୍ରୀ ଫେରାର ହୋଇଯାଇଥିଲେ। ଏହାପରେ ନାବାଳିକାଙ୍କ ବାପା ଝିଅର ନିଖୋଜ ନେଇ ସଦର ଥାନାରେ ଏତଲା ଦେବା ପରେ କେସ୍ ନଂ ୬୩/୨୦୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ଏତଲା ହେବା ଜାଣି ଗିରଫ ଭୟରେ କମଳଲୋଚନ ମାଉସୀ ଘରେ ସଂପୃକ୍ତ ନାବାଳିକାଙ୍କୁ ଛାଡ଼ି ଆନ୍ଧ୍ରର ବିଜୟାୱାଡ଼ାରେ କାମ କରିବା ପାଇଁ ପଳାଇଥିଲେ। ଏବେ କମଳଲୋଚନ ନିଜ ଗାଁ ଦୋରାପୁଟକୁ ଆସିଥିବା ଜାଣି ଶୁକ୍ରବାର ପୋଲିସ ତାଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ମଧ ଉଦ୍ଧାର ପରେ ଡାକ୍ତରୀ ମାଇନା କରାଯାଇ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

### ଅବକାରୀ ଚଢ଼ାଉ, ୩ ଗିରଫ

କୋରାପୁଟ,୨୬।୭(ସ୍ୱ.ପ୍ର.): କୋରାପୁଟ ସଦର ଥାନା ପୋଲିସ ଶୁକ୍ରବାର ପୋଡ଼ାଗଡ଼ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଦେଶୀ ମଦ ବିକ୍ରି କରୁଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏସ୍‌ଆଇ ଏସ୍.ଏସ୍. ନାୟକଙ୍କ ନେତୃତ୍ୱରେ ହାବିଲଦାର ଏସ୍.କେ. ସାମଲ, କନଷ୍ଟେବଲ ପି. ଶ୍ରୀନିବାସ ରାଓ, ଟି. ମଣ୍ଡଳ, କେ. ଶ୍ରୀହର୍ଷ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ଼ର ବାତ୍ରିଗୁଡ଼ା ଗ୍ରାମ ଓ ମୁଜାଙ୍ଗ ପଞ୍ଚାୟତ ଅଞ୍ଚଳରେ ଚଢ଼ାଉ କରି ୨୦ ଲିଟରରୁ ଅଧିକ ଦେଶୀମଦ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ବାତ୍ରିଗୁଡ଼ା ଗ୍ରାମର ମକର ବଡନାୟକ, ମୁଜାଙ୍ଗର କାଟୁ ଭୋଇ, ସିମନ ସାନ୍ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ସରକାରୀ କଲେଜରେ ବୃକ୍ଷରୋପଣ

କୋରାପୁଟ,୨୬।୭(ସ୍ୱ.ପ୍ର.): କୋରାପୁଟ ସରକାରୀ ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମ୍ପ୍ୟୁଟର ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ମିଳିତ ସହଯୋଗରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ, ଅଧାପକ ଡ. ପ୍ରକାଶ ପ୍ରଧାନ, ଆଶାଲତା ନାୟକ, ଶିବ ଶଙ୍କର ପଟ୍ଟନାୟକ ଓ ଅମିତା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଅଁଳା, ନିମ, କୃଷ୍ଣଚୁଡ଼ା, ରାଧାଚୁଡ଼ା, ଚାକୁଣ୍ଡା ଭଳି ଶତାଧିକ ଚାରା ଲଗାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ନାରାୟଣ ଚୌଧୁରୀ, ସନ୍ତୋଷ ପାଣିଗ୍ରାହୀ, ଦିବାକର ଗାଦବା, ବିଜୟ ଜାନି, ରମାକାନ୍ତ ପଟ୍ଟନାୟକ, ସନ୍ଦୀପ ପୂଜାରୀ, ମନୋଜ ହେମ୍ବ୍ରମ, ପ୍ରେମ ବାକା, କାର୍ତ୍ତିକ ସ୍ୱାଇଁ ସାମିଲ ଥିଲେ।

### ପଦୋନ୍ନତି ପାଇଲେ ସଦରଥାନା ଅଧିକାରୀ

ଜୟପୁର,୨୬।୭(ଡି.ଏନ୍.ଏ.): ଜୟପୁର ସଦରଥାନା ଅଧିକାରୀ ଧୀରେନ ବେହେରା ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଏହାପରେ ତାଙ୍କୁ ଏହି ଥାନାରେ ଆଇଆଇସି ଭାବେ ଜିଲା ଏସ୍‌ପି ନିଯୁକ୍ତ କରିଛନ୍ତି। ଗତ ମାର୍ଚ୍ଚ ମାସରେ ଫୁଲବାଣୀ ଜିଲାରୁ କୋରାପୁଟ ଜିଲା ସଦର ଥାନାକୁ ସେ ବଦଳି ହୋଇ ଆସିଥିଲେ । ଏହି ଥାନାର ଅଧିକାରୀ ଭାବେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀ ରହିବା ନିୟମ ଥିଲେ ସୁଦ୍ଧା ସେ ଥାନା ଅଧିକାରୀ ଦାୟିତ୍ୱରେ ଥିଲେ। ଚଳିତ ମାସ ପ୍ରଥମ ସପ୍ତାହରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ପଦୋନ୍ନତି ପାଇ ଏବେ ଆଇଆଇସି ନିଯୁକ୍ତି ପାଇଛନ୍ତି।

# ଛତୁଆ କାର୍ଯ୍ୟକ୍ରମରେ ପିସି କାରବାର

ପଟ୍ଟାଙ୍ଗି,୨୬।୭(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ଶିଶୁ ଓ ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ଦେଇ ବ୍ୟାଙ୍କ ସହ ଲିଙ୍କ କରାଯାଇ ଋଣ ମାଧ୍ୟମରେ ଛତୁଆ ପ୍ରସ୍ତୁତ ପାଇଁ କାରଖାନା ସ୍ଥାପନ କରାଯାଇଛି। କିନ୍ତୁ କୋରାପୁଟ ଜିଲାରେ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ କେତେକ ଅଧିକାରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ପ୍ରତି ମାସରେ ହାତଗୁଞ୍ଜା ନେଉଥିବା ଅଭିଯୋଗ ହେଉଛି। ସେମାନେ ଛତୁଆର ମାନ ମଧ ଯାଞ୍ଚ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଜିଲା ପ୍ରଶାସନ ପାଖରେ ଏ ସମ୍ପର୍କିତ ଲିଖିତ ଅଭିଯୋଗ ପହଞ୍ଚିଥିଲା। କିନ୍ତୁ ଏହାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପିସି କାରବାରରେ ସମ୍ପୃକ୍ତ ଅଧିକାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦକ ଓ ହାତଗଣତି ସଭ୍ୟଙ୍କୁ ଡକାଇ ଏହାକୁ ଚପାଇ ଦେଇଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, କୋରାପୁଟ ଜିଲାର ୧୪ଟି ବ୍ଲକରେ ୨୬ଟି ଛତୁଆ ପ୍ରସ୍ତୁତି କେନ୍ଦ୍ର ରହିଛି। ଛତୁଆ ପ୍ରସ୍ତୁତି ପାଇଁ ଏମାନଙ୍କୁ ପ୍ରତି ମାସରେ ୪ରୁ ୫ ଲକ୍ଷ ଅନୁଦାନ ଯୋଗାଇ ଦିଆଯାଉଛି। ପ୍ରତି ଏସ୍‌ଏଚ୍‌ଜି ୨ ହଜାରରୁ ୨୨୦୦ ଶିଶୁ ଏବଂ ୧ ହଜାରରୁ ୧୫୦୦ ଗର୍ଭବତୀଙ୍କ ପାଇଁ ଛତୁଆ ପ୍ରସ୍ତୁତ କରୁଛି। କିନ୍ତୁ ଉପରୋକ୍ତ ଅନୁଦାନରୁ ପ୍ରତି ମାସରେ ବ୍ଲକ ସ୍ତରର ନିର୍ଦ୍ଦିଷ୍ଟ କେତେକ ସୁପରଭାଇଜର ଓ ସିଡିପିଓଙ୍କ ମାଧ୍ୟମରେ ଜିଲାର ସମସ୍ତ ଛତୁଆ ପ୍ରସ୍ତୁତକାରୀ ଏସ୍‌ଏଚ୍‌ଜିଙ୍କଠାରୁ ୧୦ ହଜାର ଟଙ୍କା ଲେଖାଏଁ ପିସି ଆଦାୟ ହେଉଛି। ପିସି ବାବଦକୁ ସଂଗ୍ରହ ହୋଇଥିବା ସମସ୍ତ ଟଙ୍କା କୋଟପାଡ଼ ବ୍ଲକରେ ରହିଥିବା ନିର୍ଦ୍ଦିଷ୍ଟ ଏକ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ପହଞ୍ଚିବା ପରେ ମିଶନ ଶକ୍ତି କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେ ସବୁ ଭାଗବଣ୍ଟା ହେଉଛି। ବ୍ଲକ ସ୍ତରରେ ନୂତନ ଛତୁଆ ପ୍ରସ୍ତୁତି କେନ୍ଦ୍ର ଖୋଲିବା ପାଇଁ ଏକ ଲକ୍ଷ ଟଙ୍କା ହାତଗୁଞ୍ଜା ମଗାଯାଉଛି। ଏ ସମ୍ପର୍କରେ ରମେଶ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ ଦେବା ପରେ ପିସି କାରବାରରେ ସମ୍ପୃକ୍ତ ଅଧିକାରୀ ତତ୍ପର ହୋଇପଡ଼ିଥିଲେ। ଛତୁଆର ମାନକୁ ନେଇ ବିଧାନସଭାରେ ଅନେକ ଥର କଥା ଉଠିଥିଲେ ମଧ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ ନଥିବା ପଟ୍ଟାଙ୍ଗି ବ୍ଲକର କଂଗ୍ରେସ କମିଟି ସଭାପତି ନୃସିଂହନାଥ ବେହେରା କହିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅନେକ ଥର ଲିଖିତ ଅଭିଯୋଗ କରାଯାଇଥିଲେ ମଧ ଜାଣିଶୁଣି ଏହାକୁ ଚପାଇ ଦିଆଯାଉଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଏବେ ଦାବି ହେଉଛି।

**ଅଭିଯୋଗ ସତ୍ତ୍ୱେ ପଡୁନି ଫରକ**

- ଛତୁଆ ପ୍ରସ୍ତୁତି କେନ୍ଦ୍ର ଖୋଲିବାକୁ ନିଆଯାଉଛି ଲକ୍ଷେ ଟଙ୍କା
- ଅଭିଯୋଗ ହେଲେ ଚପାଇବାକୁ ହେଉଛି ଉଦ୍ୟମ

"ଅଭିଯୋଗକାରୀ ରମେଶ ପଟ୍ଟନାୟକଙ୍କ ପତ୍ର ପରେ ଜିଲାର ସମସ୍ତ ଛତୁଆ ପ୍ରସ୍ତୁତକାରୀ ମହିଳା ଗୋଷ୍ଠୀଙ୍କୁ ପଚରାଉଚରା କରାଯାଇଥିଲା। କିନ୍ତୁ ଆସିଥିବା ଅଭିଯୋଗର କୌଣସି ସତ୍ୟତା ନଥିବା ମହିଳା ଗୋଷ୍ଠୀର ସଭାପତି ଓ ସଦସ୍ୟମାନେ ଦର୍ଶାଇଥିଲେ।
- ହରେକୃଷ୍ଣ ପ୍ରଧାନ, ଡିଏସ୍‌ଡବ୍ଲ୍ୟୁଓ, କୋରାପୁଟ

### ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର,୨୬।୭(ନି.ପ୍ର./ଡି.ଏନ୍.ଏ.): ଜୟପୁର ଇରିଗେସନ କଲୋନି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ, ସ୍କାଉଟ, ଆଇନସେବା ପ୍ରାଧିକରଣ, ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ମିଳିତ ଭାବେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରକାର ୮୦ଟି ଚାରା ଲଗାଯାଇଥିଲା। ସଂସଦର ସଭାପତି ଇଂ କେଦାରନାଥ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ କୋଲାବ ପ୍ରକଳ୍ପର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ସୁବାସ ଚନ୍ଦ୍ର ମିଶ୍ର ଯୋଗଦେଇ ଚାରାରୋପଣ ସହ ବୃକ୍ଷ ଦ୍ୱାରା ବିଶ୍ୱ ଏବଂ ସମସ୍ତ ଜୀବଜଗତର ଉପକାର ଉପରେ ଆଲୋକପାତ କରିଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କିରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ସ୍କାଉଟ ଶିକ୍ଷକ ରାଧା ମୋହନ ପଣ୍ଡା, ସଂସଦର ସହ ସଂପାଦକ ବୈରାଗୀ ସାହୁ ଉପସ୍ଥିତ ଥିଲେ।



ପୂର୍ବତନ ଯବାନ ନରସିଂହ ନାୟକଙ୍କୁ କାରଗିଲ୍ ବିଜୟ ଦିବସରେ ସମ୍ବର୍ଦ୍ଧନା ଦିଆଯାଉଛି।

- ବିଭିନ୍ନ ସ୍ଥାନରେ କାରଗିଲ ବିଜୟ ଦିବସ ପାଳିତ

## ଯବାନ ବଖାଣିଲେ ଯୁଦ୍ଧର ଜୟଗାଥା

ଜୟପୁର,୨୬।୭(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ ଓ ଜେସିଏନ୍ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଛି। ପୂର୍ବାହ୍ନରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନସିସି ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ କାରଗିଲ ଯୁଦ୍ଧରେ ଯୋଗ ଦେଇଥିବା ନରସିଂହ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ନରସିଂହ ଏହି କଲେଜର ପୂର୍ବତନ ଛାତ୍ର ଥିବା ସହ ଉତ୍ତରାଞ୍ଚଳ କମାଣ୍ଡାଣ୍ଟ ସେନାବାହିନୀରୁ ହାବିଲଦାର ଭାବେ ଅବସର ନେଇଛନ୍ତି। ମହାବିଦ୍ୟାଳୟର ଅଧକ୍ଷା ଡ. ରଚନା ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନରସିଂହଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ମଞ୍ଚରେ ନରସିଂହ କାରଗିଲ ଯୁଦ୍ଧ ସମୟର ଅନୁଭୂତି ବଖାଣିବା ସହ ସେନାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ନିଳାଦ୍ରୀନାଥ ଦେଶ, ଏନ୍‌ସିସି ଅଧାପକ ଡ. ଲକ୍ଷ୍ମଣ ପାତ୍ର, ଏନ୍‌ସିସି ସୁବେଦାର ସୋରନ ରାୟ ଉପସ୍ଥିତ ଥିଲେ। ସେହିପରି ନରସିଂହ ନାୟକ ଅପରାହ୍ନରେ ଜଗଦିଶଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଜୟ ଦିବସରେ ଯୋଗଦେଇ ପିଲାମାନଙ୍କୁ ସମ୍ବୋଧିତ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ତ୍ରିନାଥ ପଟ୍ଟନାୟକ, ଏନ୍‌ସିସି ଶିକ୍ଷକ ମହମ୍ମଦ ସରିଫ, କ୍ରୀଡ଼ା ଶିକ୍ଷକ ବାସୁଦେବ ସେନାପତି ଉପସ୍ଥିତ ଥିଲେ।

### ସିମେଣ୍ଟ କାରଖାନାରେ ପୋଡ଼ିଗଲେ ଶ୍ରମିକ

ପଟ୍ଟାଙ୍ଗି,୨୬।୭(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ଅମ୍ବାବାଲି ପଞ୍ଚାୟତରେ ଥିବା ଗଜପତି ତୋଷାଲି ସିମେଣ୍ଟ କାରଖାନାରେ ଗୁରୁବାର ରାତିରେ ଦୁର୍ଘଟଣା ଘଟି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। କିନ୍ତୁ ଏନେଇ ପୋଲିସ କିମ୍ବା ତହସିଲ କାର୍ଯ୍ୟାଳୟକୁ କାରଖାନା କର୍ତ୍ତୃପକ୍ଷ ସୂଚନା ଦେଇ ତାଙ୍କର ଚିକିତ୍ସା ଚଳାଇଛନ୍ତି। ପୁକାଲି ପଞ୍ଚାୟତ ବଡୁଗୁଡ଼ା ଗ୍ରାମର ନାନ୍ଦୁ ପାଙ୍ଗି ସିମେଣ୍ଟ କାରଖାନାର ଚିମ୍‌ନି ନିକଟରେ କାମ କରୁଥିବା ବେଳେ ହଠାତ୍ ଗରମ ଧାସ ବାଜି ତାଙ୍କର ଦୁଇ ହାତ ପୋଡ଼ିଯାଇଥିଲା। କିନ୍ତୁ ନାନ୍ଦୁଙ୍କୁ ନିକଟସ୍ଥ ସୁଙ୍କି ଡାକ୍ତରଖାନା କେନ୍ଦ୍ର ନିଆଯିବା ବଦଳରେ ପଡ଼ୋଶୀ ଆନ୍ଧ୍ରର ସାଲୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି, ଯାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସାନର ଛୁରାମାଡ଼ରେ ବଡଭାଇ ଗୁରୁତର

ଜୟପୁର,୨୬।୭(ଡି.ଏନ୍.ଏ.)

ଜୟପୁର ସଦରଥାନା ପୁଟ୍ରା ଗ୍ରାମରେ ଜମି ଭାଗବଣ୍ଟାକୁ ନେଇ ଦୁଇଭାଇ ଭିତରେ ଗଣ୍ଡଗୋଳ ହୋଇଛି। ଗତ ଗୁରୁବାର ସନ୍ଧ୍ୟାରେ ଏହି ଗଣ୍ଡଗୋଳ ଉଗ୍ରରୂପ ନେବାରୁ ସାନଭାଇ ନକୁଳ ଗାଦବା ଛୁରିରେ ବଡ଼ଭାଇ ଘାସିରାମ ଗାଦବା (୫୦)ଙ୍କୁ ଭୁଷି ଦେଇଥିଲେ। ଏଥିରେ ଗୁରୁତର ଘାସିଙ୍କୁ ପରିବାର ଓ ଗ୍ରାମବାସୀ ପ୍ରଥମେ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜୟପୁର ଜିଲା ଚିକିତ୍ସାଳୟ ଓ ସେଠାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି।




ଝଲାଗୁଡ଼ା ଛକରେ କୋଡ଼ିଙ୍ଗାମାଳି ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ଧାରଣା ଦିଆଯାଇଛି।

## କୋଡିଙ୍ଗାମାଳି ଖଣିଖନନ ବିରୋଧରେ ଆନ୍ଦୋଳନ

- ଝଲାଗୁଡ଼ା ଛକରେ ରାସ୍ତା ଅବରୋଧ ସହ ଧାରଣା ଦେଲେ

କୋରାପୁଟ,୨୬।୭(ସ୍ୱ.ପ୍ର.)

କୋଡିଙ୍ଗାମାଳି ଖଣି ଖନନକୁ ବିରୋଧ କରି ଶୁକ୍ରବାର ଆନ୍ଦୋଳନ ତେଜିଛି। ସକାଳେ ପ୍ରବଳ ବର୍ଷା ସତ୍ତ୍ୱେ ଲକ୍ଷ୍ମୀପୁରର ଝଲାଗୁଡ଼ା ଛକକୁ ଅବରୋଧ କରିବା ସହ ସେଠାରେ ଗଣଧାରଣାରେ ବସିଥିଲେ କୋଡିଙ୍ଗାମାଳି ସୁରକ୍ଷା ମଞ୍ଚ। ଫଳରେ ଖଣି ଅଞ୍ଚଳରେ ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହିଛି । ଆନ୍ଦୋଳନ ଯୋଗୁ ଲକ୍ଷ୍ମୀପୁର ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଖଣି ସପକ୍ଷରେ ଥିବା ଲୋକ ପ୍ରତିନିଧିଙ୍କୁ ଆନ୍ଦୋଳନକାରୀ ତାଗିଦ କରିବା ସହ ଆଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି କହିଛନ୍ତି।

ଲକ୍ଷ୍ମୀପୁର ଝଲାଗୁଡ଼ା ଛକ ନିକଟ ଖଣି ଅଞ୍ଚଳ ରାସ୍ତାକୁ ଦଶମନ୍ତପୁର ଓ ଲକ୍ଷ୍ମୀପୁର ବ୍ଲକର ଖଣି ପ୍ରଭାବିତ ଶତାଧିକ ଗ୍ରାମବାସୀ ଅବରୋଧ କରିଥିଲେ। ଏହି ଅଞ୍ଚଳରେ ଗ୍ରାମସଭା କରାଯିବା ସହ ଓଏମ୍‌ସି ପକ୍ଷରୁ କାରଖାନା ନହେବା ଯାଏ ଖଣି ଅଞ୍ଚଳରେ ସମସ୍ତ କାର୍ଯ୍ୟ ବନ୍ଦ ରହିବ ବୋଲି ପ୍ରଭାବିତ ଗ୍ରାମବାସୀ କହିଛନ୍ତି। ଆନ୍ଦୋଳନକାରୀଙ୍କୁ ବୁଝାଇବା ପାଇଁ ଆସିଥିବା ଲକ୍ଷ୍ମୀପୁର ଜୋନ-୨ର ପୂର୍ବତନ ଜିଲା ପରିଷଦ ସଭ୍ୟା ପାରଦା କୁଲେସିକାଙ୍କୁ ମହିଳାମାନେ ଠେଲାପେଲା କରିବା ସହ ସେହି ସ୍ଥାନ ଛାଡ଼ିଯିବା ପାଇଁ କହିଥିଲେ। ପରେ ଲକ୍ଷ୍ମୀପୁର ପୋଲିସ କୁଲେସିକାଙ୍କୁ ଅନ୍ୟତ୍ର ନେଇଯାଇଥିଲେ। ଆନ୍ଦୋଳନ ଯୋଗୁ ଶୁକ୍ରବାର ଖଣି ଅଞ୍ଚଳରୁ ଡମ୍ପିଂ ସ୍ଥାନକୁ ପରିବହନ ବନ୍ଦ ରହିଥିଲା। ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ ବେହେରା, ମାଜିଷ୍ଟ୍ରେଟ ଭାବେ ନାରାୟଣପାଟଣା ତହସିଲଦାର ରଞ୍ଜନ ମାନସେଠ, ଲକ୍ଷ୍ମୀପୁର ବିଡିଓ ବେଣୁଧର ଶବର ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଘଟଣାସ୍ଥଳକୁ ଓଏମ୍‌ସି କିମ୍ବା ପରିବହନ କରୁଥିବା ସଂସ୍ଥା ମୈତ୍ରୀର କୌଣସି ଅଧିକାରୀ ଆସିନଥିଲେ।



କୁନ୍ଦୁରା ପଞ୍ଚାୟତସମିତି କାର୍ଯ୍ୟାଳୟ ଆଗରେ ଗରା ରଖି ଧାରଣା ଦେଇଛନ୍ତି ଖିଲପୁଟ ଗ୍ରାମବାସୀ।

## ବ୍ଲକ କାର୍ଯ୍ୟାଳୟ ଘେରିଲେ ଖିଲପୁଟ ଗ୍ରାମବାସୀ

କୁନ୍ଦୁରା,୨୬।୭(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ସୀମାନ୍ତ ପଞ୍ଚାୟତ ଦିଗାପୁର ଅଧୀନସ୍ଥ ଖିଲପୁଟର ଶତାଧିକ ମହିଳା ଓ ପୁରୁଷ ଗାଁରେ ନଳକୂପ ଖନନ ଏବଂ ପିଇବା ପାଣି ଦାବିରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରିଛନ୍ତି। ଖିଲପୁଟ ଗ୍ରାମବାସୀ ୧ବର୍ଷ ହେବ ପାନୀୟଜଳ ସମସ୍ୟା ନେଇ ଅଭିଯୋଗ କରିବା ପରେ ଗ୍ରାମର ହରିଜନ ସାହିରେ ନଳକୂପ ଖୋଳା ପାଇଁ ମଞ୍ଜୁରି ମିଳିଥିଲା। ପ୍ରଶାସନ ଗାଡ଼ି ସେଠାକୁ ଯାଇ ନଳକୂପ ଖୋଳିବା ବେଳେ ଜମି ମାଲିକା ସେଠାରେ ଖୋଳିବାକୁ ଦେଲେନାହିଁ। ନଳକୂପ ମଞ୍ଜୁର ସମୟରେ ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଉପରଠାଉରିଆ ଭାବେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ସ୍ଥାନ ଚିହ୍ନଟ କରାଇଥିବାରୁ ଏଭଳି ଅବସ୍ଥା ହୋଇଥିବା ଗ୍ରାମବାସୀ କହିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ସରକାରଙ୍କ ରାଜସ୍ୱ ହାନି ହେବା ସହ ସେହିଦିନଠାରୁ ନଳକୂପ ଖୋଳା ବନ୍ଦ ରହିଛି। ଗ୍ରାମରେ ୨୦୦ ପରିବାର ଥିବାବେଳେ ଗୋଟିଏ ନଳକୂପ ନିଅଣ୍ଟିଆ ପଡୁଛି। ଏହାକୁ ନେଇ ସେମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ କୋରାପୁଟ ଗସ୍ତରେ ଥିବାବେଳେ ଏବିଡିଓ ମାଧୁରୀ ଆଚାରୀ ଲୋକଙ୍କୁ ବୁଝାଇବା ସତ୍ତ୍ୱେ ସେମାନେ ବୁଝି ନଥିଲେ। ଗୋଟାଏ ବେଳେ ଏବିଡିଓ କନିଷ୍ଠ ଯନ୍ତ୍ରୀ ଅଜୟ ମାଝିଙ୍କୁ ଡକାଇ ୧୦ ଦିନ ମଧରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ସେଠାରୁ ହଟିଥିଲେ। ବିଜେଡିର ଜଗତ ନାୟକ, ଦମୟନ୍ତୀ ମଲ୍ଲିକ, କଂଗ୍ରେସର ବାବୁନି କଳାପାହାଡ଼, ସଜନ ମୁଦୁଲି ଗ୍ରାମବାସୀଙ୍କୁ ସମର୍ଥନ କରିଥିଲେ।

- ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀଙ୍କ ବେଖାତିର ମନୋଭାବ
- ପ୍ରତିଶ୍ରୁତିର ବର୍ଷକ ପରେ ବି ମିଳୁନି ପିଇବା ପାଣି

# ଅସ୍ତିତ୍ୱ ହରାଉଛି ବ୍ଲକର ସର୍ବପୁରାତନ ସ୍କୁଲ

ବୈପାରୀଗୁଡ଼ା,୨୬।୭(ଡି.ଏନ୍.ଏ.)

ବ୍ରିଟିଶ ସରକାର ଅମଳରେ ୧୯୪୦ରେ ପ୍ରତିଷ୍ଠା ପାଇଥିଲା ବୈପାରୀଗୁଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଯାବତ୍ ଅନେକ ଛାତ୍ରୀଛାତ୍ରଙ୍କ ସୁନେଲି ଭବିଷ୍ୟତ ଗଢ଼ିଥିବା ଏହି ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏବେ ଅସ୍ତିତ୍ୱ ହରାଇବାରେ ଲାଗିଛି।

ବୈପାରୀଗୁଡ଼ା ଗ୍ରାମର ମଧ୍ୟସ୍ଥଳୀରେ ରହିଛି ଏହି ସର୍ବପୁରାତନ ବିଦ୍ୟାଳୟ । ଅନ୍ଧାରୀ ମୁଲକରେ ଶିକ୍ଷାର ଆଲୋକ ଦେଖାଉଥିଲା ଏହି ଏକମାତ୍ର ଶିକ୍ଷାନୁଷ୍ଠାନ। ସମାଜରେ ବର୍ତ୍ତମାନ ପ୍ରତିଷ୍ଠିତ ଥିବା ବହୁ ବ୍ୟକ୍ତିବିଶେଷ ଦିନେ ଏହି ବିଦ୍ୟାଳୟର ଛାତ୍ର ଥିଲେ। ସେଦିନର ଉଚ୍ଚ ମାଷ୍ଟ୍ରେଙ୍କ ଛାଟ ଓ ଉଚ୍ଚାରଣରେ ଯୁକ୍ତାକ୍ଷର, ପଣିକିଆ ଶିକ୍ଷାକୁ ଅନେକ ଭୁଲିପାରି ନାହାନ୍ତି। ଏହା କେବଳ ଶିକ୍ଷାନୁଷ୍ଠାନରେ ସୀମିତ ନଥିଲା, ବରଂ ସଂସ୍କୃତିର ପ୍ରାଣକେନ୍ଦ୍ର ମଧ ଥିଲା। ଏଠାରେ ଏକଦା ଛାତ୍ର ଥାଇ ପରେ ଶିକ୍ଷକତା କରୁଥିବା ଚକ୍ରପାଣି ପରିଚ୍ଛା ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ନାଟ୍ୟକାର ତଥା ଲେଖକ ଭାବେ ସୁପରିଚିତ। ତାଙ୍କର ସହପାଠୀ ଥିବା କିଶୋର ତ୍ରିପାଠୀ ଜଣେ ଶିକ୍ଷକ ଓ ସଂଗୀତ କଳାକାର। କିନ୍ତୁ ଏହି ସମୃଦ୍ଧ ଶିକ୍ଷାନୁଷ୍ଠାନ ଏବେ ବିଲୁପ୍ତ ହେବାକୁ ବସିଛି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩ ଶହରୁ ଅଧିକ ପିଲା ପାଠ ପଢୁଛନ୍ତି। ସ୍ଥାନ ଅଭାବରୁ ଅନେକ ଏଠାରେ ନାମ ଲେଖାଇ ପାରୁନାହାନ୍ତି। ବିଦ୍ୟାଳୟର ପୁରୁଣା କୋଠରି ଭାଙ୍ଗିରୁଜି ଗଲାଣି। ସାମ୍ନା ପଟ କୋଠରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗୋଟିଏ ମାତ୍ର ଶ୍ରେଣୀଗୃହ ଥିବାବେଳେ ଏବେ ଅଫିସ୍ ରୁମ୍ ଓ ରୋଷେଇ ଘରେ ପାଠପଢ଼ା ଚାଲିଛି । ସ୍ଥାନ ଅଭାବରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଏଠାରେ ପଢ଼ାଯାଉଥିବା ବେଳେ ଗତ ଜୁଲାଇ ୭ରୁ ଅନ୍ୟ ସବୁ ଶ୍ରେଣୀର ପିଲାଙ୍କୁ ଅସ୍ଥାୟୀ ଭାବେ ସ୍ଥାନୀୟ ହାଇସ୍କୁଲରେ ପଢ଼ାଯାଉଛି। ଏହି ୨ଟି ବିଦ୍ୟାଳୟ ମଧ୍ୟରେ ବ୍ୟବଧାନ ପ୍ରାୟ ଦେଢ କିମି। ଶିକ୍ଷକମାନେ ଭାଗ ହୋଇ ପାଠପଢ଼ା ଦାୟିତ୍ୱ ତୁଲାଉଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଖିଲାଡି କହିଛନ୍ତି, ଶ୍ରେଣୀଗୃହ ସମସ୍ୟା ନେଇ ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗତ ନଭେମ୍ବରରେ ସେ ନିଜେ ଆସି ବିଦ୍ୟାଳୟ ସ୍ଥିତି ପରଖିଥିଲେ। ଏହାପରେ ୮୦ ଲକ୍ଷ ଟଙ୍କାର କୋଠାଘର ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ମାର୍ଚ୍ଚରେ ଟେଣ୍ଡର ସରିଥିଲା। ରାଜସ୍ୱ ବିଭାଗ ପକ୍ଷରୁ ଜାଗା ଚିହ୍ନଟ ବେଳେ ବିଦ୍ୟାଳୟ ପରିସରରେ ଥିବା ୪୮ ସେଣ୍ଟ ଜାଗା ବେସରକାରୀ ବୋଲି ଜଣାପଡିଛି । ଏଥିପାଇଁ ଉକ୍ତ ଠିକାଦାର କାମ ଆରମ୍ଭ କରିବାକୁ ଆସି ଫେରିଯାଇଛନ୍ତି। ପ୍ରଶାସନ ଅନ୍ୟ କୌଣସି ପଦକ୍ଷେପ ନେଇ ନ ଥିବାବେଳେ ନୂଆ ଜିଲାପାଳଙ୍କୁ ପୁଣି ବିଦ୍ୟାଳୟ ସଂପର୍କରେ ଅବଗତ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

**ଅଭାବ ଭିତରେ ପାଠପଢ଼ା**



- ଜରାଜୀର୍ଣ୍ଣ ଅବସ୍ଥାରେ ପୁରୁଣା କୋଠରି
- ଶ୍ରେଣୀଗୃହ ନାହିଁ ବୋଲି ଦେଢ଼କିମି ଦୂର ହାଇସ୍କୁଲକୁ ଯାଉଛନ୍ତି ପିଲା
- କୋଠାଘର ନିର୍ମାଣ ପାଇଁ ଆସିଥିବା ୮୦ ଲକ୍ଷ ଖର୍ଚ୍ଚ ନହୋଇ ପଡ଼ିଛି

## ସଂକ୍ଷେପରେ

### ନିୟମିତ ହେଲେ ୭ ଶିକ୍ଷକ



ଡାବୁଗାଁ, ୨୬।୭ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୭ ଜଣ ଶିକ୍ଷକଙ୍କୁ ଅଭିନନ୍ଦନ ମାଧ୍ୟମରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ୨୦୧୨ ମସିହାରେ ନିଯୁକ୍ତି ପାଇଥିବା ଶିକ୍ଷା ସହାୟକମାନଙ୍କ ମଧ୍ୟରୁ ୭ ଜଣ ଶିକ୍ଷକଙ୍କର ଡିସେମ୍ବର ୨୦୧୮ରେ ୬ ବର୍ଷ ପୂରଣ ହୋଇଥିଲା। ସେମାନଙ୍କୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚଳିତ ବର୍ଷ ଜୁଲାଇ ମାସରୁ ନିୟମିତ କରିଛି। ଉକ୍ତ ନିୟମିତ ହେବାର ଆଦେଶପତ୍ରଗୁଡିକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ହୋତା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦେଇ ନିୟମିତ ହୋଇଥିବା ଆଦେଶ ପତ୍ର ପ୍ରଦାନ କରିଥିଲେ। ଏହି ଆଦେଶପତ୍ର ପ୍ରଦାନ ସମୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମୀକାନ୍ତ ବାହିନୀପତି, ମହେଶ ଚନ୍ଦ୍ର ଶାହା, ଅଞ୍ଜଳି ବିଶ୍ୱାସ, ମୁଖ୍ୟ କିରାଣି କୈଳାସ କୁମାର ସିଂଙ୍କ ସମେତ ଅନ୍ୟ କର୍ମଚାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ସୁନେତ୍ର ଯୋଜନାରେ ଚକ୍ଷୁ ପରୀକ୍ଷା



ଚନ୍ଦାହାଣ୍ଡି, ୨୬।୭ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ବିଜୟଲକ୍ଷ୍ମୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଚକ୍ଷୁ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଏବଂ ବୟସ୍କ ବ୍ୟକ୍ତିମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ସହ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଡ. ବସନ୍ତ କୁମାର ଷଡଙ୍ଗୀ, ଉମରକୋଟରୁ ଆସିଥିବା ଚକ୍ଷୁ ଚିକିତ୍ସା ସହାୟକ ରାମଚନ୍ଦ୍ର ରାମ, ଫାର୍ମାସିଷ୍ଟ ଅମରେଶ କୁମାର ଖମାରୀ, ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ବୟସ୍କ ବ୍ୟକ୍ତିମାନଙ୍କୁ ଚାଳିସା ଚଷମା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିପିଓ ସୁଦିପ୍ତ ରଞ୍ଜନ ରାଉତ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୌରୀଶଙ୍କର ବେଶ୍ରା, ଫାର୍ମାସିଷ୍ଟ ଶିବାନିତ୍ୟ ମାରୀ, ଶାନ୍ତନୁ ମହାପାତ୍ର, ବାଳଗୋବିନ୍ଦ ମାଝି, ପ୍ରଦୀପ ପାଢି ପ୍ରମୁଖ ଉପସ୍ଥିତ ଥିଲେ।

### ଲଘୁଚାପ ବର୍ଷା ପରେ ଚାଷୀ ଆଶ୍ୱସ୍ତ

ଚନ୍ଦାହାଣ୍ଡି, ୨୬।୭(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ମରୁଡିର ପଦଧ୍ୱନି ପୂର୍ବରୁ ଲଘୁଚାପ ବର୍ଷା ଚାଷୀକୁଳକୁ ଆଶ୍ୱସ୍ତ କରିଛି। ଧାନ ବୁଣିବା ପରେ ଗଛଗୁଡିକ ବେଉଷଣ ହୋଇଯାଇଥିଲା। ଦୀର୍ଘ ଏକମାସ ହେଲା ବର୍ଷା ନହେବା ଯୋଗୁଁ ରୁଆ ବେଉଷଣ ଆଗେଇ ପାରୁ ନଥିଲା । ଧାନଗଛ ବିଭିନ୍ନ ଜାଗାରେ ମରିଯିବାକୁ ବସିଥିଲା। ବେଉଷଣ ନ ହୋଇ ଧାନଗଛଗୁଡିକ ବୁଢା ହୋଇଯାଉଥିଲା। ୨୦୧୮ ମସିହାରେ ବ୍ଲକରେ ମରୁଡି ହୋଇଥିଲା। ଚଳିତବର୍ଷ ମଧ୍ୟ ଆଉ ୧୫ଦିନ ବର୍ଷା ହୋଇ ନଥିଲେ ଗଜା ମରୁଡିର ଆଶଙ୍କାରେ ଥିଲେ ଚାଷୀ । କିନ୍ତୁ ଗୁରୁବାର ଅପରାହ୍ନଠାରୁ ହୋଇଥିବା ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ମଧ୍ୟରେ ଖୁସି ଆଣିଛି। ଚାଷଜମିକୁ ଯାଉ ନଥିବା ଚାଷୀ ପୁଣି ଖୁସିରେ ନିଜ ଜମିରେ ରୁଆ ବେଉଷଣ କାର୍ଯ୍ୟରେ ଲାଗିପଡିଛି । ୨୮ତାରିଖ ପର୍ଯ୍ୟନ୍ତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଥିବାରୁ ବ୍ଲକର ରୁଆ ବେଉଷଣ କାର୍ଯ୍ୟ ଆଗେଇ ଚାଲିଛି।

### ବିଦ୍ୟୁତ ଆଘାତରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୬।୭(ଡି.ଏନ.ଏ.)- ଖଲ୍ଲିକୋଟ ବ୍ଲକ ଚଣ୍ଡିପୀଠ ଗ୍ରାମର ମଙ୍ଗୁଳି ଚରଣ ସେଠୀ (୬୫)ଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ସେ ଘରେ ପାଣିପମ୍ପ ସଂଯୋଗ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଖଲ୍ଲିକୋଟ ଡ଼ାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ।

## ■ ଫୁପୁଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ‘ଆମ ଭବିଷ୍ୟତ ଅନ୍ଧାର’

**୫ ବର୍ଷ ହେଲା ଗଣିତ, ବିଜ୍ଞାନ, ହିନ୍ଦୀ ପଢ଼ାରୁ ବଞ୍ଚିତ ଛାତ୍ରୀଛାତ୍ର**



ଝରିଗାଁ, ୨୬।୭(ସ୍ୱ.ପ୍ର.)

ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ୨୬୭। ଶିକ୍ଷକ ଅଛନ୍ତି ମାତ୍ର ୫ଜଣ। ସେହିଭଳି ନବମ ଓ ଦଶମ ଶ୍ରେଣୀରେ ପାଠ ପଢନ୍ତି ୬୪ ଜଣ ପିଲା। ସେମାନଙ୍କ ପାଇଁ ରହିଛନ୍ତି ମାତ୍ର ୩ଜଣ ଶିକ୍ଷକ। ହାଇସ୍କୁଲରେ ଗଣିତ, ବିଜ୍ଞାନ ଏବଂ ହିନ୍ଦୀ ଶିକ୍ଷକ ନ ଥିବାରୁ ପାଠପଢା ହେଉନି। ଏହା ହେଉଛି ଝରିଗାଁ ବ୍ଲକସ୍ଥିତ ଫୁପୁଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅବସ୍ଥା। ସ୍କୁଲରେ ସମସ୍ତ ବିଷୟ ଶିକ୍ଷକ ନାହାନ୍ତି। ‘ଆମ ଭବିଷ୍ୟତ ଅନ୍ଧାରରେ’ ବୋଲି ସ୍କୁଲରେ ପାଠ ପଢୁଥିବା ହାଇସ୍କୁଲ ଛାତ୍ରୀଛାତ୍ରମାନେ କହିଛନ୍ତି।

ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ୧୯୯୦ରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ସଦର ମହକୁମାରେ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏଠାରେ ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମର ଝିଅ ପୁଅ ପାଠ ପଢନ୍ତି। ପିଲାଙ୍କ ସଂଖ୍ୟା ବଢିବାରୁ ୨୦୦୭ରେ ଏହାକୁ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟଭାବେ ଘୋଷଣା କରାଯାଇଥିଲା। କିନ୍ତୁ ଏବେ ସ୍କୁଲର ଶୈକ୍ଷିକ ଭିତ୍ତିଭୂମିର ଅଭାବ ରହିଛି। ଏଥି ସକାଶେ ଗ୍ରାମର ଅନ୍ୟସ୍ଥାନରେ ନୂତନ ଶ୍ରେଣୀଗୃହ ନିର୍ମାଣ ହେଲା ସତ କିନ୍ତୁ ଶିକ୍ଷକ ଅଭାବ ରହିଗଲା। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୬୭ ଛାତ୍ରୀଛାତ୍ରଙ୍କ ସକାଶେ ପ୍ରଧାନଶିକ୍ଷକଙ୍କ ସମେତ ଆଉ ୪ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ସେହିଭଳି ନବମ ଏବଂ ଦଶମ ଶ୍ରେଣୀରେ ମୋଟ ୬୪ ଜଣ ପିଲା ପାଠ ପଢୁଛନ୍ତି। ସେମାନଙ୍କ ଲାଗି ଜଣେ ସଂସ୍କୃତ ଶିକ୍ଷକ, ଜଣେ ଟିଜିଟି ଆର୍ଟସ ଏବଂ ଜଣେ ଖେଳ ଶିକ୍ଷକ ନିଯୁକ୍ତ ରହିଛନ୍ତି। ବିଷୟ ଶିକ୍ଷକ ନ ଥିବାରୁ ଏଠାରେ ଦୀର୍ଘ ୫ ବର୍ଷ ହେଲାଣି ଗଣିତ, ବିଜ୍ଞାନ, ହିନ୍ଦୀ ପାଠପଢାରୁ ପିଲାମାନେ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଏଠାରେ ସମସ୍ତ ବିଷୟ ଶିକ୍ଷକ ରହିଥିଲେ। କିନ୍ତୁ କେତେକଙ୍କ ଏଠାରୁ ବଦଳି କରାଗଲା ତ କେତେକ ଶିକ୍ଷକ ଅବସର ନେଇଗଲେ। ସେବେଠାରୁ ଏଠାର ବିଭିନ୍ନ ବିଷୟରେ ଶିକ୍ଷକ ପଦବୀ ଖାଲି ରହିଛି। ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଯୋଗୁ ସ୍ଥାନୀୟ ଲୋକେ ସେମାନଙ୍କ ପିଲାଙ୍କୁ ସେଠାରେ ନ ପଢାଇ ଅନ୍ୟତ୍ର ପଢାଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ପଞ୍ଚାୟତ ସଦରରେ ଥିବା ଏହି ସ୍କୁଲର ଏତାଦୃଶ୍ୟ ସମସ୍ୟା ସମ୍ପର୍କରେ ଅଧିକାରୀମାନେ ଜାଣି ମଧ୍ୟ ସମାଧାନ ଦିଗରେ ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି। ଆମ ବିଦ୍ୟାଳୟରେ ବିଷୟ ଅନୁଯାୟୀ ଶିକ୍ଷକ ନାହାନ୍ତି। ପରିବାରର ଅଭାବ ରହିଥିବା ହେତୁ ଆମେ ବାଧହୋଇ ଏଠାରେ ପଢୁଛୁ। ଆମେ ଜାଣିଛୁ ଆମ ଭବିଷ୍ୟତ ଅନ୍ଧାରରେ। ଏଠାରେ ପଢୁଥିବା କିଛି ହାଇସ୍କୁଲ ଛାତ୍ରୀଛାତ୍ର ଏହା କହିଛନ୍ତି। ସରକାରୀସ୍ତରରେ ଥିବା ଦୋଷ ଦୁର୍ବଳତାକୁ ନ ସଜାଡିଲେ ସରକାର କରୁଥିବା ଯୋଜନାର ଫାଇଦା ନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଏକ ମାସ ମଧ୍ୟରେ ବିଦ୍ୟାଳୟରେ ରହିଥିବା ଶିକ୍ଷକ ସମସ୍ୟା ଦୂର ହୋଇଯିବ ବୋଲି ସେ କହିଛନ୍ତି।

## ■ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ନବରଙ୍ଗପୁର ଏମ୍‌ପି

# ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି

ଚନ୍ଦାହାଣ୍ଡି/ନବରଙ୍ଗପୁର, ୨୬।୭(ଡି.ଏନ୍.ଏ./ବି.ପ୍ର.)

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ନିଜ ସଂସଦୀୟ କ୍ଷେତ୍ର ନବରଙ୍ଗପୁର ଏବଂ ମାଲକାନଗିରିଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନଙ୍କୁ ଭେଟି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଉଭୟ ଜିଲା ମାଓବାଦୀ ପ୍ରବଣ। ଏଠାକାର ଲୋକ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏବଂ ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଦୁଇ ଜିଲାରେ ଡାକ୍ତର ସମସ୍ୟା ମଧ୍ୟ ଲାଗି ରହିଛି। ତେଣୁ ଅତିଶୀଘ୍ର ମେଡିକାଲ କଲେଜ ସ୍ଥାପନ ହେଲେ ଦୁଇ ଜିଲାର ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ। ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ଏମ୍‌ପି ଜଣାଇଛନ୍ତି। ଏହି ପତ୍ର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏମ୍‌ପିଙ୍କୁ ଅନେକ ଲୋକ ଶୁଭେଚ୍ଛା ଜଣାଇଛନ୍ତି। କିନ୍ତୁ ଏନ୍‌ଡିଏର ପ୍ରଥମ ପାଳି ବେଳେ ତତ୍‌କାଳୀନ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ମଧ୍ୟ ବହୁବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟି ମାଲକାନଗିରି ଏବଂ ନବରଙ୍ଗପୁରଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି ଜଣାଇଥିଲେ । କିନ୍ତୁ କେନ୍ଦ୍ର ସରକାର ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା।



ଏମ୍‌ପି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି ଜଣାଉଛନ୍ତି।

# ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଦାବି

ନବରଙ୍ଗପୁର,୨୬।୭(ବି.ପ୍ର.)–

ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ମୁଖ୍ୟ ଅତିଥି, ଉପଜିଲାପାଳ କରୁଣାକର ରାଇକା, ଜିଲା ସମାଜ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ପୂର୍ବତନ ବାର ସଭାପତି ଉମାଶଙ୍କର ତ୍ରିପାଠୀ, ପୂର୍ବତନ ବ୍ରାହ୍ମଣ ସମାଜ ସଭାପତି ନରସିଂହ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ଡଃ ରାଧାନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ରାମମୂର୍ତ୍ତୀ ପଟ୍ଟନାୟକ ସଂଘର ଆୟବ୍ୟୟ ଖର୍ଚ୍ଚ ଅଟକଳର ବିବରଣୀ ପାଠ କରିଥିଲେ। ସଂଘ ପକ୍ଷରୁ ପ୍ରଶାସନ ନିକଟରେ ୩ଟି ଦାବି ଉପସ୍ଥାପନା କରାଯାଇଥିଲା। ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା, ସଂଘ କାର୍ଯ୍ୟାଳୟ ନିର୍ମାଣ ପାଇଁ ସ୍ଥାନ ଯୋଗାଇ ଦେବା, ଡାକ୍ତରଖାନାରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଓ ତୀର୍ଥଯାତ୍ରା ଉପଲବ୍ଧ କରାଇବା ପାଇଁ ଦାବି କରାଯାଇଥିଲା। ଏହାପରେ ସଂଘ ଉପସଭାପତି ଚୟନ କରାଯାଇଥିଲା। ପୂର୍ବତନ ଉପସଭାପତି ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାକୁଡଙ୍କ ସ୍ଥାନରେ ନୂତନଭାବେ ଚନ୍ଦ୍ର କୁମାର ଆଚାର୍ଯ୍ୟଙ୍କୁ ମନୋନିତ କରାଯାଇଛି। ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ସହ ନିଜକୁ ଜଡିତ ରଖି ଜିଲାର ବହୁ ରୁଗ୍‌ଣ ତଥା ଅପସରି ଯାଇଥିବା ଅନୁଷ୍ଠାନର ପୃଷ୍ଠପୋଷକତା ସାଜି ସେଗୁଡିକୁ ପୁନଃରୁଦ୍ଧାର କରିଥିବାରୁ ସଂଘ କୋଷାଧ୍ୟକ୍ଷ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର, ସଦସ୍ୟ ଦ୍ୱାରିକା ଷଡଙ୍ଗୀ, ରାଜେନ୍ଦ୍ର ତ୍ରିପାଠୀ, ଗଣେଶ ଦାଶ, ପ୍ରମୋଦ ତ୍ରୀପାଠୀ , ପ୍ରେମଚାନ୍ଦ ପଟ୍ଟନାୟକ, ସତ୍ୟବାଦୀ ଷଡଙ୍ଗୀ, ନିରଞ୍ଜନ ମିଶ୍ର, କୈଳାଶ ବେହେରା, ତ୍ରିପତି ସ୍ୱାଇଁ, ଅନାମ ଖାଡାଙ୍ଗା ପ୍ରମୁଖ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।




ବୈଠକରେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରାଜଚାଉଁରିଆ କଲେଜରେ ବନ ମହୋତ୍ସବ



କୋଡିଙ୍ଗା, ୨୬।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗାସ୍ଥିତ ରାଜଚାଉଁରିଆ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ(ୱାଇଆର୍‌ସି) ଓ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୁଜବଳ ମାଝି ଯୋଗ ଦେଇଥିଲେ। ସେହିଭଳି କୋଡିଙ୍ଗା ରେଞ୍ଜର ସୁକୁମାର ଦୁଖୁ, ମୁଖ୍ୟବକ୍ତା, ପୂର୍ବତନ ବିଧାୟକ ସଦନ ନାୟକ, ଧରମ ସିଂ, ଦୀନବନ୍ଧୁ ନାୟକ, ପ୍ରଭାକର ରାଓ, ବ୍ଲକ ଉପାଧ୍ୟକ୍ଷ ପଦମ ସାଇ ମାଳି, ପରମାନନ୍ଦ ଖୋସଲା, କୋଡିଙ୍ଗା ଫରେଷ୍ଟର ପ୍ରଶାନ୍ତ କୁମାର ପାଢି ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ଅମିତା ରାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଯୁବ ରେଡ୍‌କ୍ରସ ସଂଯୋଜକ ତଥା କାଉନସିଲର ଅଖିଳ କୁମାର ଭଟ୍ଟ ମଞ୍ଚ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ରବିନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅତିଥି, ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକମାନେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବିବେକ କୁମାର ମାହାଲିକ, ପ୍ରଦୀପ୍ତ ସାମନ୍ତ, ପଞ୍ଚାନନ ଦୁରିଆ, ସୀମାଞ୍ଚଳ ପଟ୍ଟନାୟକ, ଦାମୋଦର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଘଟଣା

# ପୂର୍ବତନ ଶିକ୍ଷକ ଗିରଫ

ନବରଙ୍ଗପୁର,୨୬।୭(ବି.ପ୍ର.)

ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ନବରଙ୍ଗପୁର ଅର.କେ. କଲୋନୀର ସୁବ୍ରତ(ରିଠୁ) ଚୌଧୁରୀଙ୍କ ଘରେ ଗତ ୨୪ ତାରିଖରେ ଚଡାଉ କରାଯାଇଥିଲା। କୋରାପୁଟ ଡିଭିଜନ(ଜୟପୁର) ଭିଜିଲାନ୍ସ ଏସପି ହରେକୃଷ୍ଣ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ୬ଟି ଟିମ୍ ଚୌଧୁରୀଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅନେକ ସ୍ଥାବର ସମ୍ପତି ତାଙ୍କର ସ୍ତ୍ରୀ ଭାରତୀ ଚୌଧୁରୀଙ୍କ ନାମରେ ରହିଛି। ଏନେଇ ଭିଜିଲାନ୍ସ କେସ ନମ୍ବର ୧୮/୧୯ ରେ ମାମଲା ରୁଜୁ କରିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁବ୍ରତ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଜେଲ ହାଜତରେ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ତାଙ୍କର ୫ କୋଟି ୧୧ଲକ୍ଷ ୭୦ ହଜାର ୫୭୫ ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ରହିଥିବା ତଦନ୍ତରେ ଜଣାପଡିଥିଲା। ତେବେ ୨ କୋଟି ୯୬ ଲକ୍ଷ ୩୨ ହଜାର ୭୨୧ଟଙ୍କା ସମ୍ପତିର ସଠିକ ତଥ୍ୟ ଦେଇ ପାରି ନ ଥିଲେ।

# ଲଗାଗଲା ୧୭୦ ଚାରା

ପାପଡ଼ାହାଣ୍ଡି/ ନବରଙ୍ଗପୁର, ୨୬।୭(ଡି.ଏନ୍.ଏ./ବି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପାପଡାହାଣ୍ଡିରେ ଚାରା ରୋପଣ କରାଯାଇଛି। ଏହି ଅବସରରେ ଜିଲା ଜଜ୍ ଅଶୋକ କୁମାର ପଣ୍ଡା, ସିଭିଲ କୋର୍ଟ ରେଜିଷ୍ଟ୍ରାର ମନୋରଞ୍ଜନ ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ ପଣ୍ଡା, ଏସ୍‌ସିଏଫ ଧନୁର୍ଜୟ ମହାପାତ୍ର, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଫରେଷ୍ଟର ତଡ଼ିତ ସ୍ୱାଇଁ, ପିଏଲ୍‌ଭି ସଭ୍ୟ ରାଜକିଶୋର ରାଓ ପ୍ରମୁଖ ଯୋଗ ଉପସ୍ଥିତ ଥିଲେ। ମୃଗ ବିହାର ପଛପାଖ ପଡିଆରେ ପ୍ରାୟ ୧୭୦ଟି ପଣସ, ଆମ୍ବ, କଦମ୍ବ, ଅଁଳା, ଦେବଦାରୁ ଚାରା ରୋପଣ କରାଯାଇଛି। ଏଥିରେ ଆଇନ ସେବା ପ୍ରାଧିକରଣ, ବନ ବିଭାଗ କର୍ମଚାରୀ ଓ ପିଏଲଭି ସଭ୍ୟମାନେ ସହଯୋଗ କରିଥିଲେ। ଲୋକଙ୍କୁ ଗଛ ଲଗାଇବାକୁ ଅତିଥିମାନେ ବାର୍ତ୍ତା ଦେଇଥିଲେ।




ଚାରା ରୋପଣ ଅବସରରେ ଜଜ୍‌ଙ୍କ ସହ ଅନ୍ୟମାନେ।

# କାରଗିଲ ବିଜୟ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଝରିଗାଁ, ୨୬।୭(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶିବ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳିପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ, ଅଧ୍ୟାପକ ଗୋପାଳ ମହାରଣା, ଶଙ୍କର କୁମାର ନାଳା, ସନ୍ତୋଷ କୁମାର ଖିଲାର, ଗ୍ରନ୍ଥାଗାର ମନୋଜ କୁମାର ମହାପାତ୍ର, ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ବିଜୟ ଭାରତ ଓ ଅମର ଶହୀଦଙ୍କ ସମ୍ପର୍କରେ କହିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ‘କାର୍‌ଗିଲ ବିଜୟର ୨୦ ବର୍ଷ ପରେ’ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରିୟଙ୍କା ରଥ ପ୍ରଥମ ଓ ସମନ ଭତ୍ରା ଦ୍ୱତୀୟ ହୋଇଥିଲେ। ସେହିପରି ‘ଦେଶ ସୁରକ୍ଷାରେ ଛାତ୍ରର ଭୂମିକା’ ଶୀର୍ଷକକୁ ନେଇ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଲକିନାଥ ଭତ୍ରା ପ୍ରଥମ, ସନ୍ତୋଷ ସାହୁ ଦ୍ୱିତୀୟ ଏବଂ ଭଗବତୀ ଗୌଡ ତୃତୀୟ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ବନିତା ପାତ୍ର ପ୍ରଥମ, ପ୍ରିୟଙ୍କା ରଥ ଦ୍ୱିତୀୟ ଏବଂ ଝରଣା ରାଣୀ ପନକା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

# ଖବର ପ୍ରକାଶ ପରେ ଆସିଲା ଟ୍ରାନ୍ସଫର୍ମର

**‘ଧରିତ୍ରୀ’ ପ୍ରଭାବ**

ଚନ୍ଦାହାଣ୍ଡି,୨୬।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବଜ୍ରପାତରେ ଧୁରୁଆପଡାଠାରେ ଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନରେ ଲଗାଯାଇଥିବା ପାୱାର ଟ୍ରାନ୍ସଫର୍ମର ପୋଡ଼ିଯିବା ଯୋଗୁ ଚନ୍ଦାହାଣ୍ଡି ବ୍ଲକ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଥିଲା। ସ୍ଥାନୀୟ ଲୋକେ ଆନ୍ଦୋଳନ କରିବାକୁ ଧମକ ଦେଇଥିଲେ। ସେହିଭଳି ଏମ୍‌ପି ରମେଶଚନ୍ଦ୍ର ମାଝି ଓ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ କହିବା ପରେ ଅତି ତରବରିଆ ଭାବେ ବିଭାଗ ପକ୍ଷରୁ ଏକ ପୋଡ଼ା ଟ୍ରାନ୍ସଫର୍ମରକୁ ମରାମତି କରି ଆଣି ଲଗାଇ ଦିଆଯାଇଥିଲା। କିନ୍ତୁ ବ୍ଲକରେ ଅଧିକ ଉପଭୋକ୍ତା ଯୋଗୁ ଉକ୍ତ ଟ୍ରାନ୍ସଫମଅର ଲୋଡ ସମ୍ଭାଳି ନ ପାରି ୧୦ ମିନିଟକୁ ଥରେ ବିଦ୍ୟୁତ୍ କାଟ ହେଉଥିଲା। ଏ ନେଇ ‘ପୋଡ଼ା ଟ୍ରାନ୍ସଫର୍ମର ଭରସାରେ ଚନ୍ଦାହାଣ୍ଡି ବାସୀ’ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାର ଗୁରୁତ୍ୱକୁ ନେଇ ବିଧାୟକ ନୂଆ ଟ୍ରାନ୍ସଫର୍ମର ଆଣି ଲଗାଇବା ପାଇଁ ବିଦ୍ୟୁତ୍ ବିଭାଗ ବ୍ରହ୍ମପୁରକୁ ପତ୍ର ଲେଖିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ତତ୍ପରତାଦେଖାଇ ଶୁକ୍ରବାର ପୁଣି ଗୋଟିଏ ନୂଆ ଟ୍ରାନ୍ସଫର୍ମ ବ୍ରହ୍ମପୁରଠାରୁ ଅଣାଯାଇଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ଏହା ଲଗାଗଲେ ଚନ୍ଦାହାଣ୍ଡି ବ୍ଲକର ବିଦ୍ୟୁତ୍ ସମସ୍ୟା ସୁଧୁରିବ ବୋଲି ଜଣାପଡିଛି। କିନ୍ତୁ ଏବେ ବର୍ଷା ମାସ ଏବଂ ମୁଖ୍ୟରାସ୍ତାଠାରୁ ବିଦ୍ୟୁତ୍ ସବ୍‌ଷ୍ଟେଶନକୁ ଯିବା ପାଇଁ ରାସ୍ତା କରାଯାଇ ନ ଥିବାରୁ ଉକ୍ତ ଟ୍ରାନ୍ସଫର୍ମରଟି କେବେ ଲାଗିବ ଏବଂ ବ୍ଲକବାସୀ କେବେ ବିଦ୍ୟୁତ୍ ସମସ୍ୟାରୁ ତ୍ରାହି ମିଳିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

# ଜଙ୍ଗଲ ଛାଡି ସହରରେ ବୁଲୁଛି ଭାଲୁ

■ମାସେ ହେବ ଜମାଲ କଲୋନୀରେ ବୁଲୁଛନ୍ତି ୨ ଭାଲୁ
■ଯନ୍ତା ବସାଇ ଗତି ଅନୁଧ୍ୟାନ କରୁଛି ବନବିଭାଗ
■ଭୟରେ ସ୍ଥାନୀୟ ଲୋକେ

ନବରଙ୍ଗପୁର,୨୬।୭(ବି.ପ୍ର.)

ସନ୍ଧ୍ୟାହେଲେ ଜମାଲ କଲୋନୀରେ ଦାଣ୍ଡ କବାଟ ଓ ଘରର ମୁଖ୍ୟ ଫାଟକ ବନ୍ଦ ରହୁଛି। ଜନସାଧାରଣ ଭୟଭୀତ ହୋଇ ରହୁଛନ୍ତି। ଜଙ୍ଗଲ ଛାଡି ଏବେ ଦୁଇଟି ଭାଲୁ କଲୋନୀ ଅଞ୍ଚଳରେ ଘୁରି ବୁଲୁଛନ୍ତି। ରାତି ହେଲେ ବନବିଭା କର୍ମଚାରୀ ପଇଁତରା ମାରୁଛନ୍ତି। ତେବେ ମଧ୍ୟ ଭାଲୁ କାବୁ ହୋଇ ପାରୁନାହିଁ।

ନବରଙ୍ଗପୁର ସହରସ୍ଥିତ ଜମାଲ କଲୋନୀ ଅଞ୍ଚଳରେ ମାସେ ହେବ ଭାଲୁ ଆତଙ୍କ ଲାଗି ରହିଛି। ପୂର୍ବରୁ ଗୋଟିଏ ଭାଲୁ ସନ୍ଧ୍ୟା ହେଲେ ଦେଖା ଯାଉଥିଲା। ଏବେ ୧୫ ଦିନ ହେବ ଦୁଇଟି ଭାଲୁ ଜମାଲ କଲୋନୀ ଅଞ୍ଚଳରେ ଘୁରି ବୁଲୁଛନ୍ତି। ଏ ନେଇ ବନ ବିଭାଗ ନିକଟରେ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ପରେ ୪ଟି ଯନ୍ତା ଆଣି ବିଭିନ୍ନ ସ୍ଥାନରେ ରଖାଯାଇଛି। ଭାଲୁ ଯନ୍ତାରେ ପଡିବା ଦୂରେ ଥାଉ ଉକ୍ତ ସ୍ଥାନ ଛାଡି ରାସ୍ତା ଓ ପଡିଆରେ ବୁଲୁଛନ୍ତି। ଭାଲୁ ଆକ୍ରମଣରେ ଅନେକଙ୍କ ଜୀବନ ଯାଇଛି। ଅନେକ ଆହତ ହୋଇଛନ୍ତି। ଜଙ୍ଗଲ କ୍ଷୟ ଓ ଖାଦ୍ୟ ଅନ୍ୱେଷଣରେ ଭାଲୁ ଏବେ ଜନପଥ ମୁହା ହେଉଛନ୍ତି। ଭାଲୁ କାଳେ ଲୋକଙ୍କୁ ଆକ୍ରମଣ କରିଦେବ ଏହା ଭାବି ଭାଲୁକୁ ବିଷ ଦେଇ ମରାଯାଉଥିବା ନଜିର ମଧ୍ୟ ରହିଛି।



ପଡିଆରେ ୨ ଭାଲୁ।

# ଆଧାର କାର୍ଡ ପାଇଁ ଲୋକେ ହଇରାଣ

ଚିତ୍ରକୋଣ୍ଡା,୨୬।୭(ଡି.ଏନ.ଏ.)

ସରକାର ଆଧାର କାର୍ଡର ଆବଶ୍ୟକତାକୁ ବାଧ୍ୟତାମୂଳକ କରିଛନ୍ତି। ଆଧାର କାର୍ଡ ପାଇଁ ପଞ୍ଜିକରଣ ଲାଗି ବିଶେଷ ସୁବିଧା କରି ନ ଥିବାରୁ ଲୋକେ ପଞ୍ଜୀକରଣ ପାଇଁ ଆସି ହଇରାଣ ହେଉଛନ୍ତି। ମାଲାକନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତରେ ଏନେଇ ଅବ୍ୟବସ୍ଥା ଦେଖାଦେଇଛି। ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟଠାରେ ନୂଆ ଆଧାର କାର୍ଡ ତିଆରି ଓ ସଂଶୋଧନ ଲାଗି ଆବେଦନ କରାଯାଉଛି। ଫଳରେ ଦୂରଦୂରାନ୍ତର ଦୁର୍ଗମ ଅଞ୍ଚଳର ଜନସାଧାରଣ ଚିତ୍ରକୋଣ୍ଡା ଆସି ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ବିଦ୍ୟୁତ୍ ଓ ନେଟ୍ ସମସ୍ୟା ପାଇଁ ମଧ୍ୟ ଏହି କାର୍ଯ୍ୟରେ ଚିତ୍ରକୋଣ୍ଡା ଆସି ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ଲଗାଣ ବର୍ଷା ସତ୍ତ୍ୱେ ଲୋକମାନେ ଛୋଟ ଛୋଟ ପିଲାଙ୍କୁ ଆଣି ବହୁ କଷ୍ଟରେ ଆଧାର କାର୍ଡ ପାଇଁ ଅପେକ୍ଷା କରୁଛନ୍ତି। କେତେକ ଜନସାଧାରଣ ଅପେକ୍ଷା କରି ନ ପାରି ଫେରି ଯାଉଥିବା ଦେଖିବାକୁ ମିଳୁଛି। ଆଧାର କାର୍ଡ ଆବେଦନ ପାଇଁ ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତ ମଧ୍ୟରୁ ଯଦି ୩/୪ଟି ପଞ୍ଚାୟତକୁ ନେଇ ଗୋଟିଏ ଆଧାର ପଞ୍ଜୀକରଣ କେନ୍ଦ୍ର ଖୋଲାଯାଆନ୍ତା ତେବେ ଲୋକେ ଉପକୃତ ହୁଅନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।


ଆଧାର ପଞ୍ଜୀକରଣ ପାଇଁ କେନ୍ଦ୍ରରେ ଭିଡ ।

# ତହସିଲ କାର୍ଯ୍ୟାଳୟ କାଶୀନଗର, ଜିଲ୍ଲା-ଗଜପତି

**ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ**

**ସଂଖ୍ୟା: ୩୩୯୧/ସଇରାତ** **ତା: ୨୫।୦୭।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬ ପ୍ରକାରେ ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ତହସିଲ ଦ୍ୱାରା ପ୍ରକାଶିତ ଉପର ଲିଖିତ ବିଜ୍ଞାପନ ସଂଖ୍ୟା ଅନୁଯାୟୀ ନୋଟିସରେ ସଂଲଗ୍ନଥିବା ଉତ୍ସଗୁଡିକ ଆଗାମୀ ୫(ପାଞ୍ଚ) ବର୍ଷ (୨୦୧୯-୨୦ ଆର୍ଥିକ ବର୍ଷଠାରୁ ୨୦୨୩-୨୦୨୪) ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ପ୍ରଦାନ କରାଯିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଆହ୍ୱାନର ତାରିଖ ତା: ୧୪।୦୭।୨୦୧୯ଠାରୁ ତା: ୦୫।୦୯।୨୦୧୯ରିଖ ଅପରାହ୍ନ ୦୫:୩୦ଘଟିକା ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ତନଖି ତା:୦୬।୦୯।୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା।

ସଇରାତ ଉତ୍ସଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗଜପତି ଜିଲ୍ଲା ୱେବସାଇଟ **http://gajapati.nic.in** ସଇରାତ/ଟେଣ୍ଡର ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାର କିମ୍ବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି।

**ସ୍ୱା./- ତହସିଲଦାର**
**କାଶୀନଗର, ଗଜପତି**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-Auction Notice (05.08.2019- 62th E-auction Sub Grade Iron Ore Fines**

**No.CAD-241:-** The Odisha Mining Corporation Ltd. intends to sell various grades of Sub-Grade Iron Ore fines produced at Gandhamardan Region in Keonjhar District, Odisha through e-auction which will be conducted by MSTC Ltd. The e-auction shall be held from **11.00 AM to 2.00 PM on 07.08.2019.**

For details, please visit the website of MSTC i.e **www.mstcecommerce.com.**

**CGM (Min.)**

**30005/11/0032/1920**

## WESCO UTILITY

WESCO
Headquarters: At/Po- Burla, Dist.-Sambalpur-768017, Odisha Ph.-0663-2432804,
E-mail: purchase@wescoodisha.com / wesco@wescoodisha.com

**E-TENDER NOTICE**

**NIT No. WESCO/O&M./LTTV Meter/05 Dtd. 25.07.2019**

For and on behalf of WESCO Utility, the undersigned invites tender through E-Tenders mode on two part bidding system from eligible bidders, who comply with the terms and conditions laid in the tender documents for the following materials.

**3P4W LTTV Meter, DLMS Cat.-C1 with CTs & SMC TP Box**
**(100/5A- 500nos, 150/5A-500nos, 200/5A- 500nos, 400/5A-500nos)**

For detailed specification, terms and conditions, EMD, etc, please visit our website: **www.wescoodisha.com/tenders & www.tenderwizard.com/ WESCO.**
The eligible bidders are requested to apply through e-tender mode only.

Sd/- **General Manager (Purchase)**

# କାର୍‌ଗିଲ ବିଜୟ ଦିବସ ଅବସରରେ ଫଟୋ ପ୍ରଦର୍ଶନୀ


ଜଣେ ଯବାନ କାର୍‌ଗିଲ ବିଜୟ ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି ।

ମାଲକାନଗିରି,୨୬।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ବାଳିକା ବିଦ୍ୟାଳୟ ପରିସରରେ ସ୍ଥାନୀୟ ୮ମ ବିଏସଏଫ ବାଟାଲିୟନ୍ ପକ୍ଷରୁ କାରଗିଲ ବିଜୟ ଦିବସ ଉପଲକ୍ଷେ ଯବାନମାନଙ୍କ ଏକ ଫଟୋ ଚିତ୍ର ପ୍ରଦର୍ଶନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କମାଣ୍ଡାଣ୍ଟ ଏଥିବା ବେଳେ ସମସ୍ତ ଛାତ୍ରୀଛାତ୍ରଙ୍କୁ କିଭଳି ଯବାନମାନେ ନିଜର ରଣ କୌଶଳ ପ୍ରଦର୍ଶନ କରିବା ସହ ଦେଶ ମାତୃତ୍ୱ ପାଇଁ ଜୀବନ ଦେଇ ପଡୋଶୀ ଶତ୍ରୁଙ୍କୁ ଯୁଦ୍ଧରେ ପରାଜିତ କରିଥିଲେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେହି ସମୟର ବିଭିନ୍ନ ଫଟୋ ଓ ଅସ୍ତ୍ରଶସ୍ତ୍ରକୁ ପ୍ରଦର୍ଶନୀରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସ୍.ଏଚ୍ ରଣଧୀର ରଞ୍ଜନ, ଏସ୍.ଏଚ୍. ଗୁନ କୁମାର ଶାହା, କୁମାର ଗୌରବ, ବଲଭିର ରାମ, ସୁଶୀଲ ସିଲ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ODISHA INDUSTRIAL INFRASTRUCTURE DEVELOPMENT CORPORATION

idco Your power to grow | ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**File No. HO/FIN/E-3109/2018/ 12900** **Date. 26.07.2019**

**REQUEST FOR PROPOSALS (RFP) FOR ENGAGEMENT OF MANPOWER SERVICE PROVIDERS FOR ENGAGEMENT OF ACCOUNTS PERSONNEL WITH INTER CA/INTER CWA.**

Sealed Request for Proposals (RFP) are invited from reputed Manpower Service Providers / Agencies to provide services of the Accounts personnel with inter CA/Inter CWA on contract basis to IDCO for a period of One year.

The last date of submission of RFP documents is 21.08.2019 up at 13.00 Hrs. and will be opened on the same date at 15.30 Hrs. The RFP documents shall be submitted to the undersigned by Regd. Post / Speed Post only. The Corporation is not responsible for any postal delay.

The RFP documents for the above purpose can be downloaded from our website **www.idco.in.**

The Competent Authority of IDCO reserves the right to reject any or all bids without assigning any reason thereof.

**Sd/-**
**Chief General Manager (P&A)**

## ODISHA HYDRO POWER CORPORATION LTD.

OHPC
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOINAGAR, BHUBANESWAR-751022, Tel: 91-0674-2542983, 2542802, 2545526, Fax: 2542102, E-mail: ohpc.co@gmail.com, CIN: U40101OR1995SGC003963

**No. OHPC: TECH: C&P: 18/2018-19 / 6887** **Date: 23.07.2019**

**NOTICE INVITING TENDER**

**No.CAD-235:-** Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the intending firms/ service providers fulfilling the eligibility criteria for the work as mentioned below.

| TCN NO. | Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|---|
| 18/2019-20 | Providing Services of 06(Six) nos. of Computer Personnel, 05(five) nos. of Jr. Accountant (Semi qualified) and 06(six) nos. of Qualified CA/ICWA account personnel for OHPC Corporate Office, Bhubaneswar for a period of one year. | 7080.00 (6000.00 + 18% GST) | 48000.00 |

For details of the tender documents, terms & conditions please visit/ refer our website www.ohpcltd.com from 31.07.2019

**04012/11/0009/1920** **DGM(C&P)**

## DISTRICT WATER & SANITATION MISSION (DWSM), Nayagarh

Near fire station, Nayagarh, Dist.-Nayagarh, Odisha.
Pin- 752069, E-mail : eerwss_nay@nic.in
Panchayati Raj

**No: 09 / RWSS** **TENDER CALL NOTICE** **Date: 25.07.2019**

**Selection of printing firms for Wall Paintings under IEC Campaign on ODF Plus (ODF +) under SBM-G.**

No.CAD-242 :- Sealed tenders in Double covers i.e. Technical & Financial Bid in prescribed formats are invited from reputed wall paintings & printing firms for Wall Paintings as specified under Information Education and Communication (IEC) for creating awareness by conveying a standard message issued by Ministry of Drinking Water & Sanitation (MoDWS), Government of India through wall Paintings on ODF Plus (ODF+) that includes ODF-Sustainability & Solid Waste Management across Nayagarh District.

The sealed tenders can be submitted through Registered/ Speed Posts only addressed to District Water & Sanitation Mission (DWSM), near fire station,Khandapada road, Nayagarh, Post /Dist: Nayagarh, Odisha, Pin-752069 by 13.08.2019 till 5.00 PM. No other mode of submission of Tender is allowed. The Tenders will be opened on 14.08.2019 at 4.00 P.M in the presence of the committee members & the bidders or their authorized representatives in the conference Hall of DRDA, Nayagarh.

EMD worth Rs. 92,460/- (Rupees Ninety two Thousand four hundred sixty) only in shape of one years Fixed Deposit/ Term Deposit/ Postal Account Deposits duly pledged in favour of “District Water & Sanitation Mission (DWSM), Nayagarh” from any nationalized bank along with the technical bid.

An amount worth Rs. 10,000/- (Rupees ten Thousand) only in shape of Demand Draft made in favour of “District Water & Sanitation Mission (DWSM), Nayagarh” payable in Nayagarh from any nationalized/ scheduled commercial bank towards cost of Bid Documents along with the technical bid.

The details of the Tender Call Notice can be viewed & the bid documents can be downloaded from the District website i.e. www.nayagarh.nic.in from 26.07.2019 to 13.08.2019.

*Sd./-*
**25172/11/0001/1920** *Collector & Chairman, DWSM, Nayagarh*

## Government of Odisha
## Office of the Superintending Engineer Rural Works Circle, Sambalpur

**Tel-0663-2548268,E-mail id-serwcirclesbp@yahoo.com** No.217-O

**Bid Identification No. Bridge tender Online - RWCSBP-08 No:1316 Dated:23.07.2019**

The Superintending Engineer Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (one) no of bridge works under Biju Setu Yojana.

| Sl. No. | Name of work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | Security Amount (in lakhs.) (On-line) (Figure appearing in DTCN is final) | Cost of Bid Document (Rs.) (On-line) | Class of bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | *Construction of Bridge over Banjari nallah at 4th Km on Sountpur-Gudesira road in the district of Bargarh* | 310.00 | *Executive Engineer Rural, Works Division Bargarh* | 3.10 | 10,000/- (On-line) | A & Special | *15 (Fifteen) calendar months* |
| *Mode of submission of tender* | | | Tender should be submitted only online in website www. **tendersorissa.gov.in (https://tendersodisha.gov.in)** | | | | |

Summary of key dates are provided below:

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural, Works Circle, Sambalpur | Bridge Tender Online - RWCSBP-08 | 30.07.2019 From 11.00. A.M. | 14.08.2019 Up to 4.00 P.M. | 13.08.2019 Up to 4.00 P.M. | 16.08.2019 At 11.00 A.M. | 21.08.2019 At 11.00 A.M. |

* Further details can be seen from the e-procurement portal w**www.tendersorissa.gov.in. (https//tendersodisha.gov.in)**
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.

25091/11/0004/1920 **Superintending Engineer**
**Rural Works Circle, Sambalpur**

# ସ୍ୱାଭିମାନ ଅଞ୍ଚଳରେ ମା'ଗୃହ ଉଦ୍‌ଘାଟିତ


ମା' ଗୃହ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ।

ଚିତ୍ରକୋଣ୍ଡା,୨୬।୭(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ବଡ଼ପଡାର ହାଟଗୁଡାଠାରେ ମା'ଗୃହ ଉଦ୍‌ଘାଟିତ ହୋଇଯାଇଛି। ବଡ଼ପଡା, ପାପରମେଟଲା, ରାଲେଗାଡା ଓ ଧୂଳିପୁଟ ପଞ୍ଚାୟତ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ମାଧ୍ୟମରେ ଗୋପବନ୍ଧୁ ଡେଭେଲପମେଣ୍ଟ ସୋସାଇଟି ପକ୍ଷରୁ ଏହି ଗୃହ ଉଦ୍‌ଘାଟିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଓ ଆକାଉଣ୍ଟାଣ୍ଟ ରାଜେନ୍ଦ୍ର ଦାଶ ଯୋଗ ଦେଇଥିଲେ। ସୋସାଇଟିର ସମ୍ପାଦକ ଦେବେନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମା'ଗୃ ଦ୍ୱାରା ଗର୍ଭବତୀ ମହିଳାଙ୍କୁ ସନ୍ତାନ ଜନ୍ମର ୧୦ ଦିନ ପୂର୍ବରୁ ଏଠାରେ ରଖାଯାଇ ସେମାନଙ୍କ ଯତ୍ନ ନିଆଯିବ। ଉଚିତ୍ ସମୟରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବ ବୋଲି ସୋସାଇଟି ପକ୍ଷରୁ କୁହାଯାଇଛି।

# ବିଦ୍ୟାଳୟ ପରିସରରେ ଚାରା ରୋପଣ


ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି ।

ଗୋବିନ୍ଦପାଲି/ଖଇରପୁଟ, ୨୬।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବିଟ୍‌ର ବନରକ୍ଷୀ ଅଲ୍ଲୀ ମହମ୍ମଦ ଖାନ୍ ଯୋଗ ଦେଇ ବୃକ୍ଷର ମହତ୍ତ୍ୱ ଏବଂ ପରିବେଶ ସୁରକ୍ଷା ଦିଗରେ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର କର, ସହକାରୀ ଶିକ୍ଷକ ରାମକୃଷ୍ଣ ଦାଶ, କ୍ରୀଡା ଶିକ୍ଷକ ସନାତନ ପ୍ରଧାନ, ମାନସ ରଞ୍ଜନ ନାୟକ, ଆଇଟି ଶିକ୍ଷକ ମନୋଜ ପଟ୍ଟନାୟକ, ସଂସ୍କୃତ ଶିକ୍ଷକ ସୁଦର୍ଶନ ଜେନାଙ୍କ ସମେତ ଛାତ୍ରଛାତ୍ରୀ ମିଳିତଭାବେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ୨୫୦ଟି ବୃକ୍ଷ ରୋପଣ କରିଥିଲେ।

## OFFICE OF THE EXECUTIVE ENGINEER NABARANGPUR (R&B) DIVISION , NABARANGPUR

No.77-B
E-mail ID:eerbngpur@yahoo.com Tel & Fax -06858-222833(O)

**REQUEST FOR PROPOSAL**

**Consultancy services for preparation of Detailed Project Report**

**Bid Identification No. E.E (R&B)-01/2019-20/NGP**

Memo No. **2826** Dtd. **22.07.2019**

**Notice Inviting Request for Proposal**

1. The Executive Engineer, Nabarangpur (R&B) Division, Nabarangpur on behalf of Governor of Odisha invites Request For Proposal (R.F.P.) in double cover system from experienced and reputed Architectural consultants registered with council of Architectural for preparation of Architectural drawing & DPR to be received for package detailed in the table below to be eventually drawn in PWD Form P1for the work.

| Sl. No. | Name of work | Bid security (Rs.) | Cost of bid document (Rs.) |
|---|---|---|---|
| 1 | 2 | 3 | 4 |
| 1 | Preparation of D.P.R. for Construction of Integrated Infrastructure Complex (Old Age Home) at Nabarangpur | Rs. 50,000/- | Rs. 10,000/- |

2. The selection of Consultants shall be through **Three stage** evaluation. In the first stage, eligibility of firm will be ascertained on the basis of experience certificate, firm's turn over. In the second stage the short listed firms are required to give technical presentation. In the third stage financial bid will be opened of those firms shortlisted from technical presentation.
3. Request for proposal (**RFP**) documents can be obtained from the **Executive Engineer, Nabarangpur (R&B) Division, Nabarangpur, and Superintending Engineer, Jeypore R&B Circle, Jeypore** against a non-refundable fee of Rs 10,000/- in form of Demand Draft in favour of **Executive Engineer, Nabarangpur (R&B) Division, Nabarangpur payable at Nabarangpur**. An additional cost of Rs.500/- shall be paid in case of request for purchasing the RFP document, through registered post. **Executive Engineer, Nabarangpur (R&B) Division, Nabarangpur** or his representatives will not be held responsible for the postal delay, if any in the delivery of the documents or non-receipt of the same.
4. The date of sale and receipt of the **RFP** documents shall **start from 03.08.2019** and **close on 17.08.2019** at **16.00 hours respectively.** Bids shall be received in all offices where the bids have been notified to be sold.
5. Bids must be delivered in the **tender box** to be kept in the office of the **Executive Engineer, Nabarangpur (R&B) Division, Nabarangpur** having Identification No.RFP **- 1 of 2019-20.**
6. The proposal must be accompanied by bid security amount of Rs.50,000.00 **(Rupees Fifty Thousand)** only in shape of Kissan Vikas Patra/ Post office Savings Bank Account/ National Savings Certificate/ Post Office Term Deposit Account / Bank Guarantee from any Nationalised / Scheduled Bank of India duly pledged in favour of the **Executive Engineer, Nabarangpur (R&B) Division, Nabarangpur.**
7. The **Technical Bids of RFP** will be opened on **19.08.2019** at **16.30 hours** in the office of the undersigned, in the presence of the Consultants or their authorized representatives who wish to attend. After evaluation of Technical Proposal the qualified consultants shallbe intimated regarding the date of opening of the Financial Bid. If the office happens tobe closed on the date of receipt/opening of the proposals as specified, the proposals willbe received/ opened on the next working day at the same time & venue. The interested consultants may obtain further information at the above address.
8. Other details can be seen in the RFP documents.
9. The authority reserves the right to accept / reject any or all RFP & without assigning any reason thereof.

Sd/- (Er. P.K. Mishra)
Executive Engineer
Nabarangpur (R&B) Division

**34143/11/0001/1920**

## OFFICE OF THE DEAN AND PRINCIPAL

No. 155-E:

## SAHEED LAXMAN NAYAK MEDICAL COLLEGE AND HOSPITAL
## KORAPUT : ODISHA

PHONE-06852-250101, E-mail-slnmchkoraput.od@gov.in

**SHORT TENDER CALL NOTICE**

No. 2291 / 19 dated : 25. 07. 2019

Sealed tenders are invited by the Dean and Principal, Saheed Laxman Nayak Medical College and Hospital, Koraput functioning under Health and F.W. Department, Govt. of Odisha in two – bid system from eligible registered service providers / firms for providing manpower services in the Office of the Dean and Principal, , Saheed Laxman Nayak Medical College and Hospital, Koraput for a period of one year on contract basis from the day of the actual execution of the agreement with the Service Provider agency by the hire for day to day work . The details terms and conditions in the form of Tender paper will be available in the district website of Koraput district (www.koraput.nic.in) / http://www.slnmch.nic.in / www.dmetorissa.gov.in and can be downloaded subject to condition that the money towards tender cost will be applicable as per procedure. The authority reserves the right to reject any / all the Tenders without assigning any reason thereof.

| | | |
|---|---|---|
| 1 | Date of sale of Tender Paper | 26/07/2019 |
| 2 | Cost of Tender Paper (Non refundable) | Rs. 6000/- |
| 3 | Cost of E.M.D | Rs. 5,00,000/- In shape of Bank Draft/DD/Pay order in favour of Dean and Principal, SLNMCH, Koraput, payble at Koraput. |
| 4 | Last date of receipt of Tender paper | 05/08/2019 till 5.00 P.M. |
| 5 | Date of opening of the Technical Bid (Cover –A) | 06/08/2019 at 11.00 A.M. |
| 6 | Date of opening of the Financial bid (COVER –B) | 16/08/2019 at 11. 00 A.M. |
| 7 | Venue for opening Technical Bid and Financial Bid. | O/O – Dean and Principal, SLN Medical College and Hospital, Koraput. |
| 8 | Address for Correspondence | Dean and Principal Saheed Laxman Nayak Medical College and Hospital, Koraput At-Pujariput, Po/Dist-Koraput-764020 |

1. The tender will be received through Regd. Post and Speed post only. The bidders are to submit their tenders in separate sealed envelops for Technical Bid and Financial Bid by super scribing super scribing **“Technical Bid for Providing Manpower Services to Saheed Laxman Nayak Medical College & Hospital, Koraput ”(Cover-A)** and **“Financial Bid for Providing Manpower Services to Saheed Laxman Nayak Medical College & Hospital, Koraput” (Cover-B).** Both sealed envelopes should be kept in a third sealed envelope super scribing **“Tender for Providing Manpower Services to Saheed Laxman Nayak Medical College & Hospital, Koraput”.**

N:B: The tender paper will be rejected if the bidder changes or omit any clause or annexure of the bid documents downloaded from the website or if the envelopes are not sealed and properly super subscribed.

25/7/19
Dean and Principal
SLNMCH, Koraput.
25/7/19

10121/11/0004/1920

# ରୋବୋଟିକ୍ସ ଇଞ୍ଜିନିୟରିଂ



ବିଜ୍ଞାନର ପରିସର ବୃଦ୍ଧି ପାଇବା ହେତୁ ନୂଆ ନୂଆ ମେଶିନ ଉଦ୍‌ଭାବିତ ହେବାରେ ଲାଗିଛି । ଏମାନଙ୍କ ମଧ୍ୟରେ ଗୋଟିଏ ମେଶିନ ହେଉଛି ରୋବୋଟ । ଏହା ଏକ ସ୍ୱଚାଳିତ ଏବଂ ରିପ୍ରୋଗ୍ରାମେବଲ ମେଶିନ ଯାହା ମଣିଷଙ୍କ ଭଳି କାମ କରିପାରେ। ରୋବୋଟ ତିଆରି କରିବାର ବିଜ୍ଞାନକୁ ରୋବୋଟିକ୍ସ ଇଞ୍ଜିନିୟରିଂ କୁହାଯାଏ । ଏହା ଇଞ୍ଜିନିୟରିଂର ଏକ ଶାଖା ହୋଇଥାଏ ଯେଉଁଥିରେ ରୋବୋଟ ନିର୍ମାଣ, ଡିଜାଇନ, ଅନୁରକ୍ଷଣ ତଥା ନୂଆ ଆପ୍ଲିକେଶନର ବିକାଶ ଏବଂ ରୋବୋଟ୍ ଅନୁସନ୍ଧାନ ଭଳି କାମ କରାଯାଇଥାଏ। ଆଜି ରୋବୋଟିକ୍ସ ଏଭଳି ଏକ ଫିଲ୍ଡ ହୋଇଛି ଯେଉଁଥିରେ କ୍ୟାରିୟରର ଚମତ୍କାର ସମ୍ଭାବନା ଓ ସୁଯୋଗ ରହିଛି । ଏହି ଫିଲ୍ଡରେ ବିଶ୍ୱର ବଡ଼ କମ୍ପାନୀରେ କାମ କରିବାର ସୁଯୋଗ ମିଳିବା ସହ ଭଲ ଦରମା ହାସଲର ସୁଯୋଗ ପାଇବେ ।

ଉଦ୍ୟୋଗ ଜଗତରେ ଆଜି ଦ୍ରୁତଗତିରେ ମଣିଷର ସ୍ଥାନ ନେଉଛି ରୋବୋଟ। ଏଭଳି ଅନେକ କାମ ରହିଛି, ଯାହା ମଣିଷ କରିପାରେ ନାହିଁ ବା ମଣିଷଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଥାଏ। ଏଭଳି କାମ ପାଇଁ ରୋବୋଟକୁ ବ୍ୟବହାର କରାଯାଇଥାଏ। ଏହାକୁ କାମରେ ଲଗାଇ କମ୍ପାନୀ ଅନେକ ଫାଇଦା ଉଠାଉଛି। ଏଥିପାଇଁ କମ୍ପାନୀଙ୍କୁ କମ୍ ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଉତ୍ପାଦନ ମଧ୍ୟ ବେଶ ବଢୁଥିବା ଦେଖାଯାଉଛି। ମଣିଷଙ୍କଠାରୁ ଅଧିକ ସମୟଧରି କାମ କରିପାରେ ରୋବୋଟ। ବିଶ୍ୱ ରୋବୋଟିକ୍ସ ରିପୋର୍ଟ ମୁତାବକ ୨୦୧୬ ମୁକାବିଲାରେ ୨୦୧୭ରେ ରୋବୋଟ ବ୍ୟବହାର ୩୦% ବୃଦ୍ଧି ପାଇଛି। ୨୦୧୭ରେ ୩୪୧୨ ନୂଆ ଔଦ୍ୟୋଗିକ ରୋବୋଟ ବିକ୍ରି ହୋଇଛି।

ପ୍ରଥମେ ଅଟୋମୋଟିଭ ଉଦ୍ୟୋଗରେ ରୋବୋଟର ବ୍ୟବହାର ଆରମ୍ଭ ହୋଇଥିଲା। କିନ୍ତୁ ପରେ ଏରୋସ୍ପେସ୍, କୃଷି, ରିଟେଲ, ହେଲ୍‌ଥକେୟାର ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ଚାହିଦା ବଢ଼ିବାରେ ଲାଗିଛି। ଦେଶର ପ୍ରତିରକ୍ଷା ସେକ୍ଟର ଦ୍ରୁତଗତିରେ ରୋବୋଟକୁ ଆପଣାଉଛି। ବର୍ତ୍ତମାନ ସେନାରେ ବୋମା ନିଷ୍କ୍ରିୟକାରୀ ଦଳର ଏହା ଅବିଚ୍ଛେଦ୍ୟ ଅଙ୍ଗ ହେଲାଣି। କେବଳ ସେତିକି ନୁହେଁ ଆଜିକାଲି ସର୍ଜିକାଲ ରୋବୋଟ୍‌ସର ଚାହିଦା ବଢ଼ିବାରେ ଲାଗିଛି। ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକଳାପରେ ରୋବୋଟ୍‌ସର ଉପଯୋଗ ନିରନ୍ତର ବୃଦ୍ଧି ପାଉଛି।

ରୋବୋଟିକ୍ସକୁ ସାମାନ୍ୟତଃ ୪ଟି ବର୍ଗରେ ବଣ୍ଟା ଯାଇଛି। ସେଗୁଡ଼ିକ ହେଲା: ଔଦ୍ୟୋଗିକ ରୋବୋଟ, ପର୍ସନାଲ ରୋବୋଟ, ମେଡିକାଲ ଉପଯୋଗ ଲାଗି ଆବଶ୍ୟକ ହେଉଥିବା ରୋବୋଟ ତଥା ଅଟୋନୋମସ୍ ରୋବୋଟ।

ଔଦ୍ୟୋଗିକ କ୍ଷେତ୍ରରେ ସବୁଠୁ ଅଧିକ ରୋବୋଟର ବ୍ୟବହାର ହେଉଛି। ଏହାକୁ ୱେଲ୍ଡିଂ, ପେଣ୍ଟିଂ, ମେଶିନର ଯନ୍ତ୍ରାଂଶକୁ ଲଗାଇବା କାର୍ଯ୍ୟରେ ବ୍ୟବହାର କରାଯାଏ। ଏହାଛଡ଼ା ଆସେମ୍ବ୍ଲିଂ, କଟିଂ ତଥା ଅଟୋମୋବାଇଲ୍ସର ବିଭିନ୍ନ ପାର୍ଟ୍ସକୁ ଲଗାଇବା ଲାଗି ରୋବୋଟକୁ କାମରେ ଲଗାଯାଉଛି।

## ରୋବୋଟିକ୍ସ କ'ଣ

ରୋବୋଟିକ୍ସ ବିଜ୍ଞାନ ଏପରି ଏକ ଶାଖା ଯେଉଁଠି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ବିକଶିତ କରାଯାଇଥାଏ। ଅଟୋମେଟିକ ମେକାନିକାଲ ଡିଭାଇସ୍ ଏବଂ କମ୍ପ୍ୟୁଟର ପ୍ରୋଗ୍ରାମିଂ ସହାୟତାରେ ଏକ ମେଶିନ ତିଆରି କରାଯାଇଥାଏ, ଯାହା ସ୍ୱଚାଳିତ ଏବଂ ରିପ୍ରୋଗ୍ରାମେବୁଲ ହୋଇଥାଏ। ଏହାକୁ ହିଁ ରୋବୋଟ୍ କୁହାଯାଏ। ରୋବୋଟ୍ ଏପରି ଏକ ସିଷ୍ଟମ ହୋଇଥାଏ ଯେଉଁଥିରେ ସେନ୍ସର୍ସ, କଣ୍ଟ୍ରୋଲ ସିଷ୍ଟମ, ମ୍ୟାନୁପୁଲେଟର୍ସ, ପାୱାର ସପ୍ଲାଇ ଏବଂ ସଫ୍ଟୱେୟାରର ସମାବେଶ କରାଯାଇଥାଏ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଏହା ନିଜେ କାମ କରିଥାଏ। ରୋବୋଟିକ୍ସରେ ଇଞ୍ଜିନିୟରିଂ ତିନୋଟି ଶାଖା ଯଥା: ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ କମ୍ପ୍ୟୁଟର ସାଇନ୍ସ ବ୍ୟବହାର କରାଯାଇଥାଏ।

## ଇଞ୍ଜିନିୟରଙ୍କ କାମ

ରୋବୋଟର ଡିଜାଇନ ଏବଂ ଏଥିଲାଗି କମ୍ପ୍ୟୁଟରୀକୃତ ଆପ୍ଲିକେଶନ ବିକଶିତ କରିବା ରୋବୋଟିକ ଇଞ୍ଜିନିୟରଙ୍କ କାମ ହୋଇଥାଏ। ଏହି କାମ ଲାଗି ତାଙ୍କୁ ବ୍ୟକ୍ତି/ସଂସ୍ଥା (ଯିଏ ରୋବୋଟ କିଣିବାକୁ ଚାହୁଁଛନ୍ତି)ଙ୍କ ଆବଶ୍ୟକତା ପ୍ରତି ଧ୍ୟାନ ଦେବାକୁ ପଡେ। ତାଙ୍କର ଆବଶ୍ୟକତା ମୁତାବକ ରୋବୋଟର ଡିଜାଇନ, ସେନ୍ସର, ପ୍ରୋସେସର, ଯନ୍ତ୍ରାଂଶ ଓ ଆକାର ସମ୍ପର୍କରେ ନିର୍ଦ୍ଧାରଣ କରିବାକୁ ହୁଏ। ଏହାଛଡ଼ା ଇଞ୍ଜିନିୟରଙ୍କୁ ରୋବୋଟରେ ଲାଗିଥିବା ଇଲେକ୍ଟ୍ରୋନିକ ଯନ୍ତ୍ରାଂଶର ନିରୀକ୍ଷଣ, ପରୀକ୍ଷଣ କରିବା ସହ ଏହାର ଟେକ୍ନୋଲୋଜିକାଲ ତ୍ରୁଟିବିଚ୍ୟୁତିକୁ ଧରିବାକୁ ପଡିଥାଏ। ରୋବୋଟ୍‌କୁ ଭାଙ୍ଗି ଦେବା/ପୁନଃ ଏକାଠି କରିବା ସହିତ ସର୍ଭିସିଂ ପାଇଁ ଟେକ୍ନିସିଆନ୍‌ଙ୍କୁ ପ୍ରଶିକ୍ଷଣ ଦେବାର ଦାୟିତ୍ୱ ରୋବୋଟିକ୍ସ ଇଞ୍ଜିନିୟରଙ୍କ କାମ ହୋଇଥାଏ।

## ଯୋଗ୍ୟତା

ଛାତ୍ରୀଛାତ୍ରଙ୍କୁ ଫିଜିକ୍ସ, କେମିଷ୍ଟ୍ରି ଓ ମ୍ୟାଥମେଟିକ୍ସ ବିଷୟ ଥାଇ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ କମ୍ପ୍ୟୁଟର, ଇଞ୍ଜିନିୟରିଂରେ ବିଇ ଅଥବା ବିଟେକ୍ ଡିଗ୍ରୀ ହାସଲ କରିବାକୁ ହେବ। ଛାତ୍ରୀଛାତ୍ର ଚାହିଁଲେ ଇଲେକ୍ଟ୍ରୋନିକ୍ସ ଅଥବା ଇଲେକ୍ଟ୍ରିକାଲ୍ସର ମଧ୍ୟ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିପାରିବେ। ସମସ୍ତ ଜରୁରୀ ଡିଗ୍ରୀ ହାସଲ କରିବା ପରେ ହିଁ ରୋବୋଟିକ୍ସ ଇଞ୍ଜିନିୟରିଂରେ ପ୍ରବେଶ ପାଇପାରିବେ।

## ଆବଶ୍ୟକତା

ରୋବୋଟିକ୍ସ ଇଞ୍ଜିନିୟରିଂରେ କ୍ୟାରିୟର କରିବାକୁ ଇଚ୍ଛୁକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ରହିବା ଆବଶ୍ୟକ। ତାଙ୍କ ନିକଟରେ ନୂଆ ଖୋଜିବାର ଆଗ୍ରହ ସର୍ବଦା ରହିବା ଦରକାର। ଏହାଛଡ଼ା ଛାତ୍ରୀଛାତ୍ରଙ୍କ ନିକଟରେ ଗଣିତ ବିଷୟରେ ପାରଙ୍ଗମତା ରହିବା ଆବଶ୍ୟକ।

## ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁରୁ, କୋଚିନ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, କୋଚି, ଆଇଆଇଟି, କାନପୁର, ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ, ଆଇଆଇଟି ରୁଡ୍‌କୀ, ଆଇଆଇଟି ଖଡ଼ଗପୁର, ଆଇଆଇଟି ମୁମ୍ବାଇ ଏବଂ ଗୁଆହାଟୀ, ସେଣ୍ଟର ଫର୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ରୋବୋଟିକ୍ସ, ବେଙ୍ଗାଲୁରୁ, ଯାଦବପୁର ୟୁନିଭର୍ସିଟି, କୋଲକାତା, ଥାପର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ପାଟିୟାଲା, ଏମ୍.ଏସ୍.ୟୁନିଭର୍ସିଟି, ବରୋଦା, ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦ, ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ, ପିଲାନୀ ଆଦି।

## ନିଯୁକ୍ତି ସୁଯୋଗ

ଡିଆରଡିଓ, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ଓ ଇସ୍ରୋ ଭଳି ରାଷ୍ଟ୍ରାୟତ୍ତ ସଂଗଠନ ବ୍ୟତୀତ ରୋବୋଟିକ୍ସ ନିର୍ମାଣ ଏବଂ ଗବେଷଣାରେ କାର୍ଯ୍ୟରତ କମ୍ପାନୀଗୁଡ଼ିକରେ ନିଯୁକ୍ତି ମିଳିବାର ଭଲ ସୁଯୋଗ ରହିଛି। ଟାଟା ଆଡଭାନ୍ସଡ ସିଷ୍ଟମ୍ସ, କୁକା ରୋବୋଟିକ୍ସ, ହାଇଟେକ୍ ରୋବୋଟିକ୍ସ ସିଷ୍ଟମ୍ସ ଲିମିଟେଡ ଓ ପ୍ୟାରୀ ଲିମିଟେଡ ସହିତ ଦେଶର ଅନେକ ବୃହତ୍ ଘରୋଇ ରୋବୋଟିକ୍ସ କମ୍ପାନୀ ପ୍ରତିବର୍ଷ ପେସାଦାରଙ୍କୁ ନିଯୁକ୍ତ କରୁଛନ୍ତି। ଏହାଛଡା ଏବେ ଇଞ୍ଜିନିୟରିଂ ଶିକ୍ଷା ପ୍ରତିଷ୍ଠାନଗୁଡିକରେ ରୋବୋଟିକ୍ସ ଇଞ୍ଜିନିୟରିଂ ବିଭାଗ ଖୋଲାଯାଉଛି। ଏଠି ଜଣେ ଅଧ୍ୟାପକ ଭାବେ ନିଯୁକ୍ତି ପାଇପାରିବେ।



## ବେତନ

ରୋବୋଟିକ୍ସ ଇଞ୍ଜିନିୟରିଂରେ ବ୍ୟାଚେଲର ଡିଗ୍ରୀଧାରୀଙ୍କୁ ଆରମ୍ଭରେ ୩୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଘରୋଇ କମ୍ପାନୀମାନେ ଦେଇଥାନ୍ତି।

# ଇଣ୍ଟରଭ୍ୟୁରେ ସଫଳତା

ଚାକିରି ପାଇବା ଲାଗି ଉଚ୍ଚ ଡିଗ୍ରୀ, ଦକ୍ଷତା ଏବଂ ଅଭିଜ୍ଞତା ଥିବା ଯଥେଷ୍ଟ ନୁହେଁ। ଇଣ୍ଟରଭ୍ୟୁ ବେଳେ ନିଯୁକ୍ତିଦାତାଙ୍କ ଉପରେ ଗଭୀର ଛାପ ଛାଡ଼ିବାର କଳା ଜାଣିବା ଅତ୍ୟନ୍ତ ଆବଶ୍ୟକ।

ହଫିଙ୍ଗ୍‌ଟନ ପୋଷ୍ଟରେ ବିଶେଷଜ୍ଞଙ୍କ ସର୍ଭେ ରିପୋର୍ଟ ପ୍ରକାଶ ପାଇଥିଲା। ୨୦୧୫ରେ ହୋଇଥିବା ସର୍ଭେ ଅନୁଯାୟୀ, କମ୍ପାନୀ ସମ୍ପର୍କରେ ୩୮ ପ୍ରତିଶତ ପ୍ରାର୍ଥୀ ଆଦୌ ଜାଣି ନଥିବା ଅଥବା କମ୍ ଜାଣିଥିବା ଜଣାପଡିଥିଲା। ଏଣୁ ଏହି ଭୁଲ୍ କରିବା ଅନୁଚିତ। କମ୍ପାନୀ ସମ୍ପର୍କରେ ଅଧିକରୁ ଅଧିକ ତଥ୍ୟ ଜାଣିବା ପରେ ହିଁ ଇଣ୍ଟରଭ୍ୟୁ ସାମ୍ନା କରିବା ଉଚିତ୍ ହେବ। ଏହାଦ୍ୱାରା ନିଯୁକ୍ତିଦାତାଙ୍କ ଉପରେ ଗଭୀର ପ୍ରଭାବ ପଡ଼ିଥାଏ।



ଆବେଦନକାରୀଙ୍କ ନିକଟରେ ଚାକିରି କରିବାର ଦକ୍ଷତା ଥିବା ସମ୍ପର୍କରେ ନିଯୁକ୍ତିଦାତା ଜାଣିବାକୁ ଚାହାନ୍ତି। ଏହି କାରଣରୁ ସେ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଥାନ୍ତି। ଏଥିରେ ଘାବରେଇବା ଅନୁଚିତ। ଆତ୍ମବିଶ୍ୱାସର ସହ ସମସ୍ତ ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ। ଚାକିରି ଲାଗି ନିଜର ଉପଯୋଗିତା ପ୍ରମାଣ କରନ୍ତୁ।

ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଆସି ନିଜ କମ୍ପାନୀ ସମ୍ପର୍କିତ ଉଦ୍ୟୋଗ ସମ୍ପର୍କରେ କହିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା କମ୍ପାନୀ ସମ୍ପର୍କରେ ଆପଣଙ୍କ ନିକଟରେ ଅଧିକ ଜ୍ଞାନ ରହିଥିବା ନିଯୁକ୍ତିଦାତାଙ୍କୁ ହୃଦ୍‌ବୋଧ ହେବ।

ଇଣ୍ଟରଭ୍ୟୁ ଶେଷହେବା ପରେ ଆଉ ଥରେ ଇଣ୍ଟରଭ୍ୟୁର ସମ୍ମୁଖୀନ ହେବାକୁ ପଡିବ କି ନା ପଚାରି ବୁଝି ନେବା ଭଲ। ଆବେଦନକାରୀଙ୍କ ଚୟନ କେବେ ସୁଦ୍ଧା ଶେଷ ହେବ ଜାଣିବା ଦରକାର। ଏହାଦ୍ୱାରା ଆଗାମୀ ଯୋଜନା ପ୍ରସ୍ତୁତ କରିବା ସହଜ ହେବ।


ନିଯୁକ୍ତି ମିଳିବା ପରେ କମ୍ପାନୀ ପାଇଁ କ'ଣ କରିପାରିବେ ସେ ସମ୍ପର୍କରେ ନିଯୁକ୍ତିଦାତା ଜାଣିବାକୁ ଚାହାନ୍ତି। ଏଣୁ ଚାକିରି ମିଳିବା ପରେ କ'ଣ କରିପାରିବେ ତା'ର ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିବା ଭଲ ହେବ।

ଇଣ୍ଟରଭ୍ୟୁ ଶେଷ ହେବା ପରେ ନିଯୁକ୍ତିଦାତାଙ୍କୁ କେତେକ ପ୍ରଶ୍ନ ପଚରାଯାଇପାରେ। ଉଦାହରଣ ସ୍ୱରୂପ: କର୍ମଚାରୀଙ୍କଠାରୁ କମ୍ପାନୀ କ'ଣ ଚାହେଁ, ସମ୍ପୃକ୍ତ ପଦର ଦାୟିତ୍ୱ ଆଦି ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। ଏହାଦ୍ୱାରା ଚାକିରି ପାଇବାକୁ ଆପଣ ଆଗ୍ରହୀ ଏହା ନିଯୁକ୍ତିଦାତାଙ୍କୁ ଉତ୍ସାହିତ କରିବ। ଏଥିସହିତ କମ୍ପାନୀ ଓ ଏହାର ପରିବେଶ ବୁଝିବା ସହଜ ହେବ।

ରିଜ୍ୟୁମ ପୂର୍ବ କାମର ଆଇନା ହୋଇଥାଏ। ଏଣୁ ଏଥିରେ ନିଜର ଫାଲ୍‌ତୁ କଥାକୁ ଉଲ୍ଲେଖ କରିବା ଅନାବଶ୍ୟକ। କେବଳ ନିଜର ଦକ୍ଷତା ବିଷୟରେ ଉଲ୍ଲେଖ କରିବାକୁ ହେବ।

କୌଣସି ପଦବୀ ପାଇଁ ଆପଣଙ୍କ ନାମ ଯଦି କିଏ ସୁପାରିସ୍ କରିଥାନ୍ତି, ତେବେ ତାଙ୍କ ନାମ ଉଚ୍ଚାରଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଆବେଦନକୁ ଶକ୍ତି ମିଳେ। ପୁରୁଣା ଅଫିସରେ କରିଥିବା କାମ ସମ୍ପର୍କରେ କିଛି କହିବାଠାରୁ ଦୂରେଇ ରହିବା ଭଲ।

# କ୍ୟାରିୟର ବାଛିବା ବେଳେ ଧ୍ୟାନ ଦିଅନ୍ତୁ




ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାରିୟର ବାଛିବା ବେଳେ କେତେକ ଦିଗ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଉଦାହରଣ ସ୍ୱରୂପ: ତାଙ୍କୁ କେଉଁ କାମ ଅଧିକ ପସନ୍ଦ, କେଉଁ କାମକୁ ସେ ଭଲ ଭାବରେ କରିପାରନ୍ତି, ଆୟ କେତେ ହେବ, କେଉଁଭଳି ଚାକିରିରେ ଅଧିକ ସୁଯୋଗ ରହିଛି, ତାଙ୍କର ସାମାଜିକ ଆକାଂକ୍ଷା କ'ଣ ରହିଛି ଇତ୍ୟାଦି। ଏହାବ୍ୟତୀତ ତାଙ୍କର ବନ୍ଧୁ କ'ଣ କରୁଛନ୍ତି, ଏହା ମଧ୍ୟ କ୍ୟାରିୟର ବାଛିବା ବେଳେ ଏକ ମନୋବିଜ୍ଞାନ ଚାପ ଭାବେ କାର୍ଯ୍ୟ କରିଥାଏ। ଏହାଛଡ଼ା ପରିବାର ଲୋକେ କ'ଣ ଚାହୁଁଛନ୍ତି, ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହା ସର୍ବଜନବିଦିତ ଯେ, ଆଜିର ଯୁବ ସମାଜ ସକାରାତ୍ମକ ଯୋଗଦାନ ଦେଉଛନ୍ତି ବୋଲି ନିଜକୁ ନିଜେ ସନ୍ତୁଷ୍ଟ ହେବାକୁ ଚାହାନ୍ତି। ଏଥିସହିତ ସାମାଜିକ ପ୍ରତିଷ୍ଠା, ପରିଚୟ, ରଚନାତ୍ମକ ସ୍ୱାଧୀନତା, ଚାକିରି ସୁରକ୍ଷା ଆଦି ଉପରେ ମଧ୍ୟ ସେମାନେ ଜୋର୍ ଦେଇଛନ୍ତି।

## ଭଲ ଭାବେ ଭାବନ୍ତୁ

ଏଭଳି ଅନେକ ଛାତ୍ରୀଛାତ୍ରଙ୍କୁ ଦେଖିବାକୁ ମିଳେ ଯିଏ କେଉଁ କାମକୁ ଭଲ ଭାବରେ କରିପାରିବେ, ତାହା ସେ ଆଦୌ ଜାଣି ନ ଥାନ୍ତି। କ୍ୟାରିୟର ବାଛିବା ବେଳେ ଏଥିରେ କେତେ ସଫଳତା ମିଳିବ ତାହା ଅନୁମାନ କରିବା ଛାତ୍ରୀଛାତ୍ରଙ୍କ ନିଜର ବିଚାରବୁଦ୍ଧି ଉପରେ ନିର୍ଭର କରେ। ଏହି କାରଣରୁ କ୍ୟାରିୟର ବାଛିବା ପୂର୍ବରୁ ସମସ୍ତ ଦିଗ ଉପରେ ଠିକ୍ ଭାବେ ବିଚାର କରିନେବା ଭଲ।

## ନିଜର ବ୍ୟକ୍ତିତ୍ୱକୁ ସଜାଡନ୍ତୁ

କୌଣସି କ୍ଷେତ୍ର ଲାଗି ଉଦ୍ଦିଷ୍ଟ ଯୋଗ୍ୟତା ସେହି କ୍ଷେତ୍ରରେ କ୍ୟାରିୟର ତିଆରି ପାଇଁ ରାସ୍ତା ତିଆରି କରିଥାଏ। କିନ୍ତୁ ଏକ ସ୍ତର ପରେ ନିଜର ବ୍ୟକ୍ତିତ୍ୱ ଯେପରି କି, ରଚନାତ୍ମକ ଚିନ୍ତାଧାରା, ସକାରାତ୍ମକତା, କଥାବାର୍ତ୍ତା କରିବାର କୌଶଳ ଆଦି କ୍ୟାରିୟର ଗଢ଼ିବାରେ କାମରେ ଆସିଥାଏ। ଏଣୁ ଜରୁରୀ ଯୋଗ୍ୟତା ବ୍ୟତୀତ ବ୍ୟକ୍ତିତ୍ୱ ପରିସ୍ଫୁଟନ ପାଇଁ ପ୍ରୟାସ କରିବା ଦରକାର।

## ପ୍ରୟାସ କରିବା ଛାଡ଼ନ୍ତୁ ନାହିଁ

କ୍ୟାରିୟର ବାଛିବା ବେଳେ ଭ୍ରମରେ ପଡିଯିବା ସ୍ୱାଭାବିକ। କିନ୍ତୁ, ନିଜର ଅନୁସନ୍ଧାନ ଜାରିରଖିବା ଉଚିତ। ଭ୍ରମ ଯୋଗୁ ନିରାଶ ହୋଇ ପ୍ରୟାସ ଛାଡ଼ିବା କଥା ନୁହେଁ।

## ରୋଜଗାର ସୁଯୋଗ ପ୍ରତି ଧ୍ୟାନ ଦିଅନ୍ତୁ

କ୍ୟାରିୟର ବାଛିବା ବେଳେ ସେହି କ୍ଷେତ୍ରରେ ରୋଜଗାର ସୁଯୋଗ କେତେ, ଏଥିରୁ ଆମଦାନୀ କେତେ ହୋଇପାରିବ, ନିଯୁକ୍ତି ସୁରକ୍ଷା କିପରି, ଏହି ଚାକିରିରେ ନିଜକୁ କେତେ ଫିଟ୍ ବୋଲି ଭାବୁଛନ୍ତି ଆଦି ସମ୍ପର୍କରେ ଧ୍ୟାନ ଦେବା ଆବଶ୍ୟକ।

# ଅଫିସରେ ହୁଅନ୍ତୁ ପେସାଦାର

କର୍ମସ୍ଥଳୀରେ ଉପରିସ୍ଥ ଅଧିକାରୀ ଅଥବା ମାଲିକ ସର୍ବଦା ଚାହାନ୍ତି କର୍ମଚାରୀ ପେସାଦାର ହୁଅନ୍ତୁ। ଏହି ଆପ୍ରୋଚ୍ ରଖିପାରିଲେ ଆଗକୁ ବଢ଼ିବା କେହି ଅଟକାଇପାରିବେ ନାହିଁ। କିନ୍ତୁ ଅନେକ ସମୟରେ ଦେଖାଯାଏ ଯେ, କର୍ମଚାରୀଟି ଚାକିରି କ୍ଷେତ୍ରରେ ଅଣପେସାଦାର ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସେ ନିଜେ ତ ଅସୁବିଧାରେ ପଡ଼ନ୍ତି, ଓଲଟା ଅଫିସ୍‌ର ପରିବେଶକୁ ଖରାପ କରନ୍ତି। ବେଳେ ବେଳେ ନିଜର ବ୍ୟବହାର ସ୍ୱୟଂ ନଜରରେ ଅଣପେସାଦାର ଲାଗି ନ ପାରେ। କିନ୍ତୁ ଧ୍ୟାନ ରଖିବାକୁ ହେବ ଯେ, ଚାକିରି କ୍ଷେତ୍ରରେ ଜଣେ ସହଯୋଗୀଙ୍କ ପ୍ରତ୍ୟେକଟି ହାବଭାବ ଓ ବ୍ୟବହାର ଉପରେ କଲିଗ୍‌ଙ୍କ ନଜର ରହିଥାଏ।

## ଦାୟିତ୍ୱରୁ ମୁହଁ ମୋଡ଼ନ୍ତୁ ନାହିଁ

ଅଫିସରେ କୌଣସି ଦାୟିତ୍ୱ ଦିଆଗଲେ, କଳେବଳେକୌଶଳେ ସେଥିରୁ ବାହାରିଯିବାକୁ ଚାହିଁଲେ ଏହାକୁ ଅଣପେସାଦାର ଭାବେ ଧରାଯାଇଥାଏ। ଆଗକୁ ବଢ଼ି ଦାୟିତ୍ୱ ନେଲେ ଅଫିସ୍‌ର କଲିଗଙ୍କ ମଧ୍ୟରେ ନିଜର ଛବି ସକାରାତ୍ମକ ହୋଇଥାଏ।

## ପାରଦର୍ଶିତା ମହତ୍ତ୍ୱ ବୁଝନ୍ତୁ

ଅଫିସରେ ଜଣେ ଟିମ୍ ଲିଡର ଭାବେ କାମ କରୁଥିବା ବେଳେ ନିଜର ୱାର୍କିଂ ଷ୍ଟାଇଲରେ ପାରଦର୍ଶିତା ଆଣିବାକୁ ହେବ। କଥାରେ ସର୍ବଦା ସ୍ପଷ୍ଟବାଦୀ ହେବାକୁ ପଡିବ। କାରଣ ସଫା ସଫା କଥା କହୁଥିବା ବ୍ୟକ୍ତିଙ୍କୁ ସମସ୍ତେ ପସନ୍ଦ କରନ୍ତି। ଏହାଦ୍ୱାରା ଟିମ୍‌ରେ ଥିବା ଅନ୍ୟ କର୍ମଚାରୀଙ୍କ ଭରସା ସହଜରେ ହାସଲ କରିହୁଏ। ବିଶେଷ କରି ଅଫିସ୍‌ରେ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ଟିମ୍ ସହ ଶେୟାର କରିବା ଆବଶ୍ୟକ। ଆରମ୍ଭରେ ଏ ଦିଗରେ କାମ କରିବାରେ ଅସୁବିଧା ହୋଇପାରେ। ଅଭ୍ୟାସରେ ପଡିଗଲା ପରେ ପେସାଦାରିତା ଦୃଷ୍ଟିରୁ ଫାଇଦା ମିଳିବ।

## ଭାବିଚିନ୍ତି କୁହନ୍ତୁ

ଅଫିସରେ ଜଣେ କର୍ମଚାରୀ କମ୍ ଅଥବା ଅଧିକ କଥା କୁହନ୍ତି, ତାହା ଫରକ ପଡି ନଥାଏ। ତେବେ କଥା ହେବା ବେଳେ କିଭଳି ଶବ୍ଦ ପ୍ରୟୋଗ କରାଯାଉଛି, ତାହା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅଫିସ୍‌ରେ କଥା କହିଲା ବେଳେ ସଚେତନ ରହିବା ଆବଶ୍ୟକ। ସାମାନ୍ୟ ଭୁଲ୍ ମନ୍ତବ୍ୟ ପୂରା ଛବିକୁ ଖରାପ କରିଦେବ। ଭୁଲ୍‌ରେ ମଧ୍ୟ ଖରାପ ଶବ୍ଦ ପ୍ରୟୋଗରୁ ଦୂରେଇ ରହିବାକୁ ହେବ। ନଚେତ୍ ଅନ୍ୟମାନଙ୍କ ଅପେକ୍ଷା ନିଜର ଅଧିକ କ୍ଷତି ହେବା ନିଶ୍ଚିତ।



## ଅତି ଆତ୍ମବିଶ୍ୱାସୀ ହେବେ ନାହିଁ

ଅଫିସରେ ଆତ୍ମବିଶ୍ୱାସ ପ୍ରଦର୍ଶନ କରିବା ଭଲ। ଏହାଦ୍ୱାରା ମିଳିଥିବା ପ୍ରକଳ୍ପ କାମ କରିବା ସହଜ ହୋଇଯାଏ। କିନ୍ତୁ ଓଭର କନ୍‌ଫିଡେନ୍ସ ବା ଅତି ଆତ୍ମବିଶ୍ୱାସୀ ହେବା ସମ୍ପୃକ୍ତ କର୍ମଚାରୀଙ୍କ ଭାବମୂର୍ତ୍ତିରେ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ମନେହୋଇପାରେ ଯେ, ନିଜ ଭଳି ଆଉ କେହି ନାହାନ୍ତି। ଏହା ସତର୍କ ଘଣ୍ଟି ନିଶ୍ଚୟ। ଏହାଦ୍ୱାରା ବିପଦରେ ପଡିବାର ସମ୍ଭାବନା ରହିଥାଏ। କର୍ମଚାରୀ ଅଫିସରେ ତାଙ୍କର ଭାବମୂର୍ତ୍ତି ଖରାପ ହୋଇସାରିଲାଣି ବୋଲି ଜାଣିପାରିବେ ନାହିଁ।

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above.
Monthly Salary upto Rs.27,000/-.
(Part Time/Full Time)
Contact: 9938676412

**APPOINTMENT**
Experience Resident Teachers Required for Xavier International School At Aul, Kendrapada.
Subject: English, Maths & Science.
Contact: Whatsapp:
9439159798, 9437505565
Email Resume:
xavierintlschool@gmail.com

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 8895725158 / 7327065424

**URGENT REQUIRED**
Need Security Guard & Supervisor for a Resort, Puri.
Urgent Contact:
Mob: 7978523513, 9748974527

**APPOINTMENT**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଏବଂ ବଗିଚାରେ କାମ କରିବାକୁ ମାଳୀ ଆବଶ୍ୟକ।
ଯୋଗାଯୋଗ: 9937203178

ବ୍ରଏଲର ଫାର୍ମରେ କାମ କରିବା ପାଇଁ ଲୋକ ଆବଶ୍ୟକ। ଘର ସହ ଦରମା 10,000/-.
ଯୋଗାଯୋଗ:
7008403582
7809525452

**ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲା ଓ ବ୍ଲକରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ। ଯୋଗ୍ୟତା: 8thରୁ +3. ଦରମା: 6500/- to 25,800/-.
ଯୋଗାଯୋଗ: 9583494854

PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER
For Pre-Cast Manufacturing Unit
Two-Wheeler must; All Odisha
CONTACT:
9040019196 / 9778821577

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

See CAREER APPOINTMENT on every Wednesday & Saturday

**ନୋଟିସ**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

| Dollar | Sensex | Nifty | Gold | Silver |
|---|---|---|---|---|
| 68.89 (15) | 37,882.79 (51.81) | 11,284.30 (32.15) | 35,730.00 (₹140) | 42,150.00 (₹150) |



ଏବିବି ଇଣ୍ଡିଆ ହାତରେ ଯଥେଷ୍ଟ ନଗଦ ରହିଛି। କମ୍ପାନୀ ନିକଟରେ ବହୁ ଅର୍ଡର ରହିଛି। ଏହାର ଲାଭ ବଢ଼ିଛି।
– ସଞ୍ଜୀବ ଶର୍ମା, ଏବିବି ଇଣ୍ଡିଆ ଏମ୍‌ଡି



ଓମ୍‌କାର ରିଏଲ୍ଟର୍ସ ୩ ହଜାର କୋଟି ଟଙ୍କାରେ ୨ ମିଲିୟନ ବର୍ଗ ଫୁଟ୍ ଜମି ବିକିବ। କମ୍ପାନୀ ଇତିମଧ୍ୟରେ ସପିଙ୍ଗ କମ୍ପ୍ଲେକ୍ସ ଥିବା ୧ ମିଲିୟନ ବର୍ଗଫୁଟ ଜାଗା ବିକ୍ରି କରିସାରିଛି।
– ରାହୁଲ ମାରୁ, ଓମ୍‌କାର ୱର୍ଲ୍ଡ ସିଇଓ

## ସଂକ୍ଷେପରେ

### ପତଞ୍ଜଳି ହାତକୁ ଯିବ ରୁଚି ସୋୟା

**ନୂଆଦିଲ୍ଲୀ,୨୬-୭:** ବାବା ରାମଦେବଙ୍କ ନେତୃତ୍ୱରେ ପରିଚାଳିତ ପତଞ୍ଜଳି ଗ୍ରୁପ୍ ଖାଦ୍ୟ ତେଲ କମ୍ପାନୀ ରୁଚି ସୋୟାର ମାଲିକ ହେବାକୁ ଯାଉଛି। ରାଷ୍ଟ୍ରୀୟ କମ୍ପାନୀ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି) ରୁଚି ସୋୟା ଲାଗି ପତଞ୍ଜଳିର ୪୩୫୦ କୋଟି ଟଙ୍କାର ସଂଶୋଧିତ ବିଡ୍‌କୁ ମଞ୍ଜୁର କରିଛନ୍ତି। ପୂର୍ବରୁ ଏହାକୁ କିଣିବା ଲାଗି ଆଡାନୀ ଗ୍ରୁପ୍ କମ୍ପାନୀ ୱିଲମ୍‌ର ରାଜି ଥିଲା। କିନ୍ତୁ ପରେ ଏହା ବିଡିଂ ପ୍ରକ୍ରିୟାରୁ ହଟିଯାଇଥିଲା। ଫଳରେ ପତଞ୍ଜଳି ଏକମାତ୍ର ବିଡର ଭାବେ ରହିଯାଇଥିଲା। ରୁଚି ସୋୟା ଉପରେ ବର୍ତ୍ତମାନ ୯୩୪୫ କୋଟି ଟଙ୍କାର ଋଣବୋଝ ରହିଛି। ରୁଚି ସୋୟାର ଅଧିଗ୍ରହଣ ପରେ ପତଞ୍ଜଳି ସୋୟାବିନ ତେଲ ତଥା ଅନ୍ୟ ଉତ୍ପାଦ ମାମଲାରେ ଏକ ବଡ଼ କମ୍ପାନୀ ହୋଇଯିବ।

### '୨୫ ବିମାନବନ୍ଦର ଘରୋଇକରଣ ହେବ'

**ନୂଆଦିଲ୍ଲୀ,୨୬-୭:** କେନ୍ଦ୍ର ସରକାର ପରବର୍ତ୍ତୀ ପର୍ଯ୍ୟାୟରେ ଦେଶର ଆହୁରି ୨୦ରୁ ୨୫ ବିମାନବନ୍ଦରକୁ ଘରୋଇକରଣ କରିବେ ବୋଲି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଅଧ୍ୟକ୍ଷ ଗୁରୁପ୍ରସାଦ ମହାପାତ୍ର ଶୁକ୍ରବାର ପ୍ରକାଶ କରିଛନ୍ତି। ଗତବର୍ଷ ପିପିପି ମୋଡ୍‌ରେ ଲକ୍ଷ୍ନୌ, ଅହମ୍ମଦାବାଦ୍, ଜୟପୁର, ମାଙ୍ଗାଲୋର, ଥିରୁଭାନନ୍ତପୁରମ ଏବଂ ଗୁଆହାଟୀ ବିମାନବନ୍ଦରର ଘରୋଇକରଣ କରାଯାଇଥିଲା। ଫେବୃୟାରୀରେ ଅଡାନୀ ଗ୍ରୁପ୍ ୬ ବିମାନବନ୍ଦର ମଧ୍ୟରୁ ୫ର ନିଲାମ ନେଇଛି। ମହାପାତ୍ର କହିଛନ୍ତି ଯେ, ସରକାର ଇତିମଧ୍ୟରେ ୬ ବିମାନ ବନ୍ଦରର ଘରୋଇକରଣ କରିସାରିଛନ୍ତି। ବାର୍ଷିକ ୧୦ରୁ ୧୫ ଲକ୍ଷ ଯାତ୍ରୀ ଯାତାୟାତ କରୁଥିବା ବିମାନବନ୍ଦରଗୁଡ଼ିକ ମଧ୍ୟରୁ ୨୦ରୁ ୨୫ର ଘରୋଇକରଣ ହେବ।

### ନିଶାନ ମୋଟରରୁ ଛଟେଇ ହେବେ ୧୭୦୦ ଭାରତୀୟ

**ମୁମ୍ବାଇ,୨୬-୭:** ମାନ୍ଦାବସ୍ଥାର ସାମ୍ନା କରୁଥିବା ଅଟୋ ସେକ୍ଟରରେ ଲକ୍ଷାଧିକ ସଂଖ୍ୟାରେ କର୍ମଚାରୀ ବେକାର ହେବାକୁ ଯାଉଛନ୍ତି। ଭାରତୀୟ ବଜାର ମଧ୍ୟ ଏହି ଜାଲରେ ପଡିଛି। ଜାପାନର କାର ନିର୍ମାତା ନିଶାନ ମୋଟର ଭାରତରେ ପ୍ରାୟ ୧୭୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ବିଶ୍ୱ ସ୍ତରରେ କମ୍ପାନୀର ଲାଭ ଚଳିତ ଦଶକର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ଏହି କାରଣରୁ ନିଶାନ ଆସନ୍ତା ୩ ବର୍ଷ ମଧ୍ୟରେ ସାରା ବିଶ୍ୱରେ ଏହାର ଅଫିସ୍‌ରୁ ୧୨,୫୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ଏମାନଙ୍କ ମଧ୍ୟରୁ ଇତିମଧ୍ୟରେ ୬୪୦୦ଜଣଙ୍କୁ ଛଟେଇ କରାଯାଇସାରିଲାଣି। ଅବଶିଷ୍ଟଙ୍କୁ ଆସନ୍ତା ୨-୩ ବର୍ଷ ଭିତରେ ବିଦା କରାଯିବ। ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ମଧ୍ୟରେ ୧୩.୫% ଭାରତୀୟ ରହିଛନ୍ତି। କମ୍ପାନୀ ନିଜର ଦକ୍ଷତା ବଢ଼ାଇବାକୁ ଚାହୁଁଛି। ଏହି କାରଣରୁ ସାରା ବିଶ୍ୱରେ ଥିବା ଏହାର କର୍ମଚାରୀଙ୍କୁ ଛଟେଇ କରାଯାଉଛି। ଭାରତରେ ୧୭୦୦, ଆମେରିକାରେ ୧୪୨୦, ମେକ୍ସିକୋରେ ୧୦୦୦, ଇଣ୍ଡୋନେସିଆରେ ୮୩୦ ଏବଂ ଜାପାନର ଦୁଇଟି କାରଖାନାର ୮୮୦ ଜଣ କର୍ମଚାରୀଙ୍କୁ ବିଦା କରାଯିବ।

### ନୀରବ ମୋଦି ଦୁର୍ନୀତି ପରେ ପ୍ରଥମଥର ଲାଭ କଲା ପିଏନ୍‌ବି

**ନୂଆଦିଲ୍ଲୀ,୨୬-୭:** ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଦ୍ୱାରା ଦେଶର ସର୍ବବୃହତ ବ୍ୟାଙ୍କିଙ୍ଗ୍ ଦୁର୍ନୀତି ହେବା ପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପ୍ରଥମଥର ଲାଭର ମୁହଁ ଦେଖିଛି। ବ୍ୟାଙ୍କ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସରେ ୧୦୧୯ କୋଟି ଟଙ୍କା ଶୁଦ୍ଧ ଲାଭ କରିଛି। ବର୍ଷକ ପୂର୍ବରୁ ଏହି ଅବଧିରେ ବ୍ୟାଙ୍କ ୯୪୦ କୋଟି ଟଙ୍କା କ୍ଷତି ସହିଥିଲା। ଦୁର୍ନୀତି ଧରାପଡିବା ପରେ ବ୍ୟାଙ୍କ କେବଳ ଦୁଇଥର ଲାଭ କରିଥିଲା। ଏଥିପୂର୍ବରୁ ଗତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ବ୍ୟାଙ୍କ ୨୪୬.୫୧ କୋଟି ଟଙ୍କା ଲାଭ କରିଥିଲା।

### ଏସ୍‌ବିଆଇ ଲାଇଫ୍‌ର ଆର୍ଥିକ ଫଳାଫଳ ଘୋଷଣା

**ମୁମ୍ବାଇ,୨୬-୭:** ଏସ୍‌ବିଆଇ ଲାଇଫ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ନୂଆ କିସ୍ତିରେ ୫୨% ଅଭିବୃଦ୍ଧି ସହ ୩୧୫୪ କୋଟି ଟଙ୍କା ସଂଗ୍ରହ କରିଛି। ଏହା ଗତ ବର୍ଷ ୨୦୭୬ କୋଟି ଟଙ୍କା ରହିଥିଲା। ପ୍ରଥମ ତ୍ରୈମାସରେ ନୂଆ କିସ୍ତି ସଂଗ୍ରହ ୪୩୬ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷ ସମାନ ସମୟରେ ଏହା ୨୧୨ କୋଟି ଟଙ୍କା ରହିଥିଲା। ସେହିଭଳି ବ୍ୟକ୍ତିଗତ ବୀମା କିସ୍ତି ସଂଗ୍ରହ ପରିମାଣ ୪୧% ବଢି ୧୮୭୨ କୋଟି ଟଙ୍କା ରହିଛି। କମ୍ପାନୀର ଟିକସ ପରବର୍ତ୍ତୀ ଲାଭ ୩୭୨ କୋଟି ଟଙ୍କା ରହିଥିବା ବେଳେ ଏୟୁଏମ୍ ଅଭିବୃଦ୍ଧି ୨୨% ରହି ୧.୪୬ ଲକ୍ଷ କୋଟି ଟଙ୍କା ଛୁଇଁଛି। କମ୍ପାନୀର କାର୍ଯ୍ୟକାରୀ ବ୍ୟୟ ୭.୪%କୁ ହ୍ରାସ ଘଟିଛି। ୯୨୨ଟି କାର୍ଯ୍ୟାଳୟ ଜରିଆରେ ଏହା ବ୍ୟାଙ୍କାସୁରାନ୍ସ ପ୍ରଦାନ କରୁଛି।

## ସଭରେନ୍ ବଣ୍ଡ ହେଲା କାଳ

# ଗର୍ଗଙ୍କ ବଦଳି ପଛରେ ଆର୍‌ଏସ୍‌ଏସ୍‌ର ହାତ ସନ୍ଦେହ

ନୂଆଦିଲ୍ଲୀ,୨୬-୭

ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗଙ୍କୁ ବଦଳି ପଛରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ହାତ ରହିଥିବା ସନ୍ଦେହ କରାଯାଉଛି। ବିଦେଶୀ ସଭରେନ ବଣ୍ଡ ପାଇଁ ଓକାଲାତି କରିବା ତାଙ୍କୁ ମହଙ୍ଗା ପଡିଛି। କାରଣ ସଂଘର ଆର୍ଥିକ ଶାଖା ସ୍ୱଦେଶୀ ଜାଗରଣ ମଞ୍ଚ ଏହି ବଣ୍ଡକୁ ବିରୋଧ କରିଛି। ଏହି କାରଣରୁ ତାଙ୍କୁ ଅଚାନକ ବଦଳି କରାଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ମଞ୍ଚର ରାଷ୍ଟ୍ରୀୟ କୋଅର୍ଡିନେଟର ଅଶ୍ୱିନୀ ମହାଜନ କହିଥିଲେ ଯେ, ବିଦେଶୀ ଋଣ ନେବା ଲାଗି ପ୍ରୋତ୍ସାହନ ଦେବା ଯୋଗୁ ଗର୍ଗଙ୍କୁ ଏହି ପୁରସ୍କାର ମିଳିଛି। ତାଙ୍କ ମତରେ ଋଣ ନେବାର ଅଦ୍ଭୁତ ବିଚାର ତାଙ୍କ ବଦଳିର କାରଣ ହୋଇଛି।

ମହାଜନଙ୍କ ଏହି ବିବୃତି ଏବେ ରାଜନୈତିକ ମହଲରେ ଆଲୋଚନାର ଖୋରାକ ହୋଇଛି। ଆର୍‌ଏସ୍‌ଏସ୍ ନିର୍ଦ୍ଦେଶରେ ସରକାର ତାଙ୍କୁ ବଦଳି କରିଛନ୍ତି ବୋଲି ଧାରଣା ସ୍ପଷ୍ଟ ହୋଇଛି। ମହାଜନ କହିଛନ୍ତି ଯେ, ମଞ୍ଚ ଲାଗି ଯାହା ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯାଇଛି। ସେ ଏତିକିରେ ନିଜକୁ ରୋକିନାହାନ୍ତି। ସରକାରରେ ସାମିଲ କେତେକ ଓଭର ପରଫରମିଂ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବା ଉଚିତ୍ ବୋଲି ସେ କହିଛନ୍ତି। ସୂଚନାଥାଉ କି, ପାର୍ଲାମେଣ୍ଟରେ ଉପସ୍ଥାପିତ ବିଦେଶୀ ସଭରେନ୍ ବଣ୍ଡ ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଭାଷଣରେ ଉଲ୍ଲେଖ କରିଥିଲେ। ବଜେଟ ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବା ଗର୍ଗ ଏହି ବଣ୍ଡ ଜାରି କରିବାର ବିଚାର ଆଣିଥିଲେ। ଚଳିତ ଆର୍ଥିକ ବର୍ଷରେ ବିଦେଶୀ ବଣ୍ଡ ମାଧ୍ୟମରେ ସରକାର ୧୦ ବିଲିୟନ ଡଲାର ଋଣ ଆଣିବାକୁ ଚାହୁଁଛନ୍ତି ବୋଲି ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ପ୍ରକାଶ କରିଥିଲେ। ତେବେ ଦେଶର ବହୁ ବିଶିଷ୍ଟ ଅର୍ଥନୀତିଜ୍ଞ ସହ ପୂର୍ବତନ ଆର୍‌ବିଆଇ ଗଭର୍ନର ୱାଇ.ଭି.ରେଡ୍ଡୀ, ରଘୁରାମ ରାଜନ୍, ସି.ରଙ୍ଗରାଜନ୍ ଏହାକୁ ବିରୋଧ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା କମିଟିର କେତେଜଣ ସଦସ୍ୟ ମଧ୍ୟ ଏହାକୁ ବିରୋଧ କରିଛନ୍ତି। ସ୍ୱଦେଶୀ ଜାଗରଣ ମଞ୍ଚ ମଧ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ସମାଲୋଚନା କରିଛି। ବଜେଟ ଉପସ୍ଥାପନର ଦୁଇ ଦିନ ପରେ ମହାଜନ କହିଥିଲେ ଯେ, ବିଦେଶୀ ମୁଦ୍ରାରେ ସରକାରୀ ଋଣ ନେବା ଭୁଲ୍ ବିଚାର। ଏ ସମ୍ପର୍କରେ ଅନ୍ତଃରାଷ୍ଟ୍ରୀୟ ଅଭିଜ୍ଞତା ଅତ୍ୟନ୍ତ ଭୟଙ୍କର ରହିଛି। ଭାରତ ନିକଟରେ ଏବେ ୪୩୦ ବିଲିୟନ ଡଲାର ବିଦେଶୀ ମୁଦ୍ରା ଗଚ୍ଛିତ ରହିଛି। ଏପରି ସ୍ଥିତିରେ ବିଦେଶୀ ଋଣ ନେବାର ବିଚାର ଆଦୌ ଗ୍ରହଣୀୟ ନୁହେଁ। ବିଦେଶୀ ଋଣକୁ ନେଇ ବନ୍ଦ କୋଠରିରେ ଆଲୋଚନା ଲାଗି ମଞ୍ଚ ପକ୍ଷରୁ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ନିମନ୍ତ୍ରଣ କରାଯାଇଛି। ଏକ ଉଦାହରଣ ଦେଇ ସେ କହିଛନ୍ତି ଯେ, ଇଣ୍ଡୋନେସିଆ, ବ୍ରାଜିଲ୍, ଆର୍ଜେଣ୍ଟିନା,ତୁର୍କୀ ଓ ମେକ୍ସିକୋ ଭଳି ଦେଶ ବିଦେଶୀ ଋଣ ଜାଲରେ ଏପରି ଭାବେ ଫସି ଯାଇଛନ୍ତି ଯେ, ଋଣ ଶୁଝିବା ଲାଗି ପୁଣି ଋଣ କରୁଛନ୍ତି। ଉଲ୍ଲେଖଥାଉ କି, ସଭରେନ ବଣ୍ଡକୁ ସମର୍ଥନ ଜଣାଇ ଗର୍ଗ କହିଥିଲେ ଯେ, ଏହାକୁ ପ୍ରୋତ୍ସାହିତ କରାଗଲେ ଭାରତୀୟ କମ୍ପାନୀଗୁଡ଼ିକର ବାସ୍ତବିକ ସୁଧ ହାର ତଳକୁ ଖସିବ। ଏହାଦ୍ୱାରା ଅର୍ଥନୀତି ସୁଦୃଢ଼ ହେବ। ବିଦେଶୀ ନିବେଶ ଓ ସଞ୍ଚୟକୁ ନେଇ ସରକାରଙ୍କ ବ୍ୟବହାର ଖୋଲା ରହିଛି।



### ଶକ୍ତି ସଚିବ ଦାୟିତ୍ୱ ସମ୍ଭାଳିଲେ

ସୁଭାଷ ଚନ୍ଦ୍ର ଗର୍ଗ ଶୁକ୍ରବାର ନୂଆ ଶକ୍ତି ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ବୁଧବାର ଏହି ଟ୍ରାନ୍ସଫର କରାଯାଇଥିଲା। ଏହାପରେ ସେ ତୁରନ୍ତ ଭିଆର୍‌ଏସ୍ ଯୋଜନାରେ ସ୍ୱେଚ୍ଛାକୃତ ଅବସର ନେବା ଲାଗି ଆବେଦନ କରିଛନ୍ତି। ଆର୍ଥିକ ବ୍ୟାପାର ବିଭାଗର ଦାୟିତ୍ୱ ସେ ହସ୍ତାନ୍ତର କରିଛନ୍ତି। ଏବେ ଶକ୍ତି କ୍ଷେତ୍ରରେ ସଂସ୍କାର କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଗର୍ଗ ପ୍ରକାଶ କରିଛନ୍ତି।

### ପିଏମ୍‌ଓକୁ ପୂର୍ବରୁ ଭିଆର୍‌ଏସ୍ ନିଷ୍ପତ୍ତି ଜଣାଇଥିଲି: ଗର୍ଗ

ନବନିଯୁକ୍ତ କେନ୍ଦ୍ର ଶକ୍ତି ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଶୁକ୍ରବାର ନିଜର ଭିଆର୍‌ଏସ୍ (ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ସ୍କିମ୍ ବା ସ୍ୱେଚ୍ଛାକୃତ ଅବସର ଯୋଜନା) ନେବା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଶକ୍ତି ମନ୍ତ୍ରଣାଳୟ ସଚିବ ଭାବେ ତାଙ୍କୁ ଟ୍ରାନ୍ସଫର କରାଯିବା ବହୁ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୮ରେ ସେ ନିଜର ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)କୁ ଜଣାଇଥିଲେ ବୋଲି ଗର୍ଗ ସ୍ପଷ୍ଟ କରିଛନ୍ତି। ତାଙ୍କର ଭିଆର୍‌ଏସ୍ ଆବେଦନକୁ ସରକାର ଗ୍ରହଣ କରିନେଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ଏହା ଏକ ଲମ୍ବା ପ୍ରକ୍ରିୟା ମଧ୍ୟରେ ଶେଷ ହୋଇଥାଏ। ତାଙ୍କର ଆବେଦନକୁ ସରକାର ବିଚାର କରୁଛନ୍ତି।

### ଅର୍ଥମନ୍ତ୍ରଣାଳୟ ସଭରେନ୍ ବଣ୍ଡ ସମ୍ପର୍କରେ ବିଚାର କରୁ: ପିଏମ୍‌ଓ

ଦେଶକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ବିଦେଶରୁ ସଭରେନ୍ ବଣ୍ଡ ମାଧ୍ୟମରେ ଋଣ ସଂଗ୍ରହ କରିବାକୁ ଚାହୁଁଥିଲେ। ତେବେ ଏହାକୁ ସ୍ୱଦେଶୀ ଜାଗରଣ ମଞ୍ଚ ବିରୋଧ କରିଛି। ମଞ୍ଚ ଚାପରେ ପଡି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ପକ୍ଷରୁ ବିଦେଶୀ ସଭରେନ୍ ବଣ୍ଡ ଜାରି କରିବା ନେଇ ପୁନର୍ବିଚାର କରିବାକୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ପିଏମ୍‌ଓ ପକ୍ଷରୁ କୁହାଯାଇଛି ଯେ, ବିଦେଶୀ ସଭରେନ୍ ବଣ୍ଡ ପ୍ରଚଳନକୁ ଆର୍‌ବିଆଇର ପୂର୍ବତନ ଗଭର୍ନର, ଅର୍ଥନୀତିଜ୍ଞମାନେ ବିରୋଧ କରୁଥିବାରୁ ଏହାର ଯାଞ୍ଚ କରିବା ପରେ ହିଁ ବଜେଟ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯିବା ଉଚିତ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ଆଗକୁ ପାଦ ଦେବା ପୂର୍ବରୁ ସମସ୍ତ ହିତାଧିକାରୀଙ୍କ ସହ ଆଲୋଚନା କରନ୍ତୁ ବୋଲି ପିଏମ୍‌ଓ ଚାହୁଁଛି।

## ଆଇଟି ସେକ୍ଟରରେ ଦରମା ତାରତମ୍ୟ

# କର୍ମଚାରୀଙ୍କଠୁ ୪୫୫ ଗୁଣା ଅଧିକ ପାଆନ୍ତି ୱିପ୍ରୋ ସିଇଓ

ନୂଆଦିଲ୍ଲୀ,୨୬-୭

ଦେଶର ସୂଚନା ପ୍ରଯୁକ୍ତି(ଆଇଟି) କ୍ଷେତ୍ରରେ ଶୀର୍ଷ କମ୍ପାନୀଗୁଡ଼ିକର ସିଇଓ ତଥା କର୍ମଚାରୀଙ୍କ ମଧ୍ୟରେ ବେତନ ତାରତମ୍ୟ କ୍ରମାଗତ ବଢ଼ିଚାଲିଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ଏହି ପ୍ରଭେଦ ବହୁ ଅଧିକ ଥିବା ଜଣାପଡିଛି। କର୍ମଚାରୀଙ୍କ ଦରମା ନାମମାତ୍ର ବଢ଼ିଥିବା ବେଳେ ସିଇଓମାନେ ବମ୍ପର ବେତନ ପାଇଛନ୍ତି। ଆଇଟି କମ୍ପାନୀ ୱିପ୍ରୋ ସିଇଓ ଆବିଦାଲି ନିମୁଚୱାଲାଙ୍କ ଦରମା କମ୍ପାନୀର ସାଧାରଣ କର୍ମଚାରୀଙ୍କ ହାରାହାରି ବେତନ ତୁଳନାରେ ୪୫୫ ଗୁଣା ବୃଦ୍ଧି ପାଇଛି। ଗତବର୍ଷ ଏହା ୩୩୭ ଗୁଣା ଅଧିକ ଥିଲା। ସେହିପରି ଟାଟା କନସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସିଇଓ ରାଜେଶ ଗୋପୀନାଥନ୍‌ଙ୍କ ବେତନ କର୍ମଚାରୀଙ୍କ ଦରମା ଠାରୁ ୨୬୨ ଗୁଣ ଅଧିକ, ଯାହା କି ଗତବର୍ଷ ୨୧୧ ଗୁଣ ଥିଲା। ସେହିପରି ଇନ୍‌ଫୋସିସ୍ ସିଇଓ ସଲିଲ ପାରେଖ ୨୦୧୮-୧୯ରେ ୨୭୩ ଗୁଣ ଅଧିକ ବେତନ ନେଇଛନ୍ତି। ଏହି ଟ୍ରେଣ୍ଡ ବିଶ୍ୱର ଅନ୍ୟ କମ୍ପାନୀଙ୍କ ଅପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ। ଆମେରିକା କମ୍ପେସେଶନ ରିସର୍ଚ୍ଚ ଫାର୍ମ ଇକ୍ୱିଲିୟର ପକ୍ଷରୁ କୁହାଯାଇଛି ଯେ, ରସେଲ ୩୦୦୦ କମ୍ପାନୀ(ମାର୍କେଟ କ୍ୟାପିଟାଲାଇଜେଶନ ଆଧାରିତ ଇକୁଇଟି ଇଣ୍ଡେକ୍ସ)ର ମେ'ର ତଥ୍ୟ ଅନୁଯାୟୀ ଟେକ୍ କମ୍ପାନୀଙ୍କ ସିଇଓ ଓ କର୍ମଚାରୀଙ୍କ ବେତନ ବୃଦ୍ଧି ଭିତରେ ପ୍ରାୟ ସମାନତା ରହିଛି।

### ସିଇଓ ରବି ଝୁନ୍‌ଝୁନ୍‌ୱାଲାଙ୍କୁ ୧୨୧କୋଟି ଦରମା


ନୂଆଦିଲ୍ଲୀ,୨୬-୭



ଏଚ୍‌ଇଜି ଲିମିଟେଡର ସିଇଓ ରବି ଝୁନ୍‌ଝୁନ୍‌ୱାଲା ଆର୍ଥିକ ବର୍ଷ ୨୦୧୮-୧୯ରେ ସର୍ବାଧିକ ୧୨୧.୨୭ କୋଟି ଟଙ୍କା ଦରମା ନେଇଛନ୍ତି, ଯାହାକି ଗତ ଆର୍ଥିକ ବର୍ଷଠାରୁ ୧୮୦ ପ୍ରତିଶତ ଅଧିକ। ତାଙ୍କର ଏତେ ବିଶାଳ ଦରମାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି। ଏଲ୍‌ଏନ୍‌ଜି ଭିଲୱାଡା ଗ୍ରୁପ୍‌ର ଏହି କମ୍ପାନୀ ଗ୍ରାଫାଇଟ୍ ଇଲେକ୍ଟ୍ରୋଡ ନିର୍ମାଣ କରିଥାଏ। ଗତ ଆର୍ଥିକ ବର୍ଷ ତୁଳନାରେ ତାଙ୍କର ଦରମା ୩ ଗୁଣ ବଢ଼ିଯାଇଛି। କମ୍ପାନୀର ନିୟମ ଅନୁଯାୟୀ, ଶୁଦ୍ଧ ଲାଭର ୨.୫% କମିଶନ ସିଇଓଙ୍କୁ ମିଳିଥାଏ। ଅନ୍ୟପକ୍ଷରେ ହିରୋ ମୋଟୋକର୍ପ ସିଇଓ ପୱନ ମୁଞ୍ଜାଲ ୮୦.୪୧ କୋଟି, ଦୀପକ ନାଇଟ୍ରାଇଟ ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଉମେଶ ଆସାଇକର ୫୮.୮୯ କୋଟି, ଏଲ୍‌ଆଣ୍ଡଟିର ସିଇଓ ଏସ୍.ଏନ୍.ସୁବ୍ରମଣ୍ୟନ୍ ୪୮.୪୫ କୋଟି ଟଙ୍କା ଦରମା ନେଉଛନ୍ତି।

# ହ୍ୱାଟ୍ସଆପ୍ ପେମେଣ୍ଟ ସର୍ଭିସ: ସମ୍ଭାବ୍ୟ ବିପଦ ନେଇ ସରକାର ଚିନ୍ତାରେ

ନୂଆଦିଲ୍ଲୀ,୨୬-୭




ହ୍ୱାଟ୍ସଆପ୍ ପକ୍ଷରୁ ଚଳିତ ବର୍ଷ ଶେଷାର୍ଦ୍ଧରେ ଭାରତରେ ପେମେଣ୍ଟ ସର୍ଭିସ ଆରମ୍ଭ କରାଯିବ ବୋଲି ଘୋଷଣା କରାଯାଇଛି। ଫେସ୍‌ବୁକ୍‌ର ସହାୟକ କମ୍ପାନୀ ପକ୍ଷରୁ ଆରମ୍ଭ ହେବାକୁ ଥିବା ଏହି ସେବା ଦ୍ୱାରା ଭାରତୀୟ ୟୁଜରଙ୍କ ପ୍ରତି ବିପଦ ରହିଛି ବୋଲି କେନ୍ଦ୍ର ସରକାର ଆଶଙ୍କା ବ୍ୟକ୍ତ କରିଛନ୍ତି। କାରଣ ହ୍ୱାଟ୍ସଆପ୍ ପେମେଣ୍ଟ ସର୍ଭିସରେ ଜମା ହେବାକୁ ଥିବା ଡାଟା ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମକୁ ସହଜରେ ମିଳିଯିବ ବୋଲି ସରକାର ମନେକରୁଛନ୍ତି। ହ୍ୱାଟ୍ସଆପ୍ ଓ ଗୁଗଲ ପେ ଭଳି ପେମେଣ୍ଟ ସର୍ଭିସ ଜରିଆରେ ଏକତ୍ରିତ ହେବାକୁ ଥିବା ୟୁଜର ଡାଟାକୁ ହସ୍ତାନ୍ତରରୁ ରୋକିବା ଲାଗି ଉପାୟ ଖୋଜିବାକୁ ସରକାରଙ୍କ ପକ୍ଷରୁ ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)କୁ ନିର୍ଦ୍ଦେଶ ଦିଆଯାଇଛି। ଦେଶରେ ରିଟେଲ ପେମେଣ୍ଟ ଓ ସେଟେଲମେଣ୍ଟ ସିଷ୍ଟମକୁ ଏନ୍‌ପିସିଆଇ ନୋଡାଲ ଏଜେନ୍ସି ଭାବେ ଅପରେଟ କରିଥାଏ। ସୂଚନାଥାଉ କି, ୟୁନାଇଟେଡ ପେମେଣ୍ଟସ ଇଣ୍ଟରଫେସ୍‌କୁ ଆଧାର କରି ହ୍ୱାଟ୍ସଆପ୍‌ର ପ୍ରସ୍ତାବିତ ପେମେଣ୍ଟ ସର୍ଭିସ ଆରମ୍ଭ ହେବାକୁ ଯାଉଛି। ଏହି ସିଷ୍ଟମ ବ୍ୟାଙ୍କ ଆକାଉଣ୍ଟ ମଧ୍ୟରେ ବାସ୍ତବିକ ସମୟରେ ଫଣ୍ଡ ଟ୍ରାନ୍ସଫର ସୁବିଧା ଦେଇଥାଏ।

# ନୂଆଦିଲ୍ଲୀରେ ରେଡ୍ ମଡ୍ ନେଟୱର୍କିଂ ମିଟ୍




ନୂଆଦିଲ୍ଲୀ,୨୬-୭

ବକ୍ସାଇଟରୁ ଆଲୁମିନା ଉତ୍ପାଦନ ସମୟରେ ନିର୍ଗତ ରେଡ୍ ମଡ୍‌ରୁ ଲୌହ, ସୁନା, ରୁପା, ରୁଟାଇଲ, ଇଲେମିନାଇଟ୍ ଅନ୍ୟ ଧାତୁ ନିଃସାରଣ କରାଯିବା ଆବଶ୍ୟକ। ଏହାକୁ ଉପାର୍ଜନର ସାଧନ ଭାବେ ବ୍ୟବହାର କରାଯାଇପାରେ। ସିମେଣ୍ଟ, ଇଟା, ସେରାମିକ ପ୍ରସ୍ତୁତି ଏବଂ ନିର୍ମାଣ ଶିଳ୍ପରେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ଜବାହାର ଲାଲ ନେହେରୁ ଆଲୁମିନିୟମ ରିସର୍ଚ୍ଚ ଡେଭଲପମେଣ୍ଟ ଆଣ୍ଡ ଡିଜାଇନ ସେଣ୍ଟର(ଜେଏନ୍‌ଏଆର୍‌ଡିଡିସି) ଏବଂ ଖଣି ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରେଡ୍ ମଡ୍ ନେଟୱର୍କିଂ ମିଟ୍‌ରେ ଚାନ୍ଦ କହିଛନ୍ତି ଯେ, ପରିବେଶ ତଥା ପରିଚାଳନା ପାଇଁ ଶିଳ୍ପଗୁଡିକ ଉପଯୁକ୍ତ ପଦକ୍ଷେପ ଉପରେ ଶିଳ୍ପଗୋଷ୍ଠୀ ବିଚାର କରିବା ଉଚିତ। ରେଡ୍ ମଡ୍ ନିର୍ଗମନ ଏହାର ନିରାପଦ ନିଷ୍କାସନ ଏବଂ ଉପଯୁକ୍ତ ଉପଯୋଗ ଦ୍ୱାରା ପରିବେଶ ସୁରକ୍ଷା ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଖଣି ମନ୍ତ୍ରଣାଳୟ ଅତିରିକ୍ତ ସଚିବ କେ.ରାଜେଶ୍ୱର ରାଓ, ଯୁଗ୍ମ ସଚିବ ଅନୀଲ କୁମାର ନାୟକ, ଅର୍ଥ ପରାମର୍ଶଦାତା ଆଲୋକ ଚନ୍ଦ୍ରା, ଜେଏନ୍‌ଏଆର୍‌ଡିଡିସି ନିର୍ଦ୍ଦେଶକ ଅନୁପମ ଅଗ୍ନିହୋତ୍ରୀ ଏଥିରେ ଉପସ୍ଥିତ ଥିଲେ।

OPHWC

OFFICE OF THE JOINT MANAGER,
THE ODISHA STATE POLICE HOUSING AND WELFARE CORPORATION LTD.
(A Govt. of Odisha Undertaking)
BALASORE DIVISION, BALASORE
At: Kalidaspur, Po: Haripur, Dist: Balasore, Pin: 756003, Ph. No.: 06782-240648, E-mail: ophwc_blsdivsn@rediffmail.com & jmbalasore.ophwc.od@nic.in

PRE-QUALIFICATION NOTICE

(For Enlistment of different class of Contractors for execution of works through K-2 Agreement)

The Odisha State Police Housing & Welfare Corporation Ltd. (OSPH&WC), Balasore Division invites application for enlistment of civil contractors for execution of Civil, PH & Internal Electrification works of various building projects throughout Balasore Division in the district of (Balasore, Bhadrak, Keonjhar & Mayurbhanj). These applications will be received & evaluated by OSPH&WC as per terms and conditions laid down in the pre-qualification document for enlistment. After successful evaluation of pre-qualification documents, the firms will be registered in Balasore Division, OSPH&WC's Contractors list, for a period of 01(One) year from date of issue enlistment letter.

The Pre-Qualification documents can be obtained from the office of the undersigned during office hours on payment of Rs. 2240/- (Rupees two thousand two hundred forty) only inclusive of 12% GST (Rs. 2000.00 + Rs. 240.00) (Non refundable) in shape of Demand draft or pay order drawn in favour of **"The Odisha State Police Housing & Welfare Corporation Ltd. Balasore Division"** drawn on any Nationalized Bank payable at Balasore. The Pre-Qualification documents will be available in division office Balasore from Dt. 29.07.2019 to 13.08.2019 upto 5.00 PM and can also be obtained through Speed Post by sending a self addressed stamped envelope of size 35 cm x 25 cm for Rs. 75.00 (Rupees Seventy Five) and DD of required amount drawn in any Scheduled Bank payable at Balsore in favour of "The Odisha State Police Housing & Welfare Corporation Ltd., Balasore". The Pre-Qualification documents will also available from the website www.ophwc.nic.in and the same can be downloaded. However, in case of downloaded pre-qualification, the cost Rs. 2240/- (Rupees two thousand two hundred forty) described as above in the shape of Demand draft or pay order shall be enclosed along with pre-qualification documents, failing which pre-qualification documents shall be summarily rejected.

Application for Pre-Qualification shall be submitted in sealed cover Super-Scribing **"Application for pre-qualification of Contractors in OSPH&WC" and to be sent to the Joint Manager, OSPH&WC, Balasore Division Balasore"** by Speed/ Registered Post. Authority will not be held responsible for any postal delay.

The pre-qualification document not submitted in prescribed format or other than in the manner prescribed in the document shall be rejected. Authority reserve the right to reject the bid fully or partly without assigning any reason thereof.

| | | |
|---|---|---|
| Date of sale of Pre Qualification documents | : | Dt. 29.07.2019 |
| Last date for issue of pre qualification is up to | : | 05.00 PM on Dt. 13.08.2019 |
| Last date for receipt of pre qualification document is upto | : | 02.00 PM on Dt. 16.08.2019 |
| Date of opening of pre qualification document at | : | 04.30 PM on Dt. 16.08.2019 |

**Sd./-**
**Joint Manager,**
**Balasore Division**

PARADIP PORT TRUST
CORRIGENDUM TO E-TENDER CALL NOTICE NO. EM/MM/P/STEEL/07/2018(Pt)/1906TDR112,DT.11/06/2019 FOR SUPPLY OF STEEL MATERIALS
The due date of submission of Tender & opening of Technical Bid is hereby further extended as below. Last date of submission of tender up to **5.30 PM of 19.08.2019**. Opening of Technical Bid at **3.30 PM of 21.08.2019**. All other terms and conditions in the original tender remained unaltered. For details, log on to our website:**https://eprocure.gov.in/eprocure/app** or contact the office of the undersigned.
**Sr. Dy. Materials Manager**
**PPT/PR/225/19-20 Dt :26.07.2019**

See Career Appointment on every **Wednesday & Saturday**

CUTTACK MUNICIPAL CORPORATION
"e" PROCUREMENT NOTICE
Tender ID : 2019_ORULB_55246
Tender Call Notice No. 2978 (PW) Date. 26.07.2019

Name & No of Works : Civil Works, 01 No.
Bid Value : Lump Sum
Period of Completion Two Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 26.07.2019 | 5.00PM on dt. 03.08.2019 | 11.00 A.M. on dt.07.08.2019 |

Tender Details : can be seen from the procurement portal : **www.tendersorissa.gov.in**

Executive Engineer-Div-II



ଇଣ୍ଡିଆନ ସୁପର ଲିଗ୍‌ରେ ଏଟିକେରୁ ଖେଳିବା ଲାଗି ମୁଁ ଅପେକ୍ଷା କରି ରହିଛି। ଦଳ ଏଥର ଚାମ୍ପିୟନ ହେବ ବୋଲି ମୋର ଆଶା ।

–ଅଗସ୍ ଗ୍ରାସିଆ, ସ୍ପାନିଶ ସେଣ୍ଟର ବ୍ୟାକ୍



ସନ୍ତରଣ ପ୍ରତିଯୋଗିତାରେ ଚାଇନିଜ ସୁଇମ କିଙ୍ଗ୍ ସନ୍ ୟାଙ୍ଗଙ୍କ ଅପୂର୍ବ ସଫଳତାକୁ କେତେକ ସହି ନ ପାରି ତାଙ୍କ ବିରୋଧରେ ଡୋପିଂ ଅଭିଯୋଗ ଆଣୁଛନ୍ତି।

–ଡେନିସ୍ କୋଟ୍ରେଲ, ସନ୍‌ଙ୍କ ଅଷ୍ଟ୍ରେଲୀୟ କୋଚ୍

## ସଂକ୍ଷେପରେ

### ସିନ୍ଧୁ ହାରିଲେ, ସେମିରେ ପ୍ରଣୀଥ

ଟୋକିଓ,୨୬।୭: ଚଳିତ ସିଜନରେ ଭଲ ଫର୍ମରେ ଥିବା ଭାରତୀୟ ଶଟଲର ବି. ସାଇ ପ୍ରଣୀଥ ସହଜ ବିଜୟ ସହ ଏଠାରେ ଚାଲିଥିବା ଜାପାନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଷ୍ଟାର ମହିଳା ଶଟଲର ପି. ଭି. ସିନ୍ଧୁ ପରାଜୟ ସହ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ପ୍ରଣୀଥ ସିଧାସଳଖ ଗେମ୍(୨୧-୧୨, ୨୧-୧୫)ରେ ଇଣ୍ଡୋନେସିଆର ଟମି ସୁଗିଆର୍ତୋଙ୍କୁ ହରାଇଦେଇଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ ଟପ୍ ସିଡ୍ କେଣ୍ଟୋ ମୋମୋଟାଙ୍କ ସହ ମୁକାବିଲା କରିବେ। ମହିଳା ସିଙ୍ଗଲ୍ସ ବର୍ଗରେ ସିନ୍ଧୁ ୧୮-୨୧, ୧୫-୨୧ ଗେମ୍‌ରେ ଆକାନେ ୟାମାଗୁଚିଙ୍କଠାରୁ ପରାସ୍ତ ହୋଇଛନ୍ତି। ସମାନ ଜାପାନିଜ ଖେଳାଳିଙ୍କଠାରୁ ସିନ୍ଧୁଙ୍କ ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଗତ ସପ୍ତାହରେ ଇଣ୍ଡୋନେସିଆ ଓପନ ଫାଇନାଲରେ ୟାମାଗୁଚିଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇ ରହିଥିଲେ।

### ଛୁରା ମାଡ଼ରୁ ବର୍ତ୍ତିଲେ ଷ୍ଟାର ଫୁଟବଲ ଖେଳାଳି

ଲଣ୍ଡନ,୨୬।୭(ଏଏଫ୍‌ପି): ଉତ୍ତର ଲଣ୍ଡନରେ ଆର୍ସେନାଲ ଫୁଟବଲର ମେସୁଟ ଓଜିଲ ଓ ସଇଦ କୋଲାସିନାକ ଛୁରା ମାଡ଼ରୁ ବର୍ତ୍ତି ଯାଇଛନ୍ତି। ସେଠାରେ ଗୁରୁବାର ସନ୍ଧ୍ୟାରେ ଦୁଇ ଜଣ ଦୁର୍ବୃତ୍ତ ସେମାନଙ୍କୁ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ କୋଲାସିନାକ ଦୁର୍ବୃତ୍ତଙ୍କ ସହ ଲଢ଼େଇ କରିଥିଲେ। ସିସିଟିଭିରେ କଏଦ ହୋଇଥିବା ଫୁଟେଜ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇସାରିଛି। ଉକ୍ତ ଭିଡିଓରେ ଦୁଇ ଦୁର୍ବୃତ୍ତ ବୋସନିଆନ ଡିଫେଣ୍ଡର କୋଲାସିନାକଙ୍କୁ ଛୁରି ଦେଖାଇଥିଲେ। ଏହାପରେ ୨୬ ବର୍ଷୀୟ ଖେଳାଳି ହେଲମେଟ ପିନ୍ଧିଥିବା ଦୁର୍ବୃତ୍ତଙ୍କ ସହ ଫାଇଟ୍ କରୁଥିବାର ଭିଡିଓରେ ଦେଖିବାକୁ ମିଳୁଛି। ତେବେ ଦୁର୍ବୃତ୍ତମାନେ ଲୁଟ୍ କରିବା ପାଇଁ ଆକ୍ରମଣ କରିଥିବା ସ୍ଥାନୀୟ ପୋଲିସ କହିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ତଦନ୍ତ ଚାଲିଛି। ତେବେ ଫୁଟବଲରଙ୍କୁ ଆକ୍ରମଣ କରାଯିବାର ଏହା ପ୍ରଥମ ଘଟଣା ନୁହେଁ। ୨୦୧୬ରେ ପୂର୍ବତନ ୱେଷ୍ଟହାମ ଖେଳାଳି ଆଣ୍ଡି କାରୋଲଙ୍କୁ ବନ୍ଧୁକ ମୁନରେ ଧମକ ଦିଆଯାଇଥିଲା।

### ଲଢ଼େଇ ପରେ ଆଉଜଣେ ବକ୍ସରଙ୍କ ପ୍ରାଣହାନି

ବୁଏନ୍‌ସ ଆରିଜ,୨୬।୭(ଏ.ଏଫ୍.ପି.): ବକ୍ସିଂ ରିଙ୍ଗରେ ଆଘାତ ଲାଗିବା କାରଣରୁ ଆର୍ଜେଣ୍ଟିନା ବକ୍ସର ହୁଗୋ ସାଣ୍ଟିଲାନଙ୍କ ମୃତ୍ୟୁ ଘଟିଛି। ଗତ ଦୁଇ ଦିନ ମଧ୍ୟରେ ଏହା ଦ୍ୱିତୀୟ ଘଟଣା, ଯେଉଁଥିରେ ରିଙ୍ଗରେ ଲାଗିଥିବା ଆଘାତ ଯୋଗୁ ବକ୍ସରଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ରୁଷିଆନ ବକ୍ସର ମାକ୍ସିମ ଡାଡାଶେଭ ଆମେରିକାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରାଣ ହରାଇଥିଲେ। ଆର୍ଜେଣ୍ଟିନାର ରାଜଧାନୀଠାରେ ଉରୁଗୁଏର ଏଡୱାର୍ଡ ଆବରେଙ୍କ ବିପକ୍ଷରେ ଶନିବାର ଖେଳାଯାଇଥିବା ୧୦ ରାଉଣ୍ଡ ବିଶିଷ୍ଟ ମ୍ୟାଚ୍‌ର ଫଳାଫଳ ଘୋଷଣାକୁ ଅପେକ୍ଷା କରିଥିବାବେଳେ ୨୩ ବର୍ଷୀୟ ସାଣ୍ଟିଲାନ ରିଙ୍ଗରେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲ ନିଆଯାଇଥିଲା। ସେଠାରେ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲା। ହୃଦ୍‌ଘାତ ଯୋଗୁ ଗୁରୁବାର ତାଙ୍କ ମୃତ୍ୟୁ ଘଟିଛି ବୋଲି ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ସେ ବିଶ୍ୱ ବକ୍ସିଂ କାଉନ୍ସିଲ (ଡବ୍ଲ୍ୟୁବିସି) ଲାଣ୍ଟିନୋ ସିଲଭର ଲାଇଟୱେଟ୍ ଟାଇଟଲ ପାଇଁ ଲଢ଼େଇ କରୁଥିଲେ। ତାଙ୍କ ନାମରେ ୧୯ ବିଜୟ ରହିଛି। ତାଙ୍କ ବିୟୋଗରେ ଡବ୍ଲ୍ୟୁବିସି ଟୁଇଟର ଜରିଆରେ ଦୁଃଖ ପ୍ରକାଶ କରିଛି।

# ଭାରତୀୟ ମହିଳା ଦଳରେ ଲିଲିମା, ଦୀପଗ୍ରେସ୍

## ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟ ହକି

ନୂଆଦିଲ୍ଲୀ, ୨୬।୭

୨୦୨୦ ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ଅଗଷ୍ଟ ୧୭ରୁ ୨୧ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଶୁକ୍ରବାର ୧୮ ଜଣିଆ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ଏହି ଦଳରେ ୨ ଓଡ଼ିଆ ଖେଳାଳି ଲିଲିମା ମିଞ୍ଜ ଓ ଦୀପ୍ ଗ୍ରେସ୍ ଏକ୍କା ସ୍ଥାନ ପାଇଛନ୍ତି। ରାଣୀ ରାମପାଲ ଅଧିନାୟିକା ଏବଂ ଗୋଲକିପର ସବିତା ଉପଅଧିନାୟିକା ମନୋନୀତ ହୋଇଛନ୍ତି।

ମୁଖ୍ୟ କୋଚ୍ ଜୋର୍ଡ ମାରିଜନେଙ୍କ ତତ୍ତ୍ୱାବଧାନରେ ହିରୋସୀମାରେ ଅନୁଷ୍ଠିତ ୨୦୧୯ ଏଫଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଖେଳିଥିବା ଭାରତୀୟ ଦଳର କମ୍ବିନେଶନ ସମାନ ରହିଛି। ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟ ପାଇଁ ମାରିଜନେ ୧୮ ଜଣିଆ ଦଳରେ ମାତ୍ର ୨ ପରିବର୍ତ୍ତନ କରିଛନ୍ତି। ଯୁବ ଖେଳାଳି ଶର୍ମିଳା ଦେବୀ ଓ ରୀନା ଖୋଖର ଦଳରେ ସ୍ଥାନ ପାଇଛନ୍ତି। ହିରୋସୀମା ଟୁର୍ନାମେଣ୍ଟରେ ଖେଳିଥିବା ସୁନୀତା ଲାକ୍ରା ଓ ଜ୍ୟୋତିଙ୍କୁ ବିଶ୍ରାମ ଦିଆଯାଇଛି। ଆହତ ସମସ୍ୟା ଯୋଗୁ ଦଳଠାରୁ ଦୂରରେ ଥିବା ଖୋଖର ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଶର୍ମିଳା ଦେବୀ ସିନିୟର ଦଳରେ କ୍ୟାରିୟର ଆରମ୍ଭ କରିବା ସୁଯୋଗ ପାଇଛନ୍ତି। ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୦ମ ସ୍ଥାନରେ ଥିବା ଭାରତ ଆଗାମୀ ଟୁର୍ନାମେଣ୍ଟରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। କାରଣ ପ୍ରତିଯୋଗିତାରେ ବିଶ୍ୱର ୨ ନମ୍ବର ଅଷ୍ଟ୍ରେଲିଆ, ୧୧ ନମ୍ବର ଚାଇନା ଓ ୧୪ତମ ସ୍ଥାନରେ ଥିବା ଜାପାନ ସହିତ ରାଣୀଙ୍କ ଦଳକୁ ମୁକାବିଲା କରିବାକୁ ହେବ।

ଭାରତୀୟ ଦଳରେ ୨ ଅଭିଜ୍ଞ ଗୋଲକିପର ସବିତା ଓ ରଜନୀ ଇଟିମାରପୁ, ଡିଫେଣ୍ଡର ଦୀପ୍‌ଗ୍ରେସ୍ ଏକ୍କା, ରୀନା ଖୋଖର, ଗୁରଜିତ କୌର, ସାଲିମା ଟେଟେ ଓ ନିଶା ସ୍ଥାନ ପାଇଛନ୍ତି। ସେହିପରି ମିଡ୍‌ଫିଲ୍ଡରେ ସୁଶୀଳା ଚାନୁ ପୁଖରାବାମ୍, ନିକ୍କି ପ୍ରଧାନ, ମୋନିକା, ଲିଲିମା ମିଞ୍ଜ ଓ ନେହା ଗୋୟଲ ଏବଂ ଫରୱାର୍ଡ ଲାଇନ୍‌ରେ ରାଣୀ, ନଭନୀତ କୌର, ବନ୍ଦନା କାଟରିୟା, ଲାଲରେମସିଆମି, ନଭଜୋତ କୌର ଓ ଶର୍ମିଳା ଦେବୀ ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ। ''ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟରେ ଆମେ ୩ଟି ଶୀର୍ଷସ୍ଥାନୀୟ ଦଳ ସହ ଖେଳିବାକୁ ଯାଉଛୁ। ଆମେ ସେହି ଦଳଗୁଡ଼ିକ ବିପକ୍ଷରେ କିପରି ଖେଳୁଛୁ ତାହା ଦେଖିବାକୁ ମୁଁ ବହୁତ ଆଗ୍ରହୀ। ଏହି ଟୁର୍ନାମେଣ୍ଟର ପ୍ରଦର୍ଶନ ଭିତ୍ତିରେ ଆମେ ତ୍ରୁଟି ସୁଧାରି ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଖେଳିବୁ। ଅଲିମ୍ପିକ୍ସ କ୍ୱାଲିଫାଇଂ ବେଳକୁ ପ୍ରଦର୍ଶନରେ ଉନ୍ନତି ଉପରେ ଆମର ଫୋକସ ରହିବ'' ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି।



ଭାରତୀୟ ମହିଳା ହକି ଦଳ।

### କାର୍ଯ୍ୟସୂଚୀ

**ଅଂଶଗ୍ରହଣକାରୀ ଦଳ: ଅଷ୍ଟ୍ରେଲିଆ, ଚାଇନା, ଭାରତ, ଜାପାନ**

**ଅଗଷ୍ଟ ୧୭:** ଭାରତ ବନାମ ଜାପାନ, ସମୟ: ସକାଳ ୮ଟା ୧୫
ଅଷ୍ଟ୍ରେଲିଆ ବନାମ ଚାଇନା, ସମୟ: ସକାଳ ୮ଟା ୪୫

**ଅଗଷ୍ଟ ୧୮:** ଭାରତ ବନାମ ଅଷ୍ଟ୍ରେଲିଆ, ସମୟ: ସକାଳ ୬ଟା
ଚାଇନା ବନାମ ଜାପାନ, ସକାଳ ୬ଟା ୩୦

**ଅଗଷ୍ଟ ୧୯:** ବିଶ୍ରାମ ଦିବସ

**ଅଗଷ୍ଟ ୨୦:** ଅଷ୍ଟ୍ରେଲିଆ ବନାମ ଜାପାନ, ସମୟ: ଅପରାହ୍ନ ୨ଟା
ଭାରତ ବନାମ ଚାଇନା, ସମୟ: ଅପରାହ୍ନ ୪ଟା ୧୫

**ଅଗଷ୍ଟ ୨୧:** ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ, ସମୟ: ଅପରାହ୍ନ ୨ଟା
୧ମ/୨ୟ ସ୍ଥାନ ପାଇଁ ମ୍ୟାଚ, ସମୟ: ଅପରାହ୍ନ ୪ଟା ୧୫।
(ପୁରସ୍କାର ବିତରଣ ଉତ୍ସବ, ସନ୍ଧ୍ୟା ୬ଟା)

### ଭାରତୀୟ ଦଳ



ଦୀପ୍ ଗ୍ରେସ୍ ଏକ୍କା

ସବିତା(ଗୋଲକିପର/ଉପ ଅଧିନାୟିକା), ରଜନୀ ଇଟିମାରପୁ(ଗୋଲକିପର), ଦୀପ୍ ଗ୍ରେସ୍ ଏକ୍କା, ରୀନା ଖୋଖର, ଗୁରଜିତ କୌର, ସୁଶୀଲା ଟେଟେ, ନିଶା, ନିକ୍କି ପ୍ରଧାନ, ମୋନିକା, ଲିଲିମା ମିଞ୍ଜ, ନେହା ଗୋୟଲ, ରାଣୀ ରାମପାଲ(ଅଧିନାୟିକା), ନଭନୀତ କୌର, ବନ୍ଦନା କାଟରିୟା, ଲାଲରେମସିଆମି, ନଭଜୋତ କୌର, ଶର୍ମିଳା ଦେବୀ।



ଲିଲିମା ମିଞ୍ଜ

# ଫେଲ୍‌ପ୍ସଙ୍କ ରେକର୍ଡ ଭାଙ୍ଗିଲେ ଡ୍ରେସେଲ

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୬।୭ (ଏଏଫ୍‌ପି)

କାଲେବ ଡ୍ରେସେଲ ପୁରୁଷ ୧୦୦ ମିଟର ବଟରଫ୍ଲାଏ ସୁଇମିଂରେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଏଠାରେ ଚାଲିଥିବା ବିଶ୍ୱ ଚମ୍ପିୟନଶିପ୍‌ର ସେମିଫାଇନାଲରେ ମାଇକେଲ ଫେଲ୍ପସଙ୍କ ପୁରୁଣା ରେକର୍ଡକୁ ସେ ଭଙ୍ଗ କରିଦେଇଛନ୍ତି। ଗତଥରର ଚାମ୍ପିୟନ ଡ୍ରେସେଲ ୪୯.୫୦ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ରୋମ୍‌ଠାରେ ଅନୁଷ୍ଠିତ ୨୦୦୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଆମେରିକୀୟ କିମ୍ବଦନ୍ତୀ ଫେଲ୍‌ପ୍ସ ଯେଉଁ ଟାଇମିଂରେ ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ, ତାଙ୍କଠାରୁ ୦.୩୨ ଟାଇମିଂ କମ୍ ସମୟରେ ସେ ରେସ୍ ଶେଷ କରିଥିଲେ। ୨୦୧୭ ବିଶ୍ୱ ଚାମ୍ପିୟନଶିପ୍‌ରେ ୭ ସ୍ୱର୍ଣ୍ଣ ପଦକ ଜିତିଥିବା ଡ୍ରେସେଲ୍ ଚଳିତ ସପ୍ତାହରେ ଦକ୍ଷିଣ କୋରିଆରେ ଏହାଠାରୁ ଅଧିକ ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସୂଚନାଯୋଗ୍ୟ, ଏହି ସପ୍ତାହରେ ବଟର ଫ୍ଲାଏରେ ଫେଲ୍‌ପ୍ସଙ୍କ ନାମରେ ଥିବା ଦୁଇଟି ରେକର୍ଡ ଭଙ୍ଗ ହୋଇଛି। ପୂର୍ବରୁ ୨୦୦୯ରେ ହଙ୍ଗେରୀର ଖ୍ରିଷ୍ଟଫ୍ ମିଲାକ୍ ଫେଲପ୍ସଙ୍କ ଦ୍ୱାରା ୨୦୦୯ରେ ୨୦୦ମିଟର ବଟର ଫ୍ଲାଏରେ ପ୍ରତିଷ୍ଠିତ ବିଶ୍ୱ ରେକର୍ଡକୁ ଭଙ୍ଗ କରିସାରିଥିଲେ।



ପୁରୁଷ ୧୦୦ ମିଟର ବଟରଫ୍ଲାଏ ସୁଇମିଂ ଅବସରରେ କାଲେବ ଡ୍ରେସେଲ।

### ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍ ୧୦୦ ମିଟର ଫ୍ରି-ଷ୍ଟାଇଲ ଟାଇଟଲ ବଜାୟ ରଖିଲେ ମାନୁଏଲ୍

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୬।୭ (ଏଏଫ୍‌ପି)

ଆମେରିକାର ସିମୋନ୍ ମାନୁଏଲ୍ ତାଙ୍କ ୧୦୦ ମିଟର ଫ୍ରିଷ୍ଟାଇଲ ବିଶ୍ୱ ଟାଇଟଲ ବଜାୟ ରଖିଛନ୍ତି। ଗ୍ୱାଙ୍ଗଜୁରେ ଏହି ଅଲିମ୍ପିକ ଚାମ୍ପିୟନ ୫୨.୦୪ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ସ୍ୱିଡେନର ସାରା ଜୋସ୍‌ଷ୍ଟର୍ମଙ୍କୁ ପଛରେ ପକାଇ ଅଷ୍ଟ୍ରେଲିଆର କେଟ୍ କ୍ୟାମ୍ପବେଲ୍ ରୌପ୍ୟ ପଦକ ଜିତିଥିଲେ। ଶୁକ୍ରବାର ଏହି ବିଜୟ ଦ୍ୱାରା ଏକାଧିକ ମହିଳା ୧୦୦ମିଟର ଫ୍ରିଷ୍ଟାଇଲ ବିଶ୍ୱ ଟାଇଟଲ ହାସଲ କରିବାରେ ମାନୁଏଲ୍ ଦ୍ୱିତୀୟ ମହିଳା ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ପୂର୍ବ ଜର୍ମାନୀର କୋର୍ନେଲିଆ ଏଣ୍ଡର ୧୯୭୩ ଏବଂ ୧୯୭୫ରେ ଟାଇଟଲ ଜିତି ଏହି ସଫଳତା ହାସଲ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପାଇଁ କାନାଡାର ପେନି ଓଲେସିଆକ୍‌ଙ୍କ ସହିତ ଟାଇ ରଖିଥିବା ମାନୁଏଲ କହିଛନ୍ତି, ଏହି ରେସ୍‌ରେ ଭାଗ ନେବା ପୂର୍ବରୁ ମୁଁ ଚାପରେ ରହିଥିଲି। ବିଜୟ ଲାଭ ପରେ ମୁଁ ବହୁତ୍ ଖୁସି ଅଛି।

# ଟେଷ୍ଟ କ୍ରିକେଟରୁ ଅମିରଙ୍କ ସନ୍ନ୍ୟାସ

କରାଚୀ,୨୬।୭(ପିଟି)

ପାକିସ୍ତାନର ବାମହାତୀ ପେସର ମହମ୍ମଦ ଅମିର ଶୁକ୍ରବାର ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସୀମିତ ଓଭର ଫର୍ମାଟକୁ ଅଧିକ ଗୁରୁତ୍ୱ ଦେବା ଲାଗି ସେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କ୍ରିକେଟର ପାରମ୍ପରିକ ଫର୍ମାଟରେ ପାକିସ୍ତାନ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ଗର୍ବର ବିଷୟ। ହେଲେ ମୁଁ ଲମ୍ବା ଫର୍ମାଟରୁ ଦୂରେଇବାକୁ ନିଷ୍ପତ୍ତି ନେଇଛି। ଯଦ୍ୱାରା ମୁଁ ଧଳା ବଲ କ୍ରିକେଟକୁ ଅଧିକ ଧ୍ୟାନ ଦେଇପାରିବି ବୋଲି ଅମିର କହିଛନ୍ତି। ପାକିସ୍ତାନକୁ ପ୍ରତିନିଧିତ୍ୱ କରିବା ମୋର ମୁଖ୍ୟ ଲକ୍ଷ୍ୟ ଥିଲା। ପରବର୍ତ୍ତୀ ଇଭେଣ୍ଟ ପାଇଁ ମୁଁ ସମ୍ପୂର୍ଣ୍ଣ ଫିଟ୍ ରହିବାକୁ ଚାହେଁ ବୋଲି ଅମିର କହିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ସେ କହିଥିଲେ, ମୁଁ ଜଣେ ମଣିଷ। ମେସିନ ନୁହେଁ। ୫ ବର୍ଷ ବାସନ୍ଦାଦେଶରୁ ଫେରିବା ପରେ ପାକିସ୍ତାନ କ୍ରିକେଟ ପାଇଁ କ୍ରମାଗତ ଖେଳିଆସୁଛି। ମୋ ନିଷ୍ପତ୍ତି ସମ୍ପର୍କରେ ଗତ ବର୍ଷ ମୁଖ୍ୟ କୋଚ୍ ମିକି ଆର୍ଥରଙ୍କୁ ଜଣାଇଥିଲି। ମାତ୍ର ବିଶ୍ୱକପ୍ ପର୍ଯ୍ୟନ୍ତ ଜାରି ରଖିବାକୁ ସେ ଚାହୁଁଥିଲେ। ଅମିର ଏପର୍ଯ୍ୟନ୍ତ ୩୬ ଟେଷ୍ଟରୁ ୧୧୯ ଉଇକେଟ ନେଇଥିବାବେଳେ ୫୯ ଦିନିକିଆ ଓ ୪୯ ଟି୨୦ ମଧ୍ୟ ଖେଳିଛନ୍ତି। ତାଙ୍କ ପୂର୍ବରୁ ମହମ୍ମଦ ହାଫିଜ ଓ ସୋଏବ ମଲିକ ମଧ୍ୟ ଲମ୍ବା ଫର୍ମାଟରୁ ଦୂରେଇ ସାରିଛନ୍ତି।



ମହମ୍ମଦ ଅମିର

■ ଥାଇଲାଣ୍ଡ ଅନ୍ତର୍ଜାତୀୟ ବକ୍ସିଂ

# ଫାଇନାଲରେ ୫ ଭାରତୀୟ

ନୂଆଦିଲ୍ଲୀ,୨୬।୭(ପି.ଟି.)

ବ୍ୟାଙ୍କକ୍‌ରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ବକ୍ସିଂ ଟୁର୍ନାମେଣ୍ଟର ଫାଇନାଲରେ ୫ ଜଣ ଭାରତୀୟ ପ୍ରବେଶ କରିଛନ୍ତି। ଶୁକ୍ରବାର ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ନିଖାତ ଜରିନ (୫୧ କେ.ଜି.) ଓ ଦୀପକ ସିଂ (୪୯ କେ.ଜି.)ଙ୍କ ସମେତ ଆଉ ୩ ଭାରତୀୟ ବକ୍ସର ଟାଇଟଲ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ଏକମାତ୍ର ମହିଳା ବକ୍ସର ଭାବେ ଜରିନ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ୭୫ କେ.ଜି. ବର୍ଗରେ ଆଶିଷ କୁମାର, ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ୍ ପଦକ ବିଜେତା ମହମ୍ମଦ ହୁସାମୁଦ୍ଦିନ ୫୬ କେ.ଜି. ଓ ବ୍ରିଜେଶ ଯାଦବ ୮୧ କେ.ଜି ବର୍ଗରେ ଫାଇନାଲରେ ପ୍ରବେଶ କରିଛନ୍ତି।

ତେବେ ପୂର୍ବତନ ଏସିଆନ ଯୁବ ରୌପ୍ୟପଦକ ବିଜେତା ଆଶିଷ ସିଂ (୬୯କେ.ଜି.) ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି ଓ ସେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଆଶିଷ ଥାଇଲାଣ୍ଡର ଉଟିଚାଇ ମାସୁକଙ୍କଠାରୁ ସଂଘର୍ଷ କରି ସ୍ପ୍ଲିଟ ଡିସିଶନରେ ପରାସ୍ତ ହୋଇଥିଲେ। ମହିଳା ବକ୍ସରମାନଙ୍କ ମଧ୍ୟରେ ମଞ୍ଜୁ ରାନୀ ୪୮ କେ.ଜି. ଓ ଭାଗ୍ୟବତୀ କଚାରୀ ୮୧ କେ.ଜି. ବର୍ଗରେ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୂର୍ବରୁ ଦୀପକ ଭୁଟାନର ଟାଶି ୱାଙ୍ଗଡିଙ୍କୁ ସେମିଫାଇନାଲରେ ପରାସ୍ତ କରିଥିଲେ। ସେହିପରି ନିଖାତ ଥାଇଲାଣ୍ଡର ଜୁଟ୍‌ମାସ ଜିଟପଙ୍ଗଙ୍କୁ ୪-୧ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ହୁସାମୁଦ୍ଦିନ ୩-୨ରେ ଥାଇଲାଣ୍ଡର ଅମରିତ୍ ୟାଓଡାମଙ୍କୁ ସେମିଫାଇନାଲରେ ହରାଇଥିଲେ। ୭୫ କେ.ଜି. ବର୍ଗରେ ଆଶିଷ ଉଜ୍‌ବେକିସ୍ତାନର ଫନାଟ କାଖରମନୋଭ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବ୍ରିଜେଶ ଲୋକାଲ ଫେଭରାଇଟ୍ ସାରାନୋନ ଲୋମ୍ପିଆନଙ୍କୁ ସେମିରେ ପରାସ୍ତ କରିଥିଲେ।

### ବିରୁଷ୍କାଙ୍କୁ ଇନ୍‌ଷ୍ଟାରେ ଅନ୍‌ଫଲୋ କଲେ ରୋହିତ

ମୁମ୍ବାଇ,୨୬।୭

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ଇନ୍‌ଷ୍ଟାଗ୍ରାମରେ ଜଣେ ବଡ଼ ଫଲୋଅର ହରାଇଛନ୍ତି। ଦଳର ଉପଅଧିନାୟକ ରୋହିତ ଉଭୟ ବିରାଟ ଓ ଅନୁଷ୍କା (ବିରୁଷ୍କା)ଙ୍କୁ ଅନ୍‌ଫଲୋ କରିଛନ୍ତି। ଏହା ଭାରତୀୟ ଦଳରେ ଥିବା ଫାଟକୁ ଦର୍ଶାଉଛି। ନିକଟରେ ଶେଷ ହୋଇଥିବା ବିଶ୍ୱକପ୍‌ର ସେମିଫାଇନାଲ ପରାଜୟ ପରେ ଦଳର ଦୁଇ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ମଧ୍ୟରେ ଠିକ୍ ବୁଝାମଣା ନ ଥିବା କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଦଳର କୌଣସି ଖେଳାଳି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ତେବେ କୋହଲିଙ୍କୁ ଅନ୍‌ଫଲୋ କରି ରୋହିତ ଦଳରେ ଫାଟ ଥିବା ରିପୋର୍ଟରେ ମୋହର ମାରିଛନ୍ତି। ଉଲ୍ଲେଖଥାଉ କି, ବିରୁଷ୍କା ମଧ୍ୟ ରୋହିତଙ୍କୁ ଫଲୋ କରୁନାହାନ୍ତି।

# ଅକ୍ଟୋବର ୨୦ରୁ ଇଣ୍ଡିଆନ ବକ୍ସିଂ ଲିଗ୍

ନୂଆଦିଲ୍ଲୀ,୨୬।୭(ପି.ଟି.)

## ମେରୀକମ, ଅମିତଙ୍କ ସମେତ ୫୦ ଅନ୍ତର୍ଜାତୀୟ ତାରକା ସାମିଲ ହେବେ

ପ୍ରଥମଥର ପାଇଁ ଇଣ୍ଡିଆନ ବକ୍ସିଂ ଲିଗ୍ ଆୟୋଜନ ହେବାକୁ ଯାଉଛି। ଅକ୍ଟୋବର ୨୦ରୁ ଆରମ୍ଭ ହୋଇ ଏହି ଲିଗ୍ ନଭେମ୍ବର ୯ ତାରିଖରେ ଶେଷ ହେବ। ମହିଳା ତାରକା ବକ୍ସର ତଥା ଅଲିମ୍ପିକ୍ସ ପଦକ ବିଜୟିନୀ ମେରୀକମ୍ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣପଦକ ବିଜେତା ଅମିତ ପଙ୍ଘାଲ ଏହି ଲିଗ୍‌ରେ ସାମିଲ ହେବେ। ଏହି ଲିଗ୍‌ର ରାଇଟ୍ ହୋଲ୍ଡର ଓ ଆୟୋଜକ 'ସ୍ପୋର୍ଟ୍ସ ଜେଡ୍‌ଲାଇଭ' ଡିଜିଟାଲ ଷ୍ଟ୍ରିମିଙ୍ଗ୍ ପ୍ରସାରଣ ଅଧିକାର ଦେବା ପାଇଁ ନିଲାମ ଡାକିବ। ଆଗାମୀ ୩ଟି ସେସନର ପ୍ରସାରଣ ଅଧିକାର ପାଇଁ ଅଲଗା ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ।

ଲିଗ୍‌ରେ ମୋଟ ଉପରେ ୩ ରାଉଣ୍ଡ ବିଶିଷ୍ଟ ୯୦ଟି ବାଉଟ୍ ଖେଳାଯିବ। ୩ଟି ଭେନ୍ୟୁରେ ୧୮ ଦିନଧରି ଏହି ଲିଗ୍ ଆୟୋଜନ ହେବ। ପ୍ରତ୍ୟେକ ଦିନ ବିଭିନ୍ନ ବର୍ଗରେ ଦୁଇ ଦଳ ମଧ୍ୟରେ ୫ଟି ବାଉଟ୍ ଖେଳାଯିବ ବୋଲି ବକ୍ସିଂ ଫେଡେରେଶନ ଅଫ ଇଣ୍ଡିଆ (ବିଏଫ୍‌ଆଇ) ସୂଚନା ଦେଇଛି। ମେରୀକମ, ଅମିତଙ୍କୁ ବାଦ୍ ଦେଲେ ଗୌରବ ବିଧୁରି, ସୋନିଆ ଲାଥର ଓ ୫୦ ଅନ୍ତର୍ଜାତୀୟ ସ୍ତରର ବକ୍ସର ଏହି ଲିଗ୍‌ରେ ଅଂଶଗ୍ରହଣ କରିବେ। ବକ୍ସିଂକୁ ଦେଶରେ ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଭାବେ ସ୍ଥାପନ କରିବାକୁ ଏହି ଲିଗ୍ ଆୟୋଜନ କରାଯାଉଛି ବୋଲି ବିଏଫ୍‌ଆଇ ତରଫରୁ କୁହାଯାଇଛି।

ନିଲାମରେ ଉଭୟ ଭାରତ ଓ ସାରା ବିଶ୍ୱର ପ୍ରସାରଣ ଅଧିକାର ପ୍ରଦାନ କରାଯିବ। ସେସନ ପିଛା ଭାରତୀୟ ଅଧିକାର ପାଇଁ ୪ କୋଟି ଓ ଗ୍ଲୋବାଲ ରାଇଟ ପାଇଁ ୪.୫ କୋଟି ବେସ୍ ପ୍ରାଇସ୍ ରଖାଯାଇଛି। ଏହି ଲିଗ୍ ବକ୍ସିଂକୁ ଏକ ନୂଆ ସ୍ତରରେ ପହଞ୍ଚାଇବ ବୋଲି ବିଏଫ୍‌ଆଇ ଅଧ୍ୟକ୍ଷ ଅଜୟ ସିଂ କହିଛନ୍ତି। ସ୍ପୋର୍ଟ୍ସ ଜେଡଲାଇଭ୍ ମ୍ୟାନେଜିଂ ଡାଇରେକ୍ଟର ଅତୁଲ ପାଣ୍ଡେ ମଧ୍ୟ ସମାନ କଥା କହିଛନ୍ତି। ଉଲ୍ଲେଖଥାଉ କି, ସ୍ପୋର୍ଟ୍ସ ଜେଡଲାଇଭ ଦୀର୍ଘଦିନ ଧରି ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍ ରାଇଟ ହୋଲ୍ଡର ରହିଆସିଛି।

## ସଂକ୍ଷେପରେ

### କଟକରେ ହେବନି ଏସିଆନ ଜୁନିୟର ରୋଇଂ

କଟକ ଅଫିସ,୨୬।୭- ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ଅକ୍ଟୋବରରେ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପ ହେବାର ଥିଲା। ମାତ୍ର ତାହା ଏବେ କଟକରେ ହେବନାହିଁ ବୋଲି ଜଣାପଡ଼ିଛି। ଏହି ଅନ୍ତର୍ଜାତୀୟ ଚାମ୍ପିୟନଶିପ ପାଇଁ ମହାନଦୀ ପଠାର ପୁନଃରୁଦ୍ଧାର କାର୍ଯ୍ୟ ଆବଶ୍ୟକ ଥିଲା। ମାତ୍ର ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ଶେଷ ହେବନି ବୋଲି ଆଶଙ୍କା ପ୍ରକଟ କରି ରାଜ୍ୟ ଆସୋସିଏଶନ ପକ୍ଷରୁ ଫେଡେରେଶନକୁ ଚିଠି ଦିଆଯାଇଛି ବୋଲି ରାଜ୍ୟ ସଂଘ ସଭାପତି ବିନୋଦ ଦାସ ସୂଚନା ଦେଇଛନ୍ତି। ଆସନ୍ତା ୨୦୨୦ରେ ଏଠାରେ ସିନିୟର ଏସିଆନ ରୋଇଂ ହେବ ବୋଲି ବିନୋଦ ସୂଚନା ଦେଇଛନ୍ତି। ଚାମ୍ପିୟନଶିପ ଆୟୋଜନ ନେଇ ରାଜ୍ୟ ସରକାର ଓ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଥିଲା।

### ସିଡିଏଏ ସମ୍ପାଦକ ପଦବୀରେ ୯ମ ଥର ଆଶୀର୍ବାଦ

କଟକ ଅଫିସ,୨୬।୭- ଲଗାତାର ୯ମ ଥର ନିମନ୍ତେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ(ସିଡ଼ିଏଏ)ର ସମ୍ପାଦକ ହୋଇଛନ୍ତି ଆଶୀର୍ବାଦ ବେହେରା। ୧୯୮୪ ମସିହାରୁ କଟକର ଏହି କ୍ରୀଡ଼ା ସଂଘର ସମ୍ପାଦକ ପଦବୀରେ ଆଶୀର୍ବାଦ ଅଛନ୍ତି। ଆସନ୍ତା ୩୧ରେ ସଂଘର ସାଧାରଣ ପରିଷଦ ବୈଠକ ଅବସରରେ ନୂତନ କର୍ମକର୍ତ୍ତା ନାମ ଘୋଷଣା କରାଯିବ। ତେବେ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି। କଟକ ଜିଲାପାଳ ସଂଘର ସଭାପତି ଭାବେ ଅବସ୍ଥାପିତ ହେବେ। ନିର୍ଦ୍ୱନ୍ଦ୍ୱରେ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି ଭକ୍ତ ବଲ୍ଲଭ ଦାସ। ଦିନେଶ୍ୱର ପ୍ରସାଦ ଭଗତ ମଧ ନିର୍ଦ୍ୱନ୍ଦ୍ୱରେ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ଉପସଭାପତି, ଯୁଗ୍ମ ସମ୍ପାଦକ ପଦବୀ ମଧ ପୂରଣ ହୋଇଛି। କଟକ ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ ଏକ୍ସଅଫିସିଓ ଭାବେ ଉପସଭାପତି ପଦବୀରେ ଥିବା ବେଳେ ବିଜୟ ଦାସ, କୃଷ୍ଣଚନ୍ଦ୍ର ବେହେରା, ରଞ୍ଜନ କୁମାର ବିଶ୍ୱାଳ, ସହଦେବ ରାଉତ, ରମେଶ ଚନ୍ଦ୍ର ମଲ୍ଲିକ, ସଞ୍ଜୟ କୁମାର ଦାସ, ଦିଲ୍ଲୀପ ସାହୁ, ଅଭିଜିତ ପାଲ ନିର୍ଦ୍ୱନ୍ଦ୍ୱରେ ଉପସଭାପତି ହୋଇଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଏକ୍ସଅଫିସିଓ ଭାବେ ଓ ଅଭିନ୍ନ ସୁନ୍ଦର ରାଉତ, ମହମ୍ମଦ ସାହିଦ ଜବାର, ନବକିଶୋର ମିଶ୍ର, କିଶୋର ବେହେରା ଯୁଗ୍ମ ସମ୍ପାଦକ ହୋଇଛନ୍ତି। ବିଭିନ୍ନ କ୍ରୀଡ଼ା ବିଭାଗ ଗୁଡ଼ିକର ବିଭାଗୀୟ ସମ୍ପାଦକ ମଧ ବଛା ହୋଇଛନ୍ତି। ନିର୍ବାଚନର ଆବଶ୍ୟକତା ନଥିବା ବେଳେ ଆସନ୍ତା ୩୧ରେ କିଛି କମିଟି କର୍ମକର୍ତ୍ତାଙ୍କ ନାମ କେବଳ ଘୋଷଣା କରାଯିବ।


### ଆଇଏଏଏଫ୍ ଉପସଭାପତି ପ୍ରାର୍ଥୀ ସୁମରିୱାଲା

ନୂଆଦିଲ୍ଲୀ,୨୬।୭(ପିଟି)- ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ (ଏଏଫ୍‌ଆଇ) ସଭାପତି ଆଦିଲେ ସୁମରିୱାଲା ଏହି କ୍ରୀଡ଼ାର ବିଶ୍ୱ ପରିଚାଳନା ସଂସ୍ଥା ଆଇଏଏଏଫ୍ ଉପସଭାପତି ପଦ ପାଇଁ ନିର୍ବାଚନ ଲଢ଼ିବେ। ଆଇଏଏଏଫ୍‌ର ୫୨ତମ କଂଗ୍ରେସ ନିର୍ବାଚନ ବୈଠକ ସେପ୍ଟେମ୍ବର ୨୫ ଓ ୨୬ରେ ଦୋହାଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସୁମରିୱାଲା ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) କାଉନ୍ସିଲର ଜଣେ ନିର୍ଭରଯୋଗ୍ୟ ସଦସ୍ୟ।

> ନଭେମ୍ବରରେ ମାତୃତ୍ୱ ଲାଭ ସତ୍ତ୍ୱେ ଚଳିତ ୟୁଏସ୍ ଚାମ୍ପିୟନଶିପ୍‌ର ୪୦୦ ମିଟର ଦୌଡ଼ ପ୍ରତିଯୋଗିତରେ ସେମିଫାଇନାଲକୁ ଉନ୍ନୀତ ହୋଇପାରିଥିବାରୁ ମୁଁ ବହୁତ ଖୁସି।
> —ଆଲିସନ ଫେଲିକ୍ସ, ଯୁକ୍ତରାଷ୍ଟ୍ର ଆମେରିକା ଆଥଲେଟ୍



> ଆଇସିସି ବିଶ୍ୱକପ୍‌ରେ ଭାରତୀୟ କ୍ରିକେଟ ଦଳର ପ୍ରଦର୍ଶନ ଉପରେ କୌଣସି ସମୀକ୍ଷା ବୈଠକ ହେବାର ଯୋଜନା ନାହିଁ।
> —ବିନୋଦ ରାୟ, ବିସିସିଆଇ ପ୍ରଶାସକ କମିଟି ମୁଖ୍ୟ



# ଲର୍ଡ୍ସ ଟେଷ୍ଟ: ଇଂଲଣ୍ଡର ବୃହତ୍ ବିଜୟ

## ଆୟର୍ଲାଣ୍ଡ ୩୮ ରନରେ ଅଲ୍‌ଆଉଟ୍

ଲଣ୍ଡନ,୨୬।୭(ଏଏଫ୍‌ପି)

ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୨୨ ରନ ପଛରେ ପଡିଥିଲେ ମଧ ଦିନିକିଆ ବିଶ୍ୱ ଚାମ୍ପିୟନ ଇଂଲଣ୍ଡ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଆୟର୍ଲାଣ୍ଡକୁ ୩ ଦିନରେ ବୃହତ୍ ୧୪୩ ରନରେ ପରାସ୍ତ କରିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଟେଷ୍ଟରେ ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୨୩.୪ ଓଭରରେ ମାତ୍ର ୮୫ ରନ କରି




ଅଲଆଉଟ ହୋଇଥିଲା। ଜବାବରେ ଆୟର୍ଲାଣ୍ଡ ପ୍ରଥମ ଇନିଂସରେ ୫୮.୨ ଓଭରରେ ୨୦୭ ରନ କରି ଅଲଆଉଟ୍ ହେବା ସହ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରି ଇଂଲଣ୍ଡ ୭୭.୫ ଓଭରରେ ୩୦୩ ରନ କରି ଅଲଆଉଟ ହୋଇଥିଲା। ଫଳରେ ବିଜୟ ପାଇଁ ଆୟର୍ଲାଣ୍ଡ ସମ୍ମୁଖରେ ୧୮୨ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆୟର୍ଲାଣ୍ଡ ଘରୋଇ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୧୫.୪ ଓଭରରେ ମାତ୍ର ୩୮ ରନକରି ଅଲଆଉଟ୍ ହେବା ସହ ଆତ୍ମସମର୍ପଣ କରିଥିଲା। ଆୟର୍ଲାଣ୍ଡ କ୍ୟାରିୟରର ତୃତୀୟ ଟେଷ୍ଟ ଖେଳିଥିଲା ଓ ଇଂଲଣ୍ଡକୁ ହରାଇ ବିପର୍ଯ୍ୟୟ ଘଟାଇବାର ସୁଯୋଗ ପାଇଥିଲା। ତେବେ ଶେଷରେ ଏହି ସୁଯୋଗ ହାତଛଡ଼ା ହୋଇଛି। ଦ୍ୱିତୀୟ ଇନିଂସରେ ନାଇଟ ୱାଚ୍‌ମ୍ୟାନ ଭାବେ ଆସିଥିବା ଇଂଲଣ୍ଡ ବୋଲର ଜ୍ୟାକ ଲିଚ୍ ଓପନିଂ କରି ଦଳ ତରଫରୁ ଓ କ୍ୟାରିୟରର ସର୍ବାଧିକ ୯୨ ରନର ଇନିଂସ ଖେଳି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷରେ ଆୟର୍ଲାଣ୍ଡ ପ୍ରଥମଥର ପାଇଁ ଟେଷ୍ଟ ଖେଳିଛି। ତେବେ ଏହାପୂର୍ବରୁ ପାକିସ୍ତାନ ଓ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ ଖେଳିଥିଲା। ଆୟର୍ଲାଣ୍ଡ ସବୁ ୩ଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇଛି।

୧୮୨ ରନ ଟାର୍ଗେଟର ପିଛା କରି ଆୟର୍ଲାଣ୍ଡ ସାଂଘାତିକ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇଥିଲା। ଓପନର ଜେମ୍ସ ମ୍ୟାକୋଲମ ୧୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ୪ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଷ୍ଟୁଆର୍ଟ ବ୍ରଡ ଓ କ୍ରିସ ୱୋକ୍ସ ଦମ୍‌ଦାର ବୋଲିଂ କରିଥିଲେ। ଆୟର୍ଲାଣ୍ଡ ବ୍ୟାଟ୍ସମ୍ୟାନ ଏହି ଦୁଇ ବୋଲରଙ୍କ ସାମ୍ନା କରିପାରି ନ ଥିଲେ। ୱୋକ୍ସ ୬ ଓ ବ୍ରଡ ୪ ଉଇକେଟ ଅକ୍ତିଆର କରିଥିଲେ।

ଦ୍ୱିତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୦୩/ ୯ରୁ ଖେଳ ଆରମ୍ଭ କରିଥିଲା ଓ ଆଉ ଅଧିକ ରନ୍ ସଂଗ୍ରହ କରି ନ ପାରି ଏହି ସ୍କୋରରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ତରଫରୁ ଲିଚ୍ ସର୍ବାଧିକ ୯୨, ଜାସନ ରୟ ୭୨, ଅଧିନାୟକ ଜୋ ରୁଟ ୩୧, ସାମ କୁରାନ ୩୭ ରନ କରି ଆଉଟ ହୋଇଥିବା ବେଳେ ବ୍ରଡ ୨୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆୟର୍ଲାଣ୍ଡ ତରଫରୁ ମାର୍କ ଆଡେର ଓ ଷ୍ଟୁଆର୍ଟ ଥମ୍ପସନ ୩ଟି ଲେଖାଏ, ବୟଡ ରନ୍‌କିନ୍ ୨, ଟମ୍ ମର୍ଟାଗ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ଇଂଲଣ୍ଡ ପକ୍ଷରୁ ୬ ଉଇକେଟ୍ ସଫଳତା ଲାଭ କରିଥିବା କ୍ରିସ୍ ୱୋକ୍ସ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୩.୪ ଓଭରରେ ୮୫ ଅଲ୍‌ଆଉଟ୍। ଆୟର୍ଲାଣ୍ଡ ପ୍ରଥମ ଇନିଂସ: ୫୮.୨ ଓଭରରେ ୨୦୭ ଅଲ୍‌ଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୭୭.୫ ଓଭରରେ ୩୦୩ ଅଲଆଉଟ୍। ଆୟର୍ଲାଣ୍ଡ ଦ୍ୱିତୀୟ ଇନିଂସ: ୧୫.୪ ଓଭରରେ ୩୮ ଅଲଆଉଟ୍ (ମ୍ୟାକୋଲମ- ୧୧, ୱୋକ୍ସ- ୬/୧୭, ବ୍ରଡ- ୪/୧୯)।

### ଟେଷ୍ଟରେ ସର୍ବନିମ୍ନ ସ୍କୋର

- ୨୬ ନ୍ୟୁଜିଲାଣ୍ଡ ବନାମ ଇଂଲଣ୍ଡ, ଅକଲାଣ୍ଡ,୧୯୫୫
- ୩୦ ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ, ପୋର୍ଟ ଏଲିଜାବେଥ ୧୮୯୬
- ୩୦ ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ, ଏଜବାଷ୍ଟନ, ୧୯୨୪
- ୩୫ ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ, କେପ୍ ଟାଉନ, ୧୮୯୯
- ୩୬ ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ ଏଜବାଷ୍ଟନ, ୧୯୦୨
- ୩୬ ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଏମ୍‌ସିଜି ୧୯୩୨
- ୩୮ ଆୟର୍ଲାଣ୍ଡ ବନାମ ଇଂଲଣ୍ଡ, ଲର୍ଡ୍ସ, ୨୦୧୯

# କପିଳଦେବଙ୍କ ଅଧ୍ୟକ୍ଷତାରେ ସିଏସି କୋଚ୍ ଚୟନ କରିବ


କପିଳ ଦେବ ସାନ୍ତା ରଙ୍ଗାସ୍ୱାମୀ ଅଂଶୁମାନ ଗାଏକ୍ୱାଡ

ନୂଆଦିଲ୍ଲୀ,୨୬।୭(ପି.ଟି.)

ପୂର୍ବତନ ଅଧିନାୟକ କପିଳ ଦେବଙ୍କ ଅଧ୍ୟକ୍ଷତାରେ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଭାରତୀୟ କ୍ରିକେଟ ଦଳର ପରବର୍ତ୍ତୀ କୋଚ୍ ଚୟନ କରିବ। କୋଚ୍ ଚୟନ ନେଇ ଅଗଷ୍ଟ ମାସ ମଧ୍ୟଭାଗରେ ସାକ୍ଷାତକାର ନିଆଯିବ। ଶୁକ୍ରବାର ଏକ ବୈଠକ ବସି ପ୍ରଶାସକ କମିଟି (ସିଓଏ) ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେଇଛି।

କପିଳଙ୍କୁ ବାଦ୍ ଦେଲେ ପୂର୍ବତନ ମହିଳା ଅଧିନାୟିକା ସାନ୍ତା ରଙ୍ଗାସ୍ୱାମୀ ଓ ପୂର୍ବତନ ପୁରୁଷ ଦଳର କୋଚ୍ ଅଂଶୁମାନ ଗାଏକ୍ୱାଡ ଏହି କମିଟିରେ ସାମିଲ ଥିଲେ ଓ ଗତ ଡିସେମ୍ବରରେ ମହିଳା ଦଳର କୋଚ୍ ଚୟନ କରିଥିଲେ। ଏବେ ୩ ଜଣ ମିଳିତ ଭାବେ ଟିମ୍ ଇଣ୍ଡିଆ କୋଚ୍ ଚୟନ କରିବେ। ଏହି କମିଟି ଏକ ଆଡହକ କମିଟି ନୁହଁ। ତେବେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ କାରଣରୁ ଏପରି ନିଷ୍ପତ୍ତି ନେବାକୁ ହେଲା। ଅଗଷ୍ଟ ମଝିରେ ଆବେଦନ କରିଥିବା ପ୍ରାର୍ଥୀଙ୍କ ସାକ୍ଷାତକାର ନିଆଯିବ ବୋଲି ସିଓଏ ମୁଖ୍ୟ ବିନୋଦ ରଏ ବୈଠକ ପରେ କହିଛନ୍ତି।

ଉଲ୍ଲେଖଥାଉ କି, କୋଚ୍ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ୱେଷ୍ଟଇଣ୍ଡିଜ ଗସ୍ତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଗଷ୍ଟ ୩ ତାରିଖରୁ ଆରମ୍ଭ ହୋଇ ଏହି ଗସ୍ତ ସେପ୍ଟେମ୍ବର ୩ ତାରିଖରେ ଶେଷ ହେବ। କୋଚ୍ ପଦରେ ନିଯୁକ୍ତ ହେବାକୁ ହେଲେ ଶାସ୍ତ୍ରୀଙ୍କୁ ପୁଣିଥରେ ଆବେଦନ କରିବାକୁ ହେବ। ତେବେ ସିଓଏ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଅପେକ୍ଷା କରିଛି। କାରଣ ମୂଳ ତଥା ପ୍ରକୃତ ଉପଦେଷ୍ଟା କମିଟିରେ ସାମିଲ ଥିବା ପୂର୍ବତନ କ୍ରିକେଟର ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱରେ ସାମିଲ ଥିବାର ଅଭିଯୋଗ ହୋଇଛି। ଏହି ଦୁଇ ପୂର୍ବତନ କ୍ରିକେଟର କମେଣ୍ଟ୍ରି କରିବା ସହ କ୍ରିକେଟରେ ଅନ୍ୟ ପଦରେ ରହି କାର୍ଯ୍ୟ କରୁଛନ୍ତି। ଦୁଇଟି ମଧ୍ୟରୁ ଏମାନଙ୍କୁ ଗୋଟିଏ ପଦରେ ରହିବାକୁ ହେବ। କପିଳଦେବଙ୍କ ଅଧ୍ୟକ୍ଷତାରେ ସିଏସିକୁ ମୁଖ୍ୟ କୋଚ୍ ଚୟନ କରିବାର ଅଧିକାର ମିଳିଛି। ତେବେ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭବିଷ୍ୟତ ନେଇ ସିଓଏ କିଛି ସ୍ପଷ୍ଟ କରିନାହିଁ। କେବଳ କୋଚ ଚୟନ ପାଇଁ ଏହି କମିଟି ବା ପ୍ୟାନେଲ ଗଠନ କରାଯାଇଛି ବୋଲି ବିନୋଦ କହିଛନ୍ତି।

# ଆଉଟ୍ ନ ହେବା ସତ୍ତ୍ୱେ ପ୍ୟାଭିଲିୟନ ଫେରିଲେ ଯୁବି

ନୂଆଦିଲ୍ଲୀ,୨୬।୭

ଯୁବରାଜ ସିଂ (ଯୁବି) ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳିଛନ୍ତି। ଗ୍ଲୋବାଲ ଟି୨୦ କାନାଡା ଲିଗ୍ ଦ୍ୱିତୀୟ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍‌ରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ପଦାର୍ପଣ କରିଛନ୍ତି। ଗୁରୁବାର ବ୍ରାମ୍ପଟନସ୍ଥିତ ସିଏଏ ସେଣ୍ଟରଠାରେ ଭାଙ୍କୋଭର ନାଇଟ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଟରଣ୍ଟୋ ନ୍ୟାଶନାଲ୍ସ ଅଧିନାୟକ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲେ। ୪ର୍ଥ କ୍ରମରେ ବ୍ୟାଟିଂ କରିବାକୁ ଆସିଥିବା ଯୁବି ୨୭ ବଲର ସମ୍ମୁଖୀନ ହୋଇ ୧୪ ରନ୍ କରି ଏକ ବିଚିତ୍ର ଭାବେ ଆଉଟ୍ ହୋଇଥିଲେ। ମ୍ୟାଚ୍‌ର ୧୭ତମ ଓଭରରେ ପେସର ରିଜ୍ୱାନ ଚିମାଙ୍କ ବଲ ଯୁବିଙ୍କ ବ୍ୟାଟରେ ବାଜିଥିଲା, ଯାହାକୁ ଉଇକେଟକିପର ଟବିସ ଭିସ ହାତଛଡ଼ା କରିଥିଲେ। ହେଲେ ବଲ୍ ତାଙ୍କ ଗ୍ଲୋଭ୍ସରେ ବାଜି ଉଇକେଟରେ ବାଜିଥିଲା। ରିପ୍ଲେରେ ଦେଖିବାକୁ ମିଳିଥିଲା, ଯେ ଷ୍ଟମ୍ପରେ ବଲ ବାଜିବାବେଳକୁ ଯୁବି କ୍ରିଜରେ ଥିଲେ। ହେଲେ ଫିଲ୍ଡ ଅମ୍ପାୟର ନିଷ୍ପତ୍ତି ନେବା ପୂର୍ବରୁ ସେ ଚାଲିବା ଆରମ୍ଭ କରିଥିଲେ। ଯୁବି ଆଉଟ ହେବା ଟରଣ୍ଟୋ ଦଳ ଲାଗି ବର ସାବ୍ୟସ୍ତ ହୋଇଥିଲା। ତାଙ୍କ ପରେ କ୍ରିଜକୁ ଆସିଥିବା କିରନ ପୋଲାର୍ଡ ୧୩ ବଲରୁ ୩୦ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଏଥିରେ ୩ ଛକା ଓ ଦୁଇ ଚୌକା ସାମିଲ ଥିଲା। ଦକ୍ଷିଣ ଆଫ୍ରିକାର ହେନରିଚ କ୍ଲାସେନଙ୍କ ୨୦ ବଲରୁ ୪୧ ରନ୍‌ର ଇନିଂସ ଯୋଗୁ ଟରୋଣ୍ଟୋ ଦଳ ଧାର୍ଯ୍ୟ ୨୦ ଓଭରରେ ୫ ଉଇକେଟ ହରାଇ ୧୫୯ ରନ୍ କରିପାରିଥିଲା। ଜବାବରେ କ୍ରିସ ଗେଲଙ୍କ ଭାଙ୍କୋଭର ନାଇଟ୍ସ ୧୭.୨ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଷ୍ଟାର ଖେଳାଳି ଗେଲ ୧୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ମାତ୍ର ଚାଡ୍ୱିକ ୱାଲଟନ ଓ ଦକ୍ଷିଣ ଆଫ୍ରିକାର ରାସି ଭାନ ଡର ଡୁସେନଙ୍କ ଅର୍ଦ୍ଧଶତକ ଯୋଗୁ ଭାଙ୍କୋଭର ସହଜରେ ମ୍ୟାଚ୍ ଜିତି ନେଇଥିଲା। ଯୁବିଙ୍କ ନେତୃତ୍ୱାଧୀନ ଦଳ ପରବର୍ତ୍ତୀ ମ୍ୟାଚ୍‌ରେ କେନ ୱିଲିୟମ୍‌ସନଙ୍କ ଦଳ ଇଡମଣ୍ଟନ ରୟାଲ୍ସକୁ ଭେଟିବ।

## ବେଲ୍‌ଫାଷ୍ଟ ଟାଇଟାନ୍ସରୁ ଖେଳିବେ ଡୁ'ପ୍ଲେସି

ମୁମ୍ବାଇ, ୨୬।୭ (ପି.ଟି.)

ୟୁରୋ ଟି୨୦ ସ୍ଲାମ୍ ଟୁର୍ନାମେଣ୍ଟରେ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ ଫାଫ୍ ଡୁ'ପ୍ଲେସି ବେଲ୍‌ଫାଷ୍ଟ ଟାଇଟାନ୍ସ ଫ୍ରାଞ୍ଚାଇଜ୍ ଦଳରେ ଯୋଗ ଦେଇଛନ୍ତି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟ ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ନେଦରଲାଣ୍ଡ୍ସରେ ଖେଳାଯିବ। ଜୁଲାଇ ୧୯ରେ ଖେଳାଳି ନିଲାମ ହେବାର ଏକ ସପ୍ତାହ ପରେ ବେଲ୍‌ଫାଷ୍ଟ ଟାଇଟାନ୍ସ ଡୁ'ପ୍ଲେସିଙ୍କୁ ଜଣେ ସପ୍ଲିମେଣ୍ଟାରୀ ଖେଳାଳି ହିସାବରେ ଦଳରେ ସାମିଲ କରିଛି। ୩୫ ବର୍ଷୀୟ ଡୁ'ପ୍ଲେସି ୫୮ ଟେଷ୍ଟ ଏବଂ ୧୪୩ ଅନ୍ତର୍ଜାତୀୟ ଦିନିକିଆ ସମେତ ୪୪ ଟି୨୦ ମ୍ୟାଚ ଖେଳିଛନ୍ତି। ସେ ଇଆନ ପଣ୍ଟଙ୍କ ଅଧୀନରେ ବେଲ୍‌ଫାଷ୍ଟ ଆଇକନ ଖେଳାଳି ଶାହିଦ ଆଫ୍ରିଦି ଏବଂ ମାର୍କି ଖେଳାଳି ଜେପି ଡୁମିନିଙ୍କ ସହିତ ଖେଳିବେ।

# ସଙ୍କଟରେ ବାଙ୍ଗରଙ୍କ ପଦବୀ

କୋଲକାତା,୨୬।୭(ପି.ଟି.)

ଆଇସିସି ବିଶ୍ୱକପ୍ ଶେଷ ହେବା ସହିତ ଟିମ୍ ଇଣ୍ଡିଆର ମୁଖ୍ୟ ଓ ସହକାରୀ କୋଚ୍‌ମାନଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଆସନ୍ତା ୱେଷ୍ଟଇଣ୍ଡିଜ ଟୁର୍ ଶେଷ ପର୍ଯ୍ୟନ୍ତ ଏହି କୋଚ୍‌ମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିବାବେଳେ ନୂତନ କୋଚ୍ ଏବଂ ସହକାରୀ କୋଚ୍ ନିଯୁକ୍ତି ପ୍ରକ୍ରିୟା ଅଗଷ୍ଟ ମଧ୍ୟଭାଗରେ ଅନୁଷ୍ଠିତ ହେବ ବୋଲି ଆଶା ରହିଛି। ତେବେ ବିଗତ ଦିନରେ ଭାରତୀୟ ଦଳର ବୋଲିଂ ବିଭାଗର ପ୍ରଦର୍ଶନକୁ ଲକ୍ଷ୍ୟ କଲେ ବୋଲିଂ କୋଚ୍ ଭରତ ଅରୁଣ ନିଜ ପଦବୀ ସୁରକ୍ଷିତ ରଖିବେ ବୋଲି କୁହାଯାଉଥିବାବେଳେ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କ ପଦବୀ ସଙ୍କଟରେ ପଡ଼ିଛି। ବୋଲିଂ କୋଚ୍ ପାଇଁ ଏକାଧିକ ଆବେଦନକାରୀ ରହିଥିଲେ ମଧ ଭରତ ପଦବୀ ବଜାୟ ରଖିପାରନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ଷ୍ଟାର୍ ଫିଲ୍ଡର ଜଣ୍ଟି ରୋଡ୍ସ ଫିଲ୍ଡିଂ କୋଚ ଦୌଡ଼ରେ ସାମିଲ ହେବା ପରେ ବର୍ତ୍ତମାନର କୋଚ୍ ଆର୍. ଶ୍ରୀଧରଙ୍କ ପଦବୀ ମଧ ଆଶଙ୍କାରେ ରହିଛି।

କପିଳ ଦେବଙ୍କ ନେତୃତ୍ୱାଧୀନ କ୍ରିକେଟ୍ ଉପଦେଷ୍ଟା କମିଟି ଦ୍ୱାରା ମୁଖ୍ୟ କୋଚ୍ ନିଯୁକ୍ତ ହେବେ। ଅନ୍ୟ ସପୋର୍ଟ ଷ୍ଟାଫ୍‌ମାନଙ୍କ ସାକ୍ଷାତକାର ନେବା ଲାଗି ଚୟନକର୍ତ୍ତାଙ୍କୁ କୁହାଯାଇଛି। ଯଦି ଏହି ଘଟଣାକୁ ବିଶ୍ୱାସକୁ ନିଆଯାଏ ତେବେ ଅରୁଣ ବିସିସିଆଇ ଚୟନକର୍ତ୍ତାଙ୍କ ପ୍ରଥମ ପସନ୍ଦ ହେବେ। କ୍ରିକେଟର ସବୁ ଫର୍ମାଟରେ ଭାରତୀୟ ପେସ୍ ବୋଲରଙ୍କ ପ୍ରଦର୍ଶନକୁ ଭିତ୍ତିକରି ଏହା କୁହାଯାଇପାରେ। ବିଗତ ୧୮–୨୦ ମାସ ମଧ୍ୟରେ ଅରୁଣଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ।

ଅନ୍ୟପକ୍ଷରେ ବାଙ୍ଗରଙ୍କ କ୍ଷେତ୍ରରେ ସମାନ ସ୍ଥିତି ରହିଛି। ବାଙ୍ଗର ବିଗତ ୪ ବର୍ଷ ଧରି ଭାରତୀୟ ଦଳର ବ୍ୟାଟିଂ କୋଚ ରହିଥିଲେ ମଧ ଭଲ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ତିଆରି କରିବାରେ ସେ ବିଫଳ ହୋଇଥିବା ଅନେକେ ମତ ଦିଅନ୍ତି। ବାଙ୍ଗର ବ୍ୟାଟିଂ କୋଚ୍ ହେବା ପୂର୍ବରୁ ବିରାଟ କୋହଲି ଓ ରୋହିତ ଶର୍ମା ଭଲ ଖେଳୁଥିଲେ। ତେଣୁ ଏହି ଦୁଇ ଖେଳାଳିଙ୍କ ସଫଳତା ପଛରେ ବାଙ୍ଗରଙ୍କ କୌଣସି ହାତ ନାହିଁ। ଭଲ ମିଡଲ୍ ଅର୍ଡର ବ୍ୟାଟ୍ସମ୍ୟାନ ତିଆରି କରିବାକୁ ବାଙ୍ଗରଙ୍କ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ ବିଶ୍ୱକପ୍‌ରେ ଦଳର ପ୍ରଦର୍ଶନ ଦେଖିବା ପରେ ସେ ଏଥିରେ ବିଫଳ ହୋଇଛନ୍ତି ବୋଲି ଜଣେ ବିସିସିଆଇ ଅଧିକାରୀ କହିଛନ୍ତି। ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଧୋନୀଙ୍କୁ ୭ ନମ୍ବରରେ ବ୍ୟାଟିଂ କରାଇବା ବାଙ୍ଗରଙ୍କ ନିଷ୍ପତ୍ତିକୁ ଚାରିଆଡୁ ସମାଲୋଚନା କରାଯାଇଥିଲା।

### ଟିମ୍ ଇଣ୍ଡିଆ ସହକାରୀ କୋଚ୍ ନିଯୁକ୍ତି


ଶୁକ୍ରବାର କଲମ୍ବୋଠାରେ କ୍ୟାରିୟରର ଶେଷ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଶ୍ରୀଲଙ୍କାର ଲସିଥ ମାଲିଙ୍ଗାଙ୍କୁ ସାଥୀ ଖେଳାଳିମାନେ ଗାର୍ଡ ଅଫ୍ ଅନର ଜଣାଉଛନ୍ତି।

**ଭାରତ ବିପକ୍ଷ ଦିନିକିଆ ସିରିଜ**

# ୱେଷ୍ଟଇଣ୍ଡିଜ ଦଳରେ ଗେଲ୍

ସେଣ୍ଟ ଜନ୍ସ(ଆଣ୍ଟିଗୁଆ), ୨୬।୭(ପି.ଟି.)

ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଶୁକ୍ରବାର ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରାଯାଇଛି। ଅଗଷ୍ଟ ୮ରୁ ଆରମ୍ଭ ହେବାକୁ ଯାଉଥିବା ଏହି ସିରିଜ ପାଇଁ ୱେଷ୍ଟଇଣ୍ଡିଜ ଦଳରେ କ୍ରିସ୍ ଗେଲ୍ ସ୍ଥାନ ପାଇଛନ୍ତି। ବାମହାତୀ ଓପନର ଜନ୍ କ୍ୟାମ୍ପବେଲ, ବ୍ୟାଟ୍ସମ୍ୟାନ ରଷ୍ଟନ ଚେଜ୍ ଓ ଅଲରାଉଣ୍ଡର କେମୋ ପଲ୍ ମଧ ୧୪ ଜଣିଆ ଦଳକୁ ଡାକରା ପାଇଛନ୍ତି। ଅଗଷ୍ଟ ୮ରେ ଗୁଆନାର ନ୍ୟାଶନାଲ ଷ୍ଟାଡିୟମରେ ପ୍ରଥମ ଏବଂ ୧୧ ଓ ୧୪ ତାରିଖରେ ତ୍ରିନିଦାଦସ୍ଥିତ କୁଇନ୍ସପାର୍କ ଓଭାଲରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଖେଳାଯିବ।

ଗତ ମାର୍ଚ୍ଚରେ ଇଂଲଣ୍ଡ ବିପକ୍ଷ ସିରିଜ ପୂର୍ବରୁ ଗେଲ୍ ବିଶ୍ୱକପ ପରେ ଅବସର ନେବେ ବୋଲି ଘୋଷଣା କରିଥିଲେ। ପରେ ନିଷ୍ପତ୍ତିରେ ପରିବର୍ତ୍ତନ କରି ଭାରତ ବିପକ୍ଷ ସିରିଜ ପାଇଁ ଉପଲବ୍ଧ ହେବେ ବୋଲି ପ୍ରକାଶ କରିଥିଲେ। ତେବେ କାନାଡ଼ାରେ ଜିଟି୨୦ ଖେଳିବାରେ ବ୍ୟସ୍ତ ରହିବା କାରଣରୁ ସେ ଭାରତ ବିପକ୍ଷ ଟି୨୦ ସିରିଜରେ ଖେଳିପାରିବେ ନାହିଁ। ଆଗାମୀ ଦିନିକିଆ ସିରିଜ ଅବସରରେ ଗେଲ୍ ୨ଟି ରେକର୍ଡର ଅଧିକାରୀ ହେବା ସମ୍ଭାବନା ରହିଛି। "କ୍ରିସ୍ ଜଣେ ମୂଲ୍ୟବାନ ଖେଳାଳି। ତାଙ୍କ ନିକଟରେ ଅନେକ ଜ୍ଞାନ ଏବଂ ଅଭିଜ୍ଞତା ରହିଛି। ଡ୍ରେସିଂ ରୁମ୍‌ରେ ତାଙ୍କ ଉପସ୍ଥିତି ଅନ୍ୟ ଖେଳାଳିଙ୍କ ପାଇଁ ଉପଯୋଗୀ ହେବ। ତାଙ୍କୁ ଦଳରେ ନିଆଯାଇଥିବାରୁ ମୁଁ ଖୁସି" ବୋଲି ୱେଷ୍ଟଇଣ୍ଡିଜ ଦଳର ଅନ୍ତରୀଣ କୋଚ୍ ଫ୍ଲଏଡ ରିଫର ପ୍ରକାଶ କରିଛନ୍ତି। କ୍ୟାମ୍ପବେଲ, ଚେଜ୍ ଓ ପଲ୍ ରହିଥିବାରୁ ଦଳ ବେଶ୍ ସନ୍ତୁଳିତ ହୋଇପାରିଛି ବୋଲି ସେ କହିଛନ୍ତି। ଡାରେନ ବ୍ରାଭୋ, ଶାନନ ଗାବ୍ରିଏଲ, ଆଶଲେ ନର୍ସ କିନ୍ତୁ ଦଳରେ ସ୍ଥାନ ପାଇନାହାନ୍ତି। ଏମାନଙ୍କ ବ୍ୟତୀତ ଗତ ବିଶ୍ୱକପ ଖେଳିଥିବା ସମସ୍ତ ଖେଳାଳି ଦଳରେ ରହିଛନ୍ତି। ଆମେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଦଳ ଗଠନ କରିଛୁ। କେମୋ, ଜନ୍ ଓ ରଷ୍ଟନ ପ୍ରତ୍ୟାବର୍ତ୍ତନ କରିବା ଭଲ କଥା। ଭାରତ ବିପକ୍ଷ ସିରିଜକୁ ଦୃଷ୍ଟିରେ ରଖି ଆମେ ନିଜକୁ ପ୍ରସ୍ତୁତ କରିଛୁ। ବିଶ୍ୱକପ ଖେଳିଥିବା ଅନେକ ଖେଳାଳିଙ୍କୁ ଆମେ ଅପରିବର୍ତ୍ତିତ ରଖିଛୁ। ଆମେ ଏବେ ସିରିଜ ଖେଳିବାକୁ ବ୍ୟଗ୍ର ବୋଲି ରିଫର ପ୍ରକାଶ କରିଛନ୍ତି।



**ୱେଷ୍ଟଇଣ୍ଡିଜ ଦଳ**

ଜାସନ ହୋଲ୍ଡର(ଅଧିନାୟକ), କ୍ରିସ୍ ଗେଲ୍, ଜନ୍ କ୍ୟାମ୍ପବେଲ, ଇଭିନ ଲିୱିସ, ସାଇ ହୋପ୍, ଶିମରନ ହେଟମେର, ନିକୋଲାସ ପୁରନ, ରଷ୍ଟନ ଚେଜ୍, ଫାବିଆନଆଲେନ, କାର୍ଲୋସବ୍ରାଥୱେଟ, କେମୋ ପଲ୍, ଶେଲଡନ କୋଟ୍ରେଲ, ଓଶାନେ ଥୋମାସ, କେମର ରୋଚ୍।

ଧରିତ୍ରୀ
DHARITRI






# ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ତାଲିମ

ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଓ ୱାର୍ଲଡ ଫିଶ୍‌ର ମିଳିତ ସହଯୋଗ ଏବଂ ରାଷ୍ଟ୍ରୀୟ କୃଷିବିକାଶ ଯୋଜନାର ଆର୍ଥିକ ସହାୟତାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ମତ୍ସ୍ୟ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା । ମାଛ ଚାଷ ଦ୍ୱାରା ଆତ୍ମ ନିର୍ଭରଶୀଳ ହୋଇ କିପରି ଆର୍ଥିକ ସ୍ଥିତିରେ ସୁଧାର ଅଣାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ମିଶନ୍ ଶକ୍ତିର ଜିଲା ସଂଯୋଜକ ରଶ୍ମିରଞ୍ଜନ ସେଠୀ, ୱାର୍ଲଡ ଫିଶ୍‌ର ଜିଲା ତାଲିମ୍ ପରିଚାଳକ ଅଭିଶିକ୍ତା ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନ୍ଦ୍ର ନାୟକ ଉପସ୍ଥିତ ରହି ଉନ୍ନତ ଜ୍ଞାନକୌଶଳରେ କିପରି ମତ୍ସ୍ୟ ଚାଷ କରାଯାଇପାରିବ ସେ ବିଷୟରେ କହିଥିଲେ । ସେହିପରି ଗଜପତି ଜିଲାରେ ଗତ ୨୦୧୮-୧୯ ବର୍ଷରେ ୨୭ଟି ଏସ୍‌ଏସ୍‌ଜିଙ୍କୁ ଏହି କେନ୍ଦ୍ରୀୟ ଯୋଜନାରେ ସାମିଲ୍ କରାଯାଇଥିବା କୁହାଯାଇଥିଲା । ଏଥିରେ ବିଭିନ୍ନ ମାଛ ଚାଷ ପ୍ରଣାଳୀର ଉନ୍ନତ ଜ୍ଞାନ କୌଶଳ ଉପରେ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ପଟ୍ଟନାୟକ, ମନୋଜ ପାଣି, ନମିତା କୁମାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

**ଆତ୍ମନିର୍ଭରଶୀଳ ହେବେ ମହିଳା**



ତାଲିମ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ମିଶନ୍ ଶକ୍ତିର ଜିଲା ସଂଯୋଜକ ଓ ଅନ୍ୟମାନେ।

## ସୁନାଚେନ୍ ଲୁଟି ନେଲେ ଦୁର୍ବୃତ୍ତ

ଗୋଷାଣି, ୨୬।୭ (ଡି.ଏନ୍.ଏ.)

ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ରଣଦେବୀ ଗ୍ରାମରେ ଶନିବାର ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ଦୁର୍ବୃତ୍ତ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଥାନା କେଶ୍ ନଂ ୬୨/୧୯ ରେ ଏକ ମାମଲା ରୁଜୁକରି ଲୁଟେରାକୁ ଧରିବାକୁ ଉଦ୍ୟମ ଚଳାଇଥିବା ଗୁରାଣ୍ଡି ଥାନା ଅଧିକାରୀ ମୁକେଶ ଲାକ୍ରା କହିଛନ୍ତି। ସୂଚନାପ୍ରକାରେ, ଗ୍ରାମର ସୁଗୁନୁ ଆମ୍ମା ଭୋର୍ ସମୟରେ ଦାନ୍ତ ଧୋଇବା ସମୟରେ ଏକ ବାଇକରେ ୨ଜଣ ଯୁବକ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ମହିଳାଙ୍କ ପାଟିଶୁଣି ସାହି ଲୋକେ ବାହାରକୁ ଆସିଥିଲେ ମଧ୍ୟ ଲୁଟେରା ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା।

## ‘ଧରିତ୍ରୀ’ଖବରକୁ ନେଇ ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଟୁଇଟ୍

### ସମସ୍ୟା ସମାଧାନ କରାଯିବା ନେଇ ଉତ୍ତର ରଖିଲେ ଜିଲାପାଳ

ନବରଙ୍ଗପୁର,୨୬।୭(ବି.ପ୍ର.)

ବରଗଡ ଜିଲା ବିଜେପୁର ଗାଁର ଦିବସ କୁମାର ସାହୁ ୨୬ ତାରିଖରେ ‘ଧରିତ୍ରୀ’ରେ ପ୍ରକାଶିତ ଦୁଇଟି ଖବରକୁ ନେଇ ସିଏମଓ ଓଡିଶା, ଏଚଏଫଡବ୍ଲୁ ଓଡିଶା, ମେହେନ୍ଦ୍ରା ପ୍ରମୋଦ ଓ ନବରଙ୍ଗପୁର ଜିଲାପାଳଙ୍କୁ ଟୁଇଟ କରିଛନ୍ତି। ପାପଡାହାଣ୍ଡି ଜଗନ୍ନାଥ ବିଷୋୟୀଙ୍କ ଝିଅ କମଳ କୁମାରୀଙ୍କ ନାକ ଓ ଦାନ୍ତ ମାଢ଼ିରୁ ରକ୍ତସ୍ରାବ ହେଉଛି। ଅଧିକ ଚିକିତ୍ସା ପାଇଁ ପରିବାରବର୍ଗ ସହାୟତା କାମନା କରୁଛନ୍ତି। ଏହାକୁ ନେଇ ‘ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ, ବନ୍ଦ ହେଉନି ଯୁବତୀଙ୍କ ନାକ, ଦାନ୍ତ ମାଢ଼ିରୁ ରକ୍ତସ୍ରାବ’ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏନେଇ ଦିବସ କୁମାର ଟୁଇଟ କରି ରୋଗୀଙ୍କ ପ୍ରତି ଦୃଷ୍ଟି ଦେବାକୁ ଜଣାଇଥିଲେ। ଏହାର ଉତ୍ତରରେ ଜିଲାପାଳ କହିଛନ୍ତି, ଯେ ସିଡିଏମଓ ଏବଂ ପରିବାର କଲ୍ୟାଣ ବିଭାଗ କମଳଙ୍କ ଚିକିତ୍ସା ପାଇଁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଆବଶ୍ୟକ ପଡେ ତେବେ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ଓ ବ୍ରହ୍ମପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯିବ। ସେହିଭଳି ଝରିଗାଁ ବ୍ଲକ ବେଲଝରି ପ୍ରାଥମିକ ବିଦ୍ୟାଳୟର ଭିତିଭୂମି ବିକାଶ ତଥା ନୂତନ କୋଠାଗୃହ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦିବସ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଟୁଇଟ କରିଥିଲେ। ଏହି ଖବର ‘ଧରିତ୍ରୀ’ରେ ୫ ବର୍ଷ ହେଲାଣି ବାରଣ୍ଡାରେ ଚାଲିଛି ପାଠପଢା, ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଶୀର୍ଷକରେ ପ୍ରକାଶ ପାଇଥିଲା। ବିଦ୍ୟାଳୟର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ପଞ୍ଚାୟତ ମାଧ୍ୟମରେ କରାଯିବ ବୋଲି ଜିଲାପାଳ ଟୁଇଟ୍ କରି ଜଣାଇଛନ୍ତି।

## ଗଞ୍ଜେଇ ବସ୍ତା ଜବତ, ଜଣେ ଗିରଫ



ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)

ଗଜପତି ଜିଲା ଆର୍. ଉଦୟଗିରି ଥାନା ଅନ୍ତର୍ଗତ ଆଟାଲିମ୍ବା ଗ୍ରାମରେ ପୋଲିସ ଜଣେ ବ୍ୟକ୍ତିଙ୍କ ନିକଟରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଛି। ସୂଚନାପ୍ରକାରେ, ଆଟାଲିମ୍ବା ଗ୍ରାମର ପ୍ରତୀକ୍ ବୀର ଏକ ବସ୍ତା ଧରି ଗାଡ଼ିକୁ ଅପେକ୍ଷା କରିଥିବାବେଳେ ପୋଲିସ ସେଠାରେ ପହଞ୍ଚି ବସ୍ତାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଘଟଣାସ୍ଥଳରୁ ପୋଲିସ ୪୨କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିବା ଆର୍. ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପୋତ୍ତାର ସରପଞ୍ଚ ଅସିଦ୍ଧ ଘୋଷିତ

**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)** - ପାରଳାଖେମୁଣ୍ଡିସ୍ଥିତ ଜିଲା କୋର୍ଟ ଶୁକ୍ରବାର ଜଣେ ନିର୍ବାଚିତ ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା କରିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଗଜପତି ଜିଲା ରାୟଗଡ଼ ବ୍ଲକ ପୋତ୍ତାର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଗଙ୍ଗାଧର ଭୂୟାଁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାମଚନ୍ଦ୍ର ନାୟକଙ୍କୁ ହରାଇ ନିର୍ବାଚିତ ହୋଇଥିଲେ। ସେ ସମୟରେ ପରାଜିତ ପ୍ରାର୍ଥୀ ନାୟକ ବିଜୟୀ ପ୍ରାର୍ଥୀଙ୍କ ଦୁଇରୁ ଊର୍ଦ୍ଧ୍ୱ ସନ୍ତାନ ରହିଥିବା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସେ ଜିଲା ଏସଡିଜେଏମଙ୍କ କୋର୍ଟରେ ଏ ନେଇ ଏକ ମାମଲା ଦାଏର୍ କରିବା ଯୋଗୁ କୋର୍ଟ ଏହାକୁ ବିଚାରକୁ ନେଇ ବିଜୟୀ ପ୍ରାର୍ଥୀ ଗଙ୍ଗାଧରଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିଥିଲେ। ଏସଡିଜେଏମ୍‌ଙ୍କ କୋର୍ଟରେ ଅସିଦ୍ଧ ଘୋଷଣା ହେବାପରେ ଗଙ୍ଗାଧର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଏହି ରାୟକୁ ଚ୍ୟାଲେଞ୍ଜ କରିଥିଲେ। ଜିଲା ଦୌରାଜଜ୍‌ଙ୍କକୋର୍ଟ ମଧ ତାଙ୍କ ରାୟକୁ କାଏମ୍ ରଖି ପଦବୀକୁ ଅସିଦ୍ଧ ଘୋଷଣା କରିଛନ୍ତି।

### ଚିକିତ୍ସାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)** - ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏଲ୍‌ଏସ୍‌ଏ ଏବଂ ଏସ୍.ଡବ୍ଲ୍ୟୁ.ଡବ୍ଲ୍ୟୁ.ଏସ୍. ର ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିକିତ୍ସାଳୟ ପରିସରକୁ ସୁସ୍ଥ ଏବଂ ସବୁଜମୟ ରଖିବାପାଇଁ ଏଭଳି କାର୍ଯ୍ୟକ୍ରମ ଜରୁରୀ ବୋଲି ଏଠାରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର, ଏସ୍.ଡବ୍ଲ୍ୟୁ.ଡବ୍ଲ୍ୟୁ.ଏସ୍.ର ପି. ସୁନୀତା, ଚିକିତ୍ସାଳୟର ଶକ୍ତି ପ୍ରସାଦ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଘରୋଇ ହଷ୍ଟେଲ ପରିଚାଳକମାନଙ୍କୁ ନେଇ କର୍ମଶାଳା

# ଶିଶୁଙ୍କ ସୁରକ୍ଷା, ଯତ୍ନ ଉପରେ ଗୁରୁତ୍ୱାରୋପ

**ପାରଳାଖେମୁଣ୍ଡି, ୨୬।୭(ସ୍ୱ.ପ୍ର.)**

ସ୍ଥାନୀୟ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଘରୋଇ ଛାତ୍ରୀଛାତ୍ର ନିବାସର ପରିଚାଳକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ କିଶୋର ନ୍ୟାୟ ଅଧିନିୟମ ୨୦୧୫ ଓ ତାହାର ମାନଦଣ୍ଡ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିଶୁ କଲ୍ୟାଣ ସମିତିର ଅଧକ୍ଷ ପ୍ରମୋଦ କୁମାର ରାଉଳ ଯୋଗଦେଇ କର୍ମଶାଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସ୍ୱାଗତ ଜଣାଇଥିବାବେଳେ ପରାମର୍ଶଦାତା ମନୋଜ ତ୍ରିପାଠୀ ଶିଶୁମାନେ ରହିଥିବା ହଷ୍ଟେଲ୍‌ର ଯତ୍ନ ଓ ସୁରକ୍ଷା ଉପରେ ଆଲୋଚନା କରିଥିଲେ । ଏଠାରେ ଶିଶୁଙ୍କ ସୁରକ୍ଷାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ଘରୋଇ ହଷ୍ଟେଲରେ ରହୁଥିବା ଶିଶୁମାନେ ଯେପରି ନିର୍ଯ୍ୟାତନାର ଶିକାର ନ ହୁଅନ୍ତି ସେଥିପ୍ରତି ପରିଚାଳକମାନେ କିପରି ସତର୍କ ରହିବେ ସେ ଦିଗରେ ମଧ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା । ଶିଶୁମାନେ ବିଭିନ୍ନ ସମୟରେ ଯୌନ ଶୋଷଣର ଶିକାର ହେଉଥିବାରୁ ସେ ସମ୍ପର୍କରେ ତୁରନ୍ତ ଜିଲା ଶିଶୁ କଲ୍ୟାଣ ସମିତି ସହ ଯୋଗାଯୋଗ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଏଚ୍.ଆଇ.ଭି., ଗ୍ରୀନ ପେସେଜ୍ ଆଦି ସଂକ୍ରମିତ କିମ୍ବା ଅସହାୟ ଶିଶୁଙ୍କୁ ଚିହ୍ନଟ କରି ଯେପରି ଥଇଥାନ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ବିନା ଆନୁସାଙ୍ଗିକ ବ୍ୟବସ୍ଥାରେ ହଷ୍ଟେଲ ଖୋଲିଲେ ତାକୁ ତୁରନ୍ତ ବନ୍ଦ କରାଯିବା ନେଇ ସରକାରୀ ନିୟମ ରହିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ପରିଚାଳକ ମାନଙ୍କୁ ସତର୍କ କରାଇଥିଲେ।



ମୁଖ୍ୟ ଅତିଥି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ବି.ସୀତାପୁରସ୍ଥିତ ଗୋପୀନାଥ ଗଜପତି ଉଚ୍ଚ ବିଦ୍ୟାଳୟରେ ସୋସାଇଟି ଫର୍ ହେଲ୍‌ଥ ଏନ୍‌ଭିରନ୍‌ମେଣ୍ଟ ପକ୍ଷରୁ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁଭ୍ର ନାରାୟଣ ଦାସଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ମ୍ୟାଲେରିଆ କିଭଳି ବ୍ୟାପେ, ଏହାର ଲକ୍ଷଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। ମଶା ବାହିତ ଏହି ରୋଗକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଯିବା ସହ ମ୍ୟାଲେରିଆ ଚିହ୍ନଟ ରୋଗୀ କିଭଳି ଔଷଧ ସେବନ କରିବା ଆବଶ୍ୟକ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଘର ଘର ବୁଲି ସଚେତନ କରାଇଥିଲେ ।



ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

### ବିଷ ପିଇ ଯୁବକଙ୍କ ମୃତ୍ୟୁ

**ବୁଗୁଡ଼ା, ୨୬।୭(ଡି.ଏନ.ଏ.)**

ବୁଗୁଡ଼ା ଥାନା ଭାମଶିଆଳି ଗ୍ରାମ ଆମ୍ବିଳିଝର ତୋଟାରୁ ଶୁକ୍ରବାର ସକାଳ ପ୍ରାୟ ୬ଟାରେ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ପାଇକଯମୁନା ଗ୍ରାମର ମନୋଜ ଖଟାଇ (୩୦)। ଏନେଇ ବୁଗୁଡ଼ା ଥାନାରେ ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ମନୋଜ ଗୁରୁବାର ଶ୍ୱଶୁର ଘର ଭାମଶିଆଳିକୁ ଆସିଥିଲେ। ଶୁକ୍ରବାର ସକାଳେ ଭାମଶିଆଳି ଗ୍ରାମ ନିକଟ ଆମ୍ବିଳିଝର ତୋଟାରେ ଗୁରୁତର ଅବସ୍ଥାରେ ପଡିଥିବା ଖବର ପାଇ ତାଙ୍କ ଶଶୁରଘର ଲୋକେ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡ଼ାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ବୁଗୁଡ଼ା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି।

# ମହିଳା ସଂଗଠନ ପକ୍ଷରୁ ଚାରାରୋପଣ

**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)**

ମହିଳା ସଂଗଠନ ଆକାଂକ୍ଷା ପକ୍ଷରୁ ଗଜପତି ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରମାର ଚାରାରୋପଣ କାର୍ଯ୍ୟକ୍ରମ 'ବୃକ୍ଷଟିଏ ଦେବି ଟିଏ' ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାନେତ୍ରୀ ମୀନାକ୍ଷୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଏସ୍‌ପି ସାରା ଶର୍ମା ଯୋଗ ଦେଇ ନିମ୍ବ ଚାରାରୋପଣ କରି ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସୁସ୍ଥ ଜୀବନଯାପନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ କରି ତାହାର ଯତ୍ନନେବା ଜରୁରୀ ବୋଲି ଏଠାରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ଉପସଭାନେତ୍ରୀ ଅନିତା ମିଶ୍ର, ଗୀତାଞ୍ଜଳୀ ରଥ, ସୁଜାତା ପାଢୀ, ସୌଦାମିନୀ ମହାଙ୍କୁଡ଼, ମଞ୍ଜୁଳା ଚୌଧୁରୀ, ମୀନା କୁମାରୀ ଟହଲ, କୋଷାଧକ୍ଷ ତନୁଜା ଶତପଥି ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଏସ୍‌ପି ଓ ସଙ୍ଗଠନର ମହିଳାମାନେ ଉପସ୍ଥିତ ଅଛନ୍ତି।

# ଜିଲାସ୍ତରୀୟ ଶାଳାସିଦ୍ଧି ପ୍ରଶିକ୍ଷଣ ଶିବିର

**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)**

ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗଜପତି ଜିଲାସ୍ତରୀୟ ଶାଳାସିଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଆନୁକୁଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ଓ ବରିଷ୍ଠ ଶିକ୍ଷକ ସି.ଏଚ୍. ଭେଙ୍କେଟେଶ୍ୱର ରାଓ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ମୂଲ୍ୟାଙ୍କନ ଏବଂ ବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ନିରନ୍ତର ପ୍ରୟାସ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ପିଲାଙ୍କ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଶିବିରରେ ଜିଲାର ପ୍ରତ୍ୟେକ ବ୍ଲକରୁ ୪ଜଣ ପ୍ରଧାନ ଶିକ୍ଷକଙ୍କ ସମେତ ୨୮ଜଣ ଅଂଶଗ୍ରହଣ କରି ନିଜ ନିଜ ବ୍ଲକର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ଲକଗ୍ରାଣ୍ଟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ୧୫୮ଜଣ ପ୍ରଧାନଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି. ବୃନ୍ଦାବନରାଓ ପରିଚାଳନା କରିଥିଲେ ।

## ପଞ୍ଚାୟତ ବିକାଶ ଯୋଜନା ପାଇଁ ତାଲିମ

# ମହିଳାଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ

**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଆନୁକୁଲ୍ୟରେ ସ୍ଥାନୀୟ ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କିତ ୩ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୁମ୍ମା ବ୍ଲକର ନାମନଗଡ଼, ଜୀବା, ଝାମୀ, ଉଖୁରା ଓ କୁଜାସିଂ ଆଦି ପଞ୍ଚାୟତର ପ୍ଲାନିଂ ସଦସ୍ୟା, ସଦସ୍ୟ, ସରପଞ୍ଚ , ୱାର୍ଡସଭ୍ୟା,ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ୫୦ଜଣ ଉପସ୍ଥିତ ରହି ତାଲିମ୍ ଗ୍ରହଣ କରିଥିଲେ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଦ୍ୱାରା ମନୋନୀତ ମନୋଜ କୁମାର ସାବତ, ଦେବୀ ମିଶାଲ ଏଠାରେ ତାଲିମଦାତା ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ସକ୍ରିୟ ଅଂଶ ଗ୍ରହଣ ଓ ମହିଳାଙ୍କ ବିଭିନ୍ନ ସମସ୍ୟାକୁ ନେଇ ଯୋଜନା ପ୍ରସ୍ତୁତ କରିବାରେ ସମସ୍ତ ସଦସ୍ୟା ସଦସ୍ୟମାନଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂପାଦକ ଏ. ଜଗନ୍ନାଥ ରାଜୁ ଉପସ୍ଥିତ ରହି ପଞ୍ଚାୟତ ବିକାଶ ଯୋଜନା ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦେଇଥିଲେ । ସେହିପରି ଦ୍ୱିତୀୟ ଦିନରେ ଗୁମ୍ମା ବ୍ଲକ୍‌ର ଝାମୀ ଗ୍ରାମକୁ ପରିଭ୍ରମଣରେ ଯାଇ ପଞ୍ଚାୟତ ବିକାଶ ଯୋଜନା ଉପରେ ଅନୁଧ୍ୟାନ କରିଥିଲେ । ଗ୍ରାମର ସମ୍ବଳମାନଚିତ୍ର, ସାମାଜିକ ମାନଚିତ୍ର ଓ ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନକରି ତାହା କିପରି ଯୋଜନାରେ ସ୍ଥାନ ପାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସିସିଡିର ସଂଯୋଜକ ତପନ କୁମାର ପାଣିଗ୍ରାହୀ ଓ ଅନ୍ୟମାନେ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ପ୍ରଶିକ୍ଷକମାନେ ତାଲିମ୍ ଦେଉଛନ୍ତି।

### ଏସ୍‌ଏଲ୍‌ଏଲ୍‌ସି ପକ୍ଷରୁ ଚାରାରୋପଣ, ସଚେତନତା

**ପାରଳାଖେମୁଣ୍ଡି, ୨୬।୭ (ସ୍ୱ.ପ୍ର.)**

ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତିତ୍‌ଲି, ଫନୀ ଭଳି ବାତ୍ୟା ପରେ ପୁନଃ ବନୀକରଣ ପାଇଁ ଷ୍ଟୁଡେଣ୍ଟ ଲିଗାଲ ଲିଟେରାସି କ୍ଲବ୍‌ର ଛାତ୍ରମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି. ବୃନ୍ଦାବନ ରାଓ, କେ. ରାଘା ରାଓ, ହରିହର ଦାସ, ୱାଇ. ଧର୍ମା ରାଓ, ଏସ୍. ଲକ୍ଷ୍ମଣ ରାଓ, ସୁଧା ରାଉତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ମାଧମରେ ଛାତ୍ରମାନେ ବ୍ୟାପକ ରୋପଣ ପାଇଁ ଲୋକଙ୍କୁ ସଚେତନ କରିଥିଲେ।


**UNIVERSITY DEPARTMENT OF TEACHER EDUCATION**
**DDCE CAMPUS, UTKAL UNIVERSITY**
**VANI VIHAR, BHUBANESWAR-751007**

Applications are invited for the following posts for University Department of Teacher Education (UDTE), Utkal University. The University reserves the right to withdraw partial or full notification without assigning any reason. The appointment is purely temporary. The applicant is to read the general instructions and qualifications carefully before filling up the application form. Minimum eligibility and qualification shall be as per NCTE / UGC norms.

| Sl. No. | Post | Eligibility | Remuneration/ Compensation/Wage |
|---|---|---|---|
| 1. | Professor - cum - Principal | M.Ed with Ph.D with Experience | Rs.40,000/- |
| 2. | Asst. Professor (Education, Psychology, Statistics, Odia, English, History, Political Science, Geography, Economics, Mathematics / Statistics, Commerce, Computer Science, Music Education & Physical Education) | NET/Ph.D with M.Ed./ Master Degree in relevant subject | Rs.30,000/- |
| 3. | Administrative Officer | MBA or equivalent | Rs.20,000/- |
| 4. | Jr. Librarian | M.Lib | Rs.15,000/- |
| 5. | Office-Cum-Account-Assistant | M.Com. or equivalent | Rs.15,000/- |
| 6. | Lab Attendant / Helpers / Class-IV | Higher Secondary | Rs.10,000/- |

Applicants are required to send the filled in the prescribed application to **udtefaculty@gmail.com** on or before **06.08.2019** and come for walk in interview with the hard copy of the application alongwith the self attested photocopies of the marksheets, certificates / degrees and other relevant documents and work experience. The date of Walk in Interview, prescribed application form and other details can be downloaded from the website of the Utkal University **www.utkaluniversity.nic.in**.

Applicants who had already submitted the form earlier for the above posts can apply fresh without any fees.

Sd/-
Chairperson, P.G. Council



NORTH ORISSA UNIVERSITY
**SRIRAM CHANDRA VIHAR, TAKATPUR**
**BARIPADA - 757003 (ODISHA)**
**ADMISSION NOTICE, 2019-20**

**NO.579 / NOU/PGC/2019** **Date : 26.07.2019**

Offline Applications are invited for a few seats lying vacant for admission into P.G. /M.Phil. courses (Regular & Self-financing) of different subjects at both the campus for the session 2019-20. For details, Log on to NOU **website www.nou.nic.in**

**Sd./- Chairman, P.G. Council**



DISTRICT MINERAL FOUNDATION, JAJPUR
Ph. - 06728-222227
**E-mail:dmfjajpur@gmail.com, Website - www.jajpur.nic.in**
**Free Residential Medical Coaching for NEET-2020 Examination**

District. Mineral Foundation, Jajpur is sponsoring Free Medical Coaching to meritorious students for NEET-2020 like previous year. All selection process and examination will be conducted and organized by the partnering agency AAKASH Institute, Bhubaneswar. Examination Schedule:

| | |
|---|---|
| Date & Time | 04.08.2019 from 11.00 A.M. to 01.00 P.M. |
| Venue | Zilla Scool, Jajpur Town and Aakash Institute, 10-Bhauma Nagar, Aditya Plaza, Unit-IV, Bhubaneswar. |
| Application From | Available in link **https://jajpur.nic.in/** |
| Registration Procedure | The field application with relevant documents / certificates shall be sent to **dmfjajpur@gmail.com** |
| Requirements of Documents | 1. Identity Proof (Voter / PAN / DL / Aadhaar Card)<br>2. Field Application Form<br>3. One colour passport photograph<br>4. Xerox copy of 12th / XII Board mark sheet, Certificate 10th / HSE Board mark sheet & certificate |
| Last date of registration | 02.08.2019 |
| On spot registration | 9.30 A.M. to 10.30 A.M. on 04.08.2019 at same venue |
| Contact person of Aakash Institute for registration | **Mr. Deepak Sethy, Area Coordinator, Aakash Institute, Ph.** No.09337355773 |

**Eligibility :**

1. Candidates passed +2/12th Class with biology as subject in the year 2016-17 & 2017-18 can apply.
2. Minimum Mark: CBSE Board (For Gen/OBC-70%), (SC & ST-60%). CHSE Board (For Gen/OBC-60%), (SC & ST-50%)
3. Annual income of the family should not be exceeded Rs. 6 Lakhs per annum.

**Sd./-Collector & Managing Trustee DMF, Jajpur**



**Sambalpur University Institute of Information Technology**
**SPOT ADMISSION: 2019-20**
**Advt. No.: 889 / SUIIT** **Dated: 26/07/2019**

***Few seats (any category) are available for admission into the following programmes of SUIIT. Interested candidates (in person) are required to report the Administrative Officer, SUIIT on 2nd August, 2019 (Friday) within 8.30 AM to 10.30 AM (positively) for spot admission.***

| Sl. No. | Programme Name | Amount required at the time of admission (including 1st Sem fees) |
|---|---|---|
| 1 | ♦ Master in Computer Application | Rs. 37,000.00 |
| 2 | ♦ M. Sc Electronics<br>♦ M. Sc Computer Science | Rs. 32,000.00 |
| 3 | ♦ M. Tech Computer Science and Engg.<br>♦ M. Tech Communication System Engg.<br>♦ M. Tech Embedded Systems Design | Rs. 47,000.00 |

Come prepared with all testimonials (in original & two sets of photocopy), 6 passport size coloured photographs, CLC & Conduct certificate in original. If selected you have to pay the required amount (as mentioned against each) in shape of Demand Draft or can deposit in the SBI A/C directly.

**INSTRUCTIONS**

Interested candidates should report to the Administrative Officer, SUIIT within 8.30 AM to 10.30 AM (positively) and submit the filled in application form (available at website and office) along with photocopy of all testimonials and a sum of Rs. 500.00 (cash) as processing fee. There will be a written examination at 11.00 AM for all programmes. Selection will be done on same day, as per rule.

**FOR DETAIL INFORMATION AND ELIGIBILITY CRITERIA**
**Visit: www.suiit.ac.in**
*Contact:*
*Dr. S. Jena, HOD, CSE&A – 8247679467,*
Dr. N. K. Barpanda, HOD, EL – 9438074077, Mrs. S. Kar, HOD, ECE – 9439657668

Email: admin.office@suiit.ac.in/director@suiit.ac.in **Director, SUIIT**



**Estd. - 2009**
**A Government Engineering College**
**E-mail - pmecbam@gmail.com**
**Website - www.pmec.ac.in**

**PARALA MAHARAJA ENGINEERING COLLEGE**
*(A constituent college of Biju Patnaik University of Technology, Odisha, Rourkela)*
**SITALAPALLI: BERHAMPUR: DIST.:- GANJAM: PIN - 761003**

**No.PMEC/ACA/ 1418** **Date:-24.07.2019**

**NOTICE FOR REPORTING OF CANDIDATES FOR FINAL ADMISSION INTO 1ST YEAR B.TECH PROGRAMME FOR THE ACADEMIC SESSION 2019-20**

The candidates allotted by OJEE-2019 for admission in this college for 1st year B.Tech programme in the academic session 2019-20 are advised to follow the instructions given in the website of the college and report as per the schedule given below. The college website is **www.pmec.ac.in**.

**DATE OF REPORTING FOR B.TECH 1ST YEAR**

| Sl. No | Name of the Branch | Date & Time of reporting | Commencement of classes |
|---|---|---|---|
| 1 | Mechanical Engineering | 29.07.2019 10.00 AM | 01.08.2019 |
| 2 | Automobile Engineering | | |
| 3 | Production Engineering | | |
| 4 | Electrical Engineering | | |
| 5 | Electronics & Telecommunication Engineering | 30.07.2019 10.00 AM | |
| 6 | Computer Science & Engineering | | |
| 7 | Civil Engineering | | |
| 8 | Chemical Engineering | | |
| 9 | Metallurgical & Materials Engineering | | |

Sd/-
Principal
PMEC, Berhampur



ସକଳ ସଙ୍କଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମ ଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
-ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଦୁଇ ବାଇକ୍ ଧକ୍କା, ଜଣେ ମୃତ

ରାୟଗଡ଼ା ଅଫିସ, ୨୬।୭: ରାୟଗଡ଼ା ଜିଲା କୁମ୍ଭିକୋଟା ଫାଣ୍ଡି ଅନ୍ତର୍ଗତ ଫୁଲକଣା ଛକ ନିକଟରେ ଦୁଇ ବାଇକ୍ ମଧରେ ଧକ୍କା ହେବାରୁ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଅକ୍ଷୟ ଖୋସଲା(୨୨) ଓ ତାଙ୍କ ଘର କୁମ୍ଭିକୋଟା ଗ୍ରାମରେ। ଆହତ ହୋଇଥିବା ରାୟଗଡ଼ାର ଭଗବାନ ସ୍ୱାଇଁ(୩୫) ଏବଂ କୁମ୍ଭିକୋଟାର ଅମର ଖୋସଲା(୪୦)ଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପରେ ଭଗବାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଭଗବାନ ବାଇକ୍ ଯୋଗେ ଟିକିରିରୁ ରାୟଗଡ଼ାକୁ ଆସୁଥିବାବେଳେ ଅମର ଓ ଅକ୍ଷୟ ରାୟଗଡ଼ାରୁ କୁମ୍ଭିକୋଟାକୁ ଯାଉଥିଲେ। ଫୁଲକଣା ଛକଠାରୁ ଅଳ୍ପ ଦୂରରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉକ୍ତ ୩ ଜଣ ଆହତ ହୋଇଥିଲେ। ସେହି ରାସ୍ତାଦେଇ ଯାଇଥିବା ବିଏସ୍ଏଫ୍ ଯବାନମାନେ ଆହତ ୩ ଜଣଙ୍କୁ ଉଦ୍ଧାର କରି ରାୟଗଡ଼ା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାୟଗଡ଼ା ଆଣିବା ବେଳେ ବାଟରେ ଅକ୍ଷୟଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ କୁମ୍ଭିକୋଟା ଫାଣ୍ଡିରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ନାବାଳିକା ବଳାତ୍କାର ଉଦ୍ୟମ, ୨ ନାବାଳକ ଅଟକ

ବିଷମକଟକ,୨୬।୭:ରାୟଗଡା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକୋଣା ଅଞ୍ଚଳର ଜଣେ ଚାରି ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ଉଭୟେ ୧୦ତମ ଶ୍ରେଣୀ ଛାତ୍ର । ଗତ ୧୭ତାରିଖରେ ଗାଁ ର ଉକ୍ତ ଦୁଇ ନାବାଳକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ଏନେଇ ନାବାଳିକାଙ୍କ ବାପା ବିଷମକଟକ ଥାନାରେ ଏତଲା ଦେଇଛନ୍ତି ।

### ଉଚ୍ଚନ୍ୟାୟାଳୟର ପ୍ରତିଷ୍ଠା ଦିବସରେ ଚାରାରୋପଣ

ବିଷମକଟକ,୨୬।୭: ଚଳିତ ବର୍ଷ ସାମୁଦ୍ରିକ ଝଡ଼ ଫନି ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଗଛ ନଷ୍ଟ ହୋଇଯାଇଛି । ଉଚ୍ଚନ୍ୟାୟାଳୟର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବ୍ୟାପୀ ବୃକ୍ଷରୋପଣ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି । ଏହି ଅବସରରେ ଶୁକ୍ରବାର ରାୟଗଡା ଜିଲା ବିଷମକଟକ ପ୍ରଥମଶ୍ରେଣୀ ବିଚାରପତି ହବିବୁର ରେହେମାନା ସିଦ୍ଧିକଙ୍କ ନେତୃତ୍ୱରେ ସ୍ଥାନୀୟ ଥାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ସ୍ଥାନୀୟ ମା' ମାର୍କମା ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସଂସ୍କାରଭେଲି ମଡେଲ ସ୍କୁଲ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ଏବଂ ଜଗନ୍ନାଥ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଛି । ବିଭିନ୍ନ ସ୍ଥାନରେ ନିୟମିତ ବୃକ୍ଷରୋପଣ କରି କ୍ଷୟକ୍ଷତି ହୋଇଥିବା ଗଛଗୁଡିକର କ୍ଷତିପୂରଣ ଦିଗରେ ପ୍ରୟାସ କରିବା ନିମନ୍ତେ ଏକ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଚାରାରୋପଣ କରିଥିଲେ । ୧୧୦ଟି ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ

# ୯୦ ଏକର ଧାନଫସଲ ନଷ୍ଟ କଲେ ହାତୀପଲ

ବିଷମକଟକ, ୨୬।୭

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଡାଲିଆକୁଜି ପଞ୍ଚାୟତର ପରମାଗୁଡା ମୌଜାରେ ନିୟମଗିରି ପାହାଡରୁ ହାତୀପଲ ଆସି ଗୁରୁବାର ରାତିରେ ପ୍ରାୟ ୯୦ ଏକର ରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରି ଦେଇଛନ୍ତି । ଏହି ହାତୀପଲରେ ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ହାତୀ ରହିଥିବା ଜଣାଯାଇଛି । ଡାଲିଆକୁଜି ଅଞ୍ଚଳରେ ପ୍ରଥମଥର ପାଇଁ ହାତୀପଲ ପଶି ଏପରି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି ।



ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି । ଏଥିସହ ଏହି ଅଞ୍ଚଳ ଦେଇ ରେଳ ଲାଇନ ଯାଇଥିବାରୁ ହାତୀର କ୍ଷତି ହେବାର ସମ୍ଭାବନା ରହିଥିବାରୁ ବନବିଭାଗ ତରଫରୁ ରେଳ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଛି । ଏଥିସହ ହାତୀପଲ ଗାଁ ନିକଟ ଦେଇ ଗତି କଲା ବେଳେ କି ପ୍ରକାରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ସେନେଇ ଗ୍ରାମବାସୀଙ୍କୁ ସଚେତନ କରାଯିବ ବୋଲି ମୁନିଗୁଡା ବନାଞ୍ଚଳ ଅଧିକାରୀ ଅନିଲ କୁମାର ରାୟ ସୂଚନା ଦେଇଛନ୍ତି ।

# ଶାଗୁଆନ କାଠ ବୋଝେଇ ଟ୍ରକ ଜବତ, ୨ ଗିରଫ



ଗିରଫ ୨ ଅଭିଯୁକ୍ତ ।

ମୁନିଗୁଡ଼ା/ବିଷମକଟକ, ୨୬।୭(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା ବନଖଣ୍ଡ ଅଧୀନ ଦୁର୍ଗୀ ଫରେଷ୍ଟ ସର୍କଲର କଟାପାଇ ଗ୍ରାମ ନିକଟରୁ ବିପୁଳ ପରିମାଣର ଶାଗୁଆନ କାଠ ବୋଝେଇ ଟ୍ରକ ଜବତ କରାଯାଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କେ, ନାଗାରାଜୁ ଓ ବି. ନାଇଡୁ। ସେମାନଙ୍କଠାରୁ ୫ ଫୁଟ ଲମ୍ବର ପ୍ରାୟ ୫୫ରୁ ଉର୍ଦ୍ଧ୍ୱ କାଠ ଜବତ କରାଯାଇଥିଲା । ଏହାର ଅନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ।

ଗୁରୁବାର ରାତିରେ ଏକ ଟ୍ରକ କାଠ ବୋଝେଇ ହୋଇ ଯାଉଥିବା ନେଇ କୌଣସି ସୂତ୍ରରୁ ବନ ବିଭାଗ ଖବର ପାଇଥିଲା । ପରେ ମୁନିଗୁଡ଼ା ରେଞ୍ଜର ଅନିଲ କୁମାର ରାଏଙ୍କ ନେତୃତ୍ୱରେ ଦୁର୍ଗୀ ଫରେଷ୍ଟର ଏ.କେ ପ୍ରଧାନ ଓ ବନରକ୍ଷୀ ପ୍ରସାଦ କୁମାର ମିଶ୍ର କଟାପାଇ ଗ୍ରାମ ନିକଟରେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ । ସେଥିରେ କାଠ ଥିବା ଜାଣି ତାହାକୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲେ । ଏପି୦୫ଟିଜି୧୫୨୭ ମିନିଟ୍ରକରେ ଉକ୍ତ ଦୁଇ ଜଣ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳକୁ ଶାଗୁଆନ କାଠ ନେଇ ଯାଉଥିଲେ। ଗିରଫ ୨ ଜଣଙ୍କ ଆଉ ଅନେକ ଆନ୍ତରାଜ୍ୟ ଓ ଆନ୍ଧ୍ରପ୍ରଦେଶର କାଠ ମାଫିଆଙ୍କ ସହ ଲିଙ୍କ୍ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ରେଞ୍ଜର ଅନିଲ କୁମାର ରାଏ ପ୍ରକାଶ କରିଛନ୍ତି ।

# ଜିଲା ସର୍ବୋଦୟ ମଣ୍ଡଳର ଅଧିବେଶନ



ଅଧିବେଶନରେ ଯୋଗ ଦେଇଥିବା ଜିଲା ସର୍ବୋଦୟ ମଣ୍ଡଳର ସଦସ୍ୟମାନେ ।

ରାୟଗଡ଼ା ଅଫିସ,୨୬।୭(ଡି.ଏନ୍.ଏ.)

ରାୟଗଡ଼ା ସେବା ସମାଜ ପରିସରରେ ଶୁକ୍ରବାର ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳଙ୍କ ସଂଯୋଜନାରେ ଜିଲା ସର୍ବୋଦୟ ମଣ୍ଡଳର ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଅଧିବେଶନ ପ୍ରାରମ୍ଭରେ ଦିବଙ୍ଗତ ଡଃ ରତନ ଦାସ, ପଣ୍ଡିତ ହଂସରାଜ ମିଶ୍ର, ଭଗବତ୍ ପ୍ରସାଦ ରଥ, ମହମ୍ମଦ ବାଜି, ଧୋବେନ୍ଦ୍ରୀ ଅପାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନେଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବା-ବାପୁ ଶତକୋତ୍ତର ସ୍ୱର୍ଣ୍ଣ ଜୟନ୍ତୀ ଏବଂ ସନ୍ଥ ବିନୋବା ଭାବେଙ୍କ ଶତକୋତ୍ତର ରୌପ୍ୟ ଜୟନ୍ତୀ ବର୍ଷ ପାଳନ ଉପଲକ୍ଷେ ଜିଲାସ୍ତରରେ ୧୮ ସୂତ୍ରୀ କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ପାଇଁ ସଭା ସମିତି, ଆଲୋଚନାଚକ୍ର, କର୍ମଶାଳା ଆଦିର ଆୟୋଜନ ଓ ଲୋକ ସେବକ ଏବଂ ସର୍ବୋଦୟ ମିତ୍ର ସଂଗ୍ରହ ଅଭିଯାନ କରାଯିବାକୁ ଅଧିବେଶନରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେପ୍ଟେମ୍ବର ୧୧ ଏବଂ ଅକ୍ଟୋବର ୨ ତାରିଖରେ ଏଥିପାଇଁ ଗ୍ରାମ, ପଞ୍ଚାୟତ, ବ୍ଲକ ଏବଂ ତହସିଲସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହ ମହାତ୍ମା ଗାନ୍ଧୀ, କସ୍ତୁରବା ଏବଂ ବିନୋବା ଭାବେଙ୍କ ଜୀବନାଦର୍ଶ ଓ ମୂଲ୍ୟବୋଧ ବିଷୟରେ ଅବଗତ କରାଇବାକୁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ଜିଲା ସର୍ବୋଦୟ ମଣ୍ଡଳର ପୁନର୍ଗଠନ କରାଯାଇ ସଭାନେତ୍ରୀ ଶାନ୍ତିଦେବୀ, କାର୍ଯ୍ୟକାରୀ ସଭାପତି ଜୟରାମ ଜେନା, ସାଧାରଣ ସମ୍ପାଦକ ବାଦଲ କୁମାର ତା, ସର୍ବସେବା ସଂଘ ପ୍ରତିନିଧି ଗୌରାଙ୍ଗ ରାଉତ ଏବଂ ପରିଚାଳନା କମିଟି ସଦସ୍ୟ ରୂପେ ବିଜୟ କୁମାର ବାବୁ, ଜଗନ୍ନାଥ ନୁଣ୍ଡୁକା, ରାଜେଶ୍ୱରୀ ଦଳାଇ, ଗଙ୍ଗାଧର ପ୍ରଧାନ, ମମତା ପ୍ରଧାନୀ, ରାଜକିଶୋର ପଣ୍ଡାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି ।

# ଯୁବବର୍ଗଙ୍କ ନିମନ୍ତେ ହେବ ସ୍ୱତନ୍ତ୍ର ପ୍ରଶିକ୍ଷଣ

ଗୁଣପୁର,୨୬।୭(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ଯୁବବର୍ଗଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ନିମନ୍ତେ ଗୁଣପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଯୁବବର୍ଗ କିପରି ବିଭିନ୍ନ ରାଜ୍ୟ ଏବଂ ଜାତୀୟସ୍ତରର ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବେ ସେନେଇ ଯୁବକମାନଙ୍କୁ ତାଲିମ ଦିଆଯିବ। ଅଗଷ୍ଟ ପ୍ରଥମ ରବିବାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ । ପ୍ରତ୍ୟେକ ମାସର ପ୍ରଥମ ରବିବାର ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଟାଉନହଲଠାରେ ଏହା ଆୟୋଜିତ ହେବ। ୟୁପିଏସସି, ଓପିଏସସି, ରେଲୱେ, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଯୁବବର୍ଗମାନେ କିପରି କର୍ମନିଯୁକ୍ତି ପାଇବେ ତାହାକୁ ଦୃଷ୍ଟିରେ ରଖି ପ୍ରଥମଥର କରି ପ୍ରଶାସନ ପକ୍ଷରୁ ଏହି ଉଦ୍ୟମ କରାଯାଇଛି । ବିଭିନ୍ନ ପ୍ରତିଯୋଗିତା ଲାଗି ଯୁବଗୋଷ୍ଠୀଙ୍କୁ ତାଲିମ ଦେବାପାଇଁ ଆଇଏଏସ ଅଫିସର, ଆଇପିଏସ ଅଫିସର, ତହସିଲଦାର,ବିଡିଓ, ବ୍ୟାଙ୍କିଙ୍ଗ କ୍ଷେତ୍ରର ଅଧିକାରୀ ଏବଂରେଲୱେର ଅଧିକାରୀମାନେ ତାଲିମ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ଏକ କମିଟି ଗଠନ କରାଯିବ ବୋଲି ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ସୂଚନା ପ୍ରଦାନ କରିଛନ୍ତି।

# କାରଗିଲ ବିଜୟ ଦିବସ ପାଳିତ




ଗୁଣପୁର କଲେଜଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗୁଣପୁର,୨୬।୭(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଏଥିଲାଗି ସ୍କୁଲ ଏବଂ କଲେଜରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବୀର ଯବାନଙ୍କ ବଳିଦାନକୁ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଗୁଣପୁର କଲେଜଠାରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସି ଏବଂ ଏନ୍ଏସ୍ଏସ୍‌ର ସ୍ୱେଚ୍ଛାସେବୀବୃନ୍ଦ ସାମିଲ ହୋଇଥିଲେ । ଡ.ଜୟଶ୍ରୀ ଜେଟି ସ୍ୱାଗତ ଭାଷଣ ଦେଇଥିବାବେଳେ ଅମୀୟ ରଞ୍ଜନ ମହାନ୍ତି ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହାକୁ ପୁଷ୍ପଲତା ସାହୁ ପରିଚାଳନା କରିଥିଲେ । ଏହି ଅବସରରେ ୫ ମିନିଟ୍‌ର ଦେଶାତ୍ମକବୋଧକ ଭିଡିଓ କ୍ଲିପ୍‌କୁ ନେଇ ଛାତ୍ରୀଛାତ୍ରମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା । ଡ.ନିଳମାଧବ ଦାସ ମଞ୍ଚାସିନ ଥିବାବେଳେ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ସେହିପରି ମରାଠିଗୁଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମଧ୍ୟ କାରଗିଲ ବିଦସ ପାଳିତ ହୋଇଯାଇଛି । ଶିକ୍ଷକ ନିଳାଞ୍ଚଳ ମିଶ୍ର, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ହରିପ୍ରିୟା ମିଶ୍ର, ଶାନ୍ତିଲତା ସାହୁଙ୍କ ସମେତ ଛାତ୍ରୀଛାତ୍ର କାରଗିଲ ବିଜୟ ଦିବସ ଉପରେ କହିଥିଲେ । ଏଥିଲାଗି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ର ଏବଂ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା ।

# ଶିକ୍ଷକ ଅଭାବରୁ ପାଠପଢାରେ ବ୍ୟାଘାତ

ଚନ୍ଦ୍ରପୁର,୨୬।୭(ଡି.ଏନ୍.ଏ.)



ସମ୍ମିଳନୀରେ ଯୋଗ ଦେଇଥିବା ଅଭିଭାବକମାନେ ।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ରହିଛି ମଙ୍ଗଳ ବିଭାଗର ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉଚ୍ଚ ବିଦ୍ୟାଳୟ । ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୮୫ ଜଣ ଅଧ୍ୟୟନ କରୁଛନ୍ତି । ଦୁଃଖର ବିଷୟ ଏହି ବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଶିକ୍ଷକ ନାହାନ୍ତି । ଫଳରେ ପାଠପଢ଼ାରେ ବ୍ୟାଘାତ ହେଉଛି । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ ପ୍ରଶାସନ ନୀରବ । ମଙ୍ଗଳବାର ଏଠାରେ ଆୟୋଜିତ ଅଭିଭାବକ ଶିକ୍ଷକ ସମ୍ମିଳନୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହାଡ଼ିବନ୍ଧୁ ବ୍ରେକେବେଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଅଭିଯୋଗ କରିଛନ୍ତି । ସରକାରଙ୍କ ତରଫରୁ ଅନ୍ତେବାସୀ ଛାତ୍ରମାନଙ୍କ ପାଇଁ ସବୁ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ଠିକ୍ ଥିଲେ ମଧ୍ୟ ଶିକ୍ଷକ ସମସ୍ୟା ପ୍ରମୁଖ ସମସ୍ୟା ବୋଲି ସଭାପତି ମେଡେକି କିମ୍ବାକା, ଭାଗ୍ୟବତି ବଳିଆରସିଂ ପ୍ରମୁଖ ଅଭିଯୋଗ କରିଥିଲେ । ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷା ଫଳ ଭଲ ହେବା ପାଇଁ ହେଲେ ଏଠାରେ ବିଏବିଇଡି, ବିଏମ୍‌ଇ,ବିଇଡି, ହିନ୍ଦି, ସଂସ୍କୃତ ଶିକ୍ଷକ ଶୀଘ୍ର ନିଯୁକ୍ତି କରିବା ପାଇଁ ବହୁ ଅଭିଭାବକ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାସ, ଚନ୍ଦ୍ରପୁର ବନ ବିଭାଗର ବନପାଳ ଡମ୍ବରୁଧର ସେନାପତି, ଜୟଦେବ ନାୟକ ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ଚକ୍ରପାଣି ରତ୍ନାଲୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ସଂଯୋଜନା କରିଥିଲେ ।

# ରକ୍ତଦାନ ଶିବିର

ବିଷମକଟକ,୨୬।୭:

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ମୁଣ୍ଡିଗୁଡ଼ା ଗ୍ରାମ ହର୍ଷଟ୍ରଷ୍ଟ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରାୟଗଡା ରକ୍ତ ଭଣ୍ଡାର ଅଧିକାରୀ ଏମ୍.ଏ.ମଜିଦ୍ ଅତିଥି ରୂପେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ହର୍ଷଟ୍ରଷ୍ଟର ସମସ୍ତ କର୍ମଚାରୀ ରକ୍ତଦାନ କରିଥିଲେ । ଶିବିରଟିକୁ ଟ୍ରଷ୍ଟର ଜିଲା କୋଅର୍ଡିନେଟର ଶରତ କୁମାର ସାହୁ ସଂଯୋଜନା କରିଥିଲେ। ରାୟଗଡା ରକ୍ତ ଭଣ୍ଡାରର ବି.କିଶୋର କୁମାର, ଉମାକାନ୍ତ ମିଶ୍ର, ବିଜୟ କରଣ ଏବଂ ଶଙ୍କର ତାଡିଙ୍ଗି ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ ।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଗୁଣପୁର,୨୬।୭(ଡି.ଏନ.ଏ)



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

ରାୟଗଡା ଜିଲା ଗୁଣପୁରଠାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଗଷ୍ଟ ୧୫ ତାରିଖ ଭୋର ସମୟରେ ରାମଧୂନ, ୬ଟାରେ ପ୍ରଭାତ ଫେରି ପ୍ରଶିକ୍ଷଣ ବିଦ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିବ । ୯ଟା ୧୫ ସମୟରେ ମିନି ଷ୍ଟାଡିୟମଠାରେ ଉପଜିଲପାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରେଡରେ ଅଭିବାଦନ ଗ୍ରହଣ କରିବାସହ ଜାତୀୟ ପତାକା ଉତ୍ତୋଳନ କରିବେ । ପରେଡରେ ଆଇଆରବିଏନ ସମେତ ୧୮ ଦଳ ଭାଗ ନେବେ। ଏଥିଲାଗି ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି । ୭ରେ ବକ୍ତୃତା, ୮ରେ ସାଧାରଣଜ୍ଞାନ ପ୍ରତିଯୋଗିତା ହେବାକୁ ଥିବାବେଳେ ୯,୧୦ ଏବଂ ୧୩ ତାରିଖରେ ପରେଡ ଅଭ୍ୟାସ କରାଯିବ । ସହରର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ସକାଳ ସାଢେ ୭ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ପ୍ରତିବର୍ଷ ପରେଡ ପଡିଆରେ ପୁରସ୍କାର ବିତରଣ ହେଉଥିଲା । ହେଲେ ଚଳିତ ବର୍ଷ ସନ୍ଧ୍ୟାରେ ଟାଉନହଲଠାରେ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ତହସିଲଦାର ନମ୍ରତା ମୋଦି, ଥାୟାରାମା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ଦାସ, ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଅନ୍ଧବିଶ୍ୱାସ ଦୂରୀକରଣ ନେଇ ସଚେତନତା

ଜେକେପୁର, ୨୫।୭ (ଡି.ଏନ୍.ଏ.)



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାୟଗଡ଼ା ଜିଲା କୋଲନରା ବ୍ଲକର ଥେରୁବାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରୀକରଣ ନେଇ ଏକ ବ୍ଲକସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋଲନରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତେଜରାଜ ନାଗ, ବିଡ଼ିଓ ତାପସ ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ. ଶିବ ଗୋପାଳ ରାଓ, କୋଲନରା ତହସିଲଦାର ମାନସୀ ନାୟକ, କେଲିଗୁଡା ସରପଞ୍ଚ ଭାମିନୀ ମିଣିଅକା, ଥେରୁବାଲି ସରପଞ୍ଚ କମଳା ହିକ୍କା, ଥେରୁବାଲି ଫାଣ୍ଡି ଅଧିକାରୀ ଜେ.କେ. ମହାଲିକ୍ ଯୋଗଦେଇ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ନ ହୋଇ ସମସ୍ୟାର ସମାଧାନ ପାଇଁ ପ୍ରଶାସନର ସହାୟତା ନେବାକୁ ଲୋକଙ୍କୁ ବୁଝାଇଥିଲେ। କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଭଶ୍ରୀ ଦାସ ବିଭିନ୍ନ ରୋଗର ନିଦାନ ଔଷଧ ସେବନ ଦ୍ୱାରା ହୋଇପାରିବ । ଯାହାକୁ ଅନ୍ଧବିଶ୍ୱାସ ଭାବି ଆମେ ଅବହେଳା କରୁଛେ। ତେଣୁ କୁସଂସ୍କାର ଛାଡି ସମସ୍ତେ ବାସ୍ତବ ନୀତିକୁ ଆପଣାଇବାକୁ ବୁଝାଇଥିଲେ। ଏହି ଶିବିରରେ କେଲିଗୁଡା, କାର୍ତ୍ତିକାଗୁଡା, ଡୁମୁରିଗୁଡା, ଖେଦାପଡା ଓ ଥେରୁବାଲି ୫ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ । ସ୍ଥାନୀୟ ଅଞ୍ଚଳରେ କିଛିଦିନ ତଳେ ଅନ୍ଧବିଶ୍ୱାସ ତଥା ଗୁଣିଗାରେଡିକୁ ନେଇ ତୁମ୍ଭିତୋଫାନ ହୋଇଥିବା ବେଳେ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ନିଆଯାଉଥିବା ଏହି ପଦକ୍ଷେପ ଗୁରୁତ୍ୱ ବହନ କରୁଛି।